ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୦/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, July 10/2025 | Page 14 | ₹ 7.00 | SAMBALPUR
୫୧ଶ ଭାଗ ୨୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 225 | ମୂଲ୍ୟ ₹୭/-



**ସେମିଫାଇନାଲରେ ସ୍ୱିଟେକ୍**

ପୋଲାଣ୍ଡର ଇଗା ସ୍ୱିଟେକ୍ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୪

୦୮

**'ବାଗୀ ୪'ର ଶୁଟିଂ ଶେଷ**

ଅଭିନେତା ଟାଇଗର ଶ୍ରଫ୍‌ଙ୍କ 'ବାଗୀ ୪' ଫିଲ୍ମର ଶୁଟିଂ ଶେଷ ହୋଇଛି। ଏନେଇ ସେ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି।



# ଭଦୋଦରାରେ ବ୍ରିଜ୍ ଭୁଶୁଡ଼ିଲା: ୧୩ ମୃତ

**ଗଳିପଡ଼ିଲା ୬ ଗାଡ଼ି**

## 'ଗୁଜରାଟ ମଡେଲ'କୁ କଂଗ୍ରେସର କଟାକ୍ଷ

**ଭଦୋଦରା,୯।୭ (ପି.ଟି./ ଏଜେନ୍ସି)**

ଗୁଜରାଟର ଭଦୋଦରା ଜିଲା ଦେଇ ପ୍ରବାହିତ ମହିସାଗର ନଦୀ ଉପରେ ନିର୍ମିତ ୪ ଦଶନ୍ଧି ପୁରୁଣା ବ୍ରିଜ୍ ବୁଧବାର ସକାଳେ ଭୁଶୁଡ଼ିପଡ଼ିଛି। ବ୍ରିଜ୍‌ର ଏକ ଅଂଶ ଭାଙ୍ଗିଯିବାରୁ ଏହା ଉପର ଦେଇ ଯାଉଥିବା ଅନେକ ଗାଡ଼ି ନଈକୁ ଖସିପଡ଼ିଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୯ ଜଣଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ସେହିପରି ଆହତମାନଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ ☞ପୃଷ୍ଠା-୪



ଗୁଜରାଟର ଭଦୋଦରା ଜିଲା ପାଦରା ସହର ନିକଟସ୍ଥ ୪୦ ବର୍ଷ ପୁରୁଣା ଗମ୍ଭୀରା ବ୍ରିଜ୍ ବୁଧବାର ସକାଳେ ଭୁଶୁଡ଼ିପଡ଼ିଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ୫ମ, ୮ମ ଶ୍ରେଣୀ ପାଇଁ ଫେରିଲା ଫେଲ୍ ବ୍ୟବସ୍ଥା

ପ୍ରାଥମିକ ଶିକ୍ଷାରେ ପୁଣି ଥରେ ପାସ୍, ଫେଲ୍ ବ୍ୟବସ୍ଥା ଆପଣାଇଛନ୍ତି ରାଜ୍ୟ ସରକାର। ତଦନୁଯାୟୀ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷା ନିୟମରେ ପରିବର୍ତ୍ତନ ଅଣାଯାଇଛି। ଜଣେ ପିଲା ପରୀକ୍ଷାରେ ଫେଲ୍ ହେଲେ, ତାଙ୍କୁ ୨ମାସ ଭିତରେ ଆଉ ଥରେ ଅତିରିକ୍ତ ପରୀକ୍ଷା ଦେବାର ସୁଯୋଗ ମିଳିବ। ପୁଣି ଯଦି ସେ ପରୀକ୍ଷାରେ ଫେଲ୍ ହୁଅନ୍ତି, ତେବେ ସେହି ଶ୍ରେଣୀରେ ଆଉଥରେ ପାଠ ପଢ଼ିବେ। ତେବେ ପ୍ରାଥମିକ ଶିକ୍ଷା ଶେଷ ନ ହେବା ଯାଏ କୌଣସି ପିଲାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯିବ ନାହିଁ। ଏନେଇ ସରକାର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ-୨୦୧୦ରେ ସଂଶୋଧନ ଆଣିଛନ୍ତି। ଏହି ସଂଶୋଧନକୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର (ସଂଶୋଧନ) ଅଧିନିୟମ-୨୦୨୫ ଭାବେ ଗ୍ରହଣ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ପ୍ରକାଶିତ ବିଜ୍ଞପ୍ତିରେ ଏହା ଦର୍ଶାଯାଇଛି। ଗେଜେଟ୍ ନୋଟିଫିକେଶନ ପରଠାରୁ ନୂଆ ବ୍ୟବସ୍ଥା ଲାଗୁ ହେବ।

**ଭୁବନେଶ୍ୱର,୯।୭ (ସୁଚିସ୍ମିତା ସାହୁ)**

ନୂତନ ସଂଶୋଧନ ଅନୁଯାୟୀ ପ୍ରତ୍ୟେକ ଶିକ୍ଷାବର୍ଷ ଶେଷରେ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଏକ ଶୃଙ୍ଖଳିତ ପରୀକ୍ଷା ବ୍ୟବସ୍ଥା ପ୍ରଚଳନ କରାଯିବ। ଏହି ପଦକ୍ଷେପ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଅଧିକ ସକ୍ଷମ କରିବାକୁ ପ୍ରୟାସ କରାଯିବ। ପରବର୍ତ୍ତୀ ଶ୍ରେଣୀକୁ ଯିବା ପୂର୍ବରୁ ଛାତ୍ରୀଛାତ୍ର ଯେପରି ତାଙ୍କର ମୌଳିକ ଶିକ୍ଷାସ୍ତର ହାସଲ କରିପାରିବେ, ସେନେଇ ପ୍ରୟାସ କରାଯାଇଛି। ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କୁ ଏବେ ବାର୍ଷିକ ପରୀକ୍ଷା ଦେବାକୁ ପଡ଼ିବ। ନିୟମ ବଦଳି ଥିବାରୁ ବିନା ପରିଶ୍ରମରେ ଶ୍ରେଣୀ ପରୀକ୍ଷା ପାସ୍ କରିହେବ ନାହିଁ। ପରୀକ୍ଷାରେ ଫେଲ୍ ହେଲେ ୨ମାସ ମଧ୍ୟରେ ପୁଣି ଥରେ ପରୀକ୍ଷା ଦେଇ ପାସ୍ ହେବାକୁ ପଡ଼ିବ। ହେଲେ ପ୍ରାଥମିକ ଶିକ୍ଷା ସମାପ୍ତ ନ ହେବା ପର୍ଯ୍ୟନ୍ତ କୌଣସି ପିଲାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯିବ ନାହିଁ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ତୃଣମୂଳ ସ୍ତରରୁ ହିଁ ପିଲାଙ୍କ ଶିକ୍ଷାର ବିକାଶ କରିବାକୁ ରାଜ୍ୟ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ: ପ୍ରତିଷ୍ଠିତରୁ ପଛୁଆ



## ସଂକ୍ଷେପରେ

### ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**କୋକସରା,୯।୭ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** ହାଇଦ୍ରାବାଦରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ଜଣେ ଯୁବକଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦୁଃଖଦ ମୃତ୍ୟୁ ହୋଇଛି। ସେ ହେଲେ କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଳା ପଞ୍ଚାୟତ କୁମୁ ଗ୍ରାମର ଭୁବନେଶ୍ୱର ବେଶ୍ରାଙ୍କ ପୁଅ



ରାଜ କିଶୋର ବେଶ୍ରା। ଆର୍ଥିକ ସ୍ଥିତି ଶୋଚନୀୟ କାରଣରୁ ରାଜକିଶୋର ହାଇଦ୍ରାବାଦ ଯାଇ ଏକ ଠିକା ସଂସ୍ଥାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ ମଙ୍ଗଳବାର ସେ କୌଣସି କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସାଥୀ ଶ୍ରମିକ ଚିକିତ୍ସା ପାଇଁ ସରକାରୀ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେଠାକାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି। ଠିକାସଂସ୍ଥା ସହାୟତାରେ ଏକ ଆମ୍ବୁଲାନ୍ସରେ ମୃତଦେହ ଭିଟାମାଟିକୁ ଫେରୁଥିବା ସୂଚନା ମିଳିଛି। ଭେଣ୍ଡିଆ ପୁଅକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ସ୍ଥାନୀୟ ପ୍ରଶାସନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଚିତ୍ତରଞ୍ଜନ ନିଆଲ କଂଗ୍ରେସ ଏସ୍‌ସି ସେଲ୍ ରାଜ୍ୟ ଉପସଭାପତି

**ଭବାନୀପାଟଣା,୯।୭(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିକିଲି ଗ୍ରାମର ଚିତ୍ତରଞ୍ଜନ ନିଆଲ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଅନୁସୂଚିତ ଜାତି ବିଭାଗ ବା ଏସ୍‌ସି ସେଲ୍‌ର ରାଜ୍ୟ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ଏ ନେଇ କଳାହାଣ୍ଡି ଜିଲାରେ ଖୁସିର ଲହରି



ଖେଳିଯାଇଛି। ଚିତ୍ତରଞ୍ଜନ ପ୍ରଥମେ କଂଗ୍ରେସରୁ ହାବସପୁର ଜୋନ ସଭାପତି ଭାବେ ନିଜର ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଥିଲେ। ପରବର୍ତ୍ତୀ ସମୟରେ କଳାହାଣ୍ଡି ଜିଲା କଂଗ୍ରେସର ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇଥିଲେ। ଏସ୍‌ସି ସେଲ୍‌ର ରାଜ୍ୟ ଉପସଭାପତି ହେବା ପରେ ସେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ରାଜ୍ୟରେ ଅନୁସୂଚିତ ଜାତି ପ୍ରତି ବଢୁଥିବା ଅନ୍ୟାୟ ଅତ୍ୟାଚାର, ଗରିବ ନିଷ୍ପେଷିତଙ୍କ ସ୍ୱର ହୋଇ ସେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ।

### ଡାକ୍ତର ମଳୟ ବେହେରାଙ୍କ ପରଲୋକ

**ଭବାନୀପାଟଣା,୯।୭(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲାର ସୁନାମଧନ୍ୟ ଡାକ୍ତର ମଳୟ ବେହେରାଙ୍କ ବୁଧବାର ସକାଳେ ଭବାନୀପାଟଣାସ୍ଥିତ ମହାବୀରପଡା ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ମସ୍ତିଷ୍କ ଜନିତ ରୋଗ କାରଣରୁ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସେ ସ୍ୱର୍ଗତ



ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ଜ୍ୟେଷ୍ଠପୁତ୍ର ହୋଇଥିବାବେଳେ ଭୁବନେଶ୍ୱର ମହାନଗର ନିଗମର ପ୍ରଥମ କମିଶନର ବିନୟ ବେହେରାଙ୍କ ବଡ଼ ଭାଇ ଅଟନ୍ତି। ଡାକ୍ତର ବେହେରା କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରହିବା ସହ ପଦୋନ୍ନତି ହୋଇ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ମଧ୍ୟ ରହିଥିଲେ। ତାଙ୍କ ପରଲୋକ ଖବର ଶୁଣି ଜିଲାରେ ଶୋକର ଛାୟା ଖେଳିଯାଇଛି। ନିଜ ପୈତୃକ ଗ୍ରାମ ଜୁନାଗଡ଼ ବ୍ଲକ ମୁଣ୍ଡରାଗୁଡାଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ପ୍ରଭ ବେହେରା ମୁଖାଗ୍ନି ଦେଇଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ।




ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନରତ ବିଭିନ୍ନ ସଂଗଠନ କର୍ମକର୍ତ୍ତା।

# କଳାହାଣ୍ଡିରେ ବନ୍ଦର ପ୍ରଭାବ

**ଭବାନୀପାଟଣା,୯।୭ (ଉତ୍ତମ କୁମାର ଦାଶ)**

ଶ୍ରମ କୋର୍ଡ ବାତିଲ ସହ ୧୭ ଦଫା ଦାବି ନେଇ ମିଳିତ ଟ୍ରେଡ ୟୁନିୟନ, ସ୍ୱାଧୀନ ଫେଡେରେଶନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ବୁଧବାର କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରାଯାଇଥିଲା। ବିଶେଷ କରି ଜିଲା ମୁଖ୍ୟାଳୟ ଭବାନୀପାଟଣା ସହରରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ସହରସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ଘୋଡ଼ାଘାଟ ଛକ, ଗାନ୍ଧୀ ଛକ, ମାଣିକେଶ୍ୱରୀ ଛକ ଓ ଷ୍ଟେଚ୍ୟୁ ଛକଠାରେ ଆନ୍ଦୋଳନକାରୀ ରାସ୍ତାରୋକୋ କରିଥିଲେ। ଏହି ଅବସରରେ ଜିଲାପାଳଙ୍କ ଅଫିସଠାରୁ ଜିଲା ଶ୍ରମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏଆଇଟିୟୁସି ଓ ସିଆଇଟିୟୁର ନେତୃବୃନ୍ଦ ଯୋଗଦେଇ ସରକାରଙ୍କ ଉପରେ ବର୍ଷିଥିଲେ। ଏଥିରେ ବରିଷ୍ଠ ବାମପନ୍ଥୀ ନେତା ନବ ପଟ୍ଟନାୟକ, ସିପିଆଇ ଜିଲା ସହ ସମ୍ପାଦକ ସଞ୍ଜୟ ସୁନାନୀ, ଜିଲା ସମ୍ପାଦକ ସତ୍ୟଜିତ ଚାଟାର୍ଜୀ, ଜୀବନ ଜ୍ୟୋତି ବାଗ, ପୂର୍ବତନ ଜିଲା ସମ୍ପାଦକ ବିଶ୍ୱଜିତ ଚାଟାର୍ଜୀ, ଓଡ଼ିଶା ନିର୍ମାଣ ସଂଘ କଳାହାଣ୍ଡି ଜିଲା ସଭାପତି ମାଧବ ଚନ୍ଦ୍ର ସାହୁ, ନିଖିଳ ଓଡିଶା ପାଚିକା ସହାୟିକ ସଂଘ ଜିଲା ସଭାନେତ୍ରୀ ଯଶୋବନ୍ତି ବେମାଲ, ସିପିଆଇ ବରିଷ୍ଠ ନେତା ଦାମୋଦର ବେହେରା, କଳାହାଣ୍ଡି ଜିଲା ଚିତ୍ର ଶିଳ୍ପୀ ସଂଘ ସଭାପତି ହିମାଂଶୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବନ୍ଦ ଯୋଗୁ ସାଧାରଣ ଲୋକେ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ବସ୍ ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନେ ବାହାରକୁ ଯାଇ ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜିଲାଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ଉପରେ ହଜାର ସଂଖ୍ୟାରେ ଗାଡିମୋଟର ଅଟକି ରହିଥିଲା। ସେହିପରି ସରକାରୀ କାର୍ଯ୍ୟାଳୟ, ପୋଷ୍ଟ ଅଫିସ, ବ୍ୟାଙ୍କ ସବୁ ବନ୍ଦ ରହିଥିଲା। ସ୍କୁଲ କଲେଜ ଯିବାରେ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବାରୁ ଲୋକମାନେ କାର୍ଯ୍ୟାଳୟକୁ ଆସି ଫେରିଯାଇଥିଲେ। ଜିଲାର ପ୍ରାୟ ବ୍ୟାଙ୍କ ବନ୍ଦ ଯୋଗୁ ଲୋକମାନେ ଟଙ୍କା ନେଣଦେଣ କରିବାରେ ଅସୁବିଧା ଭୋଗିଥିଲେ। ବନ୍ଦର ପ୍ରଭାବ କଳାହାଣ୍ଡି ଜିଲାର ଜନ ଜୀବନକୁ ବେଶ ପ୍ରଭାବିତ କରିଥିଲା।

## ବେଲ୍ଟ ପରୀକ୍ଷାରେ ୨୨ ଶିକ୍ଷାର୍ଥୀ ଉତ୍ତୀର୍ଣ୍ଣ




ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ଶିକ୍ଷାର୍ଥୀ।

**ଖଡ଼ିଆଳ,୯।୭ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଧର୍ମେଶ ଡ୍ୟାନ୍ସ ଏକାଡେମୀ ଏବଂ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଆୟୋଜିତ କରାଟେ ବେଲ୍ଟ ପରୀକ୍ଷାରେ ମୋଟ ୨୨ ଶିକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲର ନିର୍ଦ୍ଦେଶକ ଧର୍ମେଶ ମେହେର, ପ୍ରଶିକ୍ଷକ ନବୀନ ମେହେର, ରେଫରି ସୁରେଶ ଜାଲ ଯାଦବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବ୍ରାଉନ ବେଲ୍ଟରେ ଜଣେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଅରେଞ୍ଜ ବେଲ୍ଟରେ ୨, ୟେଲୋ ବେଲ୍ଟରେ ୧୬ ଓ ଗ୍ରୀନ୍ ବେଲ୍ଟରେ ୩ ଜଣ ଶିକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉତ୍ତୀର୍ଣ୍ଣ ଶିକ୍ଷାର୍ଥୀମାନେ ହେଲେ ବ୍ରାଉନ ବେଲ୍ଟରେ ଉଜ୍ଜ୍ୱଳ ଦୀପ ଓଝା, ଗ୍ରୀନ୍ ବେଲ୍ଟରେ ଭୂମିରାଜ ସାହୁ, ଲୋଚନ ତାଣ୍ଡି ଓ ତନ୍ମୟ ସିଂହ, ଅରେଞ୍ଜ ବେଲ୍ଟରେ ବୀରେନ୍ଦ୍ର କୁରେ ଓ ଶୁଭମ ମନହରେ ଏବଂ ୟେଲୋ ବେଲ୍ଟରେ ପ୍ରଭୁଦତ୍ତ ନାୟକ, ଗାର୍ଗବ ଜୋଷୀ, ହୃଦ ସ୍ପନ୍ଦନ ମେହେର, ଦୀପ୍ତ ସୁନ୍ଦର ହେର୍ଣ୍ଣା, ନାଇଁବେନ୍ଦୁ ହେର୍ଣ୍ଣା, ଧ୍ରୁବ କୁମାର ନାଏକ, ବି ଆଲ୍‌ଫ୍ରେଡ୍ ଅମେନ, ବି. ଈଶାକ ଅମେନ, ଅନନ୍ତ କୁମାର, ଅମ୍ଳାନ ମେହେର, ରାମ ସନ୍ତୋଷ ନିକମ, କଳ୍ପନା ସୁନାନି, ଡୋୟେଲ ଥପା, ସୁୟଶ ମେହେର, ଗୌରବ କୁମାର ଜଗତ, ପ୍ରତ୍ୟୁଷ ସାହୁ।

## ସୁଗାର, ଶରୀର ଉପରେ ଏହାର ପ୍ରଭାବ ସମ୍ପର୍କିତ କର୍ମଶାଳା

**ଭବାନୀପାଟଣା,୯।୭(ଉତ୍ତମ କୁମାର ଦାଶ)**




କର୍ମଶାଳାରେ ଅତିଥିଙ୍କ ସହ ଅନ୍ୟମାନେ।

ଭବାନୀପାଟଣାସ୍ଥିତ ବିକାଶ ଉଇସ୍‌ଡମ ପାର୍କ ପରିସରରେ ବୁଧବାର 'ସୁଗାର ଓ ଶରୀର ଉପରେ ଏହାର ପ୍ରଭାବ' ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁରୋଗ ବିଶେଷଜ୍ଞ ଡା. ବିକାଶ ରଞ୍ଜନ ପ୍ରହରାଜ ମୁଖ୍ୟ ଅତିଥି ଓ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ଶିକ୍ଷା ପ୍ରଭାରୀ ଡି. ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଚତୁର୍ଥ ଶ୍ରେଣୀଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଡା. ପ୍ରହରାଜ ସାମ୍ପ୍ରତିକ ସମାଜର ଖାଦ୍ୟାଭ୍ୟାସ ଓ ଜୀବନ ଶୈଳୀ ଯୋଗୁ ଆମେ କିପରି ସୁଗାରର ବହୁଳ ବ୍ୟବହାର କରିଥାଉ ଓ ଏହା ପରବର୍ତ୍ତୀ ସମୟରେ ଆମ ଶରୀର ପ୍ରତି ଘାତକ ସାବ୍ୟସ୍ତ ହୋଇଥାଏ ତାହା ବର୍ଣ୍ଣନା କରିଥିଲେ। ଏହାସହିତ କିଭଳି ସୁଗାରର ମାତ୍ରା କମ କରି ଏକ ସୁସ୍ଥ ଜୀବନ ବଞ୍ଚିପାରିବା ସେ ବିଷୟରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଏନ୍ ଦିବ୍ୟରଶ୍ମି ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷା ଆରତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଜୁନାଗଡ଼, ୯।୭ (ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦେଉଣ୍ଡିସ୍ଥିତ ଶ୍ରୀ ଲୋକେଶ୍ୱର ମହାଦେବ ଉଚ୍ଚବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସାରଙ୍ଗଧର ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି, ବିଇଓ ତପନ ମାଝୀ, ଏବିଇଓ ସୁଶାନ୍ତ ଠାକୁର, ଡ଼ିଏସ୍‌ଏସ୍ ଦୁଷ୍ମନ୍ତ ପାଢ଼ୀ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ମଲ୍ଲିକ ଯୋଗଦାନ କରିଥିଲେ। ବିଦାୟୀ ପ୍ରଧାନ ଶିକ୍ଷକ ପ୍ରଧାନ ଅଭିଭାଷଣ ରଖୁଥିବା ସମୟରେ ଭାବବିହ୍ୱଳ ହୋଇପଡିଥିଲେ। ସୂର୍ଯ୍ୟ ପ୍ରସାଦ ଠାକୁର ମଞ୍ଚ ପରିଚାଳନା କରିଥିବାବେଳେ କ୍ଷୁଦ୍ରାର୍ତ୍ତତ୍ରାଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଶାରୀରିକ ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଡ଼ିଆଳ,୯।୭.(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମହେଶ କୁମାର ଦଣ୍ଡସେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଖଡ଼ିଆଳସ୍ଥିତ କୌଶଲ୍ୟା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବରେ ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ, ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ହରେନ୍ଦ୍ର କୁମାର ପଣ୍ଡା, ଖଡ଼ିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଚରଣ ନାଏକ, ଶିକ୍ଷାବିତ୍ ବିଜୟ କୁମାର ବିଷୋଇ, ଲୋହୋରାପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ସାମାଜିକ କର୍ମୀ ଜିତେନ୍ଦ୍ର କୁମାର ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ସାହିତ୍ୟିକ ଡ. ସୁଶାନ୍ତ କୁମାର ବିଶି ଓ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଦୀପ କୁମାର ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଭୁଲ୍ ଇଞ୍ଜେକଶନ ନେଇ ମୃତ୍ୟୁ ଘଟଣା ମୃତକଙ୍କ ପରିବାରକୁ ବିଜେଡି ପକ୍ଷରୁ ସହାୟତା

**କୋକସରା,୯।୭ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କୋରାପୁଟ ମେଡିକାଲ କଲେଜରେ ଜଣେ କର୍ମଚାରୀଙ୍କ ଭୁଲ୍ ଇଞ୍ଜେକଶନ ଯୋଗୁ ୬ ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ଏହା ମଧ୍ୟରେ କୋକସରା ବ୍ଲକ୍ ଲଉଗାଁ ପଞ୍ଚାୟତ ସୁପାଡ଼ ଗ୍ରାମର ଚିକିତ୍ସାଧୀନ ରୋଗୀ ଫୁଲମତି ମାଝୀ (୫୦) ରହିଥିଲେ। ମଙ୍ଗଳବାର ବିଜେଡି ପୂର୍ବତନ ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ସମେତ କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସହ ଏକ ପ୍ରତିନିଧି ଦଳ ସୁପାଡ଼ ଗ୍ରାମରେ ପହଞ୍ଚି ମୃତା ମହିଳାଙ୍କ ପୁଅ ଡମ୍ବରୁଧର ମାଝୀ ଓ ରତ୍ନା ମାଝୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ପ୍ରତିନିଧି ଦଳରେ ପୂର୍ବତନ ବ୍ଲକ୍ ସଭାପତି ସୁଶାନ୍ତ କୁମାର ବେହେରା, ସମ୍ପାଦକ ପଙ୍କଜ ପୋଢ଼, ରାଜେନ୍ଦ୍ର ନାଏକ, ରବିନାରାୟଣ ଦାସ, ପଙ୍କଜମୁଖ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସେଚାଞ୍ଚଳ ଉନ୍ନୟନ ସଂସ୍ଥାର କାର୍ଯ୍ୟାବଳୀ ସମୀକ୍ଷା

**ନୂଆପଡ଼ା,୯।୭ (ମକାରୁ ବେମାଲ)**

ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ନୂଆପଡ଼ା ସେଚାଞ୍ଚଳ ଉନ୍ନୟନ ସଂସ୍ଥାର କାର୍ଯ୍ୟାବଳୀ ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଉପସ୍ଥିତ ଥିଲେ। ନିର୍ବାହୀଯନ୍ତ୍ରୀ ପଦ୍ମଲୋଚନ ନାୟକ, ସହକାରୀ ଯନ୍ତ୍ରୀ ବିଷ୍ଣୁପ୍ରସାଦ ସାମଲ, କନିଷ୍ଠ ଯନ୍ତ୍ରୀ ସୋମରାଜ ପ୍ରଧାନ ବିଭାଗୀୟ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଲଟ କନାପଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କେନାଲ କାମ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ବ୍ୟୟ ଅଟକଳ ୧୯.୪୪ ଲକ୍ଷ ଟଙ୍କା ରହିଛି। ଏଥିରେ ୩୬୦୦ ମିଟର କରନାଳି ନିର୍ମାଣ ହେବ। ଏହାଦ୍ୱାରା ଲଟକନପଡା, ଲିମଡ଼ିହି ଓ ଦଳଦଳି ଗାଁର ୧୪୪ ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଧିକ ଅର୍ଥ ବରାଦ କରାଯାଇ ଅଧିକ ଲୋକଙ୍କୁ ଶ୍ରମଭିତ୍ତିକ କାମ ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଥିଲେ।

## କ୍ରୀଡ଼ାଙ୍ଗନର ଉନ୍ନତି ପାଇଁ ଜମି ଚିହ୍ନଟ

**ନୂଆପଡ଼ା,୯।୭ (ମକାରୁ ବେମାଲ)**

ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶ କ୍ରମେ ସଦର ବ୍ଲକରେ କ୍ରୀଡାଙ୍ଗନର ଉନ୍ନତି ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଡୁମେରପାଣି ଗ୍ରାମର ଏକ ପ୍ୟାଚ୍‌ରେ ଥିବା ୩୨ ଏକର ସରକାରୀ ଜମି ମଧ୍ୟରୁ ଆବଶ୍ୟକ ଜମି ପ୍ରଦାନ କରାଯିବ ବୋଲି ନୂଆପଡା ତହସିଲଦାର ପ୍ରଣବ ରଞ୍ଜନ ସାହୁ ପ୍ରକାଶ କରିଛନ୍ତି। କ୍ରୀଡ଼ାଙ୍ଗନ ନିମିତ୍ତ ୧୫ରୁ ୧୮ ଏକର ଜମି ଦରକାର ହେଉଥିବାରୁ ତାହା ପ୍ରଦାନ କରିବାକୁ କ୍ରୀଡ଼ାପ୍ରେମୀମାନେ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲାପାଳ ଉକ୍ତ ଅଞ୍ଚଳ ପରିଦର୍ଶନ କରି ବିହିତ ପଦକ୍ଷେପ ନେବା ପାଇଁ ଜିଲା କ୍ରୀଡା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ତହସିଲଦାର ନୂଆପଡ଼ା, ରାଜସ୍ୱ ସୁପରଭାଇଜର ବାବୁ ଯୋଶୀ, ରାଜସ୍ୱ ନିରୀକ୍ଷକ ନୂଆପଡ଼ା, ଜିଲାପରିଷଦ ସଭ୍ୟ ଉମା ଠାକୁର, ଜିଲା କ୍ରୀଡ଼ା ଅଧିକାରୀ ସର୍ଜମିନ ତଦନ୍ତ କରିଥିଲେ।

## ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱାରା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଶୁଭାରମ୍ଭ




ଜିଲାପାଳ ପତାକା ଦେଖାଇ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାର ଶୁଭାରମ୍ଭ କରୁଛନ୍ତି।

**ନୂଆପଡ଼ା,୯।୭ (ମକାରୁ ବେମାଲ)**

ଗ୍ରାମୀଣ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବୁଧବାର ନୂଆପଡ଼ା ଜିଲାରେ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଭ୍ୟାନ ଉଦ୍‌ଘାଟିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉପସ୍ଥିତିରେ ଜିଲାପାଳ ମଧୁସୂଦନ ଦାଶ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାର ମୂଳଲକ୍ଷ୍ୟ ହେଉଛି ଜିଲାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ତଥା ପ୍ରାଥମିକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଲୋକଙ୍କୁ ଅତ୍ୟାବଶ୍ୟକ ଚିକିତ୍ସା ଯୋଗାଇବା। ଜିଲାର ଦୁର୍ଗମ ଅଞ୍ଚଳରେ ବ୍ୟାପୁଥିବା ବିଭିନ୍ନ ସଂକ୍ରାମକ ରୋଗର ଚିକିତ୍ସା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ମୋବାଇଲ ହେଲ୍‌ଥ ଡିସ୍‌ପେନସାରି ଭ୍ୟାନର ଗତିପଥ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରାଯିବ। ଏହି ଭ୍ୟାନରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ଡାକ୍ତର, ନର୍ସ ଏବଂ ଫାର୍ମାସିଷ୍ଟ ନିଯୁକ୍ତ ହୋଇଛନ୍ତି। ଏମାନେ ବିଭିନ୍ନ ପ୍ରକାର ପ୍ରାଥମିକ ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟ ପରୀକ୍ଷା, ଟିକାକରଣ ତଥା ବିଭିନ୍ନ ରୋଗ ପାଇଁ ମୌଳିକ ଔଷଧ ପ୍ରଦାନ କରିବେ। ଜିଲାପାଳ ଦାଶ ଏଭଳି ଉତ୍ସର୍ଗୀକୃତ ପ୍ରୟାସ ପାଇଁ କମ୍ପାନୀକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ସୁନାବେଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଏକ ଆମ୍ବୁଲାନ୍ସ ଯୋଗାଇଦେବାକୁ ଅନୁରୋଧ କରିଥିଲେ। ସ୍ୱାସ୍ଥ୍ୟସେବା ଏକ ମୌଳିକ ମାନବିକ ଜିଲାପାଳ ପତାକା ଦେଖାଇ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାର ଶୁଭାରମ୍ଭ କରୁଛନ୍ତି।

## ଉଦ୍‌ଯାପନୀ ଦିବସରେ ୧୦୦ ଚାରା ରୋପଣ

**ଜୟପାଟଣା,୯।୭(ଓମ୍ ପ୍ରକାଶ ବୈଠାରୁ)**

ବନମହୋତ୍ସବର ଉଦ୍‌ଯାପନୀ ଦିବସରେ ବୁଧବାର ଜୟପାଟଣା ପ୍ରାଥମିକ ଶିକ୍ଷକ ସଂଘ ଓ କଳାହାଣ୍ଡି ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଶାଖା ତରଫରୁ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟରେ ୧୦୦ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ପ୍ରମୋଦ କୁମାର ଠାକୁର, ଗୋଷ୍ଠୀ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ମୋହନ ଜୋଷୀ, ଉପସଭାପତି ସଞ୍ଜୟ ପଣ୍ଡା, ସରୋଜ ମିଶ୍ର, ଭେଜିଗୁଡ଼ା ସରପଞ୍ଚ ଯଦୁମଣି ରାଉତ, ରଣମାଳ ସରପଞ୍ଚ ଉପସ୍ଥିତ ରହି ମା' ପାଇଁ ଗଛଟିଏ ସଚେତନତାର ବାର୍ତ୍ତା ଦେଇଥିଲେ। ରଣମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବବିତା ବାଗ, ସୁକୁନିପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୁରଲୀ ପାଢ଼ୀ, ସାନ ଟେମ୍ରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶିଲ କୁମାର ପଣ୍ଡା, ଭେଜିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶଶିଧର ମାଝୀ, ନାଇକେଗୁମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡମ୍ବରୁଧର ବାଗ ଉପସ୍ଥିତ ରହି ସହଯୋଗ କରିଥିଲେ। ସଂଘ ସମ୍ପାଦକ ଲଳିତ କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪ କି.ମି. ଖଟିଆରେ ବୁହାହେଲେ ଗର୍ଭବତୀ

**ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣା**

**ଲାଞ୍ଜିଗଡ଼,୯।୭(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣାର ଏକ ବାସ୍ତବ ଚିତ୍ର ଦେଖିବାକୁ ମିଳିଛି। ରାସ୍ତା ସମସ୍ୟା କାରଣରୁ ଆମ୍ବୁଲାନ୍ସ ଗାଁରେ ପହଞ୍ଚିପାରି ନ ଥିଲା। ଫଳରେ ଜଣେ ଗର୍ଭବତୀଙ୍କୁ ୪କି.ମି. ଦୂର ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡିଥିଲା। ସୂଚନା ଅନୁସାରେ କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଯୁଗସାଇ ପାଟଣା ପଞ୍ଚାୟତ ଅନ୍ତର୍ଗତ କଡରୁସୋରୁ ଗାଁର ସାନଲାକ୍ସା ମାଝୀଙ୍କ ସ୍ତ୍ରୀ ଆନ୍ଦ୍ରାଣୀ ମାଝୀଙ୍କ ବୁଧବାର ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଡାକ୍ତରଖାନା ନେବାପାଇଁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ।



ଖଟିଆରେ ମହିଳାଙ୍କୁ ନିଆଯାଉଛି।

ହେଲେ ରାସ୍ତା ଶୋଚନୀୟ ହୋଇଥିବାରୁ ଆମ୍ବୁଲାନ୍ସ ଆସି ଅଧାବାଟ କମଲେଇ ଗାଁ ନିକଟରେ ଅଟକି ରହିଥିଲା। ଗ୍ରାମବାସୀଙ୍କ ସହଯୋଗରେ ପରିବାର ଲୋକେ ପ୍ରାୟ ୪ କିଲୋମିଟର ଖଟିଆରେ ବୋହି ଅଟକିଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ମହିଳାଙ୍କୁ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ପରିବାର ଲୋକଙ୍କ ପକ୍ଷରୁ ସୂଚନା ମିଳିଛି।

**ଜଙ୍ଗଲରୁ ୩୦୦ ଲିଟର ମଦ ଜବତ**

ଉଲୁଣ୍ଡା,(ଗୌରଚନ୍ଦ୍ର ପରିଛା): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ପିପଲକଟା ଜଙ୍ଗଲରେ ବୁଧବାର ଅବକାରୀ ବିଭାଗ ଚଢ଼ାଉ କରି ବିପୁଳ ମାତ୍ରାରେ ମଦ ଜବତ ସହ ମହୁଲ ପୋଚ ନଷ୍ଟ କରିଛି। ଉକ୍ତ ଜଙ୍ଗଲରେ ବେଆଇନ ଭାବେ ମଦ ପ୍ରସ୍ତୁତ ହେଉଥିବା ଅବକାରୀ ବିଭାଗ ଖବର ପାଇଥିଲା। ଅବକାରୀ ଉପନିରୀକ୍ଷକ ଭରତ ମିଶ୍ରଙ୍କ ନେତୃତ୍ୱରେ ଅବକାରୀ ଟିମ୍ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଉକ୍ତ ଜଙ୍ଗଲରୁ ୩୦୦ଲିଟର ମଦ ଓ ମଦ ରନ୍ଧା ସାମଗ୍ରୀ ଜବତ କରାଯାଇଥିଲା। ଏଥିସହ ୩୦୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### କ୍ଲଥ୍ ଷ୍ଟୋରରେ ଅଗ୍ନିକାଣ୍ଡ

ଡୁଙ୍ଗୁରିପାଲି,୯।୭(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବସ୍‌ଷ୍ଟାଣ୍ଡ ନିକଟରେ ଥିବା ମିଳନ କ୍ଲଥ ଷ୍ଟୋରରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ, ୧୨ ଘଣ୍ଟା ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଯୋଗୁ ତିନି ମହଲା କୋଠାରେ ଥିବା କପଡା ସମଗ୍ରୀ ଜଳି ପୋଡ଼ି ପାଉଁଶ ହୋଇଯାଇଛି। କ୍ଲଥ ଷ୍ଟୋର ମାଲିକ ଜଗଦୀଶ ମେହେର ମଙ୍ଗଳବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ପ୍ରାୟ ରାତି ୧୨ଟା୨୦ରେ ଦୋକାନ ଭିତରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳୁଥିବା ସ୍ଥାନୀୟ ଲୋକେ ଦେଖି ଡୁଙ୍ଗୁରିପାଲି ପୋଲିସକୁ ଖବର ଦେଇଥିଲେ। ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ସ୍ଥାନୀୟ ଅଗ୍ନିଶମ ବିଭାଗ ଓ ଭୁବନେଶ୍ୱର କଣ୍ଟ୍ରୋଲ ରୁମକୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ଖବର ପାଇ ଡୁଙ୍ଗୁରିପାଲି ଓ ରାମପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁଲିଭା କାମ ଆରମ୍ଭ କରିଥିଲା। ହେଲେ ଦୋକାନରେ କପଡା ସାମଗ୍ରୀ ଥିବାରୁ ନିଆଁ ଲିଭାଇବା ସହଜ ହୋଇ ନ ଥିଲା। ଅଗ୍ନିଶମ ଅଧିକାରୀ ପାଉଲୁସ କୁଜୁରୁ ବରପାଲିରୁ ପାୱାର ପେକ ହାଇଡ୍ରୋଲିକ କଟର ମେଶିନ ମଗାଇ ମଝି ମହଲ ବନ୍ଦ ଥିବା ଶର୍ଟର କାଟି ଦମକଳ ଦ୍ୱାରା ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ଡୁଙ୍ଗୁରିପାଲି ପୋଲିସ ଓ ଅଗ୍ନିଶମ ବାହିନୀର ସନ୍ତୋଷ କୁମାର ବେହେରା, ସୁଜିତ କୁମାର ରାଉତ, ସତ୍ୟନାରାୟଣ ଖୁଣ୍ଟଲି, ପ୍ରଦୀପ ମେଣ୍ଡେଲି, ନରେଶ କୁମାର ସାହୁ, ଉମେଶ ଚନ୍ଦ୍ର ଧରୁଆ,ପ୍ରହଲ୍ଲାଦ କର୍ଣ୍ଣ, ପ୍ରସାଦି ବର୍ଗେ ନିଆଁ ଲିଭା କାମରେ ସାମିଲ ଥିଲେ।

### ମାସ୍ ବାୟୋ ଫୁଏଲର ସମ୍ପ୍ରସାରଣକୁ ନେଇ ଜନଶୁଣାଣି

#### ଗ୍ରାମବାସୀଙ୍କ ବିରୋଧ

ତରଭା, ୯।୭(ମାନଭଞ୍ଜନ ମିଶ୍ର)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲା ପ୍ରଶାସନ ତରଫରୁ ତରଭା ତହସିଲ ପାଣିମୁରା ଗ୍ରାମ୍ୟ ଜଙ୍ଗଲରେ ଥିବା ମାସବାୟୋ ଫୁଏଲ ପ୍ରାଇଭେଟ ଲିମିଟେଡ଼ର ଶସ୍ୟଭିତ୍ତିକ ଇଥାନଲ ପ୍ରକଳ୍ପର କ୍ଷମତା ୫୪୦ କେଏଲଡିକୁ ସମ୍ପ୍ରସାରଣ ସହ ୯ ମେଗାୱାଟ କୋଇଲାଭିତ୍ତିକ ବିଦ୍ୟୁତ ପ୍ରକଳ୍ପ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ସର୍ବସାଧାରଣ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ବଲାଙ୍ଗୀରରର ବବିତା ସିଂ, ସୋନପୁର ଏଡିଏମ ରାଜେନ୍ଦ୍ର ମାଝୀ, ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର, ତରଭା ତହସିଲଦାର ଶ୍ୱେତାଲିନା ମାହାଣା, ଏସ୍‌ଡିପିଓ ପି.ସି.ତ୍ରିପାଠୀ ଉପସ୍ଥିତ ଥିଲେ। ଆଖପାଖର ୯ ଜଣ ଗ୍ରାମବାସୀ କମ୍ପାନୀର ମନମୁଖୀ କାର୍ଯ୍ୟକଳାପର ତୀବ୍ର ବିରୋଧ କରିଥିଲେ। ଗ୍ରାମବାସୀଙ୍କ କହିବାନୁଯାୟୀ ମାସ ବାୟୋ–ଫୁଏଲ ପ୍ରାଇଭେଟ ଲିମିଟେଡ଼ ଏଠାରେ କମ୍ପାନୀ ଆଇନର ଉଲ୍ଲଂଘନ କରୁଛି। କମ୍ପାନୀ ଯୋଗୁ ବାୟୁ, ଜଳ ପ୍ରଦୂଷଣ ବୃଦ୍ଧି ପାଇ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଲାଣି। କମ୍ପାନୀରୁ ବାହାରୁଥିବା ଦୂଷିତ ପାଣି ନାଳ ଓ ବନ୍ଧରେ ମିଶୁଛି। ଏହା ଦ୍ୱାରା ନାଳରେ ଥିବା ମାଛ ମରି ଯାଉଛନ୍ତି। ଏହି ପାଣି ବ୍ୟବହାର କରି ଗ୍ରାମବାସୀ ଓ ଗୃହପାଳିତ ପଶୁ ନାନା ପ୍ରକାର ରୋଗରେ ପୀଡିତ ହେଉଛନ୍ତି। କମ୍ପାନୀ ନିୟମ ଅନୁସାରେ କାରଖାନାରେ ସ୍ଥାନୀୟ ଯୁବକଙ୍କୁ ଅଗ୍ରାଧିକାର ଦିଆ ନ ଯାଇ ବାହାର ଯୁବକଙ୍କୁ ନିଯୁକ୍ତି ଦିଆଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ତରଭା ଆଇଆଇସି ଅନିତା କିଡୋଙ୍କ ନେତୃତ୍ୱରେ ଏସଆଇ ରବୀନ୍ଦ୍ର ସାହୁ, ମାରୁତ ଚନ୍ଦ୍ର ପ୍ରଧାନଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ।

# ଲଗାଣ ବର୍ଷାରେ ଫସଲ କ୍ଷୟକ୍ଷତି

- ପାଚିଲା ଧାନ ବିଲରେ ଗଜା
- ଫସଲ ନଷ୍ଟ ଚିନ୍ତାରେ ଚାଷୀ

ହରଭଙ୍ଗା,୯।୭(ନରେନ୍ଦ୍ର କୁମାର ସାହୁ)


ଲଗାଣ ବର୍ଷା ଯୋଗୁ ପାଚିଲା ଧାନ ଫସଲ ଜମିରେ ନଷ୍ଟ ହେଉଛି।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଲଗାଣ ବର୍ଷା ଯୋଗୁ ପାଚିଲା ଧାନ ବିଲରେ ଗଜା ହୋଇ ମାଟିରେ ମିଶିଥିବା ଦେଖିବାକୁ ମିଳିଛି। ଏଭଳି ଦୃଶ୍ୟ ବ୍ଲକର ହାଟଗାଁ, ମଙ୍ଗଳପୁର, ସମ୍ପୋଚ, ମଥୁରା, କେଲାକଟା ଗ୍ରାମରେ ଦେଖିବାକୁ ମିଳିଛି। ଏହି ସବୁ ଗ୍ରାମରେ ବର୍ଷାରେ ପାଚିଲା ଧାନ ଓ ଅନ୍ୟ ଫସଲ କ୍ଷୟକ୍ଷତି ହୋଇଥିବାବେଳେ କରଡି ଗ୍ରାମରେ ସମ୍ପୂର୍ଣ୍ଣ ଧାନ ଫସଲ ପାଣିରେ ପଚି ଗଜା ହୋଇ ନଷ୍ଟ ହୋଇଛି। ଏହି ଛଅଟି ଗ୍ରାମର ୫୦୦ରୁ ଅଧିକ ଏକର ଚାଷଜମି କ୍ଷୟକ୍ଷତି ହୋଇଥିବାବେଳେ କେତେକ ଚାଷୀ ଧାନ ଅମଳ କରି ମଣ୍ଡିରେ ବିକ୍ରି ନ କରିପାରି ରାସ୍ତାରେ ଧାନ ଗଦା କରି ଚିନ୍ତାରେ ରହିଥିବା ଜଣାପଡିଛି। ଏସବୁ ଫସଲ କ୍ଷୟକ୍ଷତି ଦେଖି ଚାଷୀକୁଳ ପୁରା ହତାଶ ହୋଇ ହାତବାନ୍ଧି ରହିଛନ୍ତି। ବୌଦ୍ଧ ଜିଲାର ଲୋକେ କେବଳ ଚାଷ ଉପରେ ନିର୍ଭର କରିଚଳିଥାନ୍ତି। କୃଷି ବିଭାଗ ସୂଚନା ଅନୁସାରେ ଚଳିତବର୍ଷ ରବିଋତୁରେ ବ୍ଲକରେ ପାଞ୍ଚଶହରୁ ଅଧିକ ହେକ୍ଟର ଜମିରେ ଧାନ ଚାଷ କରାଯାଇଥିଲା। ଚାଷୀମାନେ ଶ୍ରମିକ ଅଭାବରୁ ଧାନ ଅମଳ କରିପାରି ନ ଥିବାବେଳେ ଅଧିକାଂଶ ଜମିରେ ଧାନକଟା ହୋଇ ପଡିରହିଥିଲା। କିନ୍ତୁ ହଠାତ ଅଦିନିଆ ଓ ଲଗାଣ ବର୍ଷା ଯୋଗୁ ପୁରା ଫସଲ ନଷ୍ଟ ହେବା ସହ ଗଜା ହୋଇପଡିଛି। ଧାନବିଲକୁ ଦେଖି ଚାଷୀମାନେ ବର୍ଷକର ପରିଶ୍ରମ ପାଣିରେ ମିଳେଇଗଲା କିପରି ଚଳିବୁ ବୋଲି କହୁଛନ୍ତି। ଆହୁରୀ ମଧ୍ୟ ଲଗାଣ ବର୍ଷା ଯୋଗୁ ପନିପରିବା ଓ ଅନ୍ୟଫସଲ ନଷ୍ଟ ହୋଇଛି। ତୁରନ୍ତ ପ୍ରଶାସନ ତଦନ୍ତ କରି କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ହେଉଛି।

## ଗଞ୍ଜେଇ ସହ ଟ୍ରାକ୍ଟର ଜବତ, ୨ ଗିରଫ


ଜବତ ଗଞ୍ଜେଇ ସହ ଟ୍ରାକ୍ଟର ଓ ୨ ଅଭିଯୁକ୍ତ।

କନ୍ଧମାଳ,୯।୭(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅନ୍ତର୍ଗତ ୪୧ନଂ. ରାଜ୍ୟ ରାଜପଥର ବରଡ଼ିପଦର ଛକ ନିକଟରେ ବୁଧବାର ସକାଳେ ଗଞ୍ଜେଇ ସହ ଟ୍ରାକ୍ଟର ଜବତ ହୋଇଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ବରଡ଼ିପଦର ଛକ ନିକଟରେ ପାଟ୍ରୋଲିଂ ଚାଲିଥିବା ସମୟରେ ବାଲାନ୍ଦାପଡ଼ା ପଟରୁ ସୋନପୁର ଅଭିମୁଖେ ଯାଉଥିବା ଏକ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରିଥିଲେ। ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ପୋଲିସ କୌଣସି ସୂତ୍ରରୁ ଖବରପାଇ ଉକ୍ତ ଟ୍ରାକ୍ଟରକୁ ଯାଞ୍ଚ କରିଥିବାବେଳେ ସେଥିରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କଲା ପରେ ୧ କୁଇଣ୍ଟାଲ ୪୦ କେଜି ହୋଇଥିଲା। ଗଞ୍ଜେଇ ସହ ଟ୍ରାକ୍ଟର ଜବତ କରାଯାଇଥିବାବେଳେ ଚାଲାଣରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କୁ ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

## ବିଦ୍ୟାଳୟରେ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ


ଚାରା ସହିତ କୁମାରକେଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ।

ସୋନପୁର,୯।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁମାରକେଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଇକୋ କ୍ଲବ ଆନୁକୂଲ୍ୟରେ ବନ ମହୋତ୍ସବ ପାଳନ ଅବସରରେ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହୃଷୀକେଶ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହଦା ସରପଞ୍ଚ ଆନନ୍ଦିନୀ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ପରିଚାଳନା କମିଟି ସଭାପତି ରଞ୍ଜନ ପଧାନ, ବିନୋଦ ମହାପାତ୍ର, ପ୍ରମୋଦ ବେହେରା, ବନମାଳୀ ପଧାନ ଓ ଗୌତମ ଭୋଇ ଯୋଗଦାନ କରିଥିଲେ। ସେହିପରି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ୩୧ଜଣ ମା’ ଯୋଗଦାନ କରି ନିଜ ପିଲାଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ନରେନ୍ଦ୍ର ନାଗ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅଚ୍ୟୁତ ରଣା ଗଛର ମହତ୍ତ୍ୱ ଉପରେ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀଙ୍କୁ ବୁଝେଇଥିଲେ। ଶିକ୍ଷକ ଦିଲୀପ ପଣ୍ଡା ଏବଂ ସତ୍ୟ ନାରାୟଣ ମେହେର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବୃକ୍ଷ ରୋପଣ ସହ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଆ ପ୍ରବନ୍ଧରେ ପ୍ରଥମ ସ୍ଥାନ ମମି ପଧାନ, ଦ୍ୱିତୀୟ ମିଲି ଥାନାପତି ଓ ତୃତୀୟ ସ୍ୱୟଂ ସ୍ୱପ୍ନାରିକା ପଧାନ, କୁଇଜରେ ପ୍ରଥମ ସୃତିରେଖା ଖୁରା, ଦିତୀୟ ଆୟୁଷ ପଧାନ, ତୃତୀୟ ମନୀଷା ପଧାନ, ଚିତ୍ରାଙ୍କନରେ ପ୍ରଥମ ସାଗତିକା ପଧାନ, ଦିତୀୟ ଆନନ୍ଦି ନାଏକ, ତୃତୀୟ ସ୍ଥାନ ଲବଲୀ ପଧାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗେଶ ପଧାନ, ଭୋଳାନାଥ ବେହେରା, ଆଶୁତୋଷ ମହାପାତ୍ର, ମାନସ ସେଠୀ, ଗଗନ ଭୋଇ, ଅମିତ ସେଠୀ ସହଯୋଗ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ପରିଚାଳନା କମିଟି ସଦସ୍ୟ କୁମାର ଖୁରା ।

## ମିଳିତ ମଞ୍ଚ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ଉଲୁଣ୍ଡା,୯।୭(ଗୌରଚନ୍ଦ୍ର ପରିଛା)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମିଳିତ ମଞ୍ଚ ପକ୍ଷରୁ ବୁଧବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଧରାକୋଟରେ ଗତ ୨୨ତାରିଖରେ ଦୁଇଜଣ ଦଳିତ ଯୁବକଙ୍କ ଉପରେ ଅତ୍ୟାଚାର କରାଯାଇଥିଲା। ଘଟଣାକୁ ନେଇ ମିଳିତ ମଞ୍ଚ ପକ୍ଷରୁ ତୀବ୍ର ନିନ୍ଦା କରିବା ସହ ଦଳିତ ଯୁବକଙ୍କୁ ଅତ୍ୟାଚାର କରିଥିବା ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ମିଳିତ ମଞ୍ଚ କର୍ମକର୍ତ୍ତା ବ୍ଲକ କାର୍ଯ୍ୟାଳୟ ଯାଇ ବିଡ଼ିଓଙ୍କ ଅନୁପସ୍ଥିତରେ ଏକ ଦାବିପତ୍ର ଏବିଡ଼ିଓ ଶୁଭ୍ରାଂଶୁ ଶେଖର ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗଣ୍ଡା ସମାଜ ବିକାଶ ପରିଷଦ ସଭାପତି ବୈଷ୍ଣବ ଚରଣ ତରାଇ, ସମ୍ପାଦକ ଅରୁଣ ମହାନନ୍ଦ, କାର୍ଯ୍ୟକାରୀ ସମ୍ପାଦକ ନାରାୟଣ ହରିପାଲ, କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ଦାସ ତରାଇ,ଏସ୍‌ସି ଏସ୍‌ଟି ସଭାପତି ହରି ଚରଣ ପାଲ, ସାଧାରଣ ସମ୍ପାଦକ ବରୁଣ ଭୋଇଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରତିଷ୍ଠା ଦିବସ


ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

ହରଭଙ୍ଗା,୯।୭(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁର ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ସୋମବାର ଅପରାହ୍ନରେ ପାଳିତ ହୋଇଯାଇଛି। ସମାରୋହରେ ଅଧକ୍ଷ ଓମ ପ୍ରକାଶ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚନ୍ଦନା ବେହେରା, ସମ୍ମାନିତ ଅତିଥି ଭାବେ କ୍ଲଷ୍ଟର ସଂଯୋଜକ ଅର୍ଜୁନ କଂହର, ଆଲୁମିନି କମିଟି ସଦସ୍ୟ ଅଲେଖ ବରଗ୍ଡି, ବିଭୂତି ଭୂଷଣ ମହାକୁଡ଼, ରାଜଲକ୍ଷ୍ମୀ ପ୍ରଧାନ, ରାଜୀବ କଂହର ମଞ୍ଚାସୀନ ଥିଲେ। ଏହି ଅବସରରେ ବନମହୋତ୍ସବ ପାଳନ କରାଯାଇ ସମୂହ ଚାରା ରୋପଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉପସ୍ଥିତ ଆଲୁମିନି କମିଟିର ସଦସ୍ୟ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ରରେ ବିଦ୍ୟାଳୟ ବିକାଶ, ମିଶନ ‘ଏ’ୱାନ ନେଇ ଆଲୋଚନା ହୋଇଥିଲା। ୨୦୨୭ମସିହାରେ ଏହି ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ପାଳନ ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇ ଖୁବଶୀଘ୍ର ପୂର୍ବ ପ୍ରସ୍ତୁତି ବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବରିଷ୍ଠ ଶିକ୍ଷକ ତଥା ଆଲୁମିନି ସଦସ୍ୟ ନବକିଶୋର ଦୀପ ମଞ୍ଚ ପରିଚାଳନା କରିଥିଲେ। ପ୍ରେମଲତା ମଲ୍ଲିକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ରମାକାନ୍ତ ନାଗ, ସଚିନ୍ଦ କହଁର, ପ୍ରେମଲତା ମଲ୍ଲିକ, ପଦ୍ମିନୀ ସାହୁ, ସ୍ୱାଗତିକା ମହାକୁଡ଼, ସୁକନ୍ୟା ସାହୁ, ବ୍ରଜକିଶୋର ଜଗଦଲା, ଶୁଭସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ବିଏଲଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ


ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଅବସରରେ ଅଧିକାରୀଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

ବୀରମହାରାଜପୁର,୯।୭(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ଜାତୀୟସ୍ତରୀୟ ବିଏଲଓ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ସଭାଗୃହଠାରେ ସୋମବାର ଏହି ଶିବିରକୁ ଉପଜିଲାପାଳ ସୁରେନ୍ଦ୍ର ମେହେର ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକଭାବେ ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଡେପୁଟି କଲେକ୍ଟର ଶୁଭମ ସୁଭାସିଷ ଶତପଥୀ, ସହକାରୀ ଜିଲାପାଳ ଅଜିତ କୁମାର ମିର୍ଦ୍ଧା ପ୍ରମୁଖ ଯୋଗଦେଇ ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ସ୍ୱତନ୍ତ୍ର ରିଭିଜନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଣୁ ସମସ୍ତ ବିଏଲଓ ଓ ସୁପର୍ ଭାଇଜର୍‌ମାନେ ନିର୍ଭୁଲ ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଦୁଇଦିନିଆ କର୍ମଶାଳାରେ ୧୦୦ ଜଣ ବିଏଲଓ ସୁପର ଭାଇଜର୍‌ମାନଙ୍କୁ ତାଲିମ ଦିଆଯାଇଥିଲା। ତାଲିମ କାର୍ଯ୍ୟକ୍ରମ ପରେ ସମସ୍ତଙ୍କ ପରୀକ୍ଷା କରାଯାଇଥିଲା। ଏଥିରେ ପ୍ରଥମ ତିନି ସ୍ଥାନରେ ବିଏଲଓ ପ୍ରମୋଦ କୁମାର ବିଶ୍ୱାଳ, ଦେବରାଜ ମହାନନ୍ଦ ଓ ଗୋପିନାଥ ପ୍ରଧାନ କୃତକାର୍ଯ୍ୟ ହୋଇଥିଲେ। ସମସ୍ତ ବିଏଲଓ, ସୁପର୍ ଭାଇଜର୍‌ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ପଦ୍ମମାଧବ ଭଜନ ଗ୍ରୁପ୍ ତରଫରୁ ଭଜନ ସମାରୋହ

ବୀରମହାରାଜପୁର,୯।୭(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ରଥ ଉପରେ ଅଧର ପଣା ନୀତି ଅବସରରେ ଜିଲା ସାଂସ୍କୃତିକ ପରିଷଦ ତରଫରୁ ପଦ୍ମମାଧବ ଭଜନ ଗ୍ରୁପ ଦ୍ୱାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଉଦ୍‌ଘୋଷକ ନିରାମୟ ଦେହୁରୀଙ୍କ ସଂଯୋଜନାରେ ମିନି ପଣ୍ଡା, ରଶ୍ମିତା ବେହେରା, ପ୍ରତିମା ବାଗ ପ୍ରମୁଖ ଭଜନ ପରିବେଷଣ କରିଥିଲେ। କୃଷ୍ଣଚନ୍ଦ୍ର ସାହୁ, ରତ୍ନାକର ମହାକୁଡ଼ ଦୀନବନ୍ଧୁ ଗୁରୁ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ବିଷ୍ଣୁ ଚରଣ ପଣ୍ଡା, ଇନ୍ଦ୍ରଜିତ ପ୍ରରୁଆ, ରମାକାନ୍ତ ପୁରୋହିତ, ଡ଼ ଦ୍ୱୀତିକୃଷ୍ଣ ପଣ୍ଡା, ପୀତବାସ ପଣ୍ଡା, ଭଗବାନ ମିଶ୍ର, ଯୁଗଳ କିଶୋର ମିଶ୍ର ସହଯୋଗ କରିଥିଲେ।

## ମୁକୁନ୍ଦପୁର ଆଶ୍ରମ ସ୍କୁଲରେ ବନ ମହୋତ୍ସବ


ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ବୃକ୍ଷ ରୋପଣ କରୁଛନ୍ତି।

ସୋନପୁର, ୯।୭(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ମୁକୁନ୍ଦପୁର ଆଶ୍ରମ ସ୍କୁଲରେ ୭୬ତମ ବନମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସଭାରେ ପ୍ରଧାନ ଶିକ୍ଷକ ଜଳନ୍ଧର ରଣା ପୌରୋହିତ କରିଥିଲେ। ଶିକ୍ଷକ ଦୋଳଗୋବିନ୍ଦ ତ୍ରିପାଠୀ, ଅଶୋକ ଝାଙ୍କର, ଶ୍ରୀମା ସାହୁ ଓ କୁନୁ ତାଣ୍ଡି ବନ ମହୋତ୍ସବ ପାଳନ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ବୃକ୍ଷ ଓ ଜଙ୍ଗଲ ଆମ ପାଇଁ କେତେ ଜରୁରୀ ସେ ନେଇ ଆଲୋଚନା କରାଯାଇଥିଲା। ଏହା ସହିତ ସମସ୍ତେ ବୃକ୍ଷରୋପଣ ସହିତ ତାର ସୁରକ୍ଷା ପାଇଁ ଆଗ୍ରହ ପ୍ରକାଶ କରିବାକୁ ଆହ୍ୱାନ କରିଥିଲେ। ପରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ନିମ୍ବ, ଜାମୁ, କରଞ୍ଜ ଓ କଦମ୍ବ ଆଦି ବୃକ୍ଷ ରୋପଣ କରିଥିଲେ।

## ଭୀମ୍ ଆର୍ମି ପକ୍ଷରୁ ଦାବିପତ୍ର ପ୍ରଦାନ

ବୀରମହାରାଜପୁର,୯।୭(ଯୁଗଳ କିଶୋର ମିଶ୍ର)


ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଭୀମ ଆର୍ମି ପକ୍ଷରୁ ବୁଧବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଧରାକୋଟରେ ଗତ ୨୨ତାରିଖରେ ଦୁଇଜଣ ଦଳିତ ଯୁବକଙ୍କୁ ଉପରେ ଅତ୍ୟାଚାର କରାଯାଇଥିଲା। ଘଟଣାକୁ ନେଇ ଭୀମ ଆର୍ମି ତୀବ୍ର ନିନ୍ଦା କରିଛି । ରାଜ୍ୟରେ ଏହାର ପ୍ରତିବାଦ ସ୍ୱରୂପ ଓଡ଼ଶା ମାନବତା ବଞ୍ଚାଅ ଅଭିଯାନ ଜାରି ରହିଥିବା ବେଳେ ଏହି ଅଭିଯାନକୁ ସମର୍ଥସନ ଜଣାଇ ଭୀମ ଆର୍ମି ଜିଲା ସଭାପତି ପ୍ରଦୀପ ଜାଲଙ୍କ ନେତୃତ୍ୱରେ ଆଇନଜୀବୀ ଆଶ୍ରୟ ମହାନନ୍ଦ, ଜଙ୍ଗେଶ୍ୱର ପେରା, କିଶୋର ଭୋଇ, ଚମ୍ପେଶ୍ୱର ମହାନନ୍ଦ, ସାରଙ୍ଗ ବାଦିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ବ୍ଲକ କାର୍ଯ୍ୟାଳୟକୁ ଯାଇ ଭାରପ୍ରାପ୍ତ ବିଡ଼ିଓ ପୁରୁଷୋତମ ଧରୁଆଙ୍କୁ ପ୍ରଦାନ କରିଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବୌଦ୍ଧ,୯।୭(ଅଜିତ କୁମାର ବାରିକ)



ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ କରାଯାଉଛି।

**ଏଆଇଟିୟୁସି ପକ୍ଷରୁ ପ୍ରତିବାଦ ସଭା**

କେନ୍ଦ୍ରୀୟ ସଙ୍ଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ଭାରତ ବନ୍ଦ ଡାକରାରେ ବୌଦ୍ଧ ଜିଲା ଏଆଇଟିୟୁସି ସାମିଲ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛି। କେନ୍ଦ୍ର ସରକାର ଶ୍ରମ ଆଇନ ସଂଶୋଧନ ନାମରେ ପ୍ରଚଳନ କରିବାକୁ ଥିବା ୪ ଶ୍ରମ କୋଡ୍ ଆଇନ ବାତିଲ, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବାତିଲ, ପୁରୁଣା ପେନଶନ ବ୍ୟବସ୍ଥା ଲାଗୁ, ଠିକା ସଂସ୍ଥା ଅଧିନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା ସହ ସର୍ବନିମ୍ନ ୨୬ ହଜାର ଟଙ୍କା ଦରମା ପ୍ରଦାନ ଦାବି କରାଯାଇଥିଲା। ଆଶା ଏବଂ ଅଙ୍ଗନୱାଡି ପ୍ରଭୃତି ସ୍କିମ ୱାର୍କରଙ୍କୁ ଶ୍ରମିକ ମାନ୍ୟତା ମଧ୍ୟ ଦାବି କରିଥିଲେ। ଏହି ଧର୍ମଘଟରେ ବୌଦ୍ଧ ଜିଲା ଏଆଇଟିୟୁସି ପକ୍ଷରୁ ଶ୍ରମିକ ନେତା ଅବକାଶ ସାହୁ ନେତୃତ୍ୱ ନେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ବିକ୍ଷୋଭ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ ବୌଦ୍ଧ ଶାଖା ପକ୍ଷରୁ ବାସନ୍ତୀ ପ୍ରଧାନ, ପ୍ରବାସିନି ମହାକୁଡ, ସ୍ୱର୍ଣ୍ଣପ୍ରଭା ସାହୁ, କଳ୍ପନା ସାହୁ, ଅର୍ଚ୍ଚନା ଆଚାର୍ଯ୍ୟ, ରିତାରାଣୀ ରାଜ, ନିର୍ମଳା ବିନ୍ଧାଣୀ ପ୍ରମୁଖଙ୍କ ନେତୃତ୍ୱରେ ଦେଢଶହରୁ ଉର୍ଦ୍ଧ୍ୱ ଆଶା ଓ ଅଙ୍ଗନୱାଡି,ଅନ୍ୟାନ୍ୟ ଶ୍ରମିକ ସାମିଲ ହୋଇଥିଲେ।

# ୨ ଶ୍ରମିକଙ୍କ ମଧ୍ୟରେ ମାର୍‌ପିଟ୍, ଜଣେ ମୃତ

**କୁଆଁରମୁଣ୍ଡା, ୯।୭(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଲାସେ ନିକଟରେ ଥିବା ଏକ ଷ୍ଟୋନ କ୍ରସରରେ କୌଣସି କଥାକୁ ନେଇ ମାଡ଼ପିଟ ଘଟଣାରେ ଗୁରୁତର ଆହତ ନାହ୍ନେ ଶର୍ମା(୪୭) ନାମକ ଜଣେ ଶ୍ରମିକଙ୍କ ବୁଧବାର ମୃତ୍ୟୁ ଘଟିଛି। ଏ ନେଇ ମୃତକଙ୍କ ପୁଅ ରିତିକ ଶର୍ମା ବୀରମିତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୧୨/୨୦୨୫) ରୁଜୁ କରିଛି। ଏହା ସହ ମୃତଦେହ ଜବତ କରି ଶବାଗାରରେ ରଖିଛି। ଅଭିଯୁକ୍ତ ଦିବ୍ୟାଂଶୁ ପାଣ୍ଡେଙ୍କୁ ପୋଲିସ ଗିରଫ କରିଛି ବୋଲି ଆଇଆଇସି ରାମପ୍ରସାଦ ନାଗ କହିଛନ୍ତି। ଆଇଆଇସି ନାଗଙ୍କ ସୂଚନା ଅନୁସାରେ, ଲାସେସ୍ଥିତ ଏକ କ୍ରସରରେ ଶନିବାର ରାତି ୧୧ଟାରେ କୌଣସି କଥାକୁ ନେଇ ନାହ୍ନେ ଓ ଦିବ୍ୟାଂଶୁଙ୍କ ମଧ୍ୟରେ ମାଡ଼ପିଟ ହୋଇଥିଲା। ଏହି ସମୟରେ ଦିବ୍ୟାଂଶୁ ଏକ ପାଇପରେ ନାହ୍ନେଙ୍କ ମୁଣ୍ଡକୁ ପିଟିବାରୁ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା। ସେ ଅଚେତ ହୋଇପଡ଼ିବାରୁ ଦିବ୍ୟାଂଶୁ ତାଙ୍କ ଛାତି, କାନ୍ଧ ଇତ୍ୟାଦିରେ ଗୋଇଠା ମାଡ଼ କରିଥିଲେ। ଏହି ଘଟଣା ଜଣାପଡିବା ପରେ କ୍ରସର ଅନ୍ୟ କର୍ମଚାରୀମାନେ ନାହ୍ନେଙ୍କୁ ଚିକିତ୍ସା ନିମନ୍ତେ କୁଆଁରମୁଣ୍ଡା ଡାକ୍ତରଖାନା ନେଇଥିଲେ। ସେଠାରୁ ଚିକିତ୍ସିତ ପରେ ନାହ୍ନେଙ୍କୁ ତାଙ୍କ ଘର ବିସ୍ରାକୁ ପଠାଯାଇଥିଲା। ହେଲେ ବୁଧବାର ତାଙ୍କର ମୃତ୍ୟୁ ହୋଇଯାଇଛି



ସୁନ୍ଦରଗଡ଼ ଟାଙ୍ଗରପାଲିରେ ଧର୍ମଘଟରେ ସାମିଲ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ପାଚିକା।



ଲହୁଣୀପଡ଼ାଠାରେ ଆନ୍ଦୋଳନ କରାଯାଉଛି।



କୋଇଡା ଖଣି ଅଞ୍ଚଳରେ ବନ୍ଦର ପ୍ରଭାବ।

# ସର୍ବଭାରତୀୟ ଶ୍ରମିକ ଧର୍ମଘଟ ଶାନ୍ତିପୂର୍ଣ୍ଣ

**ସୁନ୍ଦରଗଡ,୯।୭(ଜୟ ନାରାୟଣ ମେଣ୍ଡୁଲି)**

କେନ୍ଦ୍ର ସରକାରଙ୍କ ବିରୋଧରେ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ବୁଧବାର ସୁନ୍ଦରଗଡ଼ ଜିଲାରେ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି। ଏଆଇଟିୟୁସି ନେତୃତ୍ୱରେ ସୁନ୍ଦରଗଡ଼ରେ ଏହି ଆନ୍ଦୋଳନକୁ ଆଇଏନ୍‌ଟିୟୁସି, ହିନ୍ଦ୍ ମଜଦୁର ସଭା, ଓଡ଼ିଶା କୋଇଲାରୀ ମଜଦୁର ସଙ୍ଘ, ଅଖିଳ ଭାରତୀୟ ବ୍ୟାଙ୍କ ଓ ବୀମା କର୍ମଚାରୀ ସଙ୍ଘ ସମେତ ବିଭିନ୍ନ ଶ୍ରମିକ ସଙ୍ଗଠନଗୁଡ଼ିକ ସମର୍ଥନ ଜଣାଇ ଧର୍ମଘଟରେ ସାମିଲ ହୋଇଥିଲେ। ଏଥିସହିତ ଏଆଇଟିୟୁସି ଅନୁବନ୍ଧିତ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଙ୍ଘ, ଆଶା କର୍ମୀ ସଙ୍ଘ, ପାଚିକା ସଙ୍ଘ, ଅଖିଳ ଭାରତ ଯୁବ ସଙ୍ଘ, ସୁନ୍ଦରଗଡ଼ ଘରୋଇ ବସ୍ କର୍ମଚାରୀ ସଙ୍ଘ ଜିଲା ସଦର ମହକୁମା ସୁନ୍ଦରଗଡ଼ ସମେତ ଟାଙ୍ଗରପାଲି, ବଡ଼ଗାଁ ଓ ବିଭିନ୍ନ ସ୍ଥାନରେ ପିକେଟିଂ ସହ ଏକତ୍ରିତ ହୋଇ ଧର୍ମଘଟ କରିଥିଲେ।


ବଡ଼ଗାଁରେ ଆଶାକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଶ୍ରମିକ ସଂଗଠନଗୁଡ଼ିକର ଧର୍ମଘଟ ଯୋଗୁ ଏମ୍‌ସିଏଲ୍ ବସୁନ୍ଧରା, କୁଲଡ଼ା, ଏନ୍‌ଟିପିସି ଡୁଲିଙ୍ଗା, ଜାମକାନୀ ଆଦି ବିଭିନ୍ନ କୋଇଲା ଖଣିଗୁଡ଼ିକରେ କୋଇଲା ଉତ୍ପାଦନ ଓ ପରିବହନ ବନ୍ଦ ରହିଥିଲା। ସୁନ୍ଦରଗଡ଼ରେ ସମସ୍ତ ବ୍ୟାଙ୍କ, ଭାରତୀୟ ଜୀବନ ବୀମା ଅଫିସ ଆଦି ବନ୍ଦ ରହିଥିଲା। ଓଡ଼ିଶା କୋଇଲା ମଜଦୁର ୟୁନିୟନ ରାଜ୍ୟ ସଭାପତି କିଶୋର ଚନ୍ଦ୍ର ପଟେଲଙ୍କ ନେତୃତ୍ୱରେ କୋଇଲା ଖଣି ଶ୍ରମିକମାନେ ଏହି ଧର୍ମଘଟରେ ସାମିଲ ହୋଇଥିଲେ। ଟାଙ୍ଗରପାଲିଠାରେ ଏଆଇଟିୟୁସି ଅନୁବନ୍ଧିତ ଅଙ୍ଗନୱାଡି କର୍ମୀ ସଙ୍ଘ, ଆଶା କର୍ମୀ ସଙ୍ଘ, ପାଚିକା ସଙ୍ଘ, ଅଖିଳ ଭାରତ ଯୁବ ସଙ୍ଘ ତରଫରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖ ସୁନ୍ଦରଗଡ଼-ବସୁନ୍ଧରା ରାସ୍ତାରେ ଧର୍ମଘଟ ବସିଥିଲେ। ନିଖିଳ ଓଡ଼ିଶା କର୍ମୀ ସଙ୍ଘର ବ୍ଲକ ଉପସଭାନେତ୍ରୀ ସୁରୁବୁଇ ପଣ୍ଡାଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ କୁମାର ଦାଶ ଯୋଗ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ଓ ଶ୍ରମିକମାରଣ ନୀତିକୁ ସମାଲୋଚନା କରିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଶତାଧିକ ଅଙ୍ଗନୱାଡି, ଆଶା କର୍ମୀ, ପାଚିକା କର୍ମୀ ଆନ୍ଦୋଳନକୁ ସଫଳ କରିଥିବାରୁ ସାଧୁବାଦ ଜଣାଇଥିଲେ। ଏମ୍‌ଡିଏମ୍ ପାଚିକା ସଙ୍ଘର ରାଜ୍ୟ ସଭାପତି ତଥା ଏଆଇଟିୟୁସି ନେତା କମଳ ଷଣ୍ଢ, ଅଙ୍ଗନୱାଡି କର୍ମୀ ସଙ୍ଘ ବ୍ଲକ ସଭାପତି ସୁସ୍ମିତା ମାଝୀ, ସମ୍ପାଦିକା ନନ୍ଦିନୀ ପଟେଲ, ନିରାଶୀ ମାଝି, ଆଶା କର୍ମୀ ସଙ୍ଘ ତରଫରୁ ସନ୍ତୋଷିନୀ ପଣ୍ଡା, ସଞ୍ଜୁଲତା ପଟେଲ, ପଙ୍କଜିନୀ ମାଝୀ,ଏମ୍‌ଡିଏମ୍ ପାଚିକା ସଙ୍ଘ ତରଫରୁ ଗୋଲାପୀ ବନ୍‌ଛୋର, ସୁରଭି ପୃଷେଠ୍, ଜ୍ୟୋସ୍ନା ପଟ୍ଟା, ରାଜକୁମାରୀ ବାଘ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଧର୍ମଘଟକୁ ସମର୍ଥନ ଜଣାଇ ଅଖିଳ ଭାରତ ଯୁବ ସଙ୍ଘର ଜିଲା ସଭାପତି ସନ୍ତୋଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶତାଧିକ ଯୁବକ ସାମିଲ ହୋଇ କେନ୍ଦ୍ର ସରକାର ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକ ବିକ୍ରି କରି ଘରୋଇକରଣ କରି ଚାଲିଥିବାରୁ ଦେଶର ଯୁବ ଗୋଷ୍ଠୀ ନିଯୁକ୍ତି ହରାଇ ବେକାର ବୁଲୁଥିବା କହିଥିଲେ।

**ଟେନ୍‌ସା,(ସମୀର କୁମାର ପାଢ଼ୀ) :** କୋଇଡା ଖଣି ଅଞ୍ଚଳରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। କୋଇଡ଼ା ବ୍ଲକ ଛକରେ ସିଆଇଟିୟୁ ରାଜ୍ୟ ସମ୍ପାଦକ ପ୍ରଭାତ ପଣ୍ଡା, ଅଶୋକ ସାମଲ, ଜନ୍ ଡୁଙ୍ଗଡୁଙ୍ଗ, ପ୍ରଭାତ ପାତ୍ର, ଚନ୍ଦ୍ରମଣି ନାୟକ, କାଳଟାଠାରେ ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ସୁରେଶ ମୁଦୁଲି, ସହଦେବ ନାଏକ, ବିମ୍ଲାଗଡ଼ଠାରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଗୋପୀ ମାହାନ୍ତ, ପଟାସାହିଠାରେ ସୁଶିଳା ମୁଣ୍ଡା, ପ୍ରମୋଦ କୁମାର ମାହାନ୍ତ, ରକ୍ସିଠାରେ ଆନନ୍ଦ ମାସୀ ହରୋ, ଲେଲସନ ମୁଣ୍ଡା, ସାନ ଇନ୍ଦୁପୁରଠାରେ ଗଣେଶ ବାରିକ, ଆଶୁତୋଷ ସିନା, ରାଇକେଲାଠାରେ ବାବୁଲି ମୁଣ୍ଡା, ଗୋରା ମୁଣ୍ଡା, ଲକ୍ଷ୍ମଣ ମହାକୁଡ଼, କଲମଙ୍ଗଠାରେ ବାଟୁ ମୁଣ୍ଡା, ଦସୁରୁ ନାଏକ, ଟେନ୍‌ସାଠାରେ ଜୀବନ ମୁକୁଟ ତପନୋ, ଅଜୁ ବାରିକ ପ୍ରମୁଖ ବନ୍ଦରେ ସାମିଲ ଥିଲେ।

**ବଡ଼ଗାଁ.୯।୭(ଅଶୋକ ଷଡଙ୍ଗୀ):** ବଡ଼ଗାଁରେ ଏଆଇଟିୟୁସି କାର୍ଯ୍ୟକର୍ତ୍ତା ତଥା ନିଖିଳ ଓଡ଼ିଶା ଆଶା କର୍ମୀ ସଂଘର ଜିଲା ସଭାନେତ୍ରୀ ମାତିଲଦା କୁଲୁଙ୍କ ସହିତ ବଡ଼ଗାଁ ବ୍ଲକ ସଂଘର କର୍ମକର୍ତ୍ତା ପଦ୍ମିନୀ କିଷାନ, ସୁସ୍ମିତା ବା, ଲିଲିପ୍ରଭା ଧୁମା, ପାଚିକା, ସହାୟିକା ସଂଘର ବଡ଼ଗାଁ ବ୍ଲକ ସଭାନେତ୍ରୀ ଗୀତା କୁଜୁର, ମାଳତୀ କୁଜୁରଙ୍କ ନେତୃତ୍ୱରେ ଶତାଧିକ ଆଶା କର୍ମୀ ଓ ପାଚିକା, ସହାୟିକା ଯୋଗଦେଇଥିଲେ।

**ଲହୁଣୀପଡା(ଦାଶରଥି ପଣ୍ଡା)**

ଲହୁଣୀପଡାରେ ସିଆଇଟିୟୁ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, କୋଇଡା (କ) ଜିଲା ପରିଷଦ ସଦସ୍ୟା ଶୁଶିଳା ମୁଣ୍ଡା, ବଣେଇ ସିପିଆଇଏମ୍ ଆଞ୍ଚଳିକ କମିଟି ସମ୍ପାଦକ ଅନିରୁଦ୍ଧ ତ୍ରିପାଠୀ, ଲହୁଣୀପଡ଼ା ଆଞ୍ଚଳିକ କମିଟି ସମ୍ପାଦକ ଲାଲ ବାହାଦୂର ମାହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ବିଜେଡି ଜିଲା ସଭାପତି ଯୋଗେଶଙ୍କୁ ସମ୍ବର୍ଦ୍ଧନା

**ହେମଗିର,୯।୭(ଚୈତନ୍ୟ ପଟେଲ)**

ହେମଗିର ବିଜେଡି ସଭାପତି ସୁକାନ୍ତ ପତିଙ୍କ ତତ୍ତ୍ୱାବଧାନରେ ନୂତନ ଭାବେ ସୁନ୍ଦରଗଡ଼ ବିଜେଡି ଜିଲା ସଭାପତି ଭାବେ ସଦର ବିଧାୟକ ଯୋଗେଶ୍ କୁମାର ସିଂହକୁ ମନୋନୀତ କରାଯାଇଥିବାରୁ ତାଙ୍କୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ହେମଗିର ବ୍ଲକସ୍ଥିତ ଅଡିଟୋରିୟମ ହଲ୍‌ଠାରେ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ କୃଷକନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତି ପ୍ରଧାନ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ, ଜିଲା ପରିଷଦ ସଭ୍ୟ ଉଦିତ୍ ସେଠ, ଜିଲା ପରିଷଦ ସଭ୍ୟା ମହିମା ସେଠ୍, ସୁମନ୍ତ ପଣ୍ଡା, ମହିଳା ମୋର୍ଚ୍ଚା ସଭାନେତ୍ରୀ ରଞ୍ଜନା ପଣ୍ଡା, ସଦର ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ସୁନ୍ଦରଗଡ଼ ବେଣୁଧର ତାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ହେମଗିର ବିଜେଡି ଓ ବରପାଲି ଗ୍ରାମବାସୀଙ୍କ ତରଫରୁ ବିଧାୟକଙ୍କୁ 'ମାଟିର ପୁଅ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ହେମଗିର ବ୍ଲକର ୧୯ଟି ପଞ୍ଚାୟତର ବିଜେଡି କର୍ମୀ ଉପସ୍ଥିତ ଥିଲେ। ସୁକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ବିଜୁ ଯୁବ ଛାତ୍ର ଜନତା ଦଳର ସଭାପତି କଳାକାହ୍ନୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରମେଶ ପାଣ୍ଡେ, ପ୍ରମୋଦ ପତି, ଶାନ୍ତ ଧୂଆ ପ୍ରମୁଖ ଉପସ୍ଥିତ ଥିଲେ।



ସଭାରେ ମଞ୍ଚାସିନ ଅତିଥି ।

# ହେମଗିର ବ୍ଲକ୍‌ରେ କୋଇଲା ପରିବହନ ବାଧାପ୍ରାପ୍ତ



ହେମଗିରରେ ରାସ୍ତା ଅବରୋଧ କରାଯାଇଛି।

**ହେମଗିର, ୯।୭(ଚୈତନ୍ୟ ପଟେଲ)**

ବୁଧବାର କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ଦିଆଯାଇଥିବା ଡାକରାର ସମର୍ଥନରେ ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ବିଲେଇମୁଣ୍ଡା ଓ ଏମ୍‌ସିଏଲ ଠାରେ ଏଆଇଟିୟୁସି ହେମଗିର ବ୍ଲକ , ଭାରତୀୟ କମ୍ୟୁନିଷ୍ଟ ପାର୍ଟି , ଅଖିଳ ଭାରତ ଯୁବ ସଂଘ ପକ୍ଷରୁ ଚାଷୀ ଓ ଶ୍ରମିକ ମାରଣା ନୀତି ବିରୋଧରେ ଆନ୍ଦୋଳନ ଯୋଗୁ ହେମଗିରରେ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। ବିଲେଇମୁଣ୍ଡା ଠାରେ ରାସ୍ତା ଅବରୋଧ କରିଥିବା ବେଳେ ଖଣିମାନଙ୍କୁ ଯାଇ ଉତ୍ପାଦନ ଓ ପରିବହନ ବନ୍ଦ କରିଥିଲେ। ଅପରାହ୍ନ ୫ ଟା ପର୍ଯ୍ୟନ୍ତ କୋଇଲା ପରିବହନ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ବେଳେ ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇଥିବା ଜଣାପଡିଛି। ଏହି ଧର୍ମଘଟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ପରିଷଦ ସଭ୍ୟ ସାଥୀ ରାଜେନ୍ଦ୍ର ନାଏକ, ଜିଲାସହ ସମ୍ପାଦକ ଶୁକଦେବ ପଧାନ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ହେମଗିର ଜୋନ୍ ସମ୍ପାଦକ ରାଧେଶ୍ୟାମ ଗର୍ଡିଆ, ସହ ସମ୍ପାଦକ ବଂଶୀଧର କଉଡ଼ି, ଶ୍ରମିକ ନେତା ନେତା ବିଶ୍ୱଦୂତ ରାୟ, ଅଖିଳ ଭାରତ ଯୁବ ସଂଘ ଜିଲା ସମ୍ପାଦକ ରମେଶ ଜୟପୁରିଆ, ପ୍ରଦୀପ ମହାନନ୍ଦିଆ, ଅମଳ ସାଏ କପାଟ ରହିଥିବା ବେଳେ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ହେମଗିର ବ୍ଲକ ବିଲେଇମୁଣ୍ଡା ସେକ୍ଟର ସଭାପତି ସୁବାସିନୀ ପ୍ରଧାନ, ପ୍ରେମାବତି ମାଝୀ, ଲକ୍ଷ୍ମୀ ନାରଙ୍ଗ, ସଲ୍ୟସୂତା ସାହୁ, ଯଜ୍ଞସେନି ବୈଗା, ତନେଶ୍ୱରି ପଧାନ, ଦମୟନ୍ତୀ ନାଏକ, ପ୍ରତିମା ଲାକ୍ରା, ଯମୁନା କାଲୋ, ରାଜେଶ୍ୱରି ପଧାନ,ନିଖିଳ ଓଡ଼ିଶା ଜୀବିକା ମିଶନ ଏସି ସଂଘ ପକ୍ଷରୁ ତପସ୍ୱିନି ଭୋଇ, ଗୀତା ଖମାରୀ, ଭଗବତୀ ସେଟ, ହେମକାନ୍ତୀ ବାଗ ପ୍ରମୁଖ ଯୋଗ ଦେଇଥିଲେ।

# ଇଞ୍ଜିନିୟରଙ୍କ ସହଯୋଗରେ ଚାରା ରୋପଣ


ମୁଖ୍ୟ ଅତିଥି ଓ କ୍ଲବ ସଦସ୍ୟ ଚାରା ରୋପଣ କରୁଛନ୍ତି।

**ବଡ଼ଗାଁ ୯।୭(ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରପାଲି ଗ୍ରାମର ଇଞ୍ଜିନିୟର ବିମଳ କୁମାର ବିଶି ଓ ଚେମଠାପଡ଼ା ଗ୍ରାମର ଅବସରପ୍ରାପ୍ତ ଇଞ୍ଜିନିୟର ଅଜେକ କୁମାର ପ୍ରଧାନଙ୍କ ସହଯୋଗରେ ବୁଧବାର ରାସ୍ତା ପାର୍ଶ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଡ଼ଗାଁର ଜୟ ହିନ୍ଦ କ୍ଲବ ଏବଂ ଚେମଠାପଡା ଗ୍ରାମର ଆଜାଦ ହିନ୍ଦ ୟୁଥ୍ କ୍ଲବ ସଦସ୍ୟଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ହୋଇଥିଲା। ରାଉରକେଲା ସଚେତନ ନାଗରିକ ମଞ୍ଚର ସଭାପତି ଇଞ୍ଜିନିୟର ବିମଳ କୁମାର ବିଶିଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜୟ ହିନ୍ଦ କ୍ଲବର କର୍ମକର୍ତ୍ତା ରାଜା ହାଁସଦା, ଉପେନ୍ଦ୍ର ହାଁସଦା, ଶ୍ରୀକାନ୍ତ ଖଡ଼ିଆ ଆଜାଦ ହିନ୍ଦ ୟୁଥ୍ କ୍ଲବର କର୍ମକର୍ତ୍ତା ଅରୁଣ ପ୍ରଧାନ, ବସନ୍ତ ଗୌଡ଼, ପପ୍ପୁ ପ୍ରଧାନ, ହରୀ ଶଙ୍କର ସା ପ୍ରମୁଖ ଯୁବକମାନେ ବଡ଼ଗାଁ ନିକଟ ସାହାଜବାହାଲ ରାସ୍ତା ପାର୍ଶ୍ୱ ଓ ବଡ଼ଗାଁ ଉଚ୍ଚ ବିଦ୍ୟାଳୟର ବାଳକ ହଷ୍ଟେଲ ସମ୍ମୁଖରେ ପିଜୁଳି, ମହଗୁନୀ, ଲିମ୍ବ, କରଞ୍ଜ ଆଦି ଚାରା ରୋପଣ କରିଥିଲେ।

# ଜଳୁନି ଷ୍ଟ୍ରିଟ୍ ଲାଇଟ୍, ଅନ୍ଧାରରେ ରାଜ୍ୟ ରାଜପଥ

**କୁତ୍ରା,୯।୭(ଦେବାଶିଷ ସାହୁ):** ୧୦ ନମ୍ବର ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ ୱେ କୁତ୍ରା ବସଷ୍ଟାଣ୍ଡରେ ଥିବା ଷ୍ଟ୍ରିଟ ଲାଇଟ ଜଳୁନାହିଁ। ଫଳରେ ସମ୍ପୂର୍ଣ୍ଣ କୁତ୍ରା ଛକ ଅନ୍ଧାର ହୋଇଯାଇଛି। ରାସ୍ତା ନିର୍ମାଣ ସମୟରେ ନିର୍ମାଣକାରୀ ସଂସ୍ଥା ତରଫରୁ ଜନଗହଳି ପୂର୍ଣ୍ଣ ସ୍ଥାନ ଗୁଡ଼ିକରେ ଷ୍ଟ୍ରିଟ ଲାଇଟ ଲଗାଯାଇଥିଲା। ସମ୍ବଲପୁରରୁ ରାଉରକେଲା ସମସ୍ତ ଜନଗହଳିପୂର୍ଣ୍ଣ ସ୍ଥାନରେ ଆଲୋକୀକରଣ ବ୍ୟବସ୍ଥା ରହିଛି। କିନ୍ତୁ ବହୁ ସମୟ ଧରି ରକ୍ଷଣାବେକ୍ଷଣ ଓ ମରାମତି କ୍ଷେତ୍ରରେ କମ୍ପାନୀର ଉଦାସୀନତା କାରଣରୁ କେଉଁଠି ଲାଇଟ ଜଳୁନି ତ କେଉଁଠି ଅନ୍ଧାର ରହୁଛି। ପ୍ରାୟ ଦୁଇମାସ ହେବ କୁତ୍ରା ବସଷ୍ଟାଣ୍ଡ ଅଞ୍ଚଳର ଷ୍ଟ୍ରିଟ୍ ଲାଇଟ କେତେଟା ଜଳୁଥିବା ବେଳେ ଅନ୍ୟ କେତେଟା ଜଳୁନଥିଲା। କିନ୍ତୁ ବର୍ତ୍ତମାନ କିଛି ଦିନ ହେଲାଣି ବସଷ୍ଟାଣ୍ଡ ଅଞ୍ଚଳର ଗୋଟିଏ ବି ଲାଇଟ ଜଳୁନାହିଁ। ଫଳରେ ଚାରିଆଡେ ଅନ୍ଧକାର ଦେଖିବାକୁ ମିଳୁଛି। ଏଥିପାଇଁ ରାତିରେ ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅନ୍ଧାରର ସୁଯୋଗ ନେଇ ଚୋରି ଡକାୟତି ବଢ଼ିଯାଇଛି। ଗତ କିଛିଦିନ ପୂର୍ବରୁ ବସଷ୍ଟାଣ୍ଡ ନିକଟସ୍ଥ ତିନୋଟି ଦୋକାନରୁ ଚୋରି ମଧ୍ୟ ହୋଇଥିଲା। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ତଥା ପ୍ରଶାସନ ଧ୍ୟାନ ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ନାଳରେ ପଡ଼ି ଯୁବକଙ୍କ ମୃତ୍ୟୁ

**ବଡ଼ଗାଁ, ୯।୭(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଖରିକାମୁଣ୍ଡା ଗ୍ରାମରେ ବୁଧବାର ପୂର୍ବାହ୍ନରେ ଜଣେ ଯୁବକ ଚାଷ ଜମିରେ ଥିବା ନାଳରେ ପଡିଯିବାରୁ ମୃତ୍ୟୁବରଣ କରିଛନ୍ତି। ଖରିକାମୁଣ୍ଡା ଗ୍ରାମର ନବିନ ଅଡା (୪୮) ଗ୍ରାମ ନିକଟସ୍ଥ ଚାଷ ଜମିରେ କାମ କଲାବେଳେ ଜମି ହିଡ ପାର୍ଶ୍ୱରେ ଥିବା ନାଳରେ ଖସିପଡ଼ିଥିଲେ। ତାଙ୍କ ଗୋଡ଼ କାଦୁଅରେ ପଶି ଯାଇଥିଲା। ଫଳରେ ସେ ପାଣି ସ୍ରୋତରୁ ବାହାରି ନ ପାରି ବୁଡ଼ି ଯାଇଥିଲେ। ତାଙ୍କୁ ବଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ନେଇ ତାଙ୍କ ପୁଅ ଆକାଶ ଅଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଉଲ୍ଲେଖଯୋଗ୍ୟ ଯେ, ଲଗାଣବର୍ଷା ପ୍ରଭାବରେ ନଦୀ, ନାଳ ଓ ପୋଖରୀରେ ବୁଡି ବ୍ଲକ ଅଞ୍ଚଳରେ ୩ଜଣଙ୍କ ମୃତ୍ୟୁ ହେଲାଣି।

# ସେବାନିବୃତ୍ତ ସଂଘ ପକ୍ଷରୁ ରସଗୋଲା ଦିବସ

**ସୁନ୍ଦରଗଡ,୯।୭ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ରେଭେନ୍ୟୁ କଲୋନୀ ସ୍ଥିତ ସେବାନିବୃତ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସଂଘର ବାର୍ଷିକ କାର୍ଯ୍ୟ ଖସଡ଼ା ଅନୁଯାୟୀ ମଙ୍ଗଳବାର ରସଗୋଲା ଦିବସ ପାଳିତ ହୋଇଯାଇଛି।



ସଂଘର ସଭାପତି ଦୁର୍ଗା ମାଧବ ପଟେଲଙ୍କ ସଭାପତି ଓ ସାଧାରଣ ସମ୍ପାଦକ ରାଜକିଶୋର ମହାରଣାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ସଦସ୍ୟ ଯୋଗ ଦେଇ ପରସ୍ପରକୁ ରସଗୋଲା ଖୁଆଇଥିଲେ। ସଂଯୋଗ ବଶତଃ ଆଜି ସଂଘର ଉପସଭାପତି ଗୁଣନିଧି ମହାନ୍ତିଙ୍କ ୭୫ ତମ ଜନ୍ମବାର୍ଷିକୀ ଥିବାରୁ କାର୍ଯ୍ୟାଳୟରେ ପ୍ରବଳ ସମାଗମ ହୋଇଥିଲା ଏବଂ ମହାନ୍ତିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ।

# ପରିବା ଦର ଆକାଶଛୁଆଁ: ଚିନ୍ତାରେ ଖାଉଟି

## ହାଣ୍ଡିଶାଳରେ ମହଙ୍ଗା ମାଡ଼

**କୁତ୍ରା,୯।୭(ଦେବାଶିଷ ସାହୁ)**

ତୁହାକୁ ତୁହା ବର୍ଷା ପ୍ରାୟ ୨୦ ଦିନରୁ ଊର୍ଦ୍ଧ୍ୱ ହେଲାଣି ଦିନରାତି ଲାଗିରହିଛି। ଏ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଏହି ସମୟରେ ପରିବାଦର ଶୁଣି ଗ୍ରାହକ ଚିନ୍ତାରେ ପଡ଼ିଲେଣି। ଦୁଇ ସପ୍ତାହରୁ ଅଧିକ ହେବ କୁତ୍ରା ସାପ୍ତାହିକ ବଜାରରେ ପରିବାଦର ଆକାଶଛୁଆଁ ରହିଛି। ହାଟରେ ସବୁ ପରିବା ଦର ୮୦ ଟଙ୍କା ଉପର। ଭେଣ୍ଡି ୮୦, ପୋଟଳ ୧୨୦, ଝୁଡ଼ୁଙ୍ଗ ୮୦, କାଙ୍କଡ଼ ୨୦୦, କାକୁଡ଼ି ୮୦, ଫୁଲକୋବି ୧୨୦, କଲରା ୧୨୦, କଦଳୀ ୬୦, ଜହ୍ନି ୮୦, ବାଇଗଣ ୮୦, ଟମାଟୋ ୪୦ ଟଙ୍କାରେ ବିକ୍ରି ହେଉଛି। ପ୍ରାୟ ସବୁ ପରିବାଦର ୮୦ ଟଙ୍କା ରହିଥିବାରୁ ଗ୍ରାହକ କିଲେ ଜାଗାରେ ୨୫୦ ଗ୍ରାମ୍ କିଣିବାକୁ ବାଧ ହେଉଛନ୍ତି। ୫୦୦ ଟଙ୍କା ଧରି ବଜାରକୁ ଗଲେ ମଧ ଛୋଟିଆ ବ୍ୟାଗ୍ ବି ଭର୍ତ୍ତି ହେଉନାହିଁ। କୁତ୍ରାରେ ସପ୍ତାହକୁ ରବିବାର ଓ ବୁଧବାର ଦୁଇଦିନ ହାଟପାଳି ଥିବାବେଳେ ଲୋକେ ଦରଦାମ୍ ଶୁଣି ହାଟକୁ ଯିବା ପାଇଁ ସଙ୍କୋଚ କରୁଛନ୍ତି।


ବେପାରୀମାନେ ପରିବା ବିକ୍ରି କରୁଛନ୍ତି।

ଅନ୍ୟପଟେ କୁତ୍ରାରେ ଚାଷୀଙ୍କଠାରୁ ବେପାରୀ ଅଧିକ ଥିବାରୁ ଚାଷୀ ପହଞ୍ଚିବା କ୍ଷଣି ବେପାରୀ ଆସି ତାଙ୍କଠାରୁ ସବୁ ପରିବା କିଣିନେଇ ଚଢ଼ାଦରରେ ବିକ୍ରି କରୁଛନ୍ତି। ଆଦିବାସୀବହୁଳ କୁତ୍ରା ଅଞ୍ଚଳରେ ଗରିବ ଓ ମଧ୍ୟବିତ୍ତ ପରିବାର ଅଧିକ। ଆଗକୁ ଆସୁଛି ଶ୍ରାବଣ ମାସ। ଶ୍ରାବଣ ମାସରେ ପରିବାଦର ଆହୁରି ବଢ଼ିବା ଆଶଙ୍କାକରି ଚିନ୍ତା ପ୍ରକଟ କରୁଛନ୍ତି ଖାଉଟି। ପନିପରିବାର ଏଭଳି ଦରଦାମ୍ ଉପରେ ପ୍ରଶାସନ ହସ୍ତକ୍ଷେପ କରିବାକୁ ଦାବି ହେଉଛି। କେବଳ ପରିବା ନୁହେଁ, ରାଶନ ବି କନ୍ଦାଉଛି। ତେଲ, ଡାଲି ଦର ପକେଟ୍ ଖାଲିକରୁଛି। ପରିବା ବଜାର ନିଆଁକୁ ବଳିପଡୁଛି ରାଶନ ସାମଗ୍ରୀର ଉଚ୍ଚା ଦର। ହରଡ଼ ଡାଲି ଦର ୧୦୦ ପାର୍ ହୋଇଥିବାବେଳେ ତେଲଦର ବିହୁହୁହୋଇ ବଢୁଛି। ହାଣ୍ଡିଶାଳରେ ଚଡ଼କ ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେଇଛି।

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

## ଶ୍ରମିକମାରଣ ନୀତି ବିରୋଧରେ ସର୍ବଭାରତୀୟ ଧର୍ମଘଟ

### ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ ଦଫା ଦାବିପତ୍ର ପ୍ରଦାନ

ସମ୍ବଲପୁର,୯।୭(ବି.ଶଙ୍କର)

କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତି ବିରୋଧରେ ବୁଧବାର ସର୍ବଭାରତୀୟ ସ୍ତରରେ ଧର୍ମଘଟ ହୋଇଛି। ଏହିକ୍ରମରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ମିଳିତ ଆନୁକୂଲ୍ୟରେ ବାଇକ ରାଲି ଓ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହାପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ, ଏଆଇଟିୟୁସି, ସିଟୁ ଏବଂ ସମ୍ବଲପୁର ଶ୍ରମିକ କର୍ମଚାରୀ, ବ୍ୟାଙ୍କ, ଜୀବନବୀମା, ସାଧାରଣ ବୀମା, ପୋଷ୍ଟଲ, ବିଏସ୍‌ଏନ୍‌ଏଲ୍ ଏବଂ ମେଡିକାଲ ରିପ୍ରେଜେଣ୍ଟିଟେଟିଭ ପ୍ରତିନିଧିମାନେ ଧର୍ମଘଟରେ ସାମିଲ ହୋଇଥିଲେ ।

ସମ୍ବଲପୁର ଅଇଁଠାପାଲି ଛକରୁ ବୁଧବାର ପୂର୍ବାହ୍ନ ୧୧ଟା୩୦ରେ ଆନ୍ଦୋଳନକାରୀ ବାଇକ ରାଲିରେ ସହର କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସେଠାରେ ଶ୍ରମିକ ନେତା ଗୋକୁଳ ମେହେରଙ୍କ ସଂଯୋଜନାରେ ଏକ ପ୍ରତିବାଦ ସଭା ହୋଇଥିଲା। ଶ୍ରମିକ ନେତା ଗଦାଧର କୁଅଁର, ବିଜୟ ମହାନ୍ତି, ନଟୁ ଗୋପାଳ, ଲଳିତ ପଟ୍ଟନାୟକ, ପ୍ରଣୟ ନାୟକ, ସୁଶାନ୍ତ ପଟ୍ଟନାୟକ, ଚୁମନ ପଧାନ, ସରୋଜିନୀ ଆଚାର୍ଯ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିନାଶ ନୀତି ବିରୋଧରେ ବକ୍ତବ୍ୟ ରଖିଥିଲେ। ଶ୍ରମିକ ବିରୋଧୀ ଓ ପୁଞ୍ଜିପତି, ଶିଳ୍ପପତିଙ୍କ ସପକ୍ଷବାଦୀ ୪ଟି ଶ୍ରମକୋଡର ପ୍ରତ୍ୟାହାର, ୨୦୧୫ରୁ ଡକାଯାଇ ନଥିବା ତ୍ରିପାକ୍ଷିକ ଭାରତୀୟ ଶ୍ରମ ସମ୍ମିଳନୀ ନିୟମିତ ଡାକିବା, କୃଷକମାନଙ୍କ ପାଇଁ କୃଷି ଉତ୍ପାଦକୁ ସ୍ୱାମୀନାଥନ କମିଟିର ସୁପାରିଶ ଅନୁସାରେ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରି ଏହାକୁ ଆଇନ ସମ୍ମତ କରିବା, ଦରଦାମ ବୃଦ୍ଧିକୁ ନିୟନ୍ତ୍ରିତ ପାଇଁ ପଦକ୍ଷେପ ନେବା, ନୂତନ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ଓ ସରକାରୀ ସାଧାରଣ କ୍ଷେତ୍ରରେ ଖାଲି ପଡ଼ିଥିବା ପଦବୀ ତୁରନ୍ତ ପୂରଣ, ବୀମା, ସ୍ୱାସ୍ଥ୍ୟବୀମା ପ୍ରିମିୟମ ଏବଂ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର, ଘରୋଇକରଣ ବନ୍ଦ କରିବା, ବୀମାକ୍ଷେତ୍ରର ଶତକଡା ୧୦୦ପ୍ରତିଶତ ବିଦେଶୀ ପୁଞ୍ଜି ପ୍ରସ୍ତାବ ପ୍ରତ୍ୟାହାର, ସ୍କିମ ପାଚକ, ପାଚିକା, ଅଙ୍ଗନୱାଡ଼ି, ପ୍ଲାଟଫର୍ମ, ବିଡି, କେନ୍ଦୁପତ୍ର ତୋଳାଳି ଓ ଅନ୍ୟାନ୍ୟ ଅସଙ୍ଗଠିତ ଶ୍ରମିକଙ୍କୁ ଶ୍ରମିକର ମାନ୍ୟତା ପ୍ରଦାନ ଏବଂ କୌଣସି ସାମାଜିକ ସୁରକ୍ଷା ନ ଥିବା ସିଂହଭାଗ ଜନସାଧାରଣ ଓ ଶ୍ରମିକମାନଙ୍କ ପାଇଁ ସାର୍ବଜନୀନ ସାମାଜିକ ନିରାପତ୍ତା ଯୋଜନା ଲାଗୁ କରିବା ଏବଂ ଏଥିପାଇଁ ମାଗଣା ସ୍ୱାସ୍ଥ୍ୟସେବା ଓ ଶିକ୍ଷା ପ୍ରଦାନ ପାଇଁ କର୍ପୋରେଟ କର ହ୍ରାସ ପରିବର୍ତ୍ତେ ବୃଦ୍ଧି କରିବା ବିଷୟରେ ନେତୃବୃନ୍ଦ ଆଲୋଚନା କରିଥିଲେ। ଏଥିସହ ୧୭ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହେଶ୍ୱର ଷଣ୍ଢ, ବୀରକିଶୋର ନାୟକ, ସଞ୍ଜିତ ମହାନ୍ତି, ଭାସ୍କର ନାୟକ, ସତ୍ୟଜିତ ମହାନ୍ତି, ଅମୂଲ୍ୟ ପ୍ରଧାନ, ସୁଶାନ୍ତ ପଟ୍ଟନାୟକ, ବିଜୟ ମୁଣ୍ଡାରୀ, ମଧୁ ସୂଦନ ପ୍ରଧାନ, ରଘୁମଣି ଦାସ ଓ ଦୀପାଞ୍ଜଳି ଯାଦବଙ୍କ ସମେତ ସହସ୍ରାଧିକ ଶ୍ରମିକ କର୍ମଚାରୀ ଉପସ୍ଥିତ ଥିଲେ।



ବୁଧବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନକାରୀ ବିକ୍ଷୋଭ କରୁଛନ୍ତି।

# ଘରୋଇ ବସ୍ ଚଳାଚଳ ବନ୍ଦ


ଚୌଧୁରୀ ଛକରେ ଆନ୍ଦୋଳନରତ ଡ୍ରାଇଭର ସଂଘ କର୍ମକର୍ତ୍ତା।

### ଡ୍ରାଇଭର ସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

ସମ୍ବଲପୁର,୯।୭(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଡ୍ରାଇଭର ଏକତା ମହାମଞ୍ଚର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଡ୍ରାଇଭର ସଂଘ ଜିଲା ସଭାପତି ଜୟନାରାୟଣ ମାହାଣାଙ୍କ ନେତୃତ୍ୱରେ ଗାଡ଼ି ଚାଳକମାନେ ଚୌଧୁରୀ ଛକରେ ଧାରଣାରତ ରହିଛନ୍ତି। ବୁଧବାର ସଂଘ କର୍ମକର୍ତ୍ତାମାନେ ଜାତୀୟ ରାଜପଥ ୫୩ରେ ଯାତାୟାତ କରୁଥିବା ଯାନବାହାନକୁ ରୋକିଥିଲେ। ସଦର ଏସ୍‌ଡିପିଓ ତୋଫାନ ବାଗ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ଯାନବାହନ ରୋକରୁ ବିରତ ରହିବାକୁ ନିବେଦନ କରିଥିଲେ। ଆନ୍ଦୋଳନ ଫଳରେ ବେସରକାରୀ ବସ୍ ସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇ ପଡ଼ିଛି। ବେସରକାରୀ ବସ୍‌ଗୁଡ଼ିକ ଆଇଁଠାପାଲି ଘରୋଇ ବସ୍‌ଷ୍ଟାଣ୍ଡ ପରିସରରେ ଛିଡ଼ା ହୋଇରହିଛି। ବସ୍ ସେବା ବନ୍ଦ ଯୋଗୁ ଯାତ୍ରୀଙ୍କ ସହ ଛାତ୍ରୀଛାତ୍ର ହଇରାଣ ହେବା ସହିତ ଅଧିକ ଭଡ଼ା ଦେଇ ଯାତାୟାତ କରୁଥିବା ଦେଖିବାକୁ ମଳିଛି। ଧାରଣାରେ ଜିଲା ଉପସଭାପତି ସନାତନ ପରିଡ଼ା, ସମ୍ପାଦକ ରାଜୁ ବିଶ୍ୱାଳ, ଟୁନା ପାତ୍ର, କ୍ଷୀରୋଦ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ।

# ବୃକ୍ଷରୋପଣ ବ୍ରତ ହେବା ଜରୁରୀ



ବନମହୋତ୍ସବ କାର୍ଯ୍ୟକ୍ରମରେ ଅତିଥି, ଛାତ୍ରୀ, ଶିକ୍ଷୟିତ୍ରୀମାନେ।

### ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ସମ୍ବଲପୁର,୯।୭(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ଧନୁପାଲିସ୍ଥିତ ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବନ ମହୋତ୍ସବ ପାଳନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ରଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ମୁଖ୍ୟ ଅତିଥିଭାବେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ତଥା ପ୍ରକୃତିବନ୍ଧୁ ଉଦିତ ଚନ୍ଦ୍ର ପାଟଯୋଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପରିବେଶ ସୁରକ୍ଷାରେ ବୃକ୍ଷର ଭୂମିକା ଏବଂ ବୃକ୍ଷରୋପଣ ସହିତ ଏହାର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସମସ୍ତଙ୍କ ସକାଶେ ବୃକ୍ଷରୋପଣ ବ୍ରତ ହେବା ଜରୁରୀ । ବୃକ୍ଷରୋପଣ ଦ୍ୱାରା ବିଶ୍ୱରେ ପରିବେଶ ପ୍ରଦୂଷଣକୁ ରୋକି ପାରିବ ବୋଲି ମୁଖ୍ୟ ଅତିଥି ପାଟଯୋଷୀ ମତ ପ୍ରକାଶ କରିଥିଲେ। ଏହି ଅପସରରେ ମା’ ପାଇଁ ଗଛଟିଏ ଲଗାଇବା କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବିକା ଏବଂ ଅତିଥିମାନେ ମିଳିତ ଭାବେ ବୃକ୍ଷ ଚାରାରୋପଣ କରିଥିଲେ।

## ସଂକ୍ଷେପରେ

### ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦାବି

ପଡିଆବାହାଲ,୯।୭(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଘେନୁପାଲି ପଞ୍ଚାୟତ ବଡ଼ସାହିର ଉଚ୍ଚ ବିଦ୍ୟାଳୟରେ ସ୍ଥାୟୀ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦେବାକୁ ସ୍କୁଲ ପରିଚାଳନା କମିଟି ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ପ୍ରଥମରୁ ଦଶମ ଯାଏ ଥିବା ଏହି ସ୍କୁଲରେ ପ୍ରାୟ ୪ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଗତ ବର୍ଷ ଡେପୁଟେଶନରେ ଦେଇଥିବା ଜଣେ ବିଜ୍ଞାନ ଶିକ୍ଷକଙ୍କୁ ଏ ବର୍ଷ ତାଙ୍କ ନିଜ ପୂର୍ବ ସ୍କୁଲକୁ ପଠାଇ ଦିଆଯାଇଛି। ଏଣୁ ବଡ଼ସାହିର ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ବିନା ପାଠପଢାରେ ବାଧା ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। ପରିଚାଳନା କମିଟି ଏହାର ସ୍ଥାୟୀ ସମାଧାନ ପାଇ ଜଣେ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦେବାକୁ ଦାବି କରିଛନ୍ତି।

### ଲଗାତାର ବର୍ଷା, ଗ୍ରାମ୍ୟ ରାସ୍ତା ବେହାଲ

ପଡିଆବାହାଲ,୯।୭(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଘେନୁପାଲି ପଞ୍ଚାୟତ ପାଣ୍ଡୁପଡାରୁ ବଡ଼ସାହିର ସଂଯୋଗ ରାସ୍ତା ଲଗାଣବର୍ଷାରେ ବେହାଲ ହୋଇଯାଇଛି। ସାନସାହିର, ରେଙ୍ଗାଲମୁଣ୍ଡା ଓ ପାଣ୍ଡୁପଡା ଗ୍ରାମବାସୀ ଏ ରାସ୍ତା ଉପରେ ନିର୍ଭର କରନ୍ତି । ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଏହି ରାସ୍ତାକୁ ପକ୍କା କରିବା ପାଇଁ ଅଧିବାସୀମାନେ ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଜରିଆରେ ଜଣାଇଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏ ନେଇ ନାଏବ ସରପଞ୍ଚ ସୁନିତା ବରର୍ଗିଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଛନ୍ତି।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ପଡିଆବାହାଲ,୯।୭(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଖରସନମାଲ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ କ୍ରୀଡା ଶିକ୍ଷକ ଧବଳେଶର ଥାପାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ବୁଧବାର ଦିଆଯାଇଛି। ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ଦ୍ୱୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୁଲୁଣ୍ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ବ୍ରଜ କିଶୋର ପ୍ରଧାନ, ମୁଣ୍ଡେନପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋପୀ ରଞ୍ଜନ ନାଥ, ଶିକ୍ଷକ ଅକ୍ଷୟ ପରିମାଣିକ, ଶିକ୍ଷାବିତ ଭକ୍ତ ପଣ୍ଡା, ସାମାଜିକ କର୍ମୀ ଡା. ରାଜାରାମ ଷଡ଼ଙ୍ଗୀ, ସୁଶାନ୍ତ ପଧାନ ସୁରେନ ପଧାନ, କିମୁଦିନୀ ବେହେରା, ପ୍ରତିମା ମୁଣ୍ଡା, ରାଇଟର ଝାଙ୍କର ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଶିକ୍ଷକ ଥପାଙ୍କ ଦୀର୍ଘ ବୃତ୍ତିକାଳୀନ ଜୀବନରେ ସ୍କୁଲ ପ୍ରତି ଅବଦାନ, ସମୟାନୁବର୍ତ୍ତିତା ଏବଂ ଛାତ୍ରୀଛାତ୍ରଙ୍କ ପ୍ରତି ସ୍ନେହପୂର୍ଣ୍ଣ ବ୍ୟବହାର ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଅତିଥିମାନେ ଅବସର ନେଇଥିବା ଶିକ୍ଷକଙ୍କୁ ଫୁଲତୋଡ଼ା, ସ୍ମୃତିଚିହ୍ନ ଓ ଉପହାର ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରତ୍ୟୁତ୍ତରରେ ଥପା ବିଦ୍ୟାଳୟ ପ୍ରତି ତାଙ୍କ ଭାବନା ବ୍ୟକ୍ତ କରିଥିଲେ।

# ହତ୍ୟା ଅଭିଯୁକ୍ତଙ୍କୁ ୧୫ବର୍ଷ ସଶ୍ରମ କାରାଦଣ୍ଡ

ସମ୍ବଲପୁର,୯।୭(ପ୍ରମୋଦ ବହିଦାର)

ସମ୍ବଲପୁର ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି ବୁଧବାର ୨୦୨୨ମସିହାରେ ଧମା ଥାନା ଦଶପୁର ଗ୍ରାମରେ ସଂଘଟିତ ନେପାଳ ପୋଢ଼ ହତ୍ୟା ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ଆଶିଷ ଭୋରାସାଗର(୨୦)ଙ୍କୁ ଦଣ୍ଡିତ କରିଛନ୍ତି। ଦଫା ୩୦୨/୩୪ରେ ଅଭିଯୁକ୍ତଙ୍କୁ ୧୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନାଦେଶ ହୋଇଛି। ଜରିମାନା ଅନାଦାୟ ଅଭିଯୁକ୍ତ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ ଦଶପୁର ଗ୍ରାମର ନେପାଳ ପୋଢ଼ ନିଜ ଜାମାତାଙ୍କ ସହିତ ଫସଲରେ ସାର ସିଞ୍ଚନ ପାଇଁ ୨୦୨୨ ଜୁଲାଇ ୧୨ତାରିଖ ମଧ୍ୟାହ୍ନରେ ଧାନ କ୍ଷେତକୁ ଯାଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଦୁଇଜଣ ବନ୍ଧୁଙ୍କ ସହିତ ଥିବା ଆଶିଷଙ୍କ ସହ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ନେପାଳଙ୍କୁ ଏକ ଛୁରିରେ ଆକ୍ରମଣ କରି ଆଶିଷ ସେଠାରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ନେପାଳଙ୍କୁ ଉଦ୍ଧାର କରି ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ନେପାଳଙ୍କ ପୁଅ ଶ୍ରବଣ ପୋଢ଼ ଧମା ଥାନାରେ ଏତଲା ଦେଇଥିଲେ। ଶ୍ରବଣଙ୍କ ଏତଲା ଏବଂ ଏକମାତ୍ର ପ୍ରତ୍ୟକ୍ଷଦର୍ଶୀ ମୃତକଙ୍କ ଜାମାତାଙ୍କ ବୟାନ ଆଧାରରେ ଗୋବିନ୍ଦପୁର ଥାନାରରେ ଏକ ମାମଲା ରୁଜୁ କରି ପୋଲିସ ଆଶିଷଙ୍କୁ ଗିରଫ କରିଥିଲା। ଘଟଣା ଘଟଇବା ସମୟରେ ଅଭିଯୁକ୍ତଙ୍କ ବୟସ ୧୭ ବର୍ଷ ହେଉଥିଲା। ତେଣୁ ଏହି ମାମଲାର ଶୁଣାଣି ପୋକ୍‌ସୋ ଅଦାଲତରେ ହୋଇଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

# ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ


ବୁର୍ଲାରେ ଆୟୋଜିତ ସମ୍ବଲପୁରୀ ଦିନ୍ ପାଳନ ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତାମାନେ।

ସମ୍ବଲପୁର,୯।୭(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ବୁର୍ଲାରେ ତୃତୀୟ ବର୍ଷ ସମ୍ବଲପୁରୀ ଦିନ ପାଳନ ପାଇଁ ପ୍ରସ୍ତୁତି ବୈଠକ ବୁଧବାର ପ୍ରତିଷ୍ଠା ଅନୁଷ୍ଠାନ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଦେବାଶିଷ ନନ୍ଦଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ବୈଠକରେ ବୁଦ୍ଧିଜୀବୀ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଯୋଗଦାନ କରି ନିଜସ୍ୱ ମତାମତ ଦେଇଥିଲେ। ସମ୍ବଲପୁରୀ ଖାଦ୍ୟ, ବସ୍ତ୍ର ଓ ସଙ୍ଗୀତ ସହ ହାସ୍ୟକବି ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ହେବାକୁ ସ୍ଥିର କରାଯାଇଛି। ଆବାହକ ସୁବ୍ରତ ପଟ୍ଟନାୟକ, ତରଣୀସେନ ଚାନ୍ଦ. ଡାକ୍ତର ବ୍ରଜମୋହନ ମିଶ୍ର ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ମତ ରଖିଥିଲେ। ରାଜୁ ଜାଯୋଡ଼ିଆ, ଚନ୍ଦ୍ରାବତୀ ନାୟକ, ତ୍ରାହିକର ଡୁଙ୍ଗୁରୀ, ବିରେନ ନାୟକ, ପ୍ରମୋଦ ଦାସ, ହରିଶଙ୍କର ପଣ୍ଡା, ପ୍ରେମାନନ୍ଦ ଷଣ୍ଢ, ସତ୍ୟବ୍ରତ ନାୟକ, ବୁଲୁ ଆପଟ, ଶୁଭକାନ୍ତ ପଣ୍ଡା, ହିମାଂଶୁ ମେହେର, ଦୀପକ ରାଉତ, ରାଜେଶ ପଟ୍ଟନାୟକ, ଜୟନ୍ତ କୁମାର ସାହୁ, ସୁଧିରଞ୍ଜନ ମହାରଣା, ରଜନୀକାନ୍ତ ନାଗ, ଅର୍ଜୁନ ମେହେର, ଚଣ୍ଡୀ ଦାସ, ସଞ୍ଜିବ ପଣ୍ଡା, ସୁଧାଂଶୁ ଦାସ, ସୁନସାନ ପ୍ରସାଦ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇନଜୀବୀ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜସ୍ୱ ସହାୟକଙ୍କ କଳାବ୍ୟାଜ ପରିଧାନ

ନାକଟିଦେଉଳ,୯।୭(ବୈକୁଣ୍ଠନାଥ ସାହୁ)

ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ୧୦ଦଫା ଦାବି ନେଇ ସାରା ରାଜ୍ୟରେ ଗତ ୭ ତାରିଖଠାରୁ ରାଜସ୍ୱ ସହାୟକମାନେ କଳାବ୍ୟାଜ ପରିଧାନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ପରିପ୍ରେକ୍ଷୀରେ ସଂଘର ଆହ୍ୱାନକ୍ରମେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକର ବିଭିନ୍ନ ବିଭାଗର ରାଜସ୍ୱ ସହାୟକ କର୍ମଚାରମାନେ ମଧ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିଛନ୍ତି । ମୂଳ ଦରମା ଲେବଲ ୯ ରୁ ପ୍ରଦାନ, ରାଜସ୍ୱ ସହାୟକମାନଙ୍କୁ କ୍ୟାଡରଭୁକ୍ତ କରାଯାଇ ଖାଲି ରହିଥିବା ପଦବୀଗୁଡିକ ଶୀଘ୍ର ପୂରଣ, ୨୦ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ପ୍ରଦାନ ଏବଂ ପୁରୁଣା ପେନସନ ଯୋଜନା ଲାଗୁ କରାଯିବା ଆଦି ୧୦ ଦଫା ଦାବି ନେଇ ସଂଘ ସଦସ୍ୟମାନେ କଳାବ୍ୟାଜ ପରିଧାନ କରିଛନ୍ତି। ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟରେ ବିଭାଗ ଅଧିକାରୀ ରାଜକିଶୋର ଭିତିରିଆ, ବରିଷ୍ଠ ରାଜସ୍ୱ ସହାୟକ ନିର୍ମଳ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ଖଡିଆ ଏବଂ ଶରତ କୁମାର କଲତା, କନିଷ୍ଠ ରାଜସ୍ୱ ସହାୟକ ଝସକେତନ ବିଶ୍ୱାଳ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ଇପସିତ କୁମାର ଶତପଥୀ ପ୍ରମୁଖ ଗତ ୭ ତାରିଖଠାରୁ କଳାବ୍ୟାଜ ପରିଧାନ କରି କାର୍ଯ୍ୟ ସମ୍ପାଦନ କରି ଆସୁଛନ୍ତି। ବୁଧବାର ମଧ ବ୍ଲକ କାର୍ଯ୍ୟାଳୟରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିବା ବେଳେ ସରକାର ଯଦି ଶୀଘ୍ର ଏହି ଦାବୀଗୁଡିକ ପୂରଣ ନ କରନ୍ତି ତାହାଲେ ଆଗାମୀ ୧୪ ତାରିଖଠାରୁ ଅନର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଓଡ଼ିଶା ରାଜସ୍ୱ ଅମଲା ସଂଘ ବ୍ଲକ ଶାଖା ପକ୍ଷରୁ କୁହାଯାଇଛି।

# ବୁଥସ୍ତରୀୟ ଅଧିକାରୀଙ୍କ ନିର୍ବାଚନ ପରିଚାଳନା ପ୍ରଶିକ୍ଷଣ


ଏସ୍‌ଏମ୍‌ସିରେ ବୁଥସ୍ତରୀୟ ପ୍ରଶିକ୍ଷଣ ଶିବିରେ ପ୍ରଶିକ୍ଷାର୍ଥୀ ବିଏଲ୍‌ଓ ଓ ଅତିଥିବୃନ୍ଦ।

ସମ୍ବଲପୁର,୯।୭(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ବୁଧବାର ଦ୍ୱିତୀୟ ଦିନରେ ବୁଥସ୍ତରୀୟ ଅଧିକାରୀଙ୍କ ଜାତୀୟସ୍ତରୀୟ ନିର୍ବାଚନ ପରିଚାଳନା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ନିର୍ବାଚନ ସମ୍ପର୍କୀୟ ବିଭିନ୍ନ ନିୟମାବଳୀ, ବୁଥସ୍ତରୀୟ ଅଧିକାରୀଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିରେ ଆସନ ସଂଶୋଧନ ପ୍ରକ୍ରିୟା(ଏସ୍‌ଏସ୍‌ଆର୍), ବିଏଲ୍‌ଓ ଆପ୍ ବ୍ୟବହାର ତଥା ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ହୋଇଥିବା ଆଇନ ଓ ନିୟମାବଳୀ ବିଷୟରେ ଅଧିକାରୀମାନେ ଅବଗତ ହୋଇଥିଲେ। ବୁଧବାର ଶିବିରର ଶେଷ ପର୍ଯ୍ୟାୟରେ ଅଂଶଗ୍ରହଣକାରୀ ବିଏଲ୍‌ଓମାନଙ୍କ ଏକ ପରୀକ୍ଷା କରାଯାଇଥିଲା। ସମ୍ବଲପୁର, ଡେପୁଟି କଲେକ୍ଟର ସଞ୍ଜୀବ ମେହେର, ଆସିଷ୍ଟାଣ୍ଟ କଲେକ୍ଟର ସୁଶାନ୍ତ କୁମାର ନାଏକ, ବିଏଲ୍‌ଓ ସୁପରଭାଇଜର ମମତା ସାହୁଙ୍କ ସମେତ ୫୦ ବିଏଲ୍‌ଓ ସାମିଲ ହୋଇଥିଲେ।

# ୪୫ ନୂତନ ଓଡ୍ରାଫ୍ ପଦବୀ ଅନୁମୋଦନ

ସମ୍ବଲପୁର ୟୁନିଟ୍

ସମ୍ବଲପୁର,୯।୭(ପ୍ରମୋଦ ବହିଦାର)

ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଭଳି ଜରୁରୀକାଳୀନ ପରିସ୍ଥିତିରେ ସଫଳ ପରିଚାଳନା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ଦ୍ରୁତ ପରିଚାଳନା ବାହାନୀ(ଓଡ୍ରାଫ୍) ସମ୍ବଲପୁର ୟୁନିଟ୍‌ରେ ନୂତନ ନିଯୁକ୍ତି ପାଇଁ ୪୫ଟି ପଦବୀକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମୋଦନ କରାଯାଇଛି। ଏଥିରେ ସଶସ୍ତ୍ର ଇନ୍ସପେକ୍ଟର, ସବଇନ୍ସପେକ୍ଟର ଓ ସହକାରୀ ସବ୍‌ଇନ୍ସପେକ୍ଟର ପାଇ ଗୋଟିଏ ଲେଖାଏ ପଦବୀ, ୯ଟି ହାବିଲଦାର ପଦବୀ, ୩୧ଟି ସିପାହୀ ଓ କନଷ୍ଟେବଲ ପଦବୀ ଓ ଗୋଟିଏ ଲେଖାଏ ଚାଳକ ହାବିଲଦାର ଓ ଚାଳକ ପଦବୀ ରହିଛି। ରାଜ୍ୟରେ ଅତିରିକ୍ତ ୧୦ଟି ନୂତନ ଓଡିଆର୍‌ଏଏଫ୍ ୟୁନିଟ୍ ଗଠନ ପାଇଁ ନୂତନ ନିଯୁକ୍ତି ପାଇଁ ଉକ୍ତ ପଦବୀଗୁଡ଼ିକୁ ଅନୁମୋଦନ କରାଯାଇଛି। ଏହି ପଦବୀଗୁଡ଼ିକୁ ଓଆର୍‌ଭି ନିୟମ ଅନୁସାରେ ନିଯୁକ୍ତିରେ ସ୍ୱଚ୍ଛତା ଓ ପାରିଦର୍ଶିତା ଅବଲମ୍ବନ କରାଯିବ ବୋଲି କୁହାଯାଇଛି।

# ପାନୀୟ ଜଳ ପ୍ରକଳ୍ପରୁ ବାହାରୁଛି ଦୂଷିତ ପାଣି

ନାକଟିଦେଉଳ,୯।୭(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଞ୍ଚନପୁର ପଳସାଖଳି ସାହିରେ ଥିବା ସୌରଚାଳିତ ଜଳ ପ୍ରକଳ୍ପରୁ ଦୂଷିତ ପାଣି ବାହାରୁଛି। ବର୍ଷାଋତୁରେ ଏହି ଦୂଷିତ ପାଣି ପିଇବା ଯୋଗୁ ବିଭିନ୍ନ ପ୍ରକାର ଜଳବାହିତ ରୋଗ ଦେଖାଯିବା ସମ୍ଭାବନା ରହିଥିବାରୁ ସାହିର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

କଞ୍ଚନପୁର ପଳସାଖଳି ସାହିରେ ନଳକୂପ ନାହିଁ। ୮ ବର୍ଷ ତଳେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସାହିରେ ଏକ ସୌର ଚାଳିତ ପାନୀୟ ଜଳପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା। ଏହି ପ୍ରକଳ୍ପରୁ ଲୋକେ ବିଶୁଦ୍ଧ ପିଇବା ପାଣି ପାଇ ଆସୁଥିଲେ। ହେଲେ ଗତ ୧୦ଦିନ ହେଲା ଏଥିରୁ ମାଟିଆ ରଙ୍ଗର ପାଣି ବାହାରୁଛି। ଏହି ଜଳ ବ୍ୟବହାର କରି ସାହିର କେତେଜଣ ଲୋକ ଆକ୍ରାନ୍ତ ହୋଇ ଡାକ୍ତରଖାନା ଯାଇଥିବା ଅଭିଯୋଗ ହୋଇଛି। ଫଳରେ ଗତ ଦୁଇ ଦିନ ହେଲା ଲୋକେ ଏହି ପ୍ରକଳ୍ପରୁ ବାହାରୁ ଥିବା ଦୂଷିତ ପାଣିକୁ ଆଉ ବ୍ୟବହାର କରୁନାହାନ୍ତି। ବାଧ ହୋଇ ସାହିର ଲୋକମାନେ ସେଠାରୁ ୧ କିମି. ଦୂର ଜାମୁନାଳି ସାହିରେ ଥିବା ନଳକୂପରୁ ପାଣି ସଂଗ୍ରହ କରୁଛନ୍ତି। ଖବର ପାଇ ଗିରିଶ୍ଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଶୁଭେନ୍ଦ୍ର କୁମାର ପ୍ରଧାନ ଏହାର ସମାଧାନ କରିବାକୁ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଡ଼ିଓ କ୍ଷମାନିଧି ଭୋଇଙ୍କୁ ପଚାରିବାରୁ ସୂଚନା ପାଇବା ପରେ ସମସ୍ୟାର ପ୍ରତିକାର ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି।


ସୌର ଜଳ ପ୍ରକଳ୍ପ


ନଳକୂପରୁ ଦୂଷିତ ଜଳ ବାହାରୁଛି।




# ପେଟ୍ରୋଲ, ଡିଜେଲ ସଙ୍କଟ ଆଶଙ୍କା

**ଭୁବନେଶ୍ୱର,୯।୭(ଅନୁରାଧା ମହାରଣା)**

## ଡ୍ରାଇଭର ମହାସଂଘର ବନ୍ଦ ଡାକରାର ପ୍ରଭାବ

ଡ୍ରାଇଭର ମହାସଂଘର ବନ୍ଦ ଡାକରା ଯୋଗୁ ତୈଳ ସେବା ପ୍ରଭାବିତ ହୋଇଛି। ଭାରତ ବନ୍ଦ ପାଇଁ ପେଟ୍ରୋଲ ପମ୍ପ ବନ୍ଦ ରହିବା ନେଇ କୌଣସି ଘୋଷଣା ହୋଇ ନ ଥିଲା। ମାତ୍ର ଓଡ଼ିଶାରେ ଡ୍ରାଇଭର ମହାସଂଘ ଓ ବିଭିନ୍ନ ଟ୍ରେଡ ସଂଗଠନର ଆନ୍ଦୋଳନ ଯୋଗୁ ପେଟ୍ରୋଲ ପମ୍ପଗୁଡ଼ିକ ବନ୍ଦ ରହିଛି। ବାଲେଶ୍ୱର, ଖୋର୍ଦ୍ଧାର ଜଟଣୀ, ପାରାଦୀପରେ କମ୍ୟୁନିଷ୍ଟ ପାର୍ଟିର କର୍ମୀମାନେ ପିକେଟିଂ କରି ଗାଡ଼ି ଅଟକାଇବା ଦ୍ୱାରା ତୈଳ ପରିବହନ ବାଧାପ୍ରାପ୍ତ ହୋଇଛି। ଫଳରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲ ଓ ଡିଜେଲ ସଙ୍କଟ ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। 'ଆମ ପାଖରେ ଯେତିକି ତେଲ ମହଜୁଦ ଥିଲା, ତାହା ଗୁରୁବାର ପର୍ଯ୍ୟନ୍ତ ଯିବ' ବୋଲି ଉତ୍କଳ ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏଶନର ସଭାପତି ସଞ୍ଜୟ ଲାଠ କହିଛନ୍ତି। ଯଦି ଡ୍ରାଇଭର ସଂଘର ଆନ୍ଦୋଳନ ଜାରି ରହେ, ତେବେ ତୈଳ ସଙ୍କଟ ଦେଖାଦେବ ବୋଲି ସଞ୍ଜୟ ସୂଚନା ଦେଇଛନ୍ତି। ଯଦି ସଞ୍ଜୟଙ୍କ ଆକଳନ ଠିକ ହୁଏ, ତେବେ ଗାଡ଼ି ଚାଳକଙ୍କୁ ପେଟ୍ରୋଲ ଓ ଡିଜେଲ ପାଇଁ ହଇରାଣ ହେବାକୁ ପଡ଼ିବ। ତେଲ ସଙ୍କଟ ହେଲେ ସାଧାରଣ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ବଡ଼ ପରିବହନ ବ୍ୟବସ୍ଥା ମଧ୍ୟ ବାଧାପ୍ରାପ୍ତ ହୋଇପାରେ।







# ଓଡ଼ିଶା ସରକାରଙ୍କୁ ମହୁଆଙ୍କ ଚେତାବନୀ

- ଝାରସୁଗୁଡ଼ାରେ ଅଟକ ୪୪୪ ବଙ୍ଗାଳୀ ଶ୍ରମିକଙ୍କ ମଧ୍ୟରେ କୃଷ୍ଣନଗରର ୨୩
- ସେମାନଙ୍କୁ ତୁରନ୍ତ ନ ଛାଡ଼ିଲେ ନିଆଯିବ ଆଇନଗତ କାର୍ଯ୍ୟାନୁଷ୍ଠାନ

**କୋଲକାତା,୯।୭**


ମହୁଆ ମୋଇତ୍ର

ଝାରସୁଗୁଡ଼ା ଜିଲାର ବିଭିନ୍ନ ଥାନା ଅଧୀନ ଅଞ୍ଚଳର ନିର୍ମାଣ ଓ ଖଣି ଖନନ କାର୍ଯ୍ୟରେ ନିୟୋଜିତ ଥିବା ୪୪୪ ଜଣଙ୍କୁ ବାଂଲାଦେଶୀ ନାଗରିକ ହୋଇଥିବା ସନ୍ଦେହ କରି ଅଟକ ରଖାଯାଇଛି। ଜୁଲାଇ ୭ରୁ ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ ଚାଲିଥିବା ନେଇ ମଙ୍ଗଳବାର ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଦେଶରେ ବେଆଇନ ଭାବେ ବସବାସ କରୁଥିବା ବିଦେଶୀ ନାଗରିକଙ୍କୁ ଚିହ୍ନଟକରି ବାହାର କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାର ଏହି ଅପରେଶନ୍ ଚଳାଇଥିବା ଜଣାପଡ଼ିଛି। ଖବର ପ୍ରସାରିତ ହେବାର ଦିନକ ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ଏନେଇ ଓଡ଼ିଶା ସରକାରଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଛନ୍ତି।

ନିକଟରେ ପୁରୀର ପୂର୍ବତନ ବିଜେଡି ଏମ୍‌ପି ପିନାକୀ ମିଶ୍ରଙ୍କୁ ବିବାହ କରି ଚର୍ଚ୍ଚାକୁ ଆସିଥିବା ପଶ୍ଚିମବଙ୍ଗର କୃଷ୍ଣନଗର ସାଂସଦ ମହୁଆ ମୋଇତ୍ର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ଭିଡିଓ ଜାରି କରି କହିଛନ୍ତି, ଓଡ଼ିଶା ସରକାର ଅଟକ ରଖିଥିବା ବ୍ୟକ୍ତିମାନେ ପଶ୍ଚିମବଙ୍ଗର। ଏହି ବଙ୍ଗାଳୀ ଶ୍ରମିକଙ୍କ ମଧ୍ୟରୁ ୨୩ ଜଣ ତାଙ୍କ ସଂସଦୀୟ ନିର୍ବାଚନମଣ୍ଡଳୀ କୃଷ୍ଣନଗର ଅଧୀନ ନଦିଆ ଜିଲା ପାଣିଘାଟ ଗ୍ରାମପଞ୍ଚାୟତ ମିର୍ଜାପୁର ଗ୍ରାମର ବାସିନ୍ଦା। ସେମାନଙ୍କୁ ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ପୋଲିସ ଜେରା କେନ୍ଦ୍ରରେ ଅନ୍ୟ ୪୨୧ ବଙ୍ଗାଳୀ ଶ୍ରମିକଙ୍କ ସହ ବେଆଇନ ଭାବେ ଅଟକ ରଖିଛି। ଉକ୍ତ ଭିଡିଓରେ ଏକ ବଡ଼ ହଲ୍ ଦେଖିବାକୁ ମିଳୁଛି, ଯେଉଁଠି ଜଣେ ବ୍ୟକ୍ତି କହୁଛନ୍ତି, ସେମାନେ ସମସ୍ତେ ଭାରତୀୟ। ସେମାନଙ୍କୁ ସନ୍ଦିଗ୍ଧ ବାଂଲାଦେଶୀ ଭାବେ ଅଟକ ରଖାଯାଇଛି। ଏହି ପ୍ରସଙ୍ଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହସ୍ତକ୍ଷେପ କରି ସେମାନଙ୍କ ମୁକ୍ତି ପାଇଁ ସାହାଯ୍ୟ କରନ୍ତୁ ବୋଲି ଯୁବକ ଜଣକ ଅନୁରୋଧ କରିଛନ୍ତି।

ଏଥିରେ ମହୁଆ ଆହୁରି କହିଛନ୍ତି, ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ସଂଜ୍ଞାନକୁ ନେଇ ଅଟକଥିବା ୨୩ ଶ୍ରମିକଙ୍କୁ ତୁରନ୍ତ ମୁକ୍ତ କରନ୍ତୁ। ଅନ୍ୟଥା ବେଆଇନ ଭାବେ ଅଟକ ରଖାଯିବା ବିରୋଧରେ ଦେଶର ୨୩ଟି କୋର୍ଟରେ ୨୩ ହେବିଅସ୍ କର୍ପସ ପିଟିଶନ ଦାଖଲ କରାଯିବ। ଏନେଇ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ମନୋଜ ପନ୍ଥ ମଧ୍ୟ ଓଡ଼ିଶା ପ୍ରତିପକ୍ଷ ମନୋଜ ଆହୁଜାଙ୍କୁ ପତ୍ର ଲେଖି ଅଟକ ବ୍ୟକ୍ତିମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନ କାଳରେ ଆମେ ଏଭଳି ସ୍ଥିତି କେବେ ଦେଖିବାକୁ ପାଇ ନ ଥିଲୁ। କିନ୍ତୁ ଗତ ବର୍ଷକ ମଧ୍ୟରେ ଭାଜପା କ୍ଷମତାକୁ ଆସିବା ପରେ ଏହା ଏକ ନିତିଦିନିଆ ଘଟଣା ହୋଇଗଲାଣି ବୋଲି ମହୁଆ ସମାଲୋଚନା କରିଛନ୍ତି। କେବଳ ଏତିକି ନୁହେଁ, ଓଡ଼ିଶା ସରକାର ବଙ୍ଗାଳୀ ପର୍ଯ୍ୟଟକଙ୍କ ଯୋଗୁ ପର୍ଯ୍ୟଟନ କ୍ଷେତ୍ରରୁ ୫୦% ରାଜସ୍ୱ ଲାଭ କରୁଛନ୍ତି। ବଙ୍ଗାଳୀମାନେ ଓଡ଼ିଶା ଯିବା ବନ୍ଦ କରିଦେଲେ କ'ଣ ହେବ ଚିନ୍ତା କରନ୍ତୁ ବୋଲି ମହୁଆ ପରୋକ୍ଷରେ ଚେତାବନୀ ଦେଇଛନ୍ତି।

## ଭାରତ ଧର୍ମଶାଳା ନୁହେଁ: ଟଙ୍କଧର


ଟଙ୍କଧର ତ୍ରିପାଠୀ

ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର ଓଡ଼ିଶା ସରକାରଙ୍କୁ ଚେତାବନୀ ଦେବା ପରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, ଭାରତ ଏକ ଧର୍ମଶାଳା ନୁହେଁ। ଏପରି ଅନେକ ଲୋକ ବେଆଇନ ଭାବେ ପଶିଆସି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ଯଦ୍ୱାରା ଦେଶର ନିରୀହ ଜନସାଧାରଣଙ୍କୁ ବିପଦର ସମ୍ମୁଖୀନ ହେବାକୁ ପଡୁଛି। ଜାତୀୟ ସ୍ୱାର୍ଥ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଦେଶ ଅନୁସାରେ ଝାରସୁଗୁଡ଼ା ପୋଲିସ ଏହି ଅବୈଧ ଭାବରେ ରହିଥିବା ବାଂଲାଦେଶୀ ରୋହିଙ୍ଗ୍ୟାମାନଙ୍କୁ ଚିହ୍ନଟ କରି ସମ୍ମାନର ସହିତ ରଖିଛି। ଯେଉଁମାନଙ୍କର ପରିଚୟପତ୍ର ଭାରତୀୟ ନାଗରିକ ଭାବରେ ରହିଛି, ସେମାନଙ୍କୁ ଛଡ଼ାଯାଉଛି। ଯେଉଁମାନେ ବେଆଇନ ଭାବେ ରହୁଛନ୍ତି, ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଷ୍ଟ୍ରର ନିରାପତ୍ତା ପାଇଁ ଏହା ଏକ ସର୍ବଶ୍ରେଷ୍ଠ ପ୍ରଚେଷ୍ଟା। ବିଜେଡି ଯାହା କହିପାରୁନି, ତାହା ନୂଆବୋହୂ ମହୁଆ ମୋଇତ୍ରଙ୍କ ମାଧ୍ୟମରେ କୁହାଯାଉଛି। ଯଦି ସତ୍‌ସାହସ ଅଛି ତେବେ ବିଜେଡି ଏହା ଉପରେ ମତ ରଖୁ।

# ବିଦ୍ୟାଭାରତୀ, ସଂଗ୍ରାମଙ୍କ ଆବେଦନ ହାଇକୋର୍ଟରେ ଖାରଜ

**କଟକ,୯।୭(କାର୍ତ୍ତିକ ସାହୁ)**

## ଏସିଏଫ୍ ସୌମ୍ୟରଞ୍ଜନ ହତ୍ୟା ମାମଲା


ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସହ ସ୍ତ୍ରୀ ବିଦ୍ୟାଭାରତୀ

ବହୁଚର୍ଚ୍ଚିତ ପାରଳାଖେମୁଣ୍ଡି ବନ ସଂରକ୍ଷକ(ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ର ହତ୍ୟା ମାମଲାରେ ତାଙ୍କ ସ୍ତ୍ରୀ ବିଦ୍ୟାଭାରତ ପଣ୍ଡା ଓ ପୂର୍ବତନ ପାରଳାଖେମୁଣ୍ଡି ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍‌ଓ) ସଂଗ୍ରାମ ବେହେରାଙ୍କ ଆବେଦନ ହାଇକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ଏଥିସହ ସ୍ତ୍ରୀ ବିଦ୍ୟାଭାରତୀ, ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ହତ୍ୟା ଅଭିଯୋଗ ମାମଲାର ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି। ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ଏହାକୁ ବିରୋଧ କରି ଉଭୟେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ସୂଚନାଯୋଗ୍ୟ ଯେ, ୨୦୨୧ ଜୁଲାଇ ୧୨ରେ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ତାଙ୍କ ସ୍ତ୍ରୀଙ୍କ ସହ ଥିବାବେଳେ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ସୌମ୍ୟରଞ୍ଜନଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେତେବେଳେ ତାଙ୍କ ଶରୀରର ୯୦% ପୋଡ଼ିଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଜୁଲାଇ ୧୬ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ଅଭିଯୋଗ କରିଥିଲେ ଯେ, ତାଙ୍କ ବୋହୂ ବିଦ୍ୟାଭାରତୀ, ଡିଏଫ୍‌ଓ ସଂଗ୍ରାମ ଓ ଅଫିସ୍‌ର ରୋଷେୟା ମିଶି ସୌମ୍ୟଙ୍କୁ ହତ୍ୟା କରିଛନ୍ତି। ସୌମ୍ୟ ଓ ତାଙ୍କ ସ୍ତ୍ରୀ ମଧ୍ୟରେ ଭଲ ସମ୍ପର୍କ ନ ଥିଲା। ଏହାର ସୁଯୋଗ ନେଇ ସ୍ତ୍ରୀ ବିଦ୍ୟାଭାରତୀ ଓ ସହଯୋଗୀ ମିଶି ସୌମ୍ୟଙ୍କୁ ହତ୍ୟା କରିଛନ୍ତି। ଏହାକୁ ଆଧାର କରି ପାରଳାଖେମୁଣ୍ଡି ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ଘଟଣାର ତଦନ୍ତଭାର ସରକାର କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ କରିବା ପରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା।

# ଖାଲିଥିବା ୬ ମନ୍ତ୍ରୀ ପଦ ପୂରଣ ହେବ: ମନମୋହନ

**ଭୁବନେଶ୍ୱର,୯।୭(ସୁନିତ୍ ମିଶ୍ର)**

ରାଜ୍ୟରେ ଭାଜପା ସରକାର ଗଠନର ଗୋଟିଏ ବର୍ଷ ପୂରଣ ହୋଇସାରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ସରକାର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ମନ୍ତ୍ରିମଣ୍ଡଳରେ ୧୬ ଜଣ ମନ୍ତ୍ରୀ ରହିଛନ୍ତି। ଏହା ବାଦ୍ ୬ଟି ମନ୍ତ୍ରୀ ପଦ ବର୍ତ୍ତମାନ ସୁଦ୍ଧା ଖାଲି ରହିଛି। ଖୁବ୍‌ଶୀଘ୍ର ପଦବୀ ପୂରଣ ହେବ ବୋଲି ଭାଜପାର ନୂଆ ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି।

ମନମୋହନ ୪ର୍ଥ ଥର ଲାଗି ଦଳର ସଭାପତି ନିଯୁକ୍ତ ହେବାପରେ ବୁଧବାର ଲିଙ୍ଗରାଜ ମନ୍ଦିରକୁ ଦର୍ଶନ ଅବସରରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାକୁ ସଶକ୍ତ ଏବଂ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ପଞ୍ଚାୟତ ନିର୍ବାଚନକୁ ଦେଢ଼ବର୍ଷରୁ କମ୍ ସମୟ ରହିଛି। ସାଧାରଣ ଲୋକେ ଯେପରି ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ କଲେ ସେହିପରି ତୃଣମୂଳସ୍ତରରେ ପରିବର୍ତ୍ତନ ଚାହୁଁଛନ୍ତି। ଭାଜପା ଏଥର ପଞ୍ଚାୟତସ୍ତରରେ ଭଲ ପ୍ରଦର୍ଶନ କରିବ। ସଭାପତି ଯେତେବେଳେ ନୂଆ ହୋଇଛନ୍ତି ଦଳ ନୂଆ କମିଟି ମଧ୍ୟ ଗଠନ କରିବ। ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ମଧ୍ୟ କରାଯିବ ବୋଲି ସେ କହିଛନ୍ତି।


ମନମୋହନ ସାମଲ

ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାରକୁ ଆସିବା ପରେ ଦଳର ନୂଆ ସଭାପତି ଚୟନ ନେଇ ସମସ୍ତଙ୍କ ଅପେକ୍ଷା ରହିଥିଲା। ସର୍ବସମ୍ମତିକ୍ରମେ ମନମୋହନ ସାମଲଙ୍କ ଉପରେ କେନ୍ଦ୍ରୀୟ ନେତୃତ୍ୱ ଆଉ ଥରେ ଭରସା କରିଥିବା ଦେଖିବାକୁ ମିଳିଛି। ସେ ଏକମାତ୍ର ସଭାପତି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲକରି ୪ର୍ଥ ଥର ଲାଗି ଦଳର ସଭାପତି ପଦ ସମ୍ଭାଳିଛନ୍ତି। ସରକାର ଗଠନ ହେବା ପରେ ନିଗମ ଏବଂ ବୋର୍ଡଗୁଡ଼ିକ ଖାଲି ଥିବା ସଙ୍ଗେ ସଙ୍ଗେ ଆହୁରି ୬ଟି ମନ୍ତ୍ରୀ ପଦ ଖାଲି ରହିଛି। ଦଳର ସଭାପତି ନିର୍ବାଚନ ସରି ନ ଥିବାରୁ ଏହିସବୁ ପଦବୀ ଖାଲିଥିବା ଭାଜପା ନେତାମାନେ ଅନେକ ସମୟରେ ମତ ରଖିଥିଲେ। ବର୍ତ୍ତମାନ ସଭାପତି ନିର୍ବାଚନ ସରିବା ପରେ ଏହି ପଦବୀଗୁଡ଼ିକ ପୂରଣ ହୋଇଯିବ ବୋଲି ଚର୍ଚ୍ଚା ମଧ୍ୟ ଜୋର୍ ଧରିଲାଣି। ଦଳର ବହୁ ନେତା ବିଭିନ୍ନ ପଦବୀ ପାଇବା ଲାଗି ଜୋର୍‌ଦାର ଉଦ୍ୟମ ଆରମ୍ଭ ମଧ୍ୟ କରିଦେଇଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୫ମ ଜାତୀୟ ମତ୍ସ୍ୟଚାଷୀ ଦିବସ, ସ୍ଥାନ: ଆଇସିଏଆର୍-ସିଆଇଏଫ୍ଏ, ସମୟ: ପୂର୍ବାହ୍ନ ୧୦ଟା।

## କଟକ
- ବାବା ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତି ପକ୍ଷରୁ ଶ୍ରୀମଦ୍ ଭାଗବତ ସପ୍ତାହ, ପାରାୟଣ ପ୍ରବଚନ, ସ୍ଥାନ: ସତ୍ୟନାରାୟଣ ପଡ଼ିଆ, ଓଟିଏମ୍ କଲୋନୀ ଚୌଦ୍ୱାର, ସମୟ: ସକାଳ ୭ଟା।

## ବାଲେଶ୍ୱର
- ରକ୍ତଦାନ ଶିବିର, ସ୍ଥାନ:ଏଫ୍ଏମ୍ୟୁ ନୂତନ କ୍ୟାମ୍ପସ୍, ନୂଆପାଢ଼ୀ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ଓକିଲ ସଂଘ ପକ୍ଷରୁ ଗଣଧାରଣା, ସ୍ଥାନ:ଏସ୍‌ପି ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା।
- ଏଫ୍ଏମ୍ୟୁରେ ସାହିତ୍ୟ ଆସର, ସ୍ଥାନ:ପିଜି କାଉନସିଲ ସମ୍ମିଳନୀ କକ୍ଷ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଏଫ୍ଏମ୍ୟୁ ନୂତନ କ୍ୟାମ୍ପସ୍, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ
- ଭୋଟର ତାଲିକା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ତିହିଡ଼ି, ଚାନ୍ଦବାଲି, ବାସୁଦେବପୁର, ଭଣ୍ଡାରିପୋଖରୀ, ବନ୍ତ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ଗୁରୁ ପୂର୍ଣ୍ଣିମା ପାଳନ, ସ୍ଥାନ: ଉଦଳା ସାଇଦରବାର, ସମୟ: ସକାଳ ୯ଟା ୩୦।
- ଏକ୍ସପୋ ଆଣ୍ଡ୍ ଫନ୍ ଫେୟାର, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁଜନ ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଉଦଳା ସନ୍ଧାନୀ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବ୍ରହ୍ମପୁର
- ପ୍ରଭାତ ଫେରି, ଗୁରୁଗୀତା ପାଠ, ସ୍ଥାନ: ଗାୟତ୍ରି ଶକ୍ତିପୀଠ ବ୍ରହ୍ମପୁର, ସମୟ: ପ୍ରାତଃ ୫ଟା।

- କଣ୍ଢେଇ ଯାତ୍ରା, ସ୍ଥାନ: ଖାସ୍ପା ସାହି, ସମୟ: ସନ୍ଧ୍ୟା ୬ଟା।

## ଗଜପତି
- ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ, ସ୍ଥାନ: ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦.୩୦।

## ଜଗତ୍‌ସିଂହପୁର
- ବାଣିଜ୍ୟ ମେଳା ଉଦଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ବତୀଘର ପାଖ ବେଳାଭୂମି, ପାରାଦୀପ,ସମୟ:ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ରକ୍ତଦାନ ଶିବିର, ସ୍ଥାନ: ସାଇ ମନ୍ଦିର ପରିସର, ଗୋଲ୍ଡେନ ଭିଲ୍ଲା, କଜଳା, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।

## ଯାଜପୁର
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବ୍ୟାସଦେବଙ୍କ ଜୟନ୍ତୀ ଉତ୍ସବ,ସ୍ଥାନ:ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗାର୍ଡ଼ି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଆଦର୍ଶ ଶିକ୍ଷକ ଅବଦୁତ୍ ପରିଡ଼ାଙ୍କ ୮୦ତମ ଜନ୍ମ ଜୟନ୍ତୀ, ସ୍ଥାନ: ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଶ୍ରୀ ଶ୍ରୀଶିରିଡ଼ି ସାଇ ବାବାଙ୍କ ଗୁରୁ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁର ସାଇ ମନ୍ଦିର, ସମୟ: ସକାଳ ୭ଟା। ଚଉଭାଡି ଯାତ୍ରା ଓ ନଗର ପରିକ୍ରମା ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ସିରିଡ଼ି ସାଇବାବାଙ୍କ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଗୁରୁ ପୂର୍ଣ୍ଣିମା କାର୍ଯ୍ୟକ୍ରମ, ସ୍ଥାନ: ରେଲୱେ କଲୋନୀ, ରାୟଗଡା, ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଲ୍ୟାଣସିଂପୁର, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ପୂର୍ଣ୍ଣିମା ଉତ୍ସବ, ଦାତବ୍ୟ ହୋମିଓ ଚିକିତ୍ସାଳୟ ଉଦ୍‌ଘାଟନ, ସ୍ଥାନ: ଅଦ୍ୱୈତ ଆଶ୍ରମ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ଗୁରୁ ପୂର୍ଣ୍ଣିମା କାର୍ଯ୍ୟକ୍ରମ, ସ୍ଥାନ: ପାପଡାହାଣ୍ଡି ଶିରିଡ଼ି ସାଇ ମନ୍ଦିର, ସମୟ: ସକାଳ ୮ଟା।

## ମାଲକାନଗିରି
- ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ, ସ୍ଥାନ:ମାଲକାନଗିରି କୃଷି ବିଜ୍ଞାନ କେନ୍ଦ୍ର, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ରଥାଯାତ୍ରାର ଉଦ୍‌ଯାପନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ବଲବସପୁର ଗ୍ରାମ, ସମୟ: ସକାଳ ୯ଟା।
- କଲମ ପରିବାର ଟ୍ରଷ୍ଟ ଓ ଆସାମ ଗୁଆହାଟିର ଆଜିର କବିତା ଅନୁଷ୍ଠାନ ଆୟୋଜିତ ଜାତୀୟ କବି ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାଧର ମୁକ୍ତମଞ୍ଚ, ସମୟ : ପୂର୍ବାହ୍ନ ୧୧ଟା।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା୩୦।

## ବଲାଙ୍ଗୀର
- ତୃତୀୟ ଦିନରେ ଓଡିଶା ଡ୍ରାଇଭର ସଂଘ ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ମ୍ୟାଲେରିଆ ସଚେତନତା କର୍ମଶାଳା, ସ୍ଥାନ: ଝିରପାଣି, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ରବିଶଙ୍କର ପ୍ରବଚନ, ସ୍ଥାନ: ସେକ୍ଟର-୧୯, ସିଭିକ୍‌ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ କାର୍ଯ୍ୟାଳୟ କୋଠା ଉଦ୍‌ଘାଟନ,ସ୍ଥାନ: କେଉଁଟପାଲି, ବିଜେପୁର,ସମୟ:ସକାଳ ୯ଟା।
- ଜିଲା ସଂକୀର୍ତ୍ତନ ପରିଷଦର ସଂସ୍କୃତି ଜାଗରଣ ଶୋଭାଯାତ୍ରା,ସ୍ଥାନ:ଭଟଲି,ସମୟ: ସକାଳ ୯ଟା।

## କଳାହାଣ୍ଡି
- ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ହାତୀନଦୀ ନିକଟ, ସମୟ: ସକାଳ ୮ଟା।
- ଏକାଦଶ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭବାନୀପାଟଣା ବକାଶ ଆବାସିକ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଗୁରୁପୂର୍ଣ୍ଣିମା ଅବସରରେ ସଂସ୍କାର ଭାରତୀ ପକ୍ଷରୁ କବିତା ପାଠୋତ୍ସବ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ଅପରାହ୍ନ ୩ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ନୂଆପଡ଼ା ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ କ୍ରୀଷ୍ଣା ଛକ, ସମୟ: ସକାଳ ୮ଟା।

# ବିଜେଡି ଛାଡ଼ିଲେ ସୁନୀତା ବିଶ୍ୱାଳ



ଭୁବନେଶ୍ୱର,୯।୭ (ରବିନାରାୟଣ ଜେନା)

ସୁନ୍ଦରଗଡ଼ ବିଜେଡିକୁ ବୁଧବାର ଝଟ୍‌କା ଲାଗିଛି। ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟତା ପଦରୁ ସୁନୀତା ବିଶ୍ୱାଳ ଇସ୍ତଫା ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ତାଙ୍କ ଇସ୍ତଫାପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଦେଇଛନ୍ତି। ଇସ୍ତଫାପତ୍ରରେ ବ୍ୟକ୍ତିଗତ କାରଣରୁ ସେ ଦଳ ଛାଡୁଥିବା ଦର୍ଶାଇଛନ୍ତି। ସେ ନବୀନଙ୍କୁ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, 'ଆପଣ ମୋତେ ଲୋକଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ। ବିଜୁ ଜନତା ଦଳରେ ରହିଥିବା ସମୟ ମଧ୍ୟରେ ମୁଁ ଦଳ ପାଇଁ ଅକ୍ଳାନ୍ତ ପରିଶ୍ରମ କରିବା ସହିତ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛି। ଆଶା କରୁଛି, ବିଜେଡି ଆଗାମୀ ଦିନରେ ଅଧିକ ଲୋକାଭିମୁଖୀ ହେବ।' ସୂଚନାଯୋଗ୍ୟ, ସୁନୀତା ୨୦୧୯ ମାର୍ଚ୍ଚ ୯ରେ ବିଜେଡିରେ ଯୋଗଦେଇଥିଲେ। ୨୦୧୯ ନିର୍ବାଚନରେ ସୁନ୍ଦରଗଡ଼ ଲୋକ ସଭା ଆସନରୁ ସୁନୀତା ବିଜେଡି ଟିକେଟରେ ଲଢ଼ି ପରାଜିତ ହୋଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଧର୍ମଭାବରେ ଚନ୍ଦ୍ର ଓ ଦ୍ୱିତୀୟସ୍ଥ ଶୁକ୍ର ଯୋଗୁ ଯାତ୍ରା, ବାଣିଜ୍ୟରୁ ଅର୍ଥଲାଭ ଅବଶ୍ୟମ୍ଭାବୀ। ପ୍ରିୟଜନଙ୍କ ସହ ମନୋମାଳିନ୍ୟ ଆଶଙ୍କା ରହିଛି। ଆଧ୍ୟାତ୍ମିକଗ୍ରହ ଶନିଙ୍କ ଆଶୀର୍ବାଦରୁ ଦେବଦର୍ଶନଜନିତ ଆନନ୍ଦ ଅନୁଭବ କରିପାରନ୍ତି। ଆଲୋଚନା ପରିସର, ସଭାସମିତି, କଳା-ସାହିତ୍ୟ, ଭଜନସନ୍ଧ୍ୟା, ଗବେଷଣାଦି କାର୍ଯ୍ୟରୁ ପ୍ରଶଂସିତ ହେବେ।

**ବୃଷ** ତୃତୀୟାଧିପ ଅଷ୍ଟମସ୍ଥ ଯୋଗୁ ସହକର୍ମୀଙ୍କ ସହ ସମ୍ପର୍କହାନି ଘଟିପାରେ। ଆଜିର ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ ଖର୍ଚ୍ଚ ପରିମାଣ ବୃଦ୍ଧି ମନସ୍ତାପର କାରଣ ହେବ। ଦୀର୍ଘଦିନର ବନ୍ଧୁଟି ପରିସ୍ଥିତି ଚାପରେ ପଡି ଦୂରେଇ ଯିବାର ସୂଚନା ରହିଛି। ପଡ଼ୋଶୀଙ୍କ ପ୍ରେରଣାରେ ସତ୍‌ସଙ୍ଗ ଓ ଆଧ୍ୟାତ୍ମିକ କାର୍ଯ୍ୟରେ ରୁଚି ବଳିପାରେ।

**ମିଥୁନ** ଧନାଧିପତି କେନ୍ଦ୍ରସ୍ଥ ଯୋଗୁ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସେବାମନୋବୃତ୍ତି କାରଣରୁ ସାଙ୍ଗ ସାଥୀ ମେଳରେ ବେଶି ସମୟ କାଟିପାରନ୍ତି। ଆଜିର ଫେରିବା ବାଟରୁ କିଛି ନୂଆ ଜିନିଷ ଘରକୁ ଆଣି ପାରନ୍ତି। ପାରିବାରିକ କ୍ଷେତ୍ରରେ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହୋଇପାରେ।

**କର୍କଟ** ଚତୁର୍ଥାଧିପ ଶୁକ୍ର ଏକାଦଶସ୍ଥ ଆପଣଙ୍କ ଲୋକପ୍ରିୟତାକୁ ବୃଦ୍ଧି କରିବା ସହ ସାମାଜିକ ସମ୍ମାନ ପ୍ରଦାନ କରିବ। ଆଜି ଆପଣ ପ୍ରତ୍ୟେକ କାମରେ, ବିବାଦରେ, ପ୍ରତିଯୋଗିତାରେ ମଧ୍ୟ ସଫଳତା ପାଇପାରନ୍ତି। ଅନ୍ୟମନସ୍କ ରହୁଥିବା କାରଣରୁ ବଜାର ସଉଦା କିଣିବାରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି।

**ସିଂହ** ରାଶିରେ ପାପଗ୍ରହ କେତୁ ସହିତ ମଙ୍ଗଳ ଆପଣଙ୍କୁ ଉତ୍ତେଜିତ କରି ଅଶାନ୍ତି ରଖିପାରେ। ଆଜିର ଯାତ୍ରାରେ ଲକ୍ଷ୍ୟପୂରଣ ହେବା ସହ ବସ୍ତ୍ରଭୂଷଣ ପ୍ରାପ୍ତି ଏବଂ ବନ୍ଧୁମିଳନ ଘଟିବ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ସମସ୍ୟାର ସମାଧାନ ଘଟିବାର ଆଶା ରହିଛି। ସାମୟିକଭାବରେ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**କନ୍ୟା** କେନ୍ଦ୍ରସ୍ଥ ଚନ୍ଦ୍ର ଓ ଭାଗ୍ୟଭାବରେ ଶୁକ୍ର ଯୋଗୁ ମନ ଯେମିତି ଯାହା ଚାହୁଁଛି ଆଜି ତାହା ପାଇପାରିବେ। ଶନିଙ୍କ କୁପ୍ରଭାବରୁ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ କ୍ରମାଗତ ଭାବେ ସମସ୍ୟା ଲାଗିରହିପାରେ। ବ୍ୟବସାୟ, ପରିବହନରେ ଲାଭବାନ୍ ହେବେ। ସ୍ନାୟବିକ ଦୁର୍ବଳତାର ଆଶଙ୍କାକୁ ଏଡି ହେବନାହିଁ।

**ତୁଳା** ଗ୍ରହଙ୍କ ଅନୁକୂଳ ସ୍ଥିତିଜନିତ ସାମଗ୍ରିକ କ୍ଷେତ୍ରରେ ସଫଳତା ହାସଲ କରିବାର ସୌଭାଗ୍ୟ ଲାଭ କରିବେ। ଅର୍ଥ ସାଙ୍ଗକୁ ବିଶିଷ୍ଟବ୍ୟକ୍ତିଙ୍କ ଦ୍ୱାରା ସମ୍ମାନ, ସମ୍ବର୍ଦ୍ଧନା ପାଇପାରନ୍ତି। ସ୍ୱାର୍ଥ ହାସଲ ନ ହୋଇପାରିବାରୁ ସମ୍ପର୍କୀୟମାନେ ସମାଲୋଚନା କରିବେ। ପରିବାର, ବାଣିଜ୍ୟ ବ୍ୟବସାୟ, ଯାତ୍ରା, କର୍ମାରମ୍ଭ ପାଇଁ ଦିନଟି ଶୁଭପ୍ରଦ ରହିବ।

**ବିଛା** କୋଣଭାବସ୍ଥ ବଳହୀନ ଶନିଙ୍କ ପ୍ରଭାବରୁ ସନ୍ତାନଙ୍କ ସମସ୍ୟା ସାଙ୍ଗକୁ ଅର୍ଥସଙ୍କଟ ଓ କର୍ମକ୍ଷେତ୍ରରେ ବିବାଦର ଆଶଙ୍କା ରହିଛି। କିନ୍ତୁ ଗଜକେଶରୀ ଯୋଗଜନିତ ସାମାଜିକ ସ୍ତରରେ ଆପଣଙ୍କ ସ୍ଥିତି ବେଶ୍ ଉନ୍ନତ ରହିବ। ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭରୁ ଉଚ୍ଚ ସମ୍ମାନ ଓ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**ଧନୁ** ରବି ଓ ବୃହସ୍ପତିଙ୍କ ସଂଯୋଗ ପ୍ରଭାବରୁ କାର୍ଯ୍ୟସିଦ୍ଧି, ବନ୍ଧୁଦର୍ଶନରେ ଖୁସି ରହିବେ। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହେବାକୁ ପଡ଼ିପାରେ। ହୋଟେଲ, ରେଷ୍ଟୁରାଣ୍ଟ, ବାଣିଜ୍ୟ ପ୍ରଭୃତିରେ ଲାଭାବନ୍ ହେବେ। ଦୀର୍ଘଦିନର ପରିକଳ୍ପିତ ନୂତନ କାମଟିଏ ଆରମ୍ଭ କରି ଆତ୍ମତୃପ୍ତି ଲାଭ କରିପାରନ୍ତି।

**ମକର** କର୍ମାଧିପତିଙ୍କ ଶୁଭତ୍ୱରୁ କର୍ମକ୍ଷେତ୍ର ପ୍ରଶସ୍ତ ରହିଲେ ମଧ୍ୟ ପାରିବାରିକ ସ୍ଥିତି ଭଲ ରହି ନ ପାରେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଅଧସ୍ତନ କର୍ମଚାରୀଙ୍କ ପ୍ରିୟଭାଜନ ହେବେ। ଈର୍ଷାପରାୟଣ ବ୍ୟକ୍ତି ଶତ୍ରୁତା କରି କାର୍ଯ୍ୟରେ ପ୍ରତିରୋଧ ଘଟାଇପାରନ୍ତି। ଆର୍ଥିକ ଉନ୍ନତି ସହ ଅତିଥି ଚର୍ଚ୍ଚା, ଦୂରଯାତ୍ରା, ଆଇନ ଅଦାଲତ ପ୍ରଭୃତିରେ ସଫଳତା ମିଳିବ।

**କୁମ୍ଭ** କର୍ମାଧିପତିଙ୍କ ଅଶୁଭତ୍ୱ ସାଙ୍ଗକୁ ଶନି ଓ ରାହୁଙ୍କ ସ୍ଥିତିଜନିତ ଉଦ୍ୟମ ସଫଳରେ ପ୍ରତିବନ୍ଧକ ଆସିବ। ଆଧ୍ୟାତ୍ମିକ ଗ୍ରହ ଶନି ସତ୍‌ସଙ୍ଗର ସାନ୍ନିଧ୍ୟ ଲାଭର ସୁଯୋଗ ଦେବେ। ଗୃହନିର୍ମାଣ, ଯାନ୍ତ୍ରିକ ଜିନିଷର ମରାମତି ଏବଂ ଗୃହୋପକରଣ କ୍ରୟ କରିବେ। ସାହିତ୍ୟ, ସାମ୍ବାଦିକତା ଏବଂ ସାଂସ୍କୃତିକ କାର୍ଯ୍ୟରେ ସୁଫଳ ପାଇବେ।

**ମୀନ** ଗ୍ରହମାନଙ୍କ ଶୁଭସଂସ୍ଥାନଜନିତ ଯାତ୍ରା, ଶିଳ୍ପ, ବାଣିଜ୍ୟ, ପରିବହନ ପାଇଁ ଦିନଟି ଭଲ। କିନ୍ତୁ ରାଶିରେ ଶନିଙ୍କ କୁପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଆଳସ୍ୟ ଓ ଅବହେଳା ଲାଗିରହିବ। ବନ୍ଧୁଙ୍କ ମାଧ୍ୟମରେ ନିଖୋଜ ବ୍ୟକ୍ତି, ଚୋରି ଜିନିଷର ଖବର ପାଇପାରନ୍ତି। କେତେକ କ୍ଷେତ୍ରରେ ନିଜର ଅସହାୟତା ପ୍ରକାଶ କରି ଲଜ୍ଜିତ ହେବେ।

ଆଜି ଜୁଲାଇ ୧୦ ତାରିଖ, ଆଷାଢ଼ ମାସର ବ୍ୟାସ ପୂର୍ଣ୍ଣିମା / ଗୁରୁ ପୂର୍ଣ୍ଣିମା ଗୁରୁବାର। ସର୍ବତ୍ର ଗୁରୁପୂଜା, ଅଦ୍ୟ ପୂର୍ଣ୍ଣିମାବିହିତ ଚନ୍ଦ୍ର ଉପବାସ, ଚତୁର୍ମାସ୍ୟା ଗୁରୁବାରବ୍ରତ, ରାଶିନକ୍ଷତ୍ର- ପୂର୍ବାଷାଢ଼ା/ଧନୁ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୧୮ ଗତେ ଘ.୦୬.୧୦ ମଧ୍ୟେ, ଘ.୦୯.୪୦ ଗତେ ଘ.୧୧.୨୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୩୦ ଗତେ ଘ.୦୩.୦୮ ମଧ୍ୟେ ରାହୁ କାଳ।

# ବିଧାୟକଙ୍କ କାର୍ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ସିମୁଳିଆ, ୯।୭(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ୫କି.ମି. ଦୂର ୧୬ନଂ. ଜାତୀୟ ରାଜପଥର ଜାମୁଝାଡ଼ି ନିକଟରେ ବୁଧବାର ପଶ୍ଚିମବଙ୍ଗ ହାୱଡ଼ାର ବିଧାୟକ ଗୌତମ ଚୌଧୁରୀଙ୍କ କାର୍ (ନଂ. ଡବ୍ଲ୍ୟୁବି୧୨କେ-୮୯୮୮) ଧକ୍କାରେ ସ୍କୁଟି ଚାଳକ ରାଧାକାନ୍ତ ଲେଙ୍କା (୫୬)ଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ଘର ସ୍ଥାନୀୟ ସୋର ଥାନା ସାଜନପୁର ଅଞ୍ଚଳରେ। ବିଧାୟକ ନିଜ ପରିବାର ସହିତ ପୁରୀ ଦର୍ଶନ ସାରି ଫେରୁଥିବା ବେଳେ ତାଙ୍କ କାର୍‌ଟି ଭାରସାମ୍ୟ ହରାଇ ସ୍କୁଟିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ବିଧାୟକଙ୍କ କାରକୁ ଜବତ କରିଥିବା ବେଳେ ଚାଳକ ସମିତ ସିଂରାୟଙ୍କୁ ଗିରଫ କରିଛି। ଏନେଇ ମାମଲା(ନଂ.୩୨୮/୨୫) ରୁଜୁ ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ବର ଯାହା କନିଆ
ତାକୁ ଗଢିଛି ଏ ଦୁନିଆ।**

ଦାମ୍ପତ୍ୟ ଯୋଡି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେସାକୁ ତେସା
ହାରାମଜାଦାକୁ ଟାଙ୍ଗିଆ ପଶା।**

ଯିଏ ଯେମିତି ବ୍ୟବହାର କରେ, ସିଏ ସେମିତି ବ୍ୟବହାର ପାଏ। କୃତଘ୍ନ ବ୍ୟକ୍ତିଙ୍କୁ ଉପଯୁକ୍ତ ଶିକ୍ଷା ଦେବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଣ୍ଟି ନକ୍ସଲ ଅପରେଶନର ଏଡିଜି ହେଲେ ସଞ୍ଜୀବ ପଣ୍ଡା

## ଆଇପିଏସ୍ ସ୍ତରରେ ଅଦଳବଦଳ କଲେ ରାଜ୍ୟ ସରକାର

ଭୁବନେଶ୍ୱର,୯।୭(ସୁନିତ୍ ମିଶ୍ର): ରାଜ୍ୟ ସରକାର ଆଇପିଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ୧୯୯୪ ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡା ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ(ବିପିଏସ୍‌ପିଏ)ର ଟ୍ରେନିଂ ଏଡିଜି ଦାୟିତ୍ୱରେ ଥିଲେ। ବିପିଏସ୍‌ପିଏର ନିର୍ଦ୍ଦେଶକ ମଧ୍ୟ ରହିଥିଲେ। ତାଙ୍କୁ ଏବେ ଆଣ୍ଟି ନକ୍ସଲ ଅପରେଶନର ଏଡିଜି ଭାବେ ବଦଳି କରାଯାଇଛି। ଏହାସହ ସେ ସ୍ୱତନ୍ତ୍ର ଗୋଇନ୍ଦା ୱିଙ୍ଗସ୍‌ର ପରିଚାଳନା ଦାୟିତ୍ୱ କଥା ମଧ୍ୟ ବୁଝିବେ। ଏ ବିଷୟରେ ସମସ୍ତ ରିପୋର୍ଟ ସେ ସିଧାସଳଖ ଡିଜି ଏବଂ ଆଇଜି ପୋଲିସଙ୍କୁ ପ୍ରଦାନ କରିବେ। ଅନ୍ୟପଟେ ବିପିଏସ୍‌ପିଏ ଟ୍ରେନିଂ ଆଇଜିପି ଥିବା ୨୦୦୬ ବ୍ୟାଚ୍ ଆଇପିଏସ୍ ଅଫିସର ଅନୁପ କୁମାର ସାହୁଙ୍କୁ ଅତିରିକ୍ତ ଭାବେ ବିପିଏସ୍‌ପିଏର ନିର୍ଦ୍ଦେଶକ ଦାୟିତ୍ୱ ପ୍ରଦାନ କରାଯାଇଛି। କେନ୍ଦ୍ର ସହ ମିଶି ରାଜ୍ୟ ସରକାର ବର୍ତ୍ତମାନ ନକ୍ସଲମାନଙ୍କୁ ମୂଳପୋଛ କରିବାକୁ ଜୋର୍‌ଦାର ଉଦ୍ୟମ ଜାରି ରଖିଛି। ତେଣୁ ଏଭଳି ସ୍ଥିତିରେ ସଞ୍ଜୀବ ପଣ୍ଡାଙ୍କୁ ସରକାର ଗୁରୁଦାୟିତ୍ୱ ଦେଇଥିବା କୁହାଯାଉଛି।

ଅନ୍ୟପଟେ ୨୦୦୯ ବ୍ୟାଚ୍ ଆଇପିଏସ୍ ଅଫିସର ଅଖିଳେଶ୍ୱର ସିଂହଙ୍କୁ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗସ୍(ଏସ୍‌ଆଇଡବ୍ଲ୍ୟୁ), ଭୁବନେଶ୍ୱରର ଡିଆଇଜି ଭାବେ ଦାୟିତ୍ୱ ମିଳିଛି। ସେ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ(ଏସ୍‌ଡବ୍ଲ୍ୟୁଆର୍), କୋରାପୁଟର ଡିଆଇଜି ଭାବେ ଦାୟିତ୍ୱରେ ଥିଲେ। ସେହିପରି ଏସ୍‌ଆଇଡବ୍ଲ୍ୟୁ, ଭୁବନେଶ୍ୱରର ଡିଆଇଜି ଥିବା ୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର କନୱର୍ ବିଶାଲ ସିଂହଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ, କୋରାପୁଟ ଡିଆଇଜି ଭାବେ ବଦଳି କରାଯାଇଛି। ଆଇପିଏସ୍ ସ୍ତରର ଅଦଳ ବଦଳ ନେଇ ଗୃହ ବିଭାଗ ପକ୍ଷରୁ ବୁଧବାର ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ଅଖିଳେଶ୍ୱର ଏବଂ ବିଶାଲଙ୍କ ପଦବୀ ଏପଟସେପଟ କରାଯାଇଛି। ଏହି ଦୁଇ ଆଇପିଏସ୍ ଅଫିସର ପୁରୀ ଏସ୍‌ପି ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି। ଜଣେ ଅଭିଯୁକ୍ତଙ୍କ ହାଜତ ଭିତରେ ମୃତ୍ୟୁ ହୋଇଯିବା କାରଣରୁ ଅଖିଳେଶ୍ୱରଙ୍କୁ ପୁରୀ ଏସ୍‌ପି ପଦରୁ ହଟାଇ ଦିଆଯାଇଥିଲା। ଏହାପରେ ତାଙ୍କ ସ୍ଥାନରେ ବିଶାଲ ସିଂହଙ୍କୁ ପୁରୀ ଏସ୍‌ପି ଭାବେ ଦାୟିତ୍ୱ ମିଳିଥିଲା। ପରବର୍ତ୍ତୀ ସମୟରେ ବିଶାଲ ସିଂଙ୍କୁ ପୁରୀ ଏସ୍‌ପି ପଦରୁ ବଦଳି କରାଯାଇଥିଲା।

# ସିବିଆଇ ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ଚିଟ୍‌ଫଣ୍ଡ ମାମଲା

କଟକ,୯।୭(କାର୍ତ୍ତିକ ସାହୁ)

ଚିଟ୍‌ଫଣ୍ଡ ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତରେ ସହଯୋଗ କରିବାକୁ ବୁଧବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ମାମଲାର ପରବର୍ତ୍ତୀ ଶୁଣାଣିଯାଏ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ସୂଚନାନୁସାରେ, ବିଜେଡିର ପୂର୍ବତନ ଏମ୍‌ପି ଜେନାଙ୍କୁ ସିବିଆଇ ନୋଟିସ୍ ଜାରି କରି ଆଗାମୀ ୧୪ ତାରିଖରେ ହାଜର ହୋଇ ପକ୍ଷ ରଖିବାକୁ କୁହାଯାଇଥିଲା। ଚିଟ୍‌ଫଣ୍ଡ ମାମଲାରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାର ରେକର୍ଡପତ୍ର ଯୋଗାଇ ଦେବାକୁ ପ୍ରାର୍ଥନା କରି ସେ ହାଇକୋର୍ଟରେ ଆବେଦନ କରିଥିଲେ। ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ପୂର୍ବରୁ ମଧ୍ୟ ହାଇକୋର୍ଟ ପୂର୍ବତନ ଏମ୍‌ପି ଜେନାଙ୍କ ସିବିଆଇ ମାମଲା ରଦ୍ଦ ଆବେଦନକୁ ଖାରଜ କରିଥିଲେ। ସିସୋର ଚିଟ୍‌ଫଣ୍ଡ ଠକେଇ ଘଟଣାରେ ସିବିଆଇ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବା ବେଳେ ଉକ୍ତ ମାମଲା ରଦ୍ଦ କରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଜେନାଙ୍କୁ ସମନ କରିଥିଲା। ଏହି ମାମଲାରେ ଜେନାଙ୍କ ବିରୋଧରେ ସିବିଆଇକୁ ତଥ୍ୟ ମିଳିବା ପରେ ଜେନାଙ୍କ ବାଲେଶ୍ୱର ବାସଭବନ, ନୂଆଦିଲ୍ଲୀ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସମନ୍ ପାଇବା ପରେ ବି ବିଭିନ୍ନ କାରଣ ଦର୍ଶାଇ ଜେନା ସିବିଆଇରେ ହାଜର ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ହାଇକୋର୍ଟ ତାଙ୍କୁ ଆଗୁଆ ଜାମିନ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଭଦୋଦରାରେ ବ୍ରିଜ୍ ...

କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମଧ୍ୟ ମୃତକଙ୍କ ପରିବାରକୁ ପିଏମ୍ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଦେବାକୁ ଘୋଷଣା କରିଛନ୍ତି। ବିରୋଧୀ କଂଗ୍ରେସ ଏହାକୁ 'ଗୁଜରାଟ ମଡେଲ' କହି ଶାସକ ଭାଜପାକୁ କଟାକ୍ଷ କରିଛି। କେନ୍ଦ୍ରୀୟ ଗୁଜରାଟ ସହ ସୌରାଷ୍ଟ୍ର ଅଞ୍ଚଳକୁ ଯୋଡୁଥିବା ଗମ୍ଭୀରା ବ୍ରିଜ୍ ପାଦରା ସହର ନିକଟ ମଜପୁର ଗ୍ରାମରେ ରହିଛି। ୧୯୮୫ରେ ନିର୍ମିତ ଏହି ବ୍ରିଜ୍ ଉପର ଦେଇ ବୁଧବାର ସକାଳ ୭ଟା ୩୦ ମିନିଟ୍‌ରେ ଯାନବାହନଗୁଡ଼ିକ ଯାତାୟାତ କରୁଥିବାବେଳେ ଦୁଇଟି ପିଲାର ଉପରେ ଥିବା ଏହାର ଏକ ସ୍ଲାବ୍ ହଠାତ୍ ଖସିପଡ଼ିଥିଲା। ଫଳରେ ୨ଟି ଟ୍ରକ୍, ୨ ଭ୍ୟାନ୍, ଏକ ଅଟୋରିକ୍ସା ଓ ଅନ୍ୟ ଏକ ଦୁଇଚକିଆ ଗାଡ଼ି ନଦୀ ଭିତରକୁ ଖସିପଡ଼ିଥିବା ବଡ଼ୋଦରା ଜିଲାପାଳ ଅନିଲ ଧମେଲିୟା ସୂଚନା ଦେଇଛନ୍ତି। ଅନ୍ୟ ୨ଟି ଗାଡ଼ି ବ୍ରିଜ୍‌ରେ ଲଟକି ରହିଥିଲା, ଯାହାକୁ ଉଦ୍ଧାର କରି ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ତେବେ ପାଣି ଭିତରକୁ ଖସିପଡ଼ି ପ୍ରାଣ ହରାଇଥିବା ୧୩ ଜଣଙ୍କ ମଧ୍ୟରୁ ଅଧିକାଂଶ ଭଦୋଦରା ଓ ଆଣନ୍ଦ ଜିଲାର।

ସେମାନଙ୍କ ମଧ୍ୟରୁ ବୈଦିକ ପଦିୟାର(୪୫), ନୈତିକ ପଦିୟାର(୪୫), ହସମୁଖ ପରମାର(୩୨), ରମେଶ ପଦିୟାର(୩୨), ୱାଖାସିଂ ଯାଦବ(୨୬) ଓ ପ୍ରବୀଣ ଯାଦବ (୨୬)ଙ୍କ ପରିଚୟ ସ୍ପଷ୍ଟ ହୋଇଛି। ମୃତକଙ୍କ ମଧ୍ୟରେ ୨ ଜଣ ଭଉଣୀଭାଇ ଥିବା ମଧ୍ୟ କୁହାଯାଉଛି। ପୋଲିସ ଓ ବିପର୍ଯ୍ୟୟ ପ୍ରଶମନ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିବା ଭଦୋଦରା (ଗ୍ରାମାଞ୍ଚଳ) ଏସ୍‌ପି ରୋହନ ଆନନ୍ଦ ସୂଚନା ଦେଇଛନ୍ତି। ଆହତମାନଙ୍କୁ ଭଦୋଦରାସ୍ଥିତ ଏସ୍‌ଏସ୍‌ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ପଟେଲଙ୍କ ସହ ଫୋନ୍‌ରେ କଥା ହୋଇ ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ପ୍ରକାଶ ଯେ, ୧୯୮୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମାଧବ ସିଂ ସୋଲାଙ୍କିଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଅମଳରେ ନିର୍ମିତ ଗମ୍ଭୀରା ବ୍ରିଜ୍ ୪୦ ବର୍ଷ ପୁରୁଣା ହୋଇଥିବାରୁ ଦୁର୍ବଳ ହୋଇଯାଇଥିଲା। ସ୍ଥାନୀୟ ଭାଜପା ବିଧାୟକ ଚୈତନ୍ୟସିଂ ଜାଲା ଏକ ନୂତନ ବ୍ରିଜ୍ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ୨୧୨ କୋଟି ଟଙ୍କା ବ୍ୟୟରେ ନୂଆ ବ୍ରିଜ୍ ନିର୍ମାଣ ଲାଗି ସର୍ଭେ ଚାଲିଥିବାବେଳେ ଏହି ଦୁର୍ଘଟଣା ଘଟିଛି। କଂଗ୍ରେସ ବିଧାୟକ ଅମିତ୍ ଚଭଡ଼ା କହିଛନ୍ତି, ବ୍ରିଜ୍ ଦୁର୍ବଳ ଥିବା ନେଇ ବିରୋଧୀ ଦଳ ବାରମ୍ବାର ସରକାରଙ୍କୁ ଚେତାଇଥିଲା। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏତେ ଲୋକଙ୍କ ମୃତ୍ୟୁ ପାଇଁ ଭାଜପା ସରକାର ଦାୟୀ। ଏହା ହେଉଛି ଗୁଜରାଟ ମଡେଲ। ଏହା ପୂର୍ବରୁ ମଧ୍ୟ ୨୦୨୨ରେ ଗୁଜରାଟର ମାଚ୍ଛୁ ନଦୀ ଉପରେ ଥିବା ବ୍ରିଟିଶ୍ ଅମଳର ଏକ କ୍ୟାବୁଲ ସସ୍‌ପେନ୍ସନ ବ୍ରିଜ୍ ଭୁଶୁଡ଼ିପଡ଼ିବାରୁ ଅନ୍ୟୂନ ୧୩୨ ଜଣଙ୍କ ପ୍ରାଣହାନି ଘଟିଥିଲା।

### ୫ମ, ୮ମ ଶ୍ରେଣୀ...

ସରକାର ପଦକ୍ଷେପ ନେଇଛନ୍ତି। ଏହି ପରିବର୍ତ୍ତନ ଶିକ୍ଷାର ମାନ ବୃଦ୍ଧି କରିବା ସହ କୌଣସି ଶିଶୁ ଯେପରି ଶିକ୍ଷା ଅଧିକାରରୁ ବଞ୍ଚିତ ନ ହେବେ, ସେ ନେଇ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ।

ସୂଚନା ଅନୁଯାୟୀ, ଜାତୀୟ ଶିକ୍ଷା ନୀତି-୨୦୨୦ରେ କେନ୍ଦ୍ର ସରକାର ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଯେଉଁ ପିଲା ଫେଲ୍ ହେବେ, ସେମାନେ ସେହି ଶ୍ରେଣୀରେ ହିଁ ରହିବେ ବୋଲି ନିୟମ କରିଥିଲେ। ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଫେଲ୍ ହେବା ପିଲାଙ୍କୁ ୨ମାସ ମଧ୍ୟରେ ପୁନଃପରୀକ୍ଷା ଲାଗି ସୁଯୋଗ ଦିଆଯିବ। ଯଦି ସେମାନେ ତଥାପି ପାସ୍ କରିପାରିବେ ନାହିଁ, ତେବେ ସେମାନଙ୍କୁ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ କରାଯାଇପାରିବ ନାହିଁ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ପିଲାଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବହିଷ୍କାର କରିପାରିବେ ନାହିଁ। ପିଲାଙ୍କ ମଧ୍ୟରେ ଶିକ୍ଷଣୀୟତାକୁ ଉନ୍ନତ କରିବା ଲାଗି କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଏବଂ ସୈନିକ ସ୍କୁଲରେ ଏହି ନିୟମ ଲାଗୁ କରାଯାଇଥିଲା। ପରେ ଏହି ନିୟମକୁ ରାଜ୍ୟ ସରକାର ସରକାରୀ ବିଦ୍ୟାଳୟଗୁଡ଼ିକରେ ଲାଗୁ କରିଛନ୍ତି।


झारखण्ड सरकार
GOVERNMENT OF JHARKHAND
हर
हर
महादेव
राजकीय
श्रावणी
मेला-2025
उद्घाटन समारोह
मुख्य अतिथि
श्री सुदिव्य कुमार
माननीय मंत्री, पर्यटन, कला संस्कृति, खेलकूद एवं युवा कार्य विभाग, नगर विकास एवं आवास विभाग, उच्च एवं तकनीकी शिक्षा विभाग
श्री संजय प्रसाद यादव
माननीय मंत्री, श्रम, नियोजन, प्रशिक्षण एवं कौशल विकास विभाग, उद्योग विभाग
श्री हफीज़ुल हसन
माननीय मंत्री, जल संसाधन विभाग, अल्पसंख्यक कल्याण विभाग
श्रीमती दीपिका पाण्डेय सिंह
माननीय मंत्री, ग्रामीण विकास विभाग, ग्रामीण कार्य विभाग,पंचायती राज विभाग
विशिष्ट अतिथि
डॉ. निशिकान्त दुबे
माननीय सांसद, गोड्डा लोकसभा क्षेत्र
श्री नलिन सोरेन
माननीय सांसद, दुमका लोकसभा क्षेत्र
श्री सुरेश पासवान
माननीय विधायक, देवघर विधानसभा क्षेत्र
श्री उदय शंकर सिंह
माननीय विधायक, सारठ विधानसभा क्षेत्र
श्री देवेन्द्र कुंवर
माननीय विधायक, जरमुण्डी विधानसभा क्षेत्र
श्रीमती किरण कुमारी
माननीय अध्यक्ष, जिला परिषद, देवघर
दिनांक: 10 जुलाई 2025 | समय:10:30 पूर्वाहन | स्थान: दुम्मा, देवघर
सूचना एवं जनसम्पर्क विभाग, झारखण्ड सरकार
PR-356937/IPRD/2025-26

“ ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା

-ବ୍ୟାସ ଗୁରୁ ପୂର୍ଣ୍ଣିମା ଓ ଚନ୍ଦ୍ରପୂଜା



# ପ୍ରତିଷ୍ଠିତରୁ ପଛୁଆ



ଦେବଦତ୍ତ ପଟ୍ଟନାୟକ

ଏକଶତାବ୍ଦୀ ପୂର୍ବେ ଅନେକ ଗୋଷ୍ଠୀ ନିଜକୁ ବ୍ରାହ୍ମଣ ଓ କ୍ଷତ୍ରିୟ ଭାବେ ପରିଚୟ ଦେବାକୁ ଚାହୁଁଥିଲେ। ଏବେ କିନ୍ତୁ ଅନେକ ଗୋଷ୍ଠୀ ଅନ୍ୟ ପଛୁଆବର୍ଗ (ଓବିସି) ହେବା ପାଇଁ ଚାହୁଁଛନ୍ତି। ପୁରାତନ ବର୍ଣ୍ଣ ବ୍ୟବସ୍ଥା(ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ଅତି-ଶୂଦ୍ର କିମ୍ବା ପଞ୍ଚମ)ର ସ୍ଥାନ ନେଇଛି ଏବକାର ନୂତନ ଜାତି ବର୍ଗୀକରଣ(ସାଧାରଣ, ଓବିସି, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି )। କିନ୍ତୁ ସାଧାରଣ ନୀତି ବା ସିଦ୍ଧାନ୍ତ ସମାନ ରହିଛି। ଠିକ୍ ବର୍ଗରେ ରହିଲେ ତୁମେ କେତେକ ନିର୍ଦ୍ଦିଷ୍ଟ ଅଧିକାର ଓ ସଂରକ୍ଷଣ ପାଇବ। କିନ୍ତୁ ଏହା ମଧ୍ୟରେ ଏକ ବଡ଼ ପ୍ରଭେଦ ଅଛି। ଆରମ୍ଭରୁ ଏଭଳି ଗୋଷ୍ଠୀ ବର୍ଗୀକରଣର ଉଦ୍ଦେଶ୍ୟ ଥିଲା ତୁମେ କେମିତି ଉପରକୁ ଉଠି ନିଜକୁ ବିଶିଷ୍ଟ ବା ପ୍ରତିଷ୍ଠିତ କିମ୍ବା ପବିତ୍ର (ସଂସ୍କୃତୀକରଣ) ଭାବେ ପ୍ରତିପାଦିତ କରିବ। ବର୍ତ୍ତମାନର ବର୍ଗୀକରଣ ମାନେ ହେଉଛି ତୁମେ ନିଜକୁ ନୀଚ ଓ ଅବଦମିତ (ପଛୁଆ) ଭାବେ ଦର୍ଶାଇବା। ଭାରତରେ ଭିନ୍ନ ଭିନ୍ନ ବର୍ଗର ସମାଜ ରହିଥିଲେ ମଧ୍ୟ ସମାଜିକ ବ୍ୟବସ୍ଥା ପୂର୍ବଭଳି ସମାନ ରହିଛି।

ଭାରତରେ ପ୍ରାୟ ୩,୦୦୦ ଜାତି ଅଛି। ଅନେକ କ୍ଷେତ୍ରରେ ଏହା ବୃତ୍ତି ସହ ଜଡ଼ିତ( ଯଥା ବୁଣାକାର, କୁମ୍ଭକାର,ରଜକ ଇତ୍ୟାଦି)। ଏଭଳି ଜାତି ବର୍ଗୀକରଣ ଆମେ ତାମିଲ ସଙ୍ଗମ କାବ୍ୟରେ ମଧ୍ୟ ଦେଖିବାକୁ ପାଇଥାଉ। ସାରା ବିଶ୍ୱରେ ଉଚ୍ଚ-ନୀଚ ପଦାନୁକ୍ରମ ବ୍ୟବସ୍ଥା ରହିଛି, କିନ୍ତୁ ଭାରତର ଜାତି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭିନ୍ନ। କାରଣ ଜାତି ସହ ପବିତ୍ରତା, ସାମାଜିକ ପରମ୍ପରା ଓ ନିଜ ଜାତିରେ ବିବାହ ପ୍ରଥା ଜଡ଼ିତ । ଶୁଦ୍ଧ ଶାକାହାର ଖାଦ୍ୟ ଏବଂ ଖାଇବା ଅନୁପଯୋଗୀ ଅଶୁଦ୍ଧ ଖାଦ୍ୟ ଧାରଣା ଏବେ ମଧ୍ୟ ଏକବିଂଶ ଶତାବ୍ଦୀରେ ଜାତିର ସୂଚକ ଭାବେ ରହିଛି।

ପାଖାପାଖି ୨,୦୦୦ ବର୍ଷ ପୂର୍ବେ, ବ୍ରାହ୍ମଣମାନେ ଯେତେବେଳେ ଧର୍ମଶାସ୍ତ୍ର ଲେଖିବା ଆରମ୍ଭକଲେ ସେହି ସମୟରେ ସେମାନେ ସାମାଜିକ ବର୍ଗୀକରଣ ବା ବିଭାଜନ ଆରମ୍ଭ କରିଥିଲେ। ସେତିକିବେଳେ ଚତୁଃବର୍ଣ୍ଣ ବ୍ୟବସ୍ଥା ଗଢ଼ିଉଠିଥିଲା ଏବଂ ପୁରୁଣା କର୍ମକାଣ୍ଡ ରୀତିନୀତି ମାଧ୍ୟମରେ ସମାଜକୁ ବ୍ୟାପିଥିଲା। ଏହି ବର୍ଗୀକୃତ ଗୋଷ୍ଠୀର ଶୀର୍ଷରେ ଥିଲେ ବ୍ରାହ୍ମଣ। ବ୍ରାହ୍ମଣଙ୍କୁ ସାହାଯ୍ୟ କରୁଥିଲେ ଭୂମି ମାଲିକ ଗୋଷ୍ଠୀ( କ୍ଷତ୍ରିୟ, ଠାକୁର ଓ ରାଜପୁତ) ଏବଂ ବଣିକ ଗୋଷ୍ଠୀ (ବୈଶ୍ୟ, ବଣିକ ଓ ବ୍ୟାପାରୀ) ସବୁ । ବ୍ରାହ୍ମଣଙ୍କ ଭଳି



ଏମାନେ ଥିଲେ ବିଶିଷ୍ଟ ଗୋଷ୍ଠୀ, ଯେଉଁମାନେ ଦ୍ୱିଜ ଭାବେ ଜଣାଶୁଣା। ଏହି ଶବ୍ଦକୁ ଖ୍ରୀଷ୍ଟାବ୍ଦ ୨୦୦ ପରେ ମନୁସ୍ମୃତିରେ ଅଧିକ ଦର୍ଶାଯାଇଛି। ଏହିସବୁ ବର୍ଣ୍ଣ ପରେ ଅବଶିଷ୍ଟ ଯାହା ରହିଲେ ସେମାନେ ଥିଲେ ଶୂଦ୍ର। ଏହି ବର୍ଣ୍ଣ ବ୍ୟବସ୍ଥା ଭାରତର ଲୋକଙ୍କୁ ବିଭିନ୍ନ ବର୍ଗରେ ବିଭକ୍ତ କରିଥିଲା। ପ୍ରତି ଗାଁରେ କେବଳ ଏହି ୪ଟି ଗୋଷ୍ଠୀ ଥିଲେ। ଉଦାହରଣ ସ୍ୱରୂପ, ଗାଁରେ ହେଉଥିବା ଉତ୍ପାଦନର କିଛି ଭାଗ କିଭଳି ଗାଁ ମନ୍ଦିରର ତତ୍ତ୍ୱାବଧାରକ (ନର୍ତ୍ତକୀ, ଝାଡୁଦାର, ମାଳୀ ଓ ପୂଜକ (ବ୍ରାହ୍ମଣ କିମ୍ବା ଅଣ ବ୍ରାହ୍ମଣ(ଗୁରୁ)ହୋଇପାରନ୍ତି)ଙ୍କୁ ଦିଆଯାଉଥିଲା, ତାହାର ବିବରଣୀ ମହାରାଷ୍ଟ୍ରରୁ ମିଳିଥିବା ଶିଳାଲେଖରୁ ଜଣାଯାଏ । ଗୋଟିଏ ଗାଁର ଧନକୁ ଏହିଭଳି ଭାବେ ଗ୍ରାମର ବିଭିନ୍ନ ଜାତିର ଲୋକଙ୍କ ମଧ୍ୟରେ ଭାଗ କରାଯାଉଥିଲା। ଗୋଟିଏ ଜାତି ବା ସମ୍ପ୍ରଦାୟର ଅଧିକାର ଯେଭଳି କ୍ଷତିଗ୍ରସ୍ତ ନ ହୁଏ, ସେଥିପାଇଁ ସମାଜରେ ନିଜ ଜାତି ମଧ୍ୟରେ ବିବାହ ପ୍ରଚଳିତ ଥିଲା। ଗ୍ରାମ ବାହାରର କୌଣସି ଲୋକଙ୍କୁ ଗାଁର ଧନରେ ଭାଗୀଦାର ହେବାକୁ ଅନୁମତି ମିଳୁ ନ ଥିଲା। ଏହା ଜେନେଟିକ୍ ବା ଆନୁବଂଶିକ ପ୍ରମାଣରୁ ସିଦ୍ଧ ହୁଏ। ୧,୬୦୦ ବର୍ଷ ପୂର୍ବରୁ, ଭାରତରେ ଗୋଟିଏ ଜାତି ଅନ୍ୟ ଜାତିରେ ବିବାହ ନ କରିବାର ଏକ ବିଚିତ୍ର ଧାରା ପ୍ରଚଳିତ ରହିଆସିଛି।

ବେଦ ନିର୍ଦ୍ଧାରିତ ସାମାଜିକ ବର୍ଗୀକରଣ ବ୍ୟବସ୍ଥାକୁ ଇଂରେଜମାନେ ଗ୍ରହଣ କରିଥିଲେ। କୁହାଯାଏ ସେମାନେ ହିନ୍ଦୁଙ୍କ ପାଇଁ ବାଇବେଲ ଭଳି ସମାନ ଗ୍ରନ୍ଥ ଖୋଜୁଥିଲେ। କିନ୍ତୁ ତାହା ସତ୍ୟ ନୁହେଁ। ପଣ୍ଡିତମାନେ ଏବେ କହୁଛନ୍ତି, ବ୍ୟବସ୍ଥା ଗୁପ୍ତବଂଶର ଶାସନ ସମୟରୁ ସୃଷ୍ଟି ହୋଇଥିଲା। ଏହି ସମୟରେ ଭାରତର ଆର୍ଥିକ ଢାଞ୍ଚା ଅଧିକ ବ୍ୟାପାରିକ-ଆଶ୍ରମ(ମଠ) କୈନ୍ଦ୍ରିକ ବଦଳରେ ଅଧିକ କୃଷକ-ବ୍ରାହ୍ମଣ ଭିତ୍ତିକ ହୋଇପାରିଥିଲା। ଖ୍ରୀଷ୍ଟାବ୍ଦ ୩୦୦ ପରବର୍ତ୍ତୀ ସମୟର ତାମ୍ରପତ୍ର ଲେଖାରୁ ଜଣାପଡ଼େ, ସାରା ଭାରତରେ ବିଶେଷକରି ଦକ୍ଷିଣରେ ବ୍ରାହ୍ମଣ ସମ୍ପ୍ରଦାୟକୁ ଭୂମିଦାନ ଦିଆଯାଉଥିବା ବିଷୟ ଉଲ୍ଲେଖ ରହିଛି। ଚତୁଃବର୍ଣ୍ଣ ବ୍ୟବସ୍ଥା ବିଳମ୍ବରେ ପ୍ରକାଶିତ ଋଗ୍‌ବେଦରେ କେବଳ ଦେଖିବାକୁ ମିଳେ। ଏହି ସମୟରେ ଲେଖାରେ ବ୍ରାହ୍ମଣ ଓ ଶୂଦ୍ର ଶବ୍ଦ ବ୍ୟବହାର କରାଯାଇଛି। ଅବଶିଷ୍ଟ ବୈଦିକ ଶାସ୍ତ୍ରରେ ବିଭାଜନ ପ୍ରାୟତଃ ୩ ସ୍ତରର ରହିଥିବାବେଳେ ସେଥିରେ କୌଣସି ପଦାନୁକ୍ରମ ନାହିଁ। ଏହା ସମ୍ପୂର୍ଣ୍ଣ ସମ୍ଭବ ଯେ, ଋଗ୍‌ବେଦରେ ପରେ ବ୍ରାହ୍ମଣଙ୍କ ନିୟମ ସଂହିତା ଦ୍ୱାରା ନିଜ ଜାତି ମଧ୍ୟରେ ବିବାହ ପରମ୍ପରାକୁ ଯୋଡ଼ାଯାଇଥିଲା। ଊନବିଂଶ ଶତାବ୍ଦୀରେ ନେପାଳୀ ହିନ୍ଦୁ ନିୟମ ପୁସ୍ତିକା ମୁଲୁକି ଆଇନରେ କ୍ଷମତା ଓ ସୁବିଧାସୁଯୋଗର ର୍‍ୟାଙ୍କିଙ୍ଗ୍ ଦେଖିବାକୁ ମିଳେ। କାହା ହାତରୁ ପାଣି ପିଇବ ଏବଂ କାହା ହାତରୁ ପାଣି ପିଇବ ନାହିଁ, ଏହି ଆଧାରରେ ଜାତିର ବର୍ଗୀକରଣ କରାଯାଇଥିଲା। ବାଲି ହିନ୍ଦୁ ଦ୍ୱୀପରେ ମଧ୍ୟ ଏହା ଦେଖିବାକୁ ମିଳେ, ଯେଉଁଠି ଆନ୍ତଃ ଜାତି ବିବାହକୁ ନେଇ କଠୋର ନିୟମ ଅଛି।

ଜାତିଗତ ର୍‍ୟାଙ୍କିଙ୍ଗ୍ ବିଶେଷକରି ପରିବର୍ତ୍ତନୀୟ ଥିଲା। ବୀର ସମ୍ପ୍ରଦାୟ କିଛି ବ୍ରାହ୍ମଣଙ୍କ ସମର୍ଥନରେ ସହଜରେ ‘କ୍ଷତ୍ରିୟ’ ମାନ୍ୟତା ପାଇପାରୁଥିଲେ। ତେଲଙ୍ଗାନର କ୍ଷତ୍ରିୟ ରାଜାମାନେ ନିଜକୁ ଶୂଦ୍ର ଭାବେ ଶିଳାଲେଖରେ ଦର୍ଶାଇଛନ୍ତି। କଦମ୍ବ ରାଜାମାନେ ବ୍ରାହ୍ମଣ ଜାତିର ବୋଲି ଦାବି କରିଥିଲେ। ପ୍ରାକ୍ ମୋଗଲ ସମୟରେ, ରାଜପୁତ ବଂଶ ସେମାନଙ୍କ ମାନ୍ୟତା ପାଇଁ ଚାରଣ ଭାଟଙ୍କ ଉପରେ ନିର୍ଭର କରୁଥିଲେ। ପରେ ପୁରାତନ ସୂର୍ଯ୍ୟ ଓ ଚନ୍ଦ୍ର ବଂଶଜ ଭାବେ କ୍ଷତ୍ରିୟ ମାନ୍ୟତା ପାଇବାକୁ ବ୍ରାହ୍ମଣଙ୍କ ସମର୍ଥନ ଅଧିକ ନେଇଥିଲେ ଓ ଏଥିପାଇଁ ସେମାନଙ୍କୁ ଜମି ଦାନ ଦେଇଥିଲେ। ଅଷ୍ଟାଦଶ ଶତାବ୍ଦୀରେ, ମାଛଭକ୍ଷୀ ବ୍ରାହ୍ମଣ ଶାକାହାରୀ ବ୍ରାହ୍ମଣ ମାନ୍ୟତା ପାଇବେ କି ନାହିଁ କିମ୍ବା ମରାଠା ରାଜାଙ୍କର ରାଜପୁତ ବଂଶ ସହ ସମ୍ପର୍କ ଅଛି ନା ନାହିଁ, ତାହା ସବୁ କାଶୀ ବ୍ରାହ୍ମଣମାନେ ହିଁ ସ୍ଥିର କରୁଥିଲେ।

ଏବେ ଆମେ ଯେଉଁ ଜାତି ସମ୍ପର୍କରେ ଜାଣିଛେ, ତାହାକୁ ଇଂରେଜମାନେ ଦସ୍ତାବିଜ୍‌କରଣ ବା ରେକର୍ଡ କରିଛନ୍ତି ବୋଲି ଅଭିଯୋଗ ଉଠେ। ପ୍ରତ୍ୟେକ ହିନ୍ଦୁଙ୍କୁ ଏକ ବର୍ଣ୍ଣ ବା ଜାତି ମଧ୍ୟରେ ରହିବାକୁ ପଡ଼ିଲା। ଏହା କାୟସ୍ଥ (କରଣ) ଏବଂ ବୈଦ୍ୟ ମସୁଦାୟ ପାଇଁ ସମସ୍ୟା ସୃଷ୍ଟି କରିଥିଲା, ଯେଉଁମାନେ ପ୍ରତିଷ୍ଠିତ (ଦ୍ୱିଜ) ଥିଲେ, ବ୍ରାହ୍ମଣ କିମ୍ବା କ୍ଷତ୍ରିୟ ନ ଥିଲେ। ତେବେ ବ୍ରାହ୍ମଣଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ଦେଖାଗଲା। ତେବେ ଏହିସବୁ ପରିବର୍ତ୍ତନ ଗୋଟିଏ ବର୍ଗକୁ ଛୁଇଁପାରି ନ ଥିଲା। ଅସ୍ପୃଶ୍ୟ ଓ ଆଦିବାସୀ ଯେଉଁମାନେ ପରିମଳ, ସ୍ୱେରେଜ, ମୃତଦେହ, ଶ୍ମଶାନ, ଚମଡ଼ା ଓ ଅସ୍ଥି କାର୍ଯ୍ୟ ସହ ଜଡ଼ିତ ଥିଲେ ସେମାନଙ୍କୁ ଗାଁ ବାହାର ସୀମାରେ ରହିବାକୁ ବାଧ କରାଯାଇଥିଲା।

-devduttofficial@gmail.com

## ଯାଞ୍ଚ ବିଭ୍ରାନ୍ତିକର ନ ହେଉ



ସୌଭାଗ୍ୟ ରଞ୍ଜନ ମହାନ୍ତି

ବିହାରରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଚାଲିଥିବା ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ(ଏସ୍‌ଆଇଆର୍) ଅଭିଯାନକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିବା ଅଯଥାର୍ଥ ନୁହେଁ ବୋଲି କୁହାଯାଇପାରେ। ବିଶେଷ କରି ଏହାର ସମୟ ଏବଂ କଠୋର ମାନଦଣ୍ଡ ସମାଲୋଚନାର ଶରବ୍ୟହେବା ସ୍ୱାଭାବିକ। ବର୍ଷାଦିନ ଆରମ୍ଭ ହୋଇଯାଇଛି ଓ ବିହାର ଏକ ବନ୍ୟା ପ୍ରବଣ ରାଜ୍ୟ । ଏତିକିବେଳେ ସ୍ୱଳ୍ପ ସମୟର ଅବଧିରେ ଘରକୁ ଘର ବୁଲି ଭୋଟର ତାଲିକା ସଂଶୋଧନ କରିବା ନିୟୋଜିତ କର୍ମଚାରୀଙ୍କ ପାଇଁ ଏକ ଜଟିଳ ବ୍ୟାପାର ହୋଇପାରେ। ଭୋଟର ଯାଞ୍ଚ ପାଇଁ ଥିବା କଠୋର ମାନଦଣ୍ଡରେ ଭୁଲ୍‌ବଶତଃ ଅନେକ ଲକ୍ଷ ଭୋଟଦାତା ବାଦ୍ ପଡ଼ିବା ଆଶଙ୍କା କରାଯାଏ। ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି, କେବଳ ସାଧାରଣ ବାସିନ୍ଦା ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ହେବେ ; ଯାହାକି ବିରୋଧୀ ଦଳଙ୍କ ପାଇଁ ଉଦ୍‌ବେଗର କାରଣ ହୋଇଛି। ବିରୋଧୀଦଳଗୁଡ଼ିକ ପକ୍ଷରୁ ଦର୍ଶାଯାଇଛି, ଏସ୍‌ଆଇଆର୍ ପ୍ରବାସୀ ବା ଦେଶାନ୍ତର ଭୋଟଦାତାଙ୍କ ପାଇଁ ଅତ୍ୟନ୍ତ ଜଟିଳ ହୋଇପାରେ। ଉଲ୍ଲେଖଯୋଗ୍ୟ , ବିହାରର ମୋଟ ଭୋଟଦାତାଙ୍କ ସଂଖ୍ୟାର କେବଳ ୨୦ ପ୍ରତିଶତ ହେଉଛନ୍ତି ଦେଶାନ୍ତର ବା ପ୍ରବାସୀ ଶ୍ରମିକ। ଯାଞ୍ଚ ସମୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବା ସେମାନଙ୍କ ପାଇଁ କଷ୍ଟକର ହୋଇପାରେ। ଭୋଟର ତାଲିକା ଯାଞ୍ଚର ଅନ୍ତିମ ସମୟସୀମା ଚଳିତ ମାସ ୩୧ତାରିଖ ହୋଇଥିବାରୁ ପ୍ରବାସୀ ଶ୍ରମିକମାନେ ଭୋଟର ତାଲିକାରୁ ବାଦ୍ ପଡ଼ିବା ଅଧିକ ଆଶଙ୍କା ରହିଛି। ଉଲ୍ଲେଖଯୋଗ୍ୟ, ଲୋକ ପ୍ରତିନିଧି ଆଇନ-୧୯୫୦ରେ ବ୍ୟବସ୍ଥା ରହିଛି, ଜଣେ ଭୋଟର ସାମୟିକ ଭାବେ ତାଙ୍କ ବାସସ୍ଥାନରେ ଅନୁପସ୍ଥିତ ରହିଥିଲେ, ଭୋଟର ତାଲିକାରୁ ତାଙ୍କୁ ବାଦ୍ ଦିଆଯାଇପାରିବ ନାହିଁ। ଭୋଟର ତାଲିକା ଯାଞ୍ଚ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ଏ କ୍ଷେତ୍ରରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ। କିନ୍ତୁ ନିଃସନ୍ଦେହ ଯେ, ଯେଉଁ ପ୍ରବାସୀ ଶ୍ରମିକମାନେ ନିଜ ବାସସ୍ଥାନରେ ଦିନ ଦିନ ଧରି ଅନୁପସ୍ଥିତ ରହିଛନ୍ତି, ସେମାନଙ୍କ ପାଇଁ ଏହା ଅଧିକ ଜଟିଳ ହୋଇ ପାରେ। ବିହାରରେ ସଂଖ୍ୟାଧିକ ପ୍ରାପ୍ତ ବୟସ୍କ ଯେଉଁମାନେ ଭୋଟର ତାଲିକା ଅନ୍ତର୍ଭୁକ୍ତ, ବିଶେଷକରି ପୁରୁଷ ଭୋଟର କାମଧନ୍ଦା ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଇଥାନ୍ତି। ବିହାର ହେଉଛି ଏକ ରାଜ୍ୟ, ଯେଉଁଠାରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟଦାତାଙ୍କ ମତଦାନ ହାର ଅଧିକ । ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାଯାଇଛି, ପ୍ରତି ୧୦୦୦ ପୁରୁଷ ମତଦାତା ହାରରେ ମହିଳା ଭୋଟରଙ୍କ ମତଦାନ ହାର ୧୦୭୫.୫ । ଏହାର କାରଣ ହେଉଛି, ନିଜ ଜନ୍ମସ୍ଥାନରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିଥିବା ପୁରୁଷ ଭୋଟଦାତା ରାଜ୍ୟ ବାହାରେ କାମ କରୁଥିବାରୁ ଭୋଟ ଗ୍ରହଣ ଦିନ ଫେରିବାକୁ ଅସମର୍ଥ ହୋଇଥାଆନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ଭୋଟ ହାର ଏହା ପ୍ରମାଣିତ କରୁଛି। କିନ୍ତୁ ବାସ୍ତବରେ ରାଜ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ମହିଳାଙ୍କ ତୁଳନାରେ ଅଧିକ । ପ୍ରତି ୧୦୦୦ ପୁରୁଷ ଭୋଟର ସଂଖ୍ୟାରେ ମହିଳାଙ୍କ ସଂଖ୍ୟା ହେଉଛି ୯୧୫.୫।

ନିଜ ଜନ୍ମସ୍ଥାନରେ ବର୍ଷ ବର୍ଷ ଧରି ଅନୁପସ୍ଥିତ ଥିବା ଏବଂ ସାମୟିକ ଅନୁପସ୍ଥିତ ଥିବା ଭୋଟଦାତାଙ୍କୁ ଚିହ୍ନଟ କରିବା ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ପାଇଁ ନିଶ୍ଚିତ ଭାବେ କଷ୍ଟକର। ଆହୁରି ମଧ୍ୟ ଦୀର୍ଘ ବର୍ଷ ଧରି ଅନୁପସ୍ଥିତ ଥିବା ଭୋଟର ସେମାନଙ୍କ ନାମ ରହୁଥିବା ସ୍ଥାନରେ ପଞ୍ଜୀକରଣ କରିଛନ୍ତି କି ନାହିଁ, ସେ ନେଇ ନିର୍ବାଚନ କମିଶନ ନିଶ୍ଚିତ ହେବା ଆବଶ୍ୟକ। ନୀତିଗତ ଭାବେ ନିର୍ବାଚନ କମିଶନ ଏ କ୍ଷେତ୍ରରେ ଭାରସାମ୍ୟ ରକ୍ଷାକରିବା ଜରୁରୀ। ତେଣୁ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତ ଅଭିଯାନ ବା ଚିହ୍ନଟ ପ୍ରକ୍ରିୟା ପାଇଁ ମାତ୍ର ଗୋଟିଏ ମାସ ନୁହେଁ, ଅଧିକ ସମୟ ଆବଶ୍ୟକ। ଏ ନେଇ ନିର୍ବାଚନ କମିଶନ ଅଧିକ ସମୟ ସ୍ଥିର କରିବା ଜରୁରୀ। ଭୋଟର ତାଲିକା ଯାଞ୍ଚ ପାଇଁ ବୁଥ୍ ସ୍ତରରେ ନିୟୋଜିତ କର୍ମଚାରୀ(ବିଏଲ୍‌ଓ)ମାନେ ଘରକୁ ଘର ବୁଲି ଭୋଟରଙ୍କ ଆଇଡି ଯାଞ୍ଚ ସଂଗ୍ରହଣ କରିବା ଆବଶ୍ୟକ। କିନ୍ତୁ ସେଗୁଡିକୁ ସ୍କାନ୍ କରି ଅପ୍‌ଲୋଡ୍ କରିବା ପାଇଁ ମାତ୍ର ୧ସପ୍ତାହ ସମୟ ଦିଆଯାଇଥିବାରୁ ତାହା ଗରିବ, ପ୍ରବାସୀ ଶ୍ରମିକଙ୍କ ପାଇଁ ସମ୍ଭବ ନୁହେଁ। ଏହାର ପରିଣତି ସ୍ୱରୂପ ୭କୋଟିରୁ ଅଧିକ ବିହାରର ସ୍ଥାୟୀ ବାସିନ୍ଦା ଭୋଟର ତାଲିକାରୁ ବାଦ୍ ପଡ଼ିପାରନ୍ତି ବୋଲି ଆକଳନ କରାଯାଏ।

ଗାଙ୍ଗୋତ୍ରୀନଗର,
ଶିଶୁପାଳଗଡ଼,ଭୁବନେଶ୍ୱର
ମୋ: ୭୯୭୮୬୬୬୪୦୩

## ଏଇ ଭାରତରେ

ପିଲାଙ୍କୁ ଡାକ୍ତର କରିବା ପାଇଁ ଅଭିଭାବକମାନେ ଅତ୍ୟଧିକ ଚେଷ୍ଟା କରୁଛନ୍ତି। ପିଲାମାନେ ମଧ୍ୟ ଏଥିପାଇଁ ଦିନରାତି ଏକ କରିଦେଉଛନ୍ତି। କିନ୍ତୁ ଜଣେ ଛାତ୍ରୀ ଡାକ୍ତର ହେବା ପରେ ତାହାକୁ ଛାଡ଼ି ବନାଗ୍ନି ସମସ୍ୟା ସମାଧାନ ପାଇଁ ଆଗକୁ ଆସିଛନ୍ତି। ଏହି ମହିଳା ଡାକ୍ତର ହେଉଛନ୍ତି ଉତ୍ତରାଖଣ୍ଡର ଡ. ମେଘା ସକ୍ସେନା। ଉତ୍ତରାଖଣ୍ଡର ପାଇନ ଗଛ ନିଡଲ୍ (ଛୁଞ୍ଚି ଭଳି ପତ୍ର) ଝଡ଼ି ବହୁ ସମୟରେ ବନାଗ୍ନିର କାରଣ ପାଲଟିଥାଏ। ଏହାର ସମାଧାନ ପାଇଁ ସେ ପାଇନ ନିଡଲ୍ ବର୍ଜ୍ୟକୁ ବ୍ୟବହାର ଯୋଗ୍ୟ ବାୟୋଚାର୍ ଆଧାରିତ ଅର୍ଥାତ୍ ଅଙ୍ଗାର ଭଳି ଜୈବ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି, ଯାହା ମାଟିର ଉର୍ବରତା ବଢ଼ାବାରେ ସାହାଯ୍ୟ କରୁଛି। ଏହା ବ୍ୟତୀତ ନିଡଲ୍ ବର୍ଜ୍ୟରୁ ଉଡ୍ ଭିନେଗାର ସବୁ ପ୍ରସ୍ତୁତ କରୁଛନ୍ତି ଏବଂ ଏହା କୀଟନାଶକଭାବେ ବ୍ୟବହାର ହେଉଛି। ଏହା ସହ ପାଇନ ବର୍ଜ୍ୟ ସହିତ ଅନ୍ୟ ଖାଦ୍ୟଶସ୍ୟ ମିଶାଇ କୁକୁଡ଼ା ଓ ମାଛ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ସେ ଇକୋଚାର ଷ୍ଟାର୍ଟଅପ୍ ମାଧ୍ୟମରେ ଏହି କାମ କରୁଛନ୍ତ ଏବଂ ଏହାକୁ ସେ ୨୦୧୧ରେ ପ୍ରତିଷ୍ଠା କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୦ ଜୁଲାଇ ୧୯୭୬

- ରାଜ୍ୟର ଐତିହାସିକ ଅଂଶୁପା ହ୍ରଦର ଉନ୍ନୟନ ସକାଶେ ୧୯ ଲକ୍ଷ ଟଙ୍କା ବ୍ୟୟ କରାଯିବାକୁ ସିଦ୍ଧାନ୍ତ କରାଯାଇଛି।
- ପଶ୍ଚିମ ଜର୍ମାନୀର ପୂର୍ବତନ ରାଷ୍ଟ୍ରପତି ଗୁସ୍ତାଭ୍ ହାନେମାନଙ୍କ ପରଲୋକ।

# ଦେଶ ବିକାଶରେ ମତ୍ସ୍ୟ କ୍ଷେତ୍ର



ପ୍ରକାଶ ତ୍ରିପାଠୀ

ଆଜିର ଦିନଟି ଓଡ଼ିଶା ପାଇଁ ଏକ ସ୍ମରଣୀୟ ଦିବସ। ୧୯୫୭ ଜୁଲାଇ ୧୦ ଅବିଭକ୍ତ ଢେଙ୍କାନାଳ ଜିଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଭାରତର ବିଶିଷ୍ଟ ମତ୍ସ୍ୟବିଜ୍ଞାନୀ ଡ. କେ. ଏଚ. ଆଲିକୁନି ଏବଂ ଡ. ହିରାଲାଲ ଚୌଧୁରୀଙ୍କ ଅକ୍ଲାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ତଥା ତତ୍କାଳୀନ ଓଡ଼ିଶାର ମତ୍ସ୍ୟ ନିର୍ଦ୍ଦେଶକ ଡ. ଗଜେନ୍ଦ୍ର ନାଥ ମିତ୍ରଙ୍କ ସହଯୋଗରେ ଆମ ଦେଶକୁ ଏହି ଐତିହାସିକ ସଫଳତା ମିଳିଥିଲା। ଏହି ମହତ୍ତ୍ୱପୂର୍ଣ୍ଣ ସଫଳତାକୁ ମନେରଖିବା ପାଇଁ ଏହି ଦିନଟିକୁ ସାରା ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଇଥାଏ। ମତ୍ସ୍ୟ କ୍ଷେତ୍ରକୁ ନୂତନ ଜ୍ଞାନକୌଶଳଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟଲକ୍ଷ୍ୟ।

ମତ୍ସ୍ୟଚାଷ ଏବଂ ଜଳକୃଷି କ୍ଷେତ୍ର ଦେଶର ଖାଦ୍ୟ ସୁରକ୍ଷା, ପୁଷ୍ଟିଯୋଗାଣ, ନିଯୁକ୍ତି ଏବଂ ଆର୍ଥିକ ଅଭିବୃଦ୍ଧିର ଏକ ମୂଳଦୁଆ ଭାବରେ ଉଭା ହୋଇଛି। ଏହି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଏବଂ ଅଧିକ ସମର୍ଥନ କରିବାର ଆବଶ୍ୟକତାକୁ ସ୍ୱୀକାର କରି, ଭାରତ ସରକାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅନ୍ତର୍ଗତ ଏକ କେନ୍ଦ୍ରୀୟ କ୍ଷେତ୍ର ଉପ-ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହ-ଯୋଜନାକୁ ଅନୁମୋଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହ-ଯୋଜନା ମତ୍ସ୍ୟଚାଷକୁ ସୁଦୃଢ଼ କରି, ମୂଲ୍ୟ ଶୃଙ୍ଖଳା, ନିଯୁକ୍ତି ଏବଂ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବା ସହ ବିଶ୍ୱ ବଜାରରେ ଭାରତୀୟ ମତ୍ସ୍ୟଚାଷ ଉତ୍ପାଦର ବିପ୍ଳବ ଆଣିବାର ସମ୍ଭାବନା ସୃଷ୍ଟି କରିଛି। ଭାରତ ହେଉଛି ତୃତୀୟ ବୃହତ୍ତମ ମାଛ ଉତ୍ପାଦନକାରୀ ଏବଂ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଜଳକୃଷି ମାଛ ଉତ୍ପାଦନକାରୀ ଦେଶ । ବିଶ୍ୱ ମାଛ ଉତ୍ପାଦନରେ ଭାରତର ଅବଦାନ ପ୍ରାୟ ସାତ ଭାଗ। ମତ୍ସ୍ୟଚାଷରେ ନିବେଶ, ପ୍ରଯୁକ୍ତିବିଦ୍ୟା ପ୍ରୟୋଗ, ତାଲିମ ଏବଂ ଦକ୍ଷତା ବିକାଶ ମାଧ୍ୟମରେ ଜାତୀୟ ମାଛ ଉତ୍ପାଦନ ୨୦୨୩-୨୪ରେ ସର୍ବକାଳୀନ ସର୍ବାଧିକ ୧୮୪.୦୨ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି ; ଯାହାକି ବିଗତ ଦଶବର୍ଷ ମଧ୍ୟରେ ପ୍ରାୟ ଦୁଇଗୁଣ ଅଧିକ। ସେହିପରି ବିଗତ ଦୁଇ ଦଶନ୍ଧିରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ପ୍ରାୟ ଦଶ ଗୁଣ ବୃଦ୍ଧି ପାଇଛି। ୨୦୦୩-୦୪ରେ ରପ୍ତାନି ମୂଲ୍ୟ ୬୦୯.୯୫ କୋଟି ଟଙ୍କା ଥିଲା ବେଳେ ବିଶ୍ୱ ବଜାରରେ ଚ୍ୟାଲେଞ୍ଜ ସତ୍ତ୍ୱେ ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତ ୧୭. ୮୧୬ ଲକ୍ଷ ମେଟ୍ରିକ ଟନ ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଛି, ଯାହାର ମୂଲ୍ୟ ୬୦୫୨୩.୮୯ କୋଟି ଟଙ୍କା।

ଭାରତ ବିଭିନ୍ନ ଜଳ ସମ୍ପଦ ଏବଂ ମତ୍ସ୍ୟ ପ୍ରଜାତିରେ ସମୃଦ୍ଧ। ଏହା ଦୁଇ ହଜାରରୁ ଅଧିକ ପ୍ରଜାତିର ମାଛର ଆବାସସ୍ଥଳ। ପ୍ରାକୃତିକ ଜଳ ସମ୍ପଦର ସ୍ଥାୟୀ ପରିଚାଳନା ଏବଂ ସଂରକ୍ଷଣ ହାସଲ କରିବା ପାଇଁ ନୀତି ନିର୍ଦ୍ଧାରକ, ବିଶେଷଜ୍ଞ, ଗବେଷକ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ଏବଂ ଜଳଜ ସମ୍ପଦ ଉପରେ ଜ୍ଞାନ ପ୍ରସାରଣ ମାଧ୍ୟମରେ ଏହାକୁ ଅଧିକ ସମୃଦ୍ଧଶାଳୀ କରାଯାଉଛି। ବିଶ୍ୱର ୧୩୨ଟି ଦେଶକୁ ୫୦ରୁ ଅଧିକ ବିଭିନ୍ନ ପ୍ରକାରର ମାଛ ରପ୍ତାନି କରୁଥିବା ଭାରତ ବର୍ତ୍ତମାନ କୃଷି ରପ୍ତାନିରେ ସବୁଠାରୁ ବଡ଼ ଗୋଷ୍ଠୀ ଭାବରେ ଉଭା ହୋଇଛି। ଜାତୀୟ ମତ୍ସ୍ୟପାଳନ ଡିଜିଟାଲ ପ୍ଲାଟଫର୍ମ ହେଉଛି ଭାରତ



ସରକାରଙ୍କ ମତ୍ସ୍ୟପାଳନ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ଏକ ପରିବର୍ତ୍ତନଶୀଳ ପଦକ୍ଷେପ। ଏହା ସୂଚନାଭିତ୍ତିକ ନିଷ୍ପତ୍ତି ଗ୍ରହଣ, ନୀତିଗଠନ ଏବଂ ସହଭାଗିତା ଏବଂ ସହଯୋଗକୁ ସହଜ କରିବା ପାଇଁ ତଥ୍ୟ ସଂଗ୍ରହ ଏବଂ ବିଶ୍ଳେଷଣ ପାଇଁ ଏକ ବ୍ୟାପକ ଢାଞ୍ଚା ମାଧ୍ୟମରେ ପ୍ରମାଣ-ଆଧାରିତ ମତ୍ସ୍ୟପାଳନ ପରିଚାଳନା ପାଇଁ ମୂଳଦୁଆ ପକାଇବ। ୨୦୨୫-୨୬ ବଜେଟ ଘୋଷଣା ରଣନୀତିକ ଭାବରେ ଆର୍ଥିକ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବା, କଷ୍ଟମ ଡ୍ୟୁଟି ହ୍ରାସ କରି ଚାଷୀଙ୍କ ଉପରେ ଆର୍ଥିକ ବୋଝ ହ୍ରାସ କରିବା ଏବଂ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ବିକାଶକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱ ପ୍ରଦାନ କରେ। ଭାରତ ସରକାର ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ, ପ୍ରକ୍ରିୟାକରଣ ଏବଂ ଅନ୍ୟାନ୍ୟ ମତ୍ସ୍ୟଜୀବୀଙ୍କ ପାଇଁ ଋଣ ଉପଲବ୍ଧତାକୁ ବୃଦ୍ଧି କରିବା ପାଇଁ କିଷାନ କ୍ରେଡିଟ କାର୍ଡ (କେସିସି)ଋଣ ସୀମା ତିନି ଲକ୍ଷରୁ ପାଞ୍ଚ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି; ଯାହାକି ସାଧାରଣ ମତ୍ସ୍ୟଜୀବୀଙ୍କ ଆର୍ଥିକ ବିକାଶରେ ଅନେକ ସମ୍ଭାବନା ସୃଷ୍ଟି କରିଛି।

ସେହିପରି ମତ୍ସ୍ୟ ସମ୍ପଦ ଦୃଷ୍ଟିରୁ ଭାରତର ପୂର୍ବ ଉପକୂଳ ରାଜ୍ୟ ଓଡ଼ିଶା ଏକ ଉନ୍ନତ ରାଜ୍ୟ। ୭.୦୮ ଲକ୍ଷ ହେକ୍ଟର ମଧୁର ଜଳ କ୍ଷେତ୍ର, ୪.୧୮ ଲକ୍ଷ ହେକ୍ଟର ଖାରିଜଳ କ୍ଷେତ୍ର ଓ ସର୍ବୋପରି ୫୭୫କିମି ଉପକୂଳ ଅଞ୍ଚଳକୁ ନେଇ ଓଡ଼ିଶା ମତ୍ସ୍ୟ ସମ୍ପଦ ସମୃଦ୍ଧ। ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି କରିବା ପାଇଁ ଅନେକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ବିଗତ ପାଞ୍ଚବର୍ଷ ମଧ୍ୟରେ ମାଛ ଯାଆଁଳ ଉତ୍ପାଦନ ୯୪.୭୨ କୋଟିରୁ ୩୧୦ କୋଟିରେ ପହଞ୍ଚିଛି। ଆମ ରାଜ୍ୟରେ ମାଛ ଉତ୍ପାଦନ ବିଗତ ୫ ବର୍ଷରେ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇ ୧୧.୯୨ ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି। ବିଗତ ଦୁଇ ଦଶନ୍ଧିରେ ଜାତୀୟ ସ୍ତରରେ ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଅଷ୍ଟମ ସ୍ଥାନରୁ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇପାରିଛି। ଓଡ଼ିଶାର ପ୍ରାୟ ୧୫ ଲକ୍ଷ ଲୋକ ମତ୍ସ୍ୟକ୍ଷେତ୍ର ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ। ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରୋତ୍ସାହନ ତଥା ମତ୍ସ୍ୟଚାଷୀଙ୍କ ସଫଳ ଉଦ୍ୟମ ଯୋଗୁ ଆମ ରାଜ୍ୟ ମାଛ ଉତ୍ପାଦନରେ ପ୍ରଗତି ହାସଲ କରିଚାଲିଛି। ଖାଦ୍ୟ ନିରାପତ୍ତା, ଜୀବିକା ସୁରକ୍ଷା, ମତ୍ସ୍ୟଚାଷୀ/ମତ୍ସ୍ୟଜୀବୀଙ୍କ କଲ୍ୟାଣ ଓ ନିଯୁକ୍ତି ସୃଷ୍ଟିପାଇଁ ଜଳକୃଷିର ବିକାଶ ଓ ମତ୍ସ୍ୟ ସମ୍ପ୍ରସାରଣ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶ ନିଜକୁ ପ୍ରତିଷ୍ଠିତ କରିପାରିଛି। ଜାତୀୟ ସ୍ତରରେ ମୁଣ୍ଡପିଛା ବାର୍ଷିକ ମାଛ ବ୍ୟବହାର ୧୩.୧୦ କିଲୋଗ୍ରାମ ଥିଲାବେଳେ ଆମ ରାଜ୍ୟରେ ଏହା ୧୮.୩୩ କିଲୋଗ୍ରାମ । ବୈଦେଶିକ ମୁଦ୍ରା ଅର୍ଜନରେ ମଧ୍ୟ ଓଡ଼ିଶା ମତ୍ସ୍ୟ କ୍ଷେତ୍ରର ପ୍ରମୁଖ ଭୂମିକା ରହିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରୁ ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ପ୍ରାୟ ବାରଗୁଣ ବୃଦ୍ଧି ଘଟିଛି। ୨୦୦୦-୦୧ ବର୍ଷରେ ୧୦୦୬୪ ମେଟ୍ରିକ ଟନ ସାମୁଦ୍ରିକ ଖାଦ୍ୟ ଓଡ଼ିଶା ରପ୍ତାନି କରିଥିଲା ବେଳେ ୨୦୨୪-୨୫ରେ ଏହା ୯ ଗୁଣ ଅର୍ଥାତ ୯୨୦୧୮ ମେଟ୍ରିକ ଟନକୁ ବୃଦ୍ଧି ପାଇଛି। ସେହିପରି, ସେହି ସମୟ ମଧ୍ୟରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ମୂଲ୍ୟ ୩୭୯ କୋଟି ଟଙ୍କାରୁ ୪୭୦୧.୪୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଉଭୟ ଭୂ-ସମାନ୍ତର ଓ ଭୂ-ଲମ୍ବ ସମ୍ପ୍ରସାରଣ ଦ୍ୱାରା ମତ୍ସ୍ୟ କ୍ଷେତ୍ରକୁ ଅଧିକ ସୁଦୃଢ଼ ଓ ସମୃଦ୍ଧ କରିବା ପାଇଁ ସରକାର ସର୍ବଦା ତତ୍ପର। ନୂତନ ଜଳାଶ୍ରୟ ସୃଷ୍ଟି ସହ ଅବସ୍ଥିତ ଥିବା ଜଳାଶୟରେ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରାଯାଇ ମାଛ ଉତ୍ପାଦନ ବୃଦ୍ଧି କରାଯାଉଛି। ଏହାସହ ଏଥିରେ ସମ୍ପୃକ୍ତ ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀ/ ଉଦ୍ୟୋଗୀଙ୍କ ଆୟବୃଦ୍ଧିକୁ ଗୁରୁତ୍ୱ ଦିଆଯାଉଛି। ଦେଶର ମତ୍ସ୍ୟ ଚାଷୀ/ମତ୍ସ୍ୟଜୀବୀ/ମତ୍ସ୍ୟ ଉଦ୍ୟୋଗୀଙ୍କ ନିଷ୍ଠା ଓ ଦାୟିତ୍ୱସମ୍ପନ୍ନ ଆଭିମୁଖ୍ୟ ତଥା ସରକାରଙ୍କ ବହୁବିଧ ଯୋଜନାର ସଫଳ ରୂପାୟନ ଯୋଗୁ ଦେଶକୁ ମତ୍ସ୍ୟସମ୍ପଦ ଅଭିବୃଦ୍ଧିରେ ମିଳିଛି ସାମଗ୍ରିକ ସଫଳତା ଓ ଦ୍ରୁତ ଆର୍ଥିକ ବିକାଶ।

ମୋ: ୯୪୩୭୨୩୨୪୬୩

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | 6 | 1 | | |
| | 6 | | 3 | 7 | | | | |
| | | | 1 | | 9 | | | |
| | | | | 4 | | | 5 | |
| | | | | | | | | 7 |
| | 4 | | | 9 | | | | |
| 5 | | 2 | 9 | | | 8 | | |
| 6 | | 8 | | 2 | 7 | 3 | | |
| | 3 | 7 | 5 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 3 | 5 | 1 | 4 | 2 | 8 | 9 |
| 5 | 2 | 4 | 9 | 8 | 6 | 7 | 3 | 1 |
| 9 | 8 | 1 | 3 | 2 | 7 | 6 | 4 | 5 |
| 2 | 4 | 9 | 6 | 3 | 1 | 8 | 5 | 7 |
| 8 | 5 | 6 | 4 | 7 | 2 | 9 | 1 | 3 |
| 1 | 3 | 7 | 8 | 9 | 5 | 4 | 2 | 6 |
| 6 | 1 | 5 | 7 | 4 | 8 | 3 | 9 | 2 |
| 4 | 9 | 2 | 1 | 6 | 3 | 5 | 7 | 8 |
| 3 | 7 | 8 | 2 | 5 | 9 | 1 | 6 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଗୁଆ ଜାମିନ

ମହାଶୟ,

ଆମ ଜାଣିବାରେ, ଯିଏ ଦୋଷକରେ ପୋଲିସ ତାକୁ ଗିରଫ କରେ। ପରେ ସତ ଓକାଳିବାକୁ ମାଡ଼ ଦିଏ ଏବଂ ଶେଷରେ କୋର୍ଟକୁ ଫରୱାର୍ଡ କରେ। ଜାମିନ ଲାଗି ଆବେଦନ କରାଗଲେ ବିଚାରପତି ବିଚାର କରନ୍ତି। ମନବୁଝିଲେ ଜାମିନରେ ଛାଡ଼ିପାରନ୍ତି କିମ୍ବା ଜେଲକୁ ପଠାଇ ଦେଇପାରନ୍ତି। ଅନେକ କ୍ଷେତ୍ରରେ ପୋଲିସ ଗିରଫ କରିବା ଆଗରୁ ଧନୀ ଲୋକମାନେ ଜାମିନ ଲାଗି ଆବେଦନ କରୁଛନ୍ତି ଏବଂ ଜଜ୍ ମଧ୍ୟ ଉକ୍ତ ଆବେଦନକୁ ମଞ୍ଜୁର୍ କରୁଛନ୍ତି। ଫଳରେ ସେମାନଙ୍କୁ ଗିରଫ କରାଯାଇପାରୁନାହିଁ। ସତେଯେମିତି ଏହି ଆଗୁଆ ଜାମିନ ନିୟମ କେବଳ ବଡ଼ ଲୋକ, ବଡ଼ ଓକିଲ ଏବଂ ବିଚାରପତିଙ୍କ ମଧ୍ୟରେ ସୀମିତ ରହିଯାଉଛି। ସାଧାରଣ ଲୋକେ ଏହାକୁ ବୁଝୁନାହାନ୍ତି କିମ୍ବା ଏହାର ସୁବିଧା ମଧ୍ୟ ନେଇପାରୁନାହାନ୍ତି। ଥାନା କି କୋର୍ଟ କଚେରିକୁ ନ ଯାଇ ଆଗୁଆ ଜାମିନ କେମିତି ମିଳୁଛି, ତାହା ଆମଭଳି ଲୋକ ବୁଝିପାରୁନାହିଁ।

**-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେଉଁ ଜୋଛନା ମରଇ ତୋ ନୀଳ ଜଳେ
ମୋହରି ଜୋଛନା ସେ ଗୋ ଖେଳେ କଉଶଳେ
କାନ୍ଦଇ ତୋହରି ତୁଲ
ତୁଷାରେ ସେ କେଉଁ ଫୁଲ,
ମୋହରି ପରାଣ ପ୍ରିୟ ଏମାନ ସକଳେ ।
-(ଚିତ୍ରୋତ୍ପଳା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରାଜ୍ୟରେ ଆଂଶିକ ପ୍ରଭାବ



ଭୁବନେଶ୍ୱର ରାଜମହଲ ଛକରେ ଶ୍ରମିକ ସଂଗଠନ ପକ୍ଷରୁ ବୁଧବାର ବନ୍ଦ ଡାକରା ଯୋଗୁ ଅଟକି ରହିଥିବା ବସ୍।

ଭୁବନେଶ୍ୱର,୯।୭(ରବିନାରାୟଣ ଜେନା/ସତ୍ୟଜିତ୍ ରାଉତ)

## ଟ୍ରେଡ୍ ୟୁନିୟନର ଭାରତ ବନ୍ଦ ଡାକରା

କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ତଥା କର୍ପୋରେଟ ସପକ୍ଷବାଦୀ ନୀତିକୁ ବିରୋଧ ଏବଂ ଶ୍ରମକୋଡ୍ ବାତିଲ ଭଳି ୧୭ ଦଫା ଦାବି ନେଇ ୧୦ଟି ଶ୍ରମିକ ସଂଗଠନ ପକ୍ଷରୁ ବୁଧବାର ଡିଆଯାଇଥିବା ଭାରତ ବନ୍ଦ ଡାକରାର ଆଂଶିକ ପ୍ରଭାବ ଓଡ଼ିଶାରେ ଦେଖିବାକୁ ମିଳିଛି। ବ୍ୟାଙ୍କିଙ୍ଗ, ବୀମା, ଡାକସେବାଠାରୁ ଆରମ୍ଭ କରି ଖଣି ଖନନ ଏବଂ ନିର୍ମାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ଶ୍ରମିକମାନେ ବନ୍ଦ ପାଳନରେ ସାମିଲ ହୋଇଥିଲେ। ଏଥିଯୋଗୁ ଓଡ଼ିଶାର ସଡ଼କପଥ, ରେଳପଥରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏପରିକି ମେଡିକାଲ ଭଳି ଜରୁରୀ କାର୍ଯ୍ୟରେ ଯାଉଥିବା ଲୋକେ ବାଟରେ ହାଲିଆ ହୋଇଥିବା ଦେଖିବାକୁ ମିଳିଥିଲା। ରାଜଧାନୀ ସମେତ ବିଭିନ୍ନ ସହରାଞ୍ଚଳରେ ପେଟ୍ରୋଲ ପମ୍ପ ଠାରୁ ଆରମ୍ଭ କରି ବାଣିଜ୍ୟିକ ଅନୁଷ୍ଠାନ ବାଧାପ୍ରାପ୍ତ ହୋଇଛି। ତେବେ ସରକାରୀ କାର୍ଯ୍ୟାଳୟ ସେତେଟା ବାଧାପ୍ରାପ୍ତ ହୋଇ ନ ଥିବା ଦେଖିବାକୁ ମିଳିଛି। ଜାତୀୟ ରାଜପଥରେ ବିଭିନ୍ନ ସ୍ଥାନରେ ଶ୍ରମିକ ସଂଗଠନର ଅବରୋଧ ଯୋଗୁ ଟ୍ରକ୍‌ରେ ଅଟକି ରହିଲା, ଫଳରେ ମାଲ୍ ଓ ତୈଳ ପରିବହନ କ୍ଷେତ୍ରରେ ବାଧା ଉପୁଜିଛି। ଅନେକ ଦୂରଗାମୀ ଏବଂ ଦୀର୍ଘସମୟ ଧରି ବିଭିନ୍ନ ଷ୍ଟେସନରେ ଅଟକି ରହିବାରୁ ଲୋକେ ଗନ୍ତବ୍ୟସ୍ଥଳରେ ଠିକଣା ସମୟରେ ପହଞ୍ଚି ପାରିନାହାନ୍ତି। ରାଜ୍ୟରେ ଯାତ୍ରୀବାହୀ ବସ୍ ଚଳାଚଳ ଏକପ୍ରକାର ଠପ୍ ହୋଇଯାଇଥିବାବେଳେ ଟ୍ରକ୍‌ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବାଧାପ୍ରାପ୍ତ ହୋଇଛି।

ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୬ଟାବେଳେ ସିଆଇଟିୟୁ, ଏଆଇଟିୟୁସି, ଏଆଇୟୁଟିୟୁସି ଏବଂ ଟ୍ରିପ୍ସି ସଂଗଠନର କର୍ମୀମାନେ ପିକେଟିଂ କରିବା ସହ ସଡ଼କପଥରେ ଗାଡ଼ିମୋଟର ଚଳାଚଳରେ ବାଧା ସୃଷ୍ଟି କରିଥିଲେ। ରାଜମହଲ, ମାଷ୍ଟରକ୍ୟାଣ୍ଟିନ, ସିଟି ବସ୍‌ଷ୍ଟାଣ୍ଡ, ବ୍ୟାଙ୍କ, ଲେବର କମିଶନର, ରସୁଲଗଡ଼, ବାଣୀବିହାର, କ୍ରାଉନ୍ ହୋଟେଲ, ଗୁମୁଗୁମା, ନାଲକୋ, ଜୟଦେବ ବିହାର, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଏବଂ ଏଜି ଛକ ଆଦିରେ ଅନେକ ଶ୍ରମିକ ସଂଗଠନର କର୍ମୀ ଧାରଣାରେ ବସିଥିଲେ। ଜୟଦେବ ବିହାର ଓଭରବ୍ରିଜ୍ ଉପରେ ଶ୍ରମିକ ସଂଗଠନର କର୍ମୀମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଜାତୀୟ ରାଜପଥରେ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅନୁରୂପ ଭାବେ ରେଲେଷ୍ଟେସନରେ ଶ୍ରମିକ ସଂଗଠନର କର୍ମୀମାନେ ରେଳଲାଇନ ଉପରେ ଧାରଣା ଦେବା ଯୋଗୁ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାଜଧାନୀରେ ଅଟୋ ଚଳାଚଳ ସ୍ୱାଭାବିକ ଥିଲାବେଳେ ମୁଖ୍ୟ ବ୍ୟବସାୟ କେନ୍ଦ୍ରଗୁଡ଼ିକ ବନ୍ଦ ରହିଥିଲା। ସେହିପରି ରିଜର୍ଭ ବ୍ୟାଙ୍କ ସମେତ ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବୀମା କମ୍ପାନୀ ଅଫିସ, ବିଏସ୍‌ଏନ୍‌ଏଲ୍ ମୁଖ୍ୟ ଅଫିସ, ପିଏମ୍‌ଜି, ପୂର୍ବତଟ ରେଳପଥ ମୁଖ୍ୟ କାର୍ଯ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ, ନାଲକୋ ମୁଖ୍ୟ ଅଫିସ ଫାଟକ ଇତ୍ୟାଦି ସ୍ଥାନରେ ମଧ୍ୟ ବିଭିନ୍ନ ଶ୍ରମିକ ୟୁନିୟନର ରାଜ୍ୟ ନେତୃତ୍ୱ ଏବଂ କର୍ମୀମାନେ ଧର୍ମଘଟ କରିଥିଲେ। କାଁ ଭାଁ କିଛି ସ୍ଥାନରେ ଛୋଟମୋଟ ଘଟଣାକୁ ଛାଡ଼ିଦେଲେ ବନ୍ଦ ପ୍ରାୟତଃ ଶାନ୍ତିପୂର୍ଣ୍ଣ ରହିଥିଲା। ପୋଲିସ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ଶତାଧିକ ବିକ୍ଷୋଭକାରୀଙ୍କୁ ଗିରଫ କରି ପରେ ଛାଡ଼ି ଦେଇଥିଲା। ବନ୍ଦର ପ୍ରଭାବ ରାଜଧାନୀ ଭୁବନେଶ୍ୱର ସମେତ କଟକ, ରାଉରକେଲା, ପାରାଦୀପ, ସମ୍ବଲପୁର, ଝାରସୁଗୁଡ଼ା, ବ୍ରହ୍ମପୁର ଓ ଜୟପୁର ସହରରେ ମଧ୍ୟ ବନ୍ଦର ଆଂଶିକ ପ୍ରଭାବ ପରିଲକ୍ଷିତ ହୋଇଥିଲା। ଭଦ୍ରକ ଭଳି ବିଭିନ୍ନ ସହରରେ ବିଜେଡି କର୍ମୀମାନେ ବନ୍ଦ ଆହ୍ୱାନକୁ ସମର୍ଥନ କରି ପିକେଟିଂ କରିବା ଦେଖାଯାଇଥିଲା। ଫଳରେ ୧୬ ନମ୍ବର ଜାତୀୟ ରାଜପଥରେ ଗାଡ଼ିମୋଟର ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଶ୍ରମିକମାନଙ୍କ ବିଭିନ୍ନ ଦାବି ପୂରଣରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାରୁ ୧୦ଟି ଟ୍ରେଡ୍ ୟୁନିୟନ ଦେଶବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ୧୭ ଦଫା ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଇଛି। ସର୍ବଭାରତୀୟସ୍ତରରେ ଶ୍ରମିକଙ୍କ ବନ୍ଦ ଡାକରା ଯୋଗୁ କେରଳ, ପଶ୍ଚିମବଙ୍ଗ, ତାମିଲନାଡୁ, ତେଲଙ୍ଗାନା, ମହାରାଷ୍ଟ୍ର ଓ ବିହାର ଭଳି କେତେକ ରାଜ୍ୟରେ ଏହାର ବିଶେଷ ପ୍ରଭାବ ଦେଖିବାକୁ ମିଳିଛି।

# ପିଲାଙ୍କ ଦକ୍ଷତା ବୃଦ୍ଧି ପାଇବ

ରାଜ୍ୟର ସରକାରୀ ବିଦ୍ୟାଳୟରେ ୫ମ ଓ ୮ମ ଶ୍ରେଣୀରେ ପଢୁଥିବା ପିଲାମାନଙ୍କୁ ଏବେ ପରୀକ୍ଷାରେ ପାସ୍ କରିବାକୁ ପଡ଼ିବ। ପାସ୍ କଲେ ହିଁ ସେମାନେ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇପାରିବେ। ନଚେତ୍ ଫେଲ୍ ହେବେ ଏବଂ ସେମାନଙ୍କୁ ଆଉ ଥରେ ପୂର୍ବ ଶ୍ରେଣୀରେ ପଢ଼ିବାକୁ ପଡ଼ିବ ବୋଲି ବୁଧବାର ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାଦ୍ୱାରା ପିଲାମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବଢ଼ିବା ସହ ସେମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେବ ବୋଲି କୁହାଯାଉଛି। ଶିକ୍ଷାବିତ୍‌ମାନେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଏହା ପିଲାମାନଙ୍କ ଶିକ୍ଷାଗତ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ବେଶ୍ ସହାୟକ ହେବ। ଅପରପକ୍ଷରେ ଏଭଳି ନିଷ୍ପତ୍ତିରେ ଡ୍ରପ୍ ଆଉଟ ସଂଖ୍ୟା ବୃଦ୍ଧି ହୋଇପାରେ ବୋଲି ମତପ୍ରକାଶ ପାଇଛି।

### ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି ହେବ



ଏଣିକି ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷାରେ ଫେଲ୍ ବ୍ୟବସ୍ଥା ଦ୍ୱାରା ପିଲାଙ୍କ ମଧ୍ୟରେ ପାଠ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି ହେବ। ପୁଣି ଥରେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବାକୁ ସେମାନେ ଚେଷ୍ଟା କରିବେ। ରାଜ୍ୟ ସରକାରଙ୍କର ଏହା ଏକ ଉତ୍ତମ ପଦକ୍ଷେପ। ଯଦି କୌଣସି କାରଣରୁ ପିଲାଟିଏ ପରୀକ୍ଷା ଦେଇପାରିନାହିଁ, ତା'ହେଲେ ସେ ପୁଣି ପରୀକ୍ଷା ଦେଇ ପାସ୍ କରିପାରିବ। ହେଲେ ଏହି ନିୟମ କିଛି ଛାତ୍ରୀଛାତ୍ରଙ୍କ ଉପରେ ମାନସିକ ଚାପ ପକାଇବାର ଆଶଙ୍କା ରହିଛି।

**–ପ୍ରମୋଦ କୁମାର ଦାଶ, ପ୍ରଧାନ ଶିକ୍ଷକ, ୟୁନିଟ–୧ ହାଇସ୍କୁଲ, ଭୁବନେଶ୍ୱର**

### ପିଲାଙ୍କ ପାଠପଢ଼ା ପ୍ରତି ଆଗ୍ରହ ବଢ଼ିବ



ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସଂଶୋଧନ ଆଣିଛନ୍ତି। ଗଣଶିକ୍ଷା ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଜାରି କରିଛି। ନୂତନ ନିୟମ ଅନୁସାରେ ୫ମ ଓ ୮ମ ଶ୍ରେଣୀରେ ଫେଲ ହେଲେ ପୁଣି ଥରେ ପରୀକ୍ଷା ଦେବାର ସୁଯୋଗ ପାଇବେ। ଦୁଇ ମାସ ମଧ୍ୟରେ ପୁନଃ ପରୀକ୍ଷାରେ ଫେଲ ହୁଅନ୍ତି, ତେବେ ସେହି ଶ୍ରେଣୀରେ ହିଁ ପଢିବେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂର୍ବରୁ ପ୍ରଥମରୁ ୮ମ ଶ୍ରେଣୀ ଯାଏ ପାସ୍‌ଫେଲ ବ୍ୟବସ୍ଥା ନ ଥିଲା। ଏହି ନୂତନ ନିୟମ ଲାଗୁ ହେବା ଦ୍ୱାରା ପିଲାମାନଙ୍କର ପାଠପଢ଼ା ପ୍ରତି ଆଗ୍ରହ ବଢ଼ିବ। ଫେଲ୍ ହେବା ଭୟରେ ପାଠପଢ଼ା ପ୍ରତି ଅଧିକ ଯତ୍ନବାନ ହେବେ। ଏହା ଦ୍ୱାରା ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇବା ସହ ପିଲାଙ୍କ ପାଠପଢ଼ାରେ ଉନ୍ନତି ଆସିବ। ଏକ ପ୍ରକାର ପ୍ରତିଯୋଗିତା ମନୋଭାବ ବୃଦ୍ଧି ପାଇବ।

**– ଗଙ୍ଗାଧର ଦାସ, ଶିକ୍ଷାବିତ୍, ଖୋର୍ଦ୍ଧା**

### ପାସ୍, ଫେଲ୍ ବ୍ୟବସ୍ଥା ନିହାତି ଆବଶ୍ୟକ



ଆମର ପୂର୍ବ ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଫେଲ୍ ବ୍ୟବସ୍ଥା ଉଠାଇଦେଲେ। ଏବେର ସରକାର ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପାସ୍, ଫେଲ୍ ଲାଗୁ କରିବାକୁ ଯାଉଛନ୍ତି। ଏହାଦ୍ୱାରା କୋମଳମତି ଶିଶୁମାନେ ଅସୁବିଧାରେ ପଡ଼ୁଛନ୍ତି। ପିଲାମାନଙ୍କ ପାଇଁ ପାସ୍ ରହିବ, କିନ୍ତୁ ଫେଲ୍ ରହିବନି ତାହା କେବେ ବି ଗ୍ରହଣୀୟ ନୁହେଁ। ମାତ୍ର ନିଷ୍ଠୁର ସତ କଥାଟି ହେଲା ଏ ବ୍ୟବସ୍ଥା ରହିବାର ଯୌକ୍ତିକତା ରହିଛି। ଜ୍ଞାନର ଉପଯୋଗିତାକୁ ଆଖି ଆଗରେ ରଖି ପାସ୍, ଫେଲ୍ ରହିବା ନିହାତି ଆବଶ୍ୟକ। ଏହାଦ୍ୱାରା ଆମର ଶିକ୍ଷାକ୍ଷେତ୍ର ଯେ ସୁଦୃଢ଼ ହେବ ଏହା ନିଃସନ୍ଦେହ।

**– ଭାଗୀରଥି ସାହୁ, ଶିକ୍ଷାବିତ୍, ଯୋବ୍ରା, କଟକ**

### ପାଠପଢ଼ା ଦିଗରେ ସଂସ୍କାର ଆସିବ



ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ନୂଆ ନିୟମ ସ୍ୱାଗତଯୋଗ୍ୟ। ପାସ୍, ଫେଲ୍ ବ୍ୟବସ୍ଥା ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ଦିଗରେ ସଂସ୍କାର ଆଣିବ। ଫେଲ୍ ହେବା ଭୟରେ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଆସିବ। ପ୍ରାଥମିକସ୍ତରରୁ ଛାତ୍ରୀଛାତ୍ରମାନେ ଅଧ୍ୟୟନରେ ପୂର୍ବାପେକ୍ଷା ଅଧିକ ଧ୍ୟାନକୈନ୍ଦ୍ରିକ ହେବେ। ପୂର୍ବରୁ ସମସ୍ତେ ପାସ୍ ହେବା ବ୍ୟବସ୍ଥା ଯୋଗୁଁ ଶ୍ରେଣୀ ଅନୁଯାୟୀ ସମସ୍ତ ବିଷୟରେ ଅଭିଜ୍ଞ ନ ହୋଇ ମଧ୍ୟ ପିଲାମାନେ ଉତ୍ତୀର୍ଣ୍ଣ ହେଉଥିଲେ। ଫଳରେ ଉଚ୍ଚଶିକ୍ଷା କ୍ଷେତ୍ରରେ ବହୁ ପିଲା ଅସଫଳ ହେଉଥିଲେ। ଅପରପକ୍ଷରେ ଫେଲ୍ ବ୍ୟବସ୍ଥା ଯୋଗୁଁ ଡ୍ରପ ଆଉଟ୍ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି।

**– ପଦ୍ମଲୋଚନ ବାରିକ, ଅବସରପ୍ରାପ୍ତ ଶିକ୍ଷକ, ବସ୍ତା, ବାଲେଶ୍ୱର**

### ନୂତନ ବ୍ୟବସ୍ଥା ବେଶ୍ ଫଳପ୍ରଦ ହେବ



ପୂର୍ବରୁ ପରୀକ୍ଷାରେ ଫେଲ୍ ହେଲେ ମଧ୍ୟ ଶ୍ରେଣୀ ଉତ୍ତୀର୍ଣ୍ଣ ବ୍ୟବସ୍ଥା ଯୋଗୁ ପିଲା ପାଠପଢ଼ା ପ୍ରତି ଅବହେଳା କରୁଥିଲେ। ଏଭଳିକି ଅ, ଆ ଜାଣି ନ ଥିବା ପିଲା ମଧ୍ୟ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଯାଉଥିଲେ। ଏହାଦ୍ୱାରା ପିଲାଙ୍କ ଶିକ୍ଷାରେ ବିକାଶ ହୋଇପାରୁ ନ ଥିଲା। ଏବେ ପରୀକ୍ଷାରେ ପାସ୍ ହେଲେ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ବ୍ୟବସ୍ଥା ହେବା ଦ୍ୱାରା ପିଲାଙ୍କ ମନରେ ପାଠପଢା ପ୍ରତି ଏକ ଦାୟିତ୍ୱ ଆସିବ। ପାସ୍ ଲକ୍ଷ୍ୟରେ ଛାତ୍ରୀଛାତ୍ର ପାଠ ପଢିବେ ଏବଂ ସେମାନଙ୍କ ଶିକ୍ଷାର ମାନ ବଢିବ। ମୁଁ ନିକଟରେ ଶିକ୍ଷକତା ବୃତ୍ତିରୁ ଅବସର ନେଇଛି, ତେଣୁ ବର୍ତ୍ତମାନ ଲାଗୁ ହୋଇଥିବା ଏହି ନୂତନ ବ୍ୟବସ୍ଥା ବେଶ୍ ଫଳପ୍ରଦ ହେବ। ନୂତନ ଶିକ୍ଷା ବ୍ୟବସ୍ଥା ପିଲା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଏକ ସୁସମ୍ପର୍କ ସ୍ଥାପନର ମାଧ୍ୟମ ହେବ।

**– ଶଶିଭୂଷଣ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ରାୟଗଡ଼ା**

### ଡ୍ରପ୍ ଆଉଟ୍ ସଂଖ୍ୟା ବୃଦ୍ଧି ପାଇବ



ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଫେଲ୍ ନିଷ୍ପତ୍ତି ଜାତୀୟ ଶିକ୍ଷାନୀତି ବିରୋଧୀ। ଏହାଦ୍ୱାରା ରାଜ୍ୟରେ ଡ୍ରପ୍ ଆଉଟ୍ ସଂଖ୍ୟା ବୃଦ୍ଧି ପାଇବ। ରାଜ୍ୟର ୫ମ ଶ୍ରେଣୀରେ ଫେଲ୍ ହେଉଥିବା ସନ୍ତାନଙ୍କୁ ଆଗକୁ ଆଉ ପାଠ ପଢ଼ାଇବାକୁ ଗରିବ ଶ୍ରେଣୀର ଅଭିଭାବକମାନେ ଆଗ୍ରହ ପ୍ରକାଶ କରିବେ ନାହିଁ। ଦେଶରୁ ଡ୍ରପ୍‌ଆଉଟ୍ ସଂଖ୍ୟା ହ୍ରାସ ଓ ପିଲାଙ୍କ ମଧ୍ୟରେ ପାଠ ପ୍ରତି ଆଗ୍ରହ ବୃଦ୍ଧି ସକାଶେ କେନ୍ଦ୍ରୀୟ ଶିକ୍ଷାନୀତିରେ ୬ରୁ ୧୪ ବର୍ଷ ପିଲାଙ୍କୁ ଫେଲ୍ କରାଯିବ ନାହିଁ ବୋଲି ନିୟମ ରହିଛି। ତେଣୁ ରାଜ୍ୟ ସରକାର ଏହି ନୀତିର ଉଲ୍ଲଂଘନ କରିବା ଅନୁଚିତ।

**– ରାଜେନ୍ଦ୍ର ପଣ୍ଡା, ଶିକ୍ଷାବିତ୍, ସମ୍ବଲପୁର**

## ଅପରାଧ

# ଗୁଳି ଫୁଟାଇ ଆତଙ୍କ ଖେଳାଇଲେ ଲୁଟେରା ଗ୍ୟାଙ୍ଗ

ତାଳଚେର,୯।୭ (ମନୋଜ ନନ୍ଦ)

- ରାତିକରେ ୩ ଜଣଙ୍କ ଠାରୁ ଲୁଟ୍, ଜଣଙ୍କର ଗାଡ଼ି ଭାଙ୍ଗିଲେ
- ଲୁଟ୍‌ର ହଟ୍‌ସ୍ପଟ୍ ପାଲଟିଛି ବାଘୁଆବୋଲ ରେଳଫାଟକ





ଲୁଟେରାଙ୍କ ପଥର ମାଡ଼ରେ ଭାଙ୍ଗିଥିବା ଗାଡ଼ି ଓ ଅଭିଯୋଗକାରୀ ୨ ଭାଇ।

ଅନୁଗୋଳ ଜିଲା ତାଳଚେର ଥାନା ବାଘୁଆବୋଲ ରେଳ ଫାଟକ ନିକଟରେ ମଙ୍ଗଳବାର ରାତିରେ ଆତଙ୍କ ଖେଳାଇଛନ୍ତି ଲୁଟେରା ଗ୍ୟାଙ୍ଗ। ଫାଙ୍କା ଗୁଳିଚାଳନା କରିବା ସହ ୩ ଜଣଙ୍କଠାରୁ ଲୁଟ୍‌ପାଟ କରିଛନ୍ତି। ଢେଲାମାରି ଜଣଙ୍କ ଗାଡ଼ି କାଚ ଭାଙ୍ଗିଦେଇଛନ୍ତି। ଲୁଟ୍ ସହ ଆତଙ୍କର ଶିକାର ହୋଇଥିବା ୪ ଜଣ ଏ ନେଇ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ତାଳଚେର ସିଂହ ସାହି ଅଞ୍ଚଳର ୨ ଭାଇ ରାଜେଶ ସିଂହ ଓ ରାକେଶ ସିଂହ କୌଣସି କାମରେ ସମ୍ବଲପୁର ଯାଇ ବିଳମ୍ବିତ ରାତିରେ କାର୍ ଯୋଗେ ଘରକୁ ଫେରୁଥିଲେ। ଦୁହେଁ ବାଘୁଆବୋଲ ରେଳ ଫାଟକ ନିକଟରେ ହୋଇଥିବା ବେଳେ ୫ ରୁ ୬ ଜଣ ଲୁଟେରା ବନ୍ଧୁକ ଓ ଅନ୍ୟ ମାରଣାସ୍ତ୍ର ଦେଖାଇ ଗାଡ଼ି ଅଟକାଇବାକୁ ଉଦ୍ୟମ କରିଥିଲେ। ହେଲେ ୨ ଭାଇ ଭୟଭୀତ ଅବସ୍ଥାରେ ସେଠାରୁ ଚାଲି ଆସୁଥିବା ବେଳେ ଲୁଟେରାମାନେ ଫାଙ୍କା ଗୁଳି ଚାଳନା କରିବା ସହ ପଥର ମାରି ଗାଡ଼ି କାଚ ଭାଙ୍ଗି ଦେଇଥିଲେ। ସେହିପରି ଝାଡ଼ଖଣ୍ଡ ଅଞ୍ଚଳରୁ କିଛି କାମରେ କାର୍ ଯୋଗେ ତାଳଚେର ଆସିଥିବା ଅତୁଲ ପ୍ରସାଦ ଓ ତାଙ୍କ ସହଯୋଗୀ ରାତି ପ୍ରାୟ ୧୨ଟା ବେଳେ ବାଘୁଆବୋଲ ରେଳ ଫାଟକପଡ଼ିଥିବାରୁ ସେଠାରେ ଅଟକିଥିଲେ। ଏହି ସମୟରେ ମୁଖାପିନ୍ଧା ଲୁଟେରାମାନେ ମାରଣାସ୍ତ୍ର ଦେଖାଇ ସେମାନଙ୍କୁ ଭୟଭୀତ କରିଥିଲେ। ଭୟରେ ଅତୁଲ ଏବଂ ସହଯୋଗୀ ଗାଡ଼ି ଛାଡ଼ି ଦୌଡ଼ି ପଳାଇବାରୁ ଲୁଟେରାମାନେ ଗାଡ଼ିରେ ଥିବା ଟଙ୍କା, ୨ଟି ଲାପ୍‌ଟପ୍, ଚେନ, ମୁଦି ସହ କାର୍‌ଟିକୁ ନେଇ ପଳାଇଥିଲେ। ସେହିପରି ରେଳ ଫାଟକ ନିକଟରେ ଚାଲିଚାଲି ଯାଉଥିବା ଜଣେ ଯୁବକ ସର୍ଫରାଜଙ୍କୁ ଲୁଟେରାମାନେ ହାଣି ତାଙ୍କ ଠାରୁ ମୋବାଇଲ ଛଡ଼ାଇ ନେଇଥିଲେ। ଏହାର କିଛି ସମୟ ପରେ ରାଉରକେଲାରୁ ଏକ ମିନି ଟ୍ରକ୍‌ରେ ଜିନିଷ ଧରି ତାଳଚେର ଆସିଥିବା ସେବକ ମିଶ୍ରାଙ୍କୁ ଲୁଟେରାମାନେ ମାଡ଼ ମାରି ମୋବାଇଲ ଏବଂ ଟଙ୍କା ଛଡ଼ାଇ ନେଇଥିଲେ। ଲୁଟ୍ ଓ ଗାଡ଼ି ଭଙ୍ଗା ଘଟଣାର ଶିକାର ହୋଇଥିବା ଉପରୋକ୍ତ ୪ ଜଣ ବୁଧବାର ସକାଳେ ତାଳଚେର ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ତାଳଚେର ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ସ୍ତ୍ରୀଙ୍କୁ ପିଟି ହତ୍ୟା କଲେ ସ୍ୱାମୀ

ଯୋଡ଼ା,୯।୭(ମାନସ ମହାନ୍ତି)

**ପାରିବାରିକ କଳହର କରୁଣ ପରିଣତି**

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ହାତୀମରା ଛକ ଗ୍ରାମରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ସାମାନ୍ୟ କଥାକୁ ନେଇ ସ୍ତ୍ରୀଙ୍କୁ ବାଡ଼ିରେ ପିଟି ସ୍ୱାମୀ ହତ୍ୟା କରିଛନ୍ତି। ମୃତା ହେଲେ ସୁନୀଲ ମୁଣ୍ଡାଙ୍କ ସ୍ତ୍ରୀ କିତାମାଇ ମୁଣ୍ଡା (୨୩)। ପୋଲିସ ମୃତଦେହ ଜବତ କରି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସୁନୀଲ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ବୁଧବାର ସକାଳେ କୌଣସି କାରଣରୁ କଳହ ଲାଗିଥିଲା। ଏଥିରେ ସ୍ୱାମୀ ସୁନୀଲ ଉତ୍କ୍ଷିପ୍ତ ହୋଇ ଏକ ବାଡ଼ିରେ ସ୍ତ୍ରୀ କିତାମାଇଙ୍କୁ ମାଡ଼ ମାରିଥିଲେ। କିତାମାଇ ଗୁରୁତର ହୋଇପଡ଼ିଥିବା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଭିତରକୁ ନେଇ ଶୁଆଇ ଦେଇଥିଲେ। ପରେ ମୃତ୍ୟୁ ହୋଇଯାଇଥିବା ଜାଣିବା ପରେ ସୁନୀଲ ଫେରାର ହେବାକୁ ଚେଷ୍ଟା କରୁଥିଲେ। ବାମେବାରି ପୋଲିସ ଖବର ପାଇ ଯାଉଥିବା ସମୟରେ ଅଭିଯୁକ୍ତ ସ୍ୱାମୀଙ୍କୁ ରାସ୍ତାରୁ ଉଠାଇ ନେଇ ଅଟକ ରଖିଛି।

# ଦେଶୀ ମଦଭାଟିରେ ପଶି ଭୁଜାଲିରେ ହାଣିଲେ

ବଇଣ୍ଡା, ୯।୭ (ପରିକ୍ଷିତ ସାହୁ)

**୨ ଦୁର୍ବୃତ୍ତଙ୍କ ଆକ୍ରମଣରେ ଭାଟି ମ୍ୟାନେଜରଙ୍କ ସମେତ ୫ ଗୁରୁତର**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା ଅଞ୍ଚଳରେ ଥିବା ଏକ ଦେଶୀ ମଦ ଭାଟିରେ ମଙ୍ଗଳବାର ରାତିରେ ପଶି ୨ ମୁଖାପିନ୍ଧା ଦୁର୍ବୃତ୍ତ ଆତଙ୍କ ଖେଳାଇଛନ୍ତି। ସେମାନଙ୍କ ଭୁଜାଲି ମାଡ଼ରେ ଭାଟି ମ୍ୟାନେଜର, ଜଣେ କର୍ମଚାରୀ ଓ ୩ ଜଣ ଗ୍ରାହକଙ୍କୁ ମିଶାଇ ମୋଟ ୫ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଭାଟି ମ୍ୟାନେଜର ଓ କର୍ମଚାରୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ସାନହୁଲାସ୍ଥିତ ଦେଶୀ ମଦ ଭାଟିରେ ରାତି ପ୍ରାୟ ୧୦ଟା ବେଳେ ୩ ଜଣ ଗ୍ରାହକ ମଦ ପିଉଥିବା ବେଳେ ଏକ ବାଇକ୍ ଯୋଗେ ୨ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। ଭୁଜାଲି ଧରିଥିବା ୨ ଦୁର୍ବୃତ୍ତ ଭାଟି ମ୍ୟାନେଜର ଓ କର୍ମଚାରୀଙ୍କ ନିକଟକୁ ଯାଇ ଗ୍ରାମାଞ୍ଚଳରେ ବିକ୍ରି ହେଉଥିବା ମହୁଲି ରନ୍ଧା ମଦକୁ କାହିଁକି ବନ୍ଦ କରିବା ସହ ଅବକାରୀ ବିଭାଗ କର୍ମଚାରୀଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ନିରୀହ ଲୋକଙ୍କ ବ୍ୟବସାୟ ବନ୍ଦ କରିବା ଏବଂ ଗିରଫ କରାଉଛ ବୋଲି ପଚାରିଥିଲେ। ଏହାକୁ ନେଇ ସେଠାରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ମୁଖାପିନ୍ଧା ୨ ଦୁର୍ବୃତ୍ତ ଭାଟି ମ୍ୟାନେଜର ଓ କର୍ମଚାରୀଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ସେଠାରେ ମଦ ପିଉଥିବା ୩ ଜଣ ଗ୍ରାହକ ଏହାର ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ଦୁର୍ବୃତ୍ତ ଦ୍ୱୟ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଭାଟିର ଅନ୍ୟ କର୍ମଚାରୀମାନେ ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ଠାକୁରଗଡ଼ ଥାନା ଆଇଆଇସି ଶଶୀ ଭୂଷଣ ବେହେରା କହିଛନ୍ତି, ଭାଟି କର୍ମଚାରୀଙ୍କୁ ଆକ୍ରମଣ ହୋଇଥିବା ଶୁଣିବାକୁ ମିଳିଛି। ଥାନାରେ କୌଣସି ଅଭିଯୋଗ ହୋଇନାହିଁ। କିଏ ଏବଂ କାହିଁକି ଆକ୍ରମଣ କରିଛନ୍ତି, ସେ ନେଇ ତଦନ୍ତ କରାଯାଉଛି।

# ଅଳଙ୍କାର ସଫେଇ ଆଳରେ ଲୁଟ୍

## ଧନଲକ୍ଷ୍ମୀଙ୍କ ୨ତୋଳା ସୁନା ଚେନ ନେଇଗଲେ

ପାରଳାଖେମୁଣ୍ଡି,୯।୭(ଗିରିଧାରୀ ପରିଚ୍ଛା)

ସୁନାଅଳଙ୍କାର ସଫେଇ କରିବା ଆଳରେ ଜଣେ ମହିଳାଙ୍କଠାରୁ ଦୁଇତୋଳାରୁ ଅଧିକ ଓଜନର ସୁନା ଅଳଙ୍କାର ଲୁଟ୍ ହୋଇଛି। ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମରେ ଏହି ଘଟଣା ଘଟିଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରି ଆଖପାଖ ଅଞ୍ଚଳରେ ଖୋଜାଖୋଜି କରୁଛି।

ଖବରରୁ ଜଣାପଡ଼ିଛି, ଗୁରାଣ୍ଡି ଗ୍ରାମର ପି. ଧନଲକ୍ଷ୍ମୀଙ୍କ ଘରକୁ ବୁଧବାର ଜଣେ ବ୍ୟକ୍ତି ଆସି ସୁନା ଓ ରୁପା ଅଳଙ୍କାର ସଫା କରୁଥିବା କହିଥିଲେ। ଏପରି କି ଅଳଙ୍କାର ଦେଲେ ସଫା ସେ କରିଦେବେ ବୋଲି ଧନଲକ୍ଷ୍ମୀଙ୍କୁ କହିଥିଲେ। ଏହା ଶୁଣି ଧନଲକ୍ଷ୍ମୀ ପ୍ରଥମେ ତାଙ୍କ ରୁପା ପାଉଁଜି ସଫା କରିବାକୁ ଦେଇଥିଲେ। ବ୍ୟକ୍ତି ଜଣକ ଉକ୍ତ ପାଉଁଜିଟିକୁ ସଫାକରି ଦେଖାଇଥିଲେ। ଭଲ ସଫା ହୋଇଥିବା ଦେଖି ଧନଲକ୍ଷ୍ମୀ ନିଜ ବେକରେ ପିନ୍ଧିଥିବା ଦୁଇତୋଳାରୁ ଉର୍ଦ୍ଧ୍ୱ ଓଜନର ସୁନା ଚେନ୍‌ଟିକୁ ସଫା କରିବାକୁ ମଧ୍ୟ ଦେଇଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଚତୁରତାର ସହ ନିଜପାଖରେ ରଖିଥିବା ଏକ ଚେନ୍‌କୁ ଜରି ପ୍ୟାକେଟ୍‌ରେ ଆଣିଥିବା ଗେରୁଆ ମାଟିରେ ପକାଇଦେଇଥିଲେ। ଏହାର କିଛି ସମୟ ପରେ ତାକୁ ଧନଲକ୍ଷ୍ମୀଙ୍କୁ ଦେଇ ୧୫ ମିନିଟ୍ ପରେ ଏହି ପ୍ୟାକେଟରୁ ଚେନ୍‌ଟି ବାହାର କରିବ ବୋଲି କହିଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ସେଠାରୁ ଚାଲିଯାଇ ବାହାରେ ରଖିଥିବା ବାଇକ୍‌ରେ ଫେରାର ହୋଇଯାଇଥିଲେ। ୧୫ ମିନିଟ୍ ପରେ ଧନଲକ୍ଷ୍ମୀ ସେ ପ୍ୟାକେଟ୍‌ରୁ ସୁନାଚେନ୍‌କୁ ବାହାରକରି ଦେଖିବାବେଳକୁ ତାହା ନକଲି ଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ସେ ଗୁରାଣ୍ଡି ଥାନାକୁ ଯାଇ ଏସମ୍ପର୍କରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଖପାଖରେ ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ ଲୁଟେରାଙ୍କ କୌଣସି ପତ୍ତା ପାଇ ନ ଥିଲେ।

# ଭିଜିଲାନ୍ସ ଜାଲରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ

## ଅଫିସ ଗାଡ଼ିରୁ ମିଳିଲା ୩ ଲକ୍ଷ ଟଙ୍କା

ଛତ୍ରପୁର,୯।୭(ଦିଲୀପ ସାମଲ/ ସନ୍ତୋଷ ପାଢ଼ୀ)



ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଘରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରୁଛନ୍ତି।

ଗଞ୍ଜାମ ଜିଲା ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା ବୁଧବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଛତ୍ରପୁର ନିକଟ ଜାତୀୟ ରାଜପଥରେ ତାଙ୍କ ଗାଡ଼ିରୁ ବ୍ରହ୍ମପୁର ଭିଜିଲାନ୍ସ କର୍ମଚାରୀମାନେ ୩ ଲକ୍ଷ ଟଙ୍କା ଜବତ କରିଛନ୍ତି। ପୁଷ୍ପା ମୁଣ୍ଡାଙ୍କ ଗଞ୍ଜାମରୁ ନୂଆପଡା ଜିଲାକୁ ଯୋଗାଣ ଅଧିକାରୀ ଭାବେ ବଦଳି ହୋଇଥିଲା। ଏଠାରୁ ରିଲିଭ୍ ହେବା ପୂର୍ବରୁ ଭିଜିଲାନ୍ସ ଧରିଛି।

ଛତ୍ରପୁର ବ୍ୟାଙ୍କ କଲୋନୀ ଆଶୀର୍ବାଦ ଆପାର୍ଟମେଣ୍ଟର ଏ-୭ ଘରୁ ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ମୁଣ୍ଡା ପୂର୍ବାହ୍ନରେ ଅଫିସ ଗାଡ଼ିରେ କାର୍ଯ୍ୟାଳୟକୁ ଯାଉଥିଲେ। କଲେଜ ଛକ ନିକଟରେ ୨ ଜଣ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ସେମାନେ ନିଜକୁ ଭିଜିଲାନ୍ସ କର୍ମଚାରୀ ପରିଚୟ ଦେଇଥିଲେ। ପରେ ଅନ୍ୟ କେତେଜଣ କର୍ମଚାରୀ ଆସି ଗାଡି ଯାଞ୍ଚ କରିବାରୁ ୩ ଲକ୍ଷ ଟଙ୍କା ମିଳିଥିଲା । ଭିଜିଲାନ୍ସ ଟିମ୍ ତାଙ୍କ ଘରେ ଚଢ଼ାଉ କରିବା ସହ ସିସିଟିଭି ଯାଞ୍ଚ କରିଥିଲା। କିଏ ଏହି ଟଙ୍କା ଦେଇଛନ୍ତି ତାହା ଦେଖିଥିଲେ। ସେଠାରୁ ମୁଣ୍ଡାଙ୍କୁ ଅଫିସକୁ ଅଣାଯାଇ ତଦନ୍ତ କରାଯାଇଛି। ଅଫିସର କର୍ମଚାରୀ, ରାତ୍ର ଜଗୁଆଳିଙ୍କ ସମେତ ସୁରକ୍ଷାକର୍ମୀ ମଧ୍ୟ ତଦନ୍ତ ପରିସରଭୁକ୍ତ ହୋଇଥିଲେ। ଭିଜିଲାନ୍ସ ଏସ୍‌ପି ପ୍ରଦୀପ କୁମାର ପ୍ରଧାନ ନିଜେ ଛାନ୍‌ଭିନ କରିଥିଲେ। ଛତ୍ରପୁର ଭଡ଼ାଘର, ଅଫିସ ସମେତ କଳାହାଣ୍ଡି ଜିଲା ଭବାନୀପାଟଣାରେ ଥିବା ବାସଭବନ ଉପରେ ମଧ୍ୟ ଚଢାଉ ଚାଲିଥିବା ଜଣାଯାଇଛି। ତଦନ୍ତ ଜାରି ରହିଥିବାରୁ ଭିଜିଲାନ୍ସ ପକ୍ଷରୁ ଅଧିକ ସୂଚନା ପ୍ରଦାନ କରାଯାଇନାହିଁ । ଅନ୍ୟପକ୍ଷରେ ଗାଡି ଡିକିରେ କିଏ ଟଙ୍କା ରଖିଲା ସେ ଜାଣିନାହାନ୍ତି, ତାଙ୍କୁ ଫସାଯାଇଛି ବୋଲି ମୁଖ୍ୟ ଯୋଗାଣ ଅଧିକାରୀ ମୁଣ୍ଡା କହିଛନ୍ତି। ଚଢାଉରେ ଇନ୍ସପେକ୍ଟର ସୌମ୍ୟ ପଣ୍ଡା, ଯୁଗଳ ପ୍ରଧାନ, ରାଜେନ୍ଦ୍ର ନାୟକ, ଏଏସଆଇ ଡି.ସଞ୍ଜୀବ ରେଡ୍ଡୀ, ଏଏସଆଇ ଦୁର୍ଗା ପ୍ରସାଦ ହୋତା, ହାବିଲଦାର ଜି.ସୁଦର୍ଶନ ଦୋରା, କନଷ୍ଟେବଳ ସଞ୍ଜୁକ୍ତା ପଟ୍ଟନାୟକ ସାମିଲ ଥିଲେ ।

# ଯୁବତୀଙ୍କୁ ଅସଦାଚରଣ: ୪ ଗିରଫ, ନାବାଳକ ଅଟକ

କେନ୍ଦୁଝର,୯।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୁରୁଣା ସହରରେ ରଥଯାତ୍ରା ଦେଖି ଫେରିବା ବେଳେ ଜଣେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ପୋଲିସ ଘଟଣାର ପ୍ରାୟ ୧୨ ଦିନ ପରେ ବୁଧବାର ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଜଣେ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ରଥଯାତ୍ରା ସମୟରେ ନାବାଳିକା ଜଣଙ୍କ ଅନ୍ୟ ୩ ଜଣ ସମ୍ପର୍କୀୟଙ୍କ ସହିତ ୨ ବାଇକ୍‌ରେ ଘରକୁ ଫେରୁଥିଲେ। ଜୁଡ଼ିଆ ଘାଟି ନିକଟରେ ଏକ ଜିପରେ ୫ ଜଣ ଯୁବକ ଆସି ତାଙ୍କୁ ଅଟକାଇ ଅସଦାଚରଣ କରିଥିଲେ। ଏ ନେଇ ନାବାଳିକା ପ୍ରତିବାଦ କରିବାରୁ ଅପହରଣ କରି ଝାଡ଼ବେଲଦା ଆଡ଼କୁ ନେଇଯାଇଥିଲେ। ଯୁବତୀଙ୍କ ସହିତ ଥିବା ଅନ୍ୟ ପିଲାମାନେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଏକାଧିକ ଗ୍ରୁପରେ ରାତିରେ ବିଭିନ୍ନ ଅଞ୍ଚଳକୁ ଯାଇ ଖୋଜାଖୋଜି କରିଥିଲା। ଅଭିଯୁକ୍ତମାନେ ଯୁବତୀଙ୍କୁ ବାଟରେ ଛାଡ଼ି ପଳାଇଥିଲେ। ପୋଲିସ ରାତି ପ୍ରାୟ ୧୧ଟାରେ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ପୋଲିସ ପୀଡ଼ିତାଙ୍କ ବୟାନ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିଛି। ଟାଉନ ଥାନାରେ ଏକ ମାମଲା(ନଂ. ୪୧୩/୨୦୨୫) ରୁଜୁ ହୋଇଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ନାବାଳିକାଙ୍କୁ ବଳାତ୍କାର ହୋଇନାହିଁ। ସଦର ଏସ୍‌ଡିପିଓ ସୁଦର୍ଶନ ଗାଗରାଇ କହିଛନ୍ତି, ଘଟଣାରେ ୫ ଜଣଙ୍କ ସମ୍ପୃକ୍ତି ଥିବା ବେଳେ ସମସ୍ତଙ୍କୁ ଧରାଯାଇଛି। ନାବାଳିକାଙ୍କୁ ଗଣବଳାତ୍କାର ହୋଇନାହିଁ। ଘଟଣାରେ ବ୍ୟବହାର ହୋଇଥିବା ଜିପ୍‌କୁ ଜବତ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଛି।

## ଆଧାର ପ୍ରଥମ ପରିଚୟ ନୁହେଁ: ୟୁଆଇଡିଏଆଇ ମୁଖ୍ୟ

ନୂଆଦିଲ୍ଲୀ,୯।୭

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପାଇଁ ଗ୍ରହଣୀୟ ପରିଚୟ ଦସ୍ତାବିଜ୍ ତାଲିକାରୁ ଆଧାରକୁ ବାଦ୍ ଦେବା ପାଇଁ ଦାବି ଜୋର୍ ଧରିଥିବାବେଳେ ଆଧାର କଦାପି ପ୍ରଥମ ପରିଚୟ ନୁହେଁ ବୋଲି ଭାରତର ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଏଡିଏଆଇ)ର ସିଇଓ ଭୁବନେଶ କୁମାର ବୁଧବାର କହିଛନ୍ତି। ଜାଲ୍ ଆଧାର କାର୍ଡ ପ୍ରସ୍ତୁତ କରୁଥିବା ସଂସ୍ଥାଗୁଡ଼ିକୁ ବନ୍ଦ କରିବା ପାଇଁ ୟୁଆଇଡିଏଆଇ ଉଦ୍ୟମ ଜାରି ରଖିଛି। ନୂଆ ଆଧାର କାର୍ଡଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ କ୍ୟୁଆର୍ କୋଡ୍ ରହିବା ସହ ଆଧାର କାର୍ଡ କ୍ୟୁଆର୍ ସ୍କାନର ଆପ୍‌ର ବିକାଶ କରାଯିବ ବୋଲି ଭୁବନେଶ କହିଛନ୍ତି। ଫଳରେ ଜାଲ୍ ଆଧାର କାର୍ଡ ଧରାପଡ଼ିଯିବ। ବିହାର ଭୋଟର ତାଲିକାରୁ ଅଣନାଗରିକଙ୍କୁ ବାଦ୍ ଦେବା ଲକ୍ଷ୍ୟରେ ନିର୍ବାଚନ କମିଶନ ଏସ୍ଆଇଆର୍ ଆରମ୍ଭ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ସାରା ଦେଶରେ ଏହା କାର୍ଯ୍ୟକାରୀ ହେବ।

## ଜାଗୁଆର ପ୍ରଶିକ୍ଷଣ ବିମାନ ଦୁର୍ଘଟଣା: ୨ ବାୟୁସେନା ପାଇଲଟ୍ ମୃତ



ନୂଆଦିଲ୍ଲୀ,୯।୭

ଭାରତୀୟ ବାୟୁସେନାର ଏକ ଜାଗୁଆର ପ୍ରଶିକ୍ଷଣ ବିମାନ ବୁଧବାର ମଧ୍ୟାହ୍ନରେ ରାଜସ୍ଥାନର ଚୁରୁ ଜିଲ୍ଲା ଅନ୍ତର୍ଗତ ଭାନୁଦା ଗ୍ରାମ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ଉଭୟ ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ଗତ ୫ ମାସ ମଧ୍ୟରେ ଏହା ତୃତୀୟ ଜାଗୁଆର ବିମାନ ଦୁର୍ଘଟଣା। ଦୁର୍ଘଟଣା ଯୋଗୁ ପ୍ରଚଣ୍ଡ ବିସ୍ଫୋରଣର ଶବ୍ଦ ସହ କଳାଧୂଆଁ ଉଠୁଥିବା ଦେଖାଯାଇଥିଲାବେଳେ ଆଖପାଖ ଗାଁର ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ତେବେ ଦୁର୍ଘଟଣାସ୍ଥଳରେ ଜନସାଧାରଣଙ୍କ କୌଣସି ସମ୍ପତ୍ତି କ୍ଷୟକ୍ଷତି ହୋଇ ନ ଥିବା ବାୟୁସେନା ପକ୍ଷରୁ କୁହାଯାଇଛି। ମୃତ ପାଇଲଟ୍‌ଙ୍କ ପରିବାରକୁ ବାୟୁସେନା ସମବେଦନା ଜଣାଇଛି। ଏଥିସହିତ ଦୁର୍ଘଟଣାର କାରଣ ଜାଣିବା ପାଇଁ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି।

# ଭାରତ ବନ୍ଦ ଯୋଗୁ ପରିବହନ ସେବା ବାଧାପ୍ରାପ୍ତ





ଟ୍ରେଡ୍ ୟୁନିୟନ୍ ଦ୍ୱାରା ବୁଧବାର ଭାରତ ବନ୍ଦ ବେଳେ ମୁମ୍ବାଇରେ ବ୍ୟାଙ୍କ କର୍ମଚାରୀମାନେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣକୁ ବିରୋଧ କରି ସ୍ଲୋଗାନ ଦେଉଛନ୍ତି।

**■ବିହାର, ପଶ୍ଚିମବଙ୍ଗରେ ରେଳରୋକୋ**

**■କେରଳରେ ସମ୍ପୂର୍ଣ୍ଣ ବନ୍ଦ**

ନୂଆଦିଲ୍ଲୀ,୯।୭

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ମାରଣ ଓ ରାଷ୍ଟ୍ର ବିରୋଧୀ ତଥା କର୍ପୋରେଟ୍ ସପକ୍ଷବାଦୀ ନୀତିକୁ ବିରୋଧ କରି ଟ୍ରେଡ୍ ୟୁନିୟନ ଏବଂ ଏହାର ସହଯୋଗୀ ସଂଗଠନଗୁଡ଼ିକ ପକ୍ଷରୁ ବୁଧବାର ଭାରତ ବନ୍ଦ କରାଯାଇଥିଲା। ଫଳରେ ଦେଶର ଅଧିକାଂଶ ଭାଗରେ ସାଧାରଣ ପରିବହନ ସେବା ଗୁରୁତର ବାଧାପ୍ରାପ୍ତ ହୋଇଛି। ଏଥିସହିତ ସରକାରୀ କାର୍ଯ୍ୟାଳୟ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ବ୍ୟାଙ୍କିଙ୍ଗ ଓ ବୀମା, ଡାକ ସେବା, କୋଇଲା ଖଣି ଓ ଶିଳ୍ପ ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇଛି। ବିହାର ଏବଂ ପଶ୍ଚିମବଙ୍ଗରେ ଲୋକେ ରେଳରୋକୋ କରିଥିଲେ। ବିହାର ଜେହାନାବାଦ ରେଳଷ୍ଟେଶନରେ ଆର୍‌ଜେଡିର ଛାତ୍ର ସଂଗଠନ ସଦସ୍ୟମାନେ ରେଳରୋକରେ ସାମିଲ ହୋଇଥିବାବେଳେ ପଶ୍ଚିମବଙ୍ଗରେ ବାମଦଳ ସମର୍ଥିତ ଟ୍ରେଡ୍ ୟୁନିୟନଗୁଡ଼ିକର ଧର୍ମଘଟ ଯୋଗୁ ଯାଦବପୁର ସମେତ ବିଭିନ୍ନ ଷ୍ଟେଶନରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଓଡ଼ିଶାର ଭୁବନେଶ୍ୱରରେ ସେଣ୍ଟର ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ୍‌ସ (ସିଆଇଟିୟୁ)ର ଖୋର୍ଦ୍ଧା ଜିଲ୍ଲା ଶାଖା ସଦସ୍ୟମାନେ ବନ୍ଦକୁ ସମର୍ଥନ କରି ଜାତୀୟ ରାଜପଥ ଅବରୋଧ କରିଥିଲେ। ବାମଦଳ କର୍ମୀମାନେ କେରଳରେ ସମ୍ପୂର୍ଣ୍ଣ ବନ୍ଦ ପାଳନ କରିଥିଲେ। ଥିରୁଭାନନ୍ତପୁରମ୍, କୋଚି, କୋଝିକୋଡ୍ ଆଦି ବୃହତ୍ ସହରଗୁଡ଼ିକର ରାସ୍ତାରେ ଟ୍ରେଡ୍ ୟୁନିୟନ ସଦସ୍ୟମାନେ ବିକ୍ଷୋଭକୁ ଜୋରଦାର କରିଥିଲେ। ଫଳରେ ଯାତ୍ରୀ ଓ ମାଲ୍ ପରିବହନ ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବା ସହ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଅନ୍ୟପକ୍ଷରେ ତାମିଲନାଡୁର ଚେନ୍ନାଇ ସମେତ ବିଭିନ୍ନ ସହରରେ ବନ୍ଦ ପ୍ରଭାବ ଅନୁଭୂତ ହୋଇ ନ ଥିଲା। ସେଠାରେ ଯାତ୍ରୀ ପରିବହନ ଯଥାରୀତି ଚାଲିଥିଲା। ଟ୍ରେଡ୍ ୟୁନିୟନଗୁଡ଼ିକର ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ସରକାର କାର୍ଯ୍ୟକାରୀ କରିଥିବା ଚାରୋଟି ନୂଆ ଶ୍ରମ ନୀତି ସମ୍ପୂର୍ଣ୍ଣ ରଦ୍ଦ କରିବା ସହ ଟ୍ରେଡ୍ ୟୁନିୟନଗୁଡ଼ିକର ୧୭ଟି ଦାବି ନେଇ ଆନ୍ଦୋଳନ ଚଳାଉଥିବା ସିଆଇଟିୟୁ ସାଧାରଣ ସମ୍ପାଦକ ତପନ କୁମାର ସେନ୍ କହିଛନ୍ତି।

# ୟୁକ୍ରେନ୍‌କୁ ରୁଷିଆ ଛାଡ଼ିଲା ୭୨୮ ଡ୍ରୋନ୍

କିଭ୍,୯।୭

ୟୁକ୍ରେନ୍‌କୁ ଅଧିକ ପ୍ରତିରକ୍ଷାତ୍ମକ ଅସ୍ତ୍ରଶସ୍ତ୍ର ଯୋଗାଇଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ପ୍ରତିଶ୍ରୁତି ଦେବା ସହ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ କଡ଼ା ସମାଲୋଚନା କରିବାର କିଛି ଘଣ୍ଟା ପରେ ମସ୍କୋ କିଭ୍ ଉପରେ ଗୋଟିଏ ରାତିରେ ରେକର୍ଡ ସଂଖ୍ୟକ ୭୨୮ଟି ଡ୍ରୋନ୍‌ରେ ଆକ୍ରମଣ କରିଛି। ଏଥିସହ ରୁଷିଆ ୧୩ଟି କ୍ରୁଜ୍ ଓ ବାଲିଷ୍ଟିକ୍ ମିଶାଇଲ ଛାଡ଼ିଥିବା ବୁଧବାର ୟୁକ୍ରେନ୍ ବାୟୁସେନା କହିଛି। ୟୁକ୍ରେନ୍ ଏୟାର ଡିଫେନ୍ସ ସେଥିରୁ ୨୯୬ ଡ୍ରୋନ୍ ଏବଂ ୭ ମିଶାଇଲକୁ ଖସାଇଦେଇଥିବାବେଳେ ୪୧୫ଟି ଡ୍ରୋନ୍ ରାଡାରରେ ଦୃଶ୍ୟ ହୋଇ ନ ଥିଲା କିମ୍ବା ଜାମ୍ ହୋଇଥିଲା ବୋଲି ଏହାର ବାୟୁସେନା ପକ୍ଷରୁ କୁହାଯାଇଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିବାବେଳେ ଗତ କିଛି ସପ୍ତାହ ହେଲା ମସ୍କୋ ପକ୍ଷରୁ ଆକାଶମାର୍ଗ ଏବଂ ସ୍ଥଳଭାଗରେ ଆକ୍ରମଣକୁ ଜୋରଦାର କରାଯାଇଛି। ୟୁକ୍ରେନ୍ ଉତ୍ତରପଶ୍ଚିମ ଭାଗରେ ଥିବା ଲୁଟ୍‌ସ୍କ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଅନ୍ୟ ୧୦ଟି ଅଞ୍ଚଳ ମଧ୍ୟ ଡ୍ରୋନ୍ ଓ ମିଶାଇଲ ଆକ୍ରମଣର ସମ୍ମୁଖୀନ ହୋଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କି କହିଛନ୍ତି। ଲୁଟ୍‌ସ୍କରେ ୟୁକ୍ରେନ୍ ସେନାର ଏୟାରଫିଲ୍ଡଗୁଡ଼ିକ ରହିଥିବାବେଳେ ଏହି ସହର ଉପର ଦେଇ ନିୟମିତ ବହୁସଂଖ୍ୟାରେ କାର୍ଗୋ



ବିମାନ ଏବଂ ଯୁଦ୍ଧବିମାନ ଉଡ଼ିଥାଏ। ଯୁଦ୍ଧର ଗୁରୁତ୍ୱପୂର୍ଣ୍ଣ ଲଜିଷ୍ଟିକ୍ ପୃଷ୍ଠଭୂମି ଭାବେ ଜଣାଶୁଣା ୟୁକ୍ରେନ୍‌ର ପଶ୍ଚିମ ଭାଗରେ ଅନେକ ଏୟାରଫିଲ୍ଡ ଏବଂ ବିଦେଶୀ ସେନା ସହାୟତା ଡିପୋ ରହିଛି। ସେଠାରୁ ଦେଶର ଅନ୍ୟ ସ୍ଥାନକୁ ଅସ୍ତ୍ରଶସ୍ତ୍ର ପଠାଯାଇଥାଏ। ଏହି ଯୋଗାଣ କରିଡରରେ ବାଧା ସୃଷ୍ଟି ପାଇଁ ରୁଷିଆ ସେଠାରେ ଆତଙ୍କିତ ଅଧିକ ଆକ୍ରମଣ ଜାରି ରଖିଛି। ରୁଷିଆ ବାୟୁସେନା ୟୁକ୍ରେନ୍‌ର ଏୟାରବେସ୍ ଏବଂ ଅନ୍ୟ ଟାର୍ଗେଟଗୁଡ଼ିକୁ ଡ୍ରୋନ୍ ଓ ମିଶାଇଲରେ ଆକ୍ରମଣ କରିଥିବା ଏହାର ପ୍ରତିରକ୍ଷା ମନ୍ତ୍ରାଳୟ କହିଛି। ଗତ ୪ ତାରିଖରେ ମସ୍କୋ ୟୁକ୍ରେନ୍ ଉପରେ ବଡ଼ ଧରଣର ଏୟାରଷ୍ଟ୍ରାଇକ୍ କରିଥିଲା। ୧,୦୦୦ କିଲୋମିଟର ବ୍ୟାପୀ ସୀମାନ୍ତର ବିଭିନ୍ନ ସ୍ଥାନରେ ରୁଷିଆ ପର୍ଯ୍ୟାପ୍ତ ସୈନ୍ୟ ରଖି ଆକ୍ରମଣକୁ ଜୋରଦାର କରିଥିବାବେଳେ ୟୁକ୍ରେନ୍ ସେନା ଚାପରେ ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ଜାନୁଆରୀରେ କ୍ଷମତାକୁ ଆସିବା ପରେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ଉଦ୍ୟମ କରି ଆସୁଛନ୍ତି। ତେବେ ଶାନ୍ତି ସ୍ଥାପନ ଦିଗରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଟାଳଟୁଳ ନୀତି ଗ୍ରହଣ କରୁଥିବାରୁ ମଙ୍ଗଳବାର ଟ୍ରମ୍ପ ଅସନ୍ତୋଷ ବ୍ୟକ୍ତ କରିଥିଲେ। ୟୁକ୍ରେନ୍ ପ୍ରତିରକ୍ଷା ପାଇଁ ଆମେରିକା ପ୍ରଶାସନର ପ୍ରତିଶ୍ରୁତିବଦ୍ଧତାରେ ଅନିଶ୍ଚିତତା ଦେଖାଦେଇଥିବାବେଳେ ୱାଶିଂଟନ କିଭ୍‌କୁ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ଯୋଗାଣ ବନ୍ଦ କରିଥିଲା। ତେବେ ପୁଟିନ୍‌ଙ୍କ କାର୍ଯ୍ୟରେ କ୍ଷୁବ୍ଧ ହୋଇ ଟ୍ରମ୍ପ ୟୁକ୍ରେନ୍‌କୁ ଅଧିକ ଅସ୍ତ୍ର ଯୋଗାଇଦେବେ ବୋଲି ମଙ୍ଗଳବାର ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ କ୍ରେମ୍ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ କହିଛନ୍ତି, ୱାଶିଂଟନ ସହ ଆଲୋଚନା ଜାରି ରଖିବାକୁ ମସ୍କୋ ଆଶାବାଦୀ ରହିଛି। ନଷ୍ଟ ହୋଇଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ପୁଣିଥରେ ସଜାଡ଼ିବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି। ସେପଟେ ଜେଲେନ୍‌ସ୍କି କହିଛନ୍ତି, ୟୁକ୍ରେନ୍‌ର ପଶ୍ଚିମ ଭାଗରେ ରୁଷିଆ ପ୍ରବଳ ଆକ୍ରମଣ କରି ଆମେରିକା ନେତୃତ୍ୱରେ ଚାଲିଥିବା ଶାନ୍ତି ସ୍ଥାପନ ଉଦ୍ୟମ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ରୁଷିଆ ତୈଳ ଉପରେ କଠୋର କଟକଣା ଲଗାଇବା ସେ ୟୁକ୍ରେନ୍‌ର ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ନିବେଦନ କରିଛନ୍ତି। ସେହିପରି ଯେଉଁ ଦେଶଗୁଡ଼ିକ ରୁଷିଆରୁ ତେଲ କିଣି ଏହାକୁ ଯୁଦ୍ଧ ଲଢ଼ିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି, ସେମାନଙ୍କ ବିରୋଧରେ ମଧ୍ୟ କଟକଣା ଲଗାଇବାକୁ ଜେଲେନ୍‌ସ୍କି କହିଛନ୍ତି। ରୁଷିଆ ଆକ୍ରମଣର ଜବାବ ଦେବା ପାଇଁ ପୋଲାଣ୍ଡ ଏହାର ଯୁଦ୍ଧବିମାନଗୁଡ଼ିକୁ ପ୍ରସ୍ତୁତ ରଖିବା ସହ ସଶସ୍ତ୍ର ବଳକୁ ସର୍ବାଧିକ ଆଲର୍ଟରେ ରଖିଛି। ଚଳିତ ଦଶନ୍ଧି ଶେଷ ସୁଦ୍ଧା ରୁଷିଆ ୟୁରୋପୀୟ ସଂଘର ସୁରକ୍ଷା ପ୍ରତି ବିପଦ ଭାବେ ଉଭା ହେବାକୁ ଯାଉଥିବା ଡାନିସ୍ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକ୍‌ସେନ୍ କହିଛନ୍ତି। ୟୁରୋପ ଏବଂ ୟୁକ୍ରେନ୍‌ର ପ୍ରତିରକ୍ଷା ଶିଳ୍ପଗୁଡ଼ିକ ୫ ବର୍ଷ ମଧ୍ୟରେ ଉତ୍ପାଦନ ସାମର୍ଥ୍ୟ ବଢ଼ାଇବାକୁ ସେ ଆହ୍ୱାନ ଦେଇଛନ୍ତି।

# ମହାକାଶରେ ଚାଷୀ ହେଲେ ଶୁଭାଂଶୁ

**ମେଥି, ମୁଗ ବିହନ ଅଙ୍କୁରିତ କଲେ**

ନୂଆଦିଲ୍ଲୀ, ୯।୭ (ପି.ଟି.)

'ଆକ୍ସିଓମ ୪' ମିଶନରେ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳାଙ୍କ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍) ଗସ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଇଏସ୍ଏସ୍‌ରେ ସେ ସାଥୀ କ୍ରିଉ ସଦସ୍ୟଙ୍କ ସହ ମିଶି ଅନେକ ବୈଜ୍ଞାନିକ ପରୀକ୍ଷଣ କରିଛନ୍ତି। ଏକ ପରୀକ୍ଷଣରେ ଶୁଭାଂଶୁ ମେଥି ଏବଂ ମୁଗ ବିହନକୁ ଏକ ପେଟ୍ରି ଡିସ୍‌ରେ ଅଙ୍କୁରିତ କରି ଏହାକୁ ଆଇଏସ୍ଏସ୍‌ର ଏକ ଷ୍ଟୋରେଜ ଫ୍ରିଜରରେ ଭର୍ତ୍ତି କରୁଥିବାର ଫଟୋ ସେୟାର କରିଛନ୍ତି। ମହାକାଶରେ ଅତିଶୂନ୍ୟ ଗୁରୁତ୍ୱାକର୍ଷଣ ଅଙ୍କୁରଣ ତଥା କପରି ଉଦ୍ଭିଦର ପ୍ରାରମ୍ଭିକ ବିକାଶ ପ୍ରକ୍ରିୟା ପ୍ରଭାବିତ ହୋଇଥାଏ, ସେ ସମ୍ପର୍କିତ ଅଧ୍ୟୟନ ପାଇଁ ଶୁଭାଂଶୁ ଏପରି କରିଛନ୍ତି। ପ୍ରକାଶ ଯେ, ଆକ୍ସିଓମ ୪ ମିଶନ ଅଧୀନରେ ଶୁଭାଂଶୁ ଆଇଏସ୍ଏସ୍‌ରେ ୧୨ ଦିନ ବିତାଇ ସାରିଛନ୍ତି।



ଆଇଏସ୍ଏସ୍‌ରେ ଶୁଭାଂଶୁ ଶୁକ୍ଳା ବୈଜ୍ଞାନିକ ପରୀକ୍ଷଣ କରୁଛନ୍ତି।

## କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ଚାପୁଡ଼ା ମାରିଲେ ଶିବସେନା ବିଧାୟକ

ମୁମ୍ବାଇ, ୯।୭ (ପି.ଟି.)

ମୁମ୍ବାଇରେ ଆକାଶବାଣୀ ପରିସର ବିଧାୟକ ନିବାସ କ୍ୟାଣ୍ଟିନରେ ମଙ୍ଗଳବାର ରାତିରେ ଶିବସେନା ବିଧାୟକ ସଞ୍ଜୟ ଗାୟକୱାଡ଼ ଜଣେ କର୍ମଚାରୀଙ୍କୁ ଚାପୁଡ଼ା ମାରିଛନ୍ତି। ବାସି ଏବଂ ଦୁର୍ଗନ୍ଧଯୁକ୍ତ ଖାଦ୍ୟ ପରଷାଯାଇଥିବା ଅଭିଯୋଗ କରି ସେ କ୍ୟାଣ୍ଟିନ କର୍ମଚାରୀଙ୍କୁ ଚାପୁଡ଼ା ମାରିଥିଲେ। ଘଟଣାକୁ ନେଇ ଗାୟକୱାଡ଼ କହିଛନ୍ତି, କିଛିଦିନ ହେବ ସେଠାରେ ବାରମ୍ବାର ବାସି ଏବଂ ଦୁର୍ଗନ୍ଧଯୁକ୍ତ ଖାଦ୍ୟ ପରଷାଯାଉଥିଲା। ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ଚାପୁଡ଼ା ମାରିବେ ଅନୁତପ୍ତ ନୁହଁନ୍ତି ବୋଲି ଗାୟକୱାଡ଼ କହିଛନ୍ତି। ତେବେ ଏହି ଘଟଣାକୁ ନେଇ ମହାରାଷ୍ଟ୍ରର ରାଜନୀତି ତୀବ୍ର ହୋଇଛି। ବିରୋଧୀ କଂଗ୍ରେସ, ଶିବସେନା (ୟୁବିଟି) ଏବଂ ଏନ୍‌ସିପି (ଏସ୍‌ପି) ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

# ବିହାର ନିର୍ବାଚନରେ ମହାରାଷ୍ଟ୍ର ଭଳି ଜାଲିଆତି ହେବାକୁ ଦେବୁନୁ: ରାହୁଲ

ପାଟନା,୯।୭(ପି.ଟି.)

୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପାକୁ ଜିତାଇବା ପାଇଁ ଜାଲିଆତି କରାଯାଇଥିଲା। ଚଳିତବର୍ଷ ଶେଷ ଭାଗରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କେନ୍ଦ୍ରର ଏନ୍‌ଡିଏ ସରକାର ଉକ୍ତ ଜାଲିଆତିକୁ ଦୋହରାଇବା ପାଇଁ ଚାହୁଁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ଅଭିଯୋଗ କରିଛନ୍ତି। ତେବେ ବିହାରରେ ଏହା ହେବାକୁ ଦିଆଯିବ ନାହିଁ ବୋଲି ପାଟନାସ୍ଥିତ ନିର୍ବାଚନ



ପାଟନାରେ ବିହାର ବନ୍ଦବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ସହ ଇଣ୍ଡିଆ ବ୍ଲକ୍ ସଦସ୍ୟମାନେ।

କମିଶନଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଉଥିବା ଇଣ୍ଡିଆ ବ୍ଲକ୍ କର୍ମୀଙ୍କ ବିକ୍ଷୋଭ ରାଲିରେ ଉଦ୍‌ବୋଧନ ଦେଇ ଲୋକ ସଭାର ବିରୋଧୀ ଦଳ ନେତା କହିଛନ୍ତି। ବିହାରରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଆରମ୍ଭ ହୋଇଥିବାବେଳେ ଏହାକୁ ବିରୋଧ କରି ଇଣ୍ଡିଆ ବ୍ଲକ୍ ପକ୍ଷରୁ ବୁଧବାର ବିକ୍ଷୋଭ କରାଯାଇଥିଲା। ଏସ୍ଆଇଆର୍ ହେଉଛି ଭୋଟର ତାଲିକାରେ ହେରଫେର କରିବା ପାଇଁ ମହାରାଷ୍ଟ୍ର ମଡେଲର ପରିବର୍ତ୍ତିତ ରୂପ। ଏହା କେବଳ ଲୋକଙ୍କ ଅଧିକାର ଛଡ଼ାଇ ନେବ ନାହିଁ ବରଂ ସେମାନଙ୍କ ସମ୍ପୂର୍ଣ୍ଣ ଭବିଷ୍ୟତକୁ ମଧ୍ୟ ଛଡ଼ାଇନେବ ବୋଲି ରାହୁଲ କହିଛନ୍ତି। ସମ୍ବିଧାନର ସୁରକ୍ଷା କରିବା ବଦଳରେ ନିର୍ବାଚନ କମିଶନ ଭାଜପା ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି। ଭୋଟର ତାଲିକା ସଂଶୋଧନ ହେଉଛି ନିର୍ବାଚନକୁ ଚୋରାଇବାର ଉଦ୍ୟମ। ଲୋକଙ୍କ ଭୋଟ ଅଧିକାରକୁ ଛଡ଼ାଇ ନେବାକୁ ଦିଆଯିବ ନାହିଁ ବୋଲି ରାହୁଲ କହିଛନ୍ତି। ଏହି ବିକ୍ଷୋଭ ରାଲିରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା, ସିପିଆଇ(ଏମ୍)ର ଏମ୍.ଏ. ବେବି ଏବଂ ସିପିଆଇ(ଏମ୍‌ଏଲ୍)ର ଦୀପଙ୍କର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

**ଫୁରସତ**

## ୧୦ ହଜାର ଫୁଟ ଉଚ୍ଚରୁ ୮୦ ବର୍ଷୀୟାଙ୍କ ସ୍କାଏ ଡାଇଭିଂ

**ଭାରତର ସବୁଠୁ ବୟସ୍କା ସ୍କାଏ ଡାଇଭର ଭାବେ ରେକର୍ଡ କଲେ ରାଜସ୍ଥାନର ଶ୍ରଦ୍ଧା ଚୌହାନ**

ମହେନ୍ଦ୍ରଗଡ଼

ହରିୟାଣାର ମହେନ୍ଦ୍ରଗଡ଼ ଜିଲ୍ଲା ନାରନୌଲଠାରେ ଜଣେ ୮୦ ବର୍ଷୀୟା ମହିଳା ଶ୍ରଦ୍ଧା ଚୌହାନ ୧୦ ହଜାର ଫୁଟ ଉଚ୍ଚତାରୁ ସ୍କାଏ ଡାଇଭିଂ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଏହାସହ ଭାରତର ସବୁଠାରୁ ବୟସ୍କା ସ୍କାଏ ଡାଇଭର ଭାବେ ସେ ରେକର୍ଡ ସୃଷ୍ଟି କରିଛନ୍ତି। ଆକାଶରେ ୧୦ ହଜାର ଫୁଟ ଉଚ୍ଚତାରେ ଏକ ଏୟାରକ୍ରାଫ୍ଟରୁ ଡେଇଁ ସେ ଏହି ସ୍କାଏ ଡାଇଭିଂ କରିଥିଲେ। ଏହି ସମୟରେ ତାଙ୍କର ବେଗ ଘଣ୍ଟା ପ୍ରତି ୨୩୦ କି.ମି. ରହିଥିଲା। ରାଜସ୍ଥାନର କୋଟପୁତଲି-ବହରୋଡ଼ ଜିଲ୍ଲା ଢାଣି ଗ୍ରାମ ନିବାସୀ ଶ୍ରଦ୍ଧା ପୂର୍ବରୁ ଯୋଧପୁରର ଏକ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ପ୍ରଫେସର



ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ପୁଅ ସୌରଭ ସିଂହ ଶେଖାୱତ ଭାରତୀୟ ସେନାରେ ଜଣେ ବ୍ରିଗେଡିୟର ଥିଲେ। ସୌରଭ କହିଛନ୍ତି, ଏକଦା ତାଙ୍କ ମା' ଖୋଲା ଆକାଶରେ ଉଡ଼ିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେବେଠାରୁ ସେ ମା'ଙ୍କ ଏହି ଇଚ୍ଛା ପୂରଣ କରିବା ପାଇଁ ଚିନ୍ତା କରିଥିଲେ। ଗତ ଜୁଲାଇ ୧ରେ ମା'ଙ୍କ ୮୦ତମ ଜନ୍ମଦିନରେ ସେ ତାଙ୍କର ଏହି ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିଥିଲେ। ସୌରଭ ସେନା ଛାଡ଼ିବା ପରେ ହରିୟାଣାର ନାରନୌଲଠାରେ ଥିବା ସ୍କାଏ ହାଇ ଡାଇଭିଂ ସେଣ୍ଟରରେ ଜଣେ ପରାମର୍ଶଦାତା ଏବଂ ମୁଖ୍ୟ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି। ଏହି ସ୍କାଏ ଡାଇଭିଂ ପାଇଁ ସେ ତାଙ୍କ ମା'ଙ୍କୁ ବହୁ ପୂର୍ବରୁ ତାଲିମ ଦେବା ଆରମ୍ଭ କରିଥିଲେ। ସ୍କାଏ ଡାଇଭିଂ ପାଇଁ ସମସ୍ତ ଆବଶ୍ୟକ ବ୍ୟବସ୍ଥାକୁ ପୂରଣ କରିବା ପରେ, ସେ ତାଙ୍କ ମା' ଶ୍ରଦ୍ଧାଙ୍କ ସହ ମିଶି ୧୦ ହଜାର ଫୁଟ ଉଚ୍ଚରେ ଏକ ଏୟାରକ୍ରାଫ୍ଟରୁ ଡେଇଁଥିଲେ।

## 'ବାଗୀ ୪'ର ଶୁଟିଂ ଶେଷ



ଟାଇଗର ଶ୍ରଫ୍

ମୁମ୍ବାଇ

ଏ. ହର୍ଷାଙ୍କ ନିର୍ଦ୍ଦେଶିତ ଏବଂ ସାଜିଦ୍ ନାଡିଆଡ୍‌ୱାଲାଙ୍କ ନିର୍ମିତ ଆକ୍ସନ ଥ୍ରିଲର ଫିଲ୍ମ 'ବାଗୀ ୪'ର ଶୁଟିଂ ଗତବର୍ଷ ନଭେମ୍ବର ୧୮ରେ ଆରମ୍ଭ ହୋଇଥିଲା। ସମ୍ପ୍ରତି ଶୁଟିଂ ଶେଷ ହୋଇଥିବା ନେଇ ଅଭିନେତା ଟାଇଗର ଶ୍ରଫ୍ ବୁଧବାର ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଟାଇଗର ତାଙ୍କ ପୋଷ୍ଟରେ ଫିଲ୍ମ ଶୁଟିଂବେଳୁ କେତେକ ଫଟୋ ସେୟାର କରିଛନ୍ତି। କ୍ୟାପ୍‌ସନ୍‌ରେ ସେ ଲେଖିଛନ୍ତି, 'ବାଗୀ ୪'ର ଶୁଟିଂ ଶେଷ ହୋଇଛି। ଏହାର ଅନୁଭୂତି ଅତ୍ୟନ୍ତ ଚମତ୍କାର ଥିଲା, ଯାହା ସବୁବେଳେ ମନେରହିବ। ତାଙ୍କ ଉପରେ ବାରମ୍ବାର ବିଶ୍ୱାସ କରିଥିବାରୁ ସେ 'ବାଗୀ' ଫ୍ରାଞ୍ଚାଇଜ୍ ଏବଂ ଫିଲ୍ମ ନିର୍ମାତା ସାଜିଦ୍ ନାଡିଆଡ୍‌ୱାଲାଙ୍କୁ ଧନ୍ୟବାଦ ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୫ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। 'ବାଗୀ ୪' ଫିଲ୍ମରେ ଟାଇଗରଙ୍କ ବିପକ୍ଷରେ ଅଭିନେତ୍ରୀ ସୋନମ ବାଜ୍ୱା ନଜରକୁ ଆସିବେ। ଫିଲ୍ମରେ ପ୍ରଥମ ଥର ପାଇଁ ସୋନମଙ୍କ ସହ ଟାଇଗରଙ୍କ ରୋମାଣ୍ଟିକ୍ ଭୂମିକା ଦେଖିବାକୁ ମିଳିବ, ଯାହାକୁ ନେଇ ଉଭୟଙ୍କ ପ୍ରଶଂସକ ଫିଲ୍ମ ରିଲିଜ୍‌କୁ ଉତ୍ସାହ ସହ ଅପେକ୍ଷା କରି ରହିଛନ୍ତି। ଫିଲ୍ମରେ ଅଭିନେତା ସଞ୍ଜୟ ଦତ୍ତଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ। 'ବାଗୀ ୪'ରେ ଟାଇଗରଙ୍କ ଅନେକ ଆକ୍ସନ ଦୃଶ୍ୟ ରହିଥିବା ନେଇ ପ୍ରକାଶ ପାଇଛି।

# ଭାରତ ଏବେ ପ୍ରମୁଖ ବିଶ୍ୱସ୍ତରୀୟ ବିପର୍ଯ୍ୟୟ ସହାୟତାକାରୀ ଦେଶ: ପି.କେ. ମିଶ୍ର

**ବେଙ୍ଗାଲୁରୁ,୯।୭ (ପି.ଆଇ.ବି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଏବେ ମାନବୀୟ ସହାୟତା ଏବଂ ବିପର୍ଯ୍ୟୟ ସହାୟତା (ଏଚ୍‌ଏଡିଆର୍) କାର୍ଯ୍ୟରେ ଏକ ପ୍ରମୁଖ ବିଶ୍ୱସ୍ତରୀୟ ମୁକାବିଲାକାରୀ ଭାବରେ ଉଭା ହୋଇଛି। ଏହା ସଙ୍କଟ ସମୟରେ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ସଂହତି ପ୍ରତି ଭାରତର ବର୍ଦ୍ଧିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ବେଙ୍ଗାଲୁରୁସ୍ଥିତ ଆଇଆଇଏମ୍ 'ସେଣ୍ଟର ଫର୍ ପବ୍ଲିକ ପଲିସି'ର ବୁଧବାର ଅନୁଷ୍ଠିତ ରୌପ୍ୟ ଜୟନ୍ତୀ ସମାରୋହରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ଏହା କହିଛନ୍ତି । 'ଗୁଜରାଟରୁ ମିଆଁମାର: ଗତ ୨୫ ବର୍ଷ ମଧ୍ୟରେ ଭାରତର ବିପର୍ଯ୍ୟୟ ପ୍ରଶମନ ନୀତି ଏବଂ ଅଭ୍ୟାସର ବିବର୍ତ୍ତନ' ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖି ଡ. ପି.କେ ମିଶ୍ର ପ୍ରଧାନମନ୍ତ୍ରୀ ମୋଦିଙ୍କ ବିକଶିତ ଭାରତ ସଂକଳ୍ପ ଉପରେ ଆଲୋକପାତ କରିଥିଲେ। ଗତ ଦୁଇରୁ ତିନି ଦଶନ୍ଧି ମଧ୍ୟରେ ଭାରତର ବିପର୍ଯ୍ୟୟ ବିପର୍ଯ୍ୟୟ ପରିଚାଳନାରେ ଅନେକ ପରିବର୍ତ୍ତନ ଘଟିଛି। ୧୯୯୧ରେ ଓଡ଼ିଶା ମହାବାତ୍ୟା, ୨୦୦୧ରେ ଗୁଜରାଟ ଭୂମିକମ୍ପ ଏବଂ ୨୦୦୪ରେ ଭାରତ ମହାସାଗର ସୁନାମି ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏସବୁ ବିପର୍ଯ୍ୟୟ ଅନେକ ଶିକ୍ଷା ଦେଇଥିଲା ବୋଲି ସେ କହିଥିଲେ। ତେବେ ଦେଶର ପ୍ରଶିକ୍ଷିତ ଏବଂ ସଜ୍ଜିତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନଡିଆରଏଫ) ଏବଂ ସଶସ୍ତ୍ର ବାହିନୀ ମାଧ୍ୟମରେ ଆମ ଦେଶ ନେପାଳ (୨୦୧୫ ଭୂମିକମ୍ପ), ତୁର୍କୀ (୨୦୨୩ ଭୂମିକମ୍ପ) ଏବଂ ମିଆଁମାର (୨୦୨୫ ଭୂମିକମ୍ପ) ଭଳି ଦେଶଗୁଡ଼ିକୁ ସମୟୋଚିତ ବିପର୍ଯ୍ୟୟ ସହାୟତା ପ୍ରଦାନ କରିଛି ବୋଲି ସେ ପ୍ରକାଶ କରିଥିଲେ।


ଡ. ପି.କେ. ମିଶ୍ର

# ବିକଳ୍ପ ବ୍ୟବସ୍ଥା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ

**ସମ୍ବଲପୁର,୯।୭(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରରେ ଗତ ୨ସପ୍ତାହ ହେବ ବର୍ଷା ଲାଗି ରହିଛି। ଲଗାଣ ବର୍ଷାଯୋଗୁ ତଳିଆ ଅଞ୍ଚଳରେ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତାରେ ବୋହିବା ସହ ଲୋକଙ୍କ ଘରେ ପଶିଛି। ମୁଦିପଡା, ଚାରଭାଟୀ, ବରେଇପାଲି, ଗୋପାଳମାଳ, ସାରସ୍ୱତ କଲୋନୀ, ପୁଟିବନ୍ଧ ପ୍ରଭୃତି ଅଞ୍ଚଳରେ ବର୍ଷା ପାଣି ରାସ୍ତା ଉପରେ ବୋହିବା ସହ ଘରେ ପଶୁଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ମହାନଗରର ନିଗମର ବିଭିନ୍ନ ଅଧିକାରୀଙ୍କୁ ବିଭିନ୍ନ ଅଞ୍ଚଳରେ ବ୍ୟବସ୍ଥା ଦେଖିବାକୁ ଦାୟିତ୍ୱ ଦିଆଯାଇଥିଲା। ଏପରିକି ସହରର ଭାଲୁପାଲି, ଚାରଭାଟୀ, ପୁଟିବନ୍ଧ ଅଞ୍ଚଳରେ ବନ୍ୟାଜଳ ନିଷ୍କାସନ ପାଇଁ ପମ୍ପ ଲଗାଯାଇଥିଲା। ଚାରଭାଟୀରେ ବର୍ଷା ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ଡ୍ରେନ ନିର୍ମାଣ କରାଯାଇଥିଲା। ତେବେ ଚଳିତ ବର୍ଷାରେ ଚାରଭାଟୀର ତଳିଅଞ୍ଚଳର ପୂର୍ବଭଳି ବର୍ଷାଜଳ ଜମି ରହିଥିଲା। ସେହି ପାଣି ପାଇଁ ପମ୍ପ ଲଗାଇବାକୁ ପଡିଥିଲା। ଲଗାଣ ବର୍ଷା ଯୋଗୁ ସହରରେ ବିଭିନ୍ନ ସ୍ଥାନରେ ମାଟି ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି। ବୁଧବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ କମିଶନର ବେଦ ଭୂଷଣ ଏବଂ ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା ସହରର ଦାନୀପାଲି, କୁଲତାପଡା, ବୁଢାରଜା, ଅଇଁଠାପାଲି, ଟାଙ୍ଗରପାଲି, ପ୍ରଧାନପାଲି ଆଦି ଅଞ୍ଚଳ ପରିଦର୍ଶନ କରିଥିଲେ। ସ୍ଥାନୀୟ ଲୋକଙ୍କୁ ସମସ୍ୟା ପଚାରି ବୁଝିବା ସହ ସହରର ଡ୍ରେନେଜ ବ୍ୟବସ୍ଥା ବୁଲି ଦେଖିଥିଲେ। ବର୍ଷା ପାଣି ସ୍ୱାଭାବିକ ଭାବେ ନିଷ୍କାସନ ପାଇଁ ଆବଶ୍ୟକ ଡ୍ରେନ ନ ଥିବାରୁ ସମସ୍ୟା ସୃଷ୍ଟି ହେଉଥିବା ଲୋକେ ଅଭିଯୋଗ କରିଥିଲେ । ଉପରମୁଣ୍ଡରେ ବର୍ଷା ପାଣିକୁ ହିସାବ ନକରି ଡ୍ରେନ ନିର୍ମାଣ କରାଯାଉଥିବାରୁ ସମସ୍ୟା ଉପୁଜୁଥିବା ସ୍ଥାନୀୟ ଲୋକେ କହିଥିଲେ। ତେବେ ଜିଲାପାଳ ଯେଉଁ ସ୍ଥାନଗୁଡିକରୁ ଡ୍ରେନ ଜାମ ନେଇ ଅଭିଯୋଗ ଆସୁଛି ତାହାକୁ ତତ୍କାଳ ସଫେଇ ବ୍ୟବସ୍ଥା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ମହାନଗର ନିଗମ କମିଶନର ବେଦ ଭୂଷଣ କହିଛନ୍ତି, ଆଜି ସହରରେ ବର୍ଷାର ମାତ୍ରା ଟିକିଏ କମିଥିବା ବେଳେ କୌଣସି ସ୍ଥାନରେ ବର୍ଷା ପାଣି ଜମି ନାହିଁ । ତେବେ ବିଗତ କିଛିଦିନରେ ଯେଉଁ ଅଞ୍ଚଳରୁ ଅଭିଯୋଗ ଆସିଥିଲା ସେହି ଅଞ୍ଚଳ ପରିଦର୍ଶନ କରି ଭବିଷ୍ୟତ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ଆଜି ପରିଦର୍ଶନ କରାଯାଇଥିବା କହିଛନ୍ତି।


ଜିଲାପାଳ, ମହାନଗର ନିଗମ କମିଶନର ତଳି ଅଞ୍ଚଳ ବୁଲି ଦେଖୁଛନ୍ତି।

## ପରିସ୍ଥିତି ନିରୀକ୍ଷଣ କଲେ ଜିଲାପାଳ

# ୨୧ କେଜି ଗଞ୍ଜେଇ ଜବତ, ୨ ଗିରଫ

**ସମ୍ବଲପୁର,୯।୭(ପ୍ରମୋଦ ବହିଦାର)**

ସମ୍ବଲପୁର ଅବକାରୀ ବିଭାଗ ବୁଧବାର ସମ୍ବଲପୁର-ଝାରସୁଗୁଡ଼ା ବିଜୁ ଏକ୍ସପ୍ରେସ୍ ୱେ(ରାଜ୍ୟ ରାଜପଥ-୧୦)ର ଅଇଁଠାପାଲି ଥାନା ଭାଲୁପାଲି ନିକଟରେ ଏକ କାର ଉପରେ ଚଢ଼ାଉ କରି ୨୧ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ବିହାର ପାଟନା ଜିଲା ଫତୁହା ଥାନା ଅନ୍ତର୍ଗତ ଜେଥୁଲିର ପ୍ରମୋଦ କୁମାର(୨୨) ଓ ବୈଶାଳୀ ଜିଲା ପୀରମହମ୍ମଦପୁରର ଅରବିନ୍ଦ କୁମାର(୨୫)ଙ୍କୁ ଗିରଫ କରାଯାଇଛି। ଗଞ୍ଜେଇ ଚୋରା ଚାଲାଣ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ କର୍ମଚାରୀ ସକାଳେ ଛକି ରହିଥିଲେ। ଏହି ସମୟରେ ଏହି ରାସ୍ତା ଦେଇ ଆସୁଥିବା କାର(ଜେଏଚ୍-୦୧-ବିଏ-୬୩୪୭)କୁ ଅଟକାଇ ତନଖି କରିଥିଲେ। ଯାଞ୍ଚ କରି ଚୋରା ଚାଲାଣ ହେଉଥିବା ଗଞ୍ଜେଇ ସହିତ କାରକୁ ଜବତ କରିଥିଲେ ଚଢ଼ାଉକାରୀ ଦଳ। ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଜୟ କିଷାନ ନବରତ୍ନ ଟିଏସ୍‌ପି ସାର ବିକ୍ରି ଆରମ୍ଭ

**ସମ୍ବଲପୁର,୯।୭(ବି.ଶଙ୍କର)**

ପାରାଦୀପ ଫସଫେଟ ଲିମିଟେଡ କମ୍ପାନୀ ପକ୍ଷରୁ ସୁପର ଫସଫେଟ ଜାତୀୟ ସାର ଜୟ କିସାନ ନବରତ୍ନ ଟିଏସପି ବୁଧବାର ବରଗଡ ସହରରେ ବିକ୍ରୟ ଆରମ୍ଭ ହୋଇଛି। ସାର ବସ୍ତାକୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ଜିଲା ବ୍ୟବସାୟ ପ୍ରବନ୍ଧକ ବିଶ୍ୱଜିତ ପଣ୍ଡା, ଏଚଏଣ୍ଡଟି କନଟ୍ରାକ୍ଟର ବିପିଜେପି ଆଣ୍ଡ ସନ୍ସର ସଞ୍ଜିବ ଅଗ୍ରୱାଲ ଯୋଗଦେଇ ଜାତୀୟ ସାର ଜୟ କିସାନ ନବରତ୍ନ ଟିଏସପିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିକ୍ରେତା ଓ ଚାଷୀମାନେ ଉପସ୍ଥିତ ଥିଲେ । ଚାଷୀମାନଙ୍କ ସକାଶେ ମୃତ୍ତିକାର ସ୍ୱାସ୍ଥ୍ୟ ଓ ଫସଲରେ ଉନ୍ନତି ପାଇଁ ମୂଳସାର ହିସାବରେ ନବରତ୍ନ ଟିଏସପି (୦:୪୬:୦) ସାରର ବ୍ୟବହାର କରିପାରିବେ। ଲାଭ ଦାୟକ ହୋଇପାରିବ ଯାହାକି ଚାଷୀମାନଙ୍କ ବୋଲି ଅଗ୍ରୱାଲ କହିଛନ୍ତି।


ଜୟ କିଷାନ ନବରତ୍ନ ଟିଏସ୍‌ପି ସାର ବରଗଡ ସହରରେ ବିକ୍ରିପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

# ୧୬ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ

**ସମ୍ବଲପୁର,୯।୭(ପ୍ରମୋଦ ବହିଦାର)**

ହୀରାକୁଦ ଜଳଭଣ୍ଡାରରୁ ୧୬ଟି ସ୍ଲୁଇସ୍ ଗେଟ୍ ଦେଇ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଅବ୍ୟାହତ ରହିଛି। ଜଳଭଣ୍ଡାରର ଜଳସ୍ତର କ୍ରମଶଃ ହ୍ରାସ ପାଇ ବୁଧବାର ରାତି ସାଢ଼େ ୯ଟା ସୁଦ୍ଧା ୬୦୫.୬୯ ଫୁଟ୍‌ରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରହାରି ୨ ଲକ୍ଷ ୫୫ ହାଜର ୭୧୦ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ମୋଟ ୨ ଲକ୍ଷ ୬୯ ହଜାର ୩୧୮ ଘନଫୁଟ୍ ନିଷ୍କାସନ କରାଯାଉଛି।


**RAJSUNAKHALA COLLEGE**
**RAJSUNAKHALA, DIST.: NAYAGARH**
**WALK-IN-INTERVIEW**

A Walk-in-Interview will be held on 18.07.2025 (Friday) at 11.00 A.M. in the College premises to appoint Guest Faculty Lecturers in **Physics** and **Mathematics**. Interested candidates having 55% or above marks at the P.G. Level are hereby informed to attend the interview with all original certificates and one set of Xerox copy of the same.
No T.A. & D.A. will be given for the purpose.

**Sd./- Principal-cum-Secretary**

**ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା**

ଇସ୍ତାହାର ସଂଖ୍ୟା: ୩୦୪୩ ତା: ୦୯।୦୭।୨୦୨୫

ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ଅବକାରୀ ବିଭାଗ ଅଧିସୂଚନା ତା୩୧।୦୮।୧୯୯୮ରିଖ ପରିଶିଷ୍ଟ – VI ନିୟମ – 2(C) ଅନୁସାରେ ଉପଯୁକ୍ତ କ୍ଷମତା ପ୍ରାପ୍ତ ଅଧିକାରୀ ତଥା ଜିଲ୍ଲାପାଳ, ସୁନ୍ଦରଗଡ଼ ଲିଜ୍ ପ୍ଲଟଗୁଡ଼ିକୁ ରୂପାନ୍ତରୀକରଣ ପାଇଁ ଅନୁମୋଦନ କରିଛନ୍ତି। ଏହି କ୍ରମରେ ନିମ୍ନଲିଖିତ ଦରଖାସ୍ତକାରୀ ନିଜ ନାମରେ ଥିବା ଲିଜ୍ ପ୍ଲଟ ଗୁଡ଼ିକୁ ରୟତି ଜମିରେ ରୂପାନ୍ତର କରିବାକୁ ଆବେଦନ କରିଛନ୍ତି। ଦରଖାସ୍ତକାରୀଙ୍କ ନାମ, ଆବଣ୍ଟିତ ଲିଜ୍ ପ୍ଲଟର ବିବରଣୀ ନିମ୍ନରେ ପ୍ରଦତ୍ତ ପୂର୍ବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏ ସଂକ୍ରାନ୍ତରେ ଯଦି କାହାର କୌଣସି ପ୍ରକାର ଆପତ୍ତି ଥାଏ, ତେବେ ଏହି ଇସ୍ତାହାର ପ୍ରକାଶିତ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲାଙ୍କ କାର୍ଯ୍ୟାଳୟରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟ ସୀମା ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

| Sl. No. | C. Case No. | Name of the Applicant | Mouza | House/ Plot No. | Location |
|---|---|---|---|---|---|
| 1 | 263/2023 | ବଂଶୀଧର ବାରିକ | RTU-27 | B-402 | କୋଏଲ ନଗର |
| 2 | 303/2024 | ଦୀପକ ଚନ୍ଦନ | RTU-27 | C-30 | କୋଏଲ ନଗର |
| 3 | 308/2024 | ରମା ବେହେରା @ ରମା ବିଶ୍ୱାଳ | RTU-41 | AAA-1 | ସିଭିଲ ଟାଉନସିପ୍ |
| 4 | 339/2025 | କସ୍ତୁରୀ ପଣ୍ଡା ଓ ଓଗେର | RTU-41 | UUU-7 | ସିଭିଲ ଟାଉନସିପ୍ |

ସ୍ୱା./– ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**BALANGIR (R&B) DIVISION, BALANGIR**
Email: eepwd.bgr@rediffmail.com, eepwd.bgr@gmail.com,
Ph. No.: 06652-232374
e-Procurement Notice
BID IDENTIFICATION No.: BGR R&B/08/2025-26
No.B-280 No.4485/Dtd.04.07.25

| | | | |
|---|---|---|---|
| 1 | The Superintending Engineer, Balangir (R&B) Division, Balangir on behalf of Governor of Odisha invites percentage rate Composite bid in Double cover system in ONLINE MODE for the construction of works detailed in the table below from B Class Contractors registered with the State Governments and contractors of equivalent Grade / Class registered with Central Government / MES / Railways for execution of Road / Building / Bridge works. The proof of registration from the appropriate authority shall be enclosed along with the bid. | | |
| 2 | Nature of work | : | Building work, Road work |
| 3 | No. of tender | : | Building work- 02 Nos., Road work- 01 No. |
| 4 | Tender cost | : | Rs.10,000/- |
| 5 | Class of contractor | : | 'B' Class (Registered with CDMS) |
| 6 | Date & time of sale & receipt of bids | : | From Dt.15.07.25, 10.00 A.M. to Dt.29.07.25 upto 05.00 P.M. |
| 7 | Date of opening bid | : | Dt.30.07.25 at 11.00 A.M. |
| 8 | The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendums will be available on ONLINE MODE only. | | |

Sd./- Superintending Engineer, Balangir (R&B) Division
OIPR-34028/11/0033/2526

**PARADIP PORT AUTHORITY**
**MARINE DEPARTMENT**
No.-MD/ACCTS/WK/R-06/2025/869 Date: 07.07.2025
Name of the Work: Supply of 01 no. 25 Knots Speed Petrol-cum-Chase Boat along with Manning Crew on hire for a period of 05 (five) years. Estimated cost put to tender: Total Estimated cost including Hire Charges & Fuel Rs.7,49,26,258/- excluding GST. Estimated cost put to Tender towards Hire Charges only Rs.5,05,69,244/- excluding GST. Last date & time of submission of tender through on-line bidding is **15:00 Hours on 18/08/2025.** Date & time for opening of Technical Bid is **15:30 hours on dt.19/08/2025.** For further details, please log on to the Website: https://eprocure.gov.in/eprocure/app.
Sd/- Deputy Conservator, Paradip Port Authority
PPA/PR/25/2025-2026 dtd.08.07.2025

सीएमपीडीआई मिनी रत्न cmpdi Mini Ratna
**सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड**
**CENTRAL MINE PLANNING & DESIGN INSTITUTE LTD.**
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Limited)
गोन्दवाना प्लेस, काँक रोड राँची - 834008, झारखंण्ड, भारत

**सूचना/NOTICE**

"सामग्री, कार्यो एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in**/सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है । इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है ।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in.**"

**GOVERNMENT OF ODISHA** No.O-373
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANJANAGAR**
eerwbnjr@gmail.com
NATIONAL COMPETITIVE BIDDING THROUGH e-Procurement
Identification No. Online Tender / 04 / RWDBNJ / 2025-2026
Ltr. No. 3553 Date : 01.07.2025

| Identification No. | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / RWDBNJ/04/2025-2026 | Building Works | 07 (Seven) Nos. | 50.17 Lakhs to 71.43 Lakhs | "B" Class as applicable | 09 (Nine) Calendar months |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Division, Bhanjanagar | Online Tender/04/ RWDBNJ/2025-2026 | 17.07.2025 at 10.00 A.M. | 30.07.2025 upto 3.00 P.M. |

Further details can be seen from the website : www.tendersodisha.gov.in
Sd./- Executive Engineer
R.W.Division, Bhanjanagar
OIPR-25174/11/0024/2526

**INTEGRATED TRIBAL DEVELOPMENT AGENCY, PARALAKHEMUNDI**
GAJAPATI, PARALAKHEMUNDI, DIST.: GAJAPATI, ODISHA
Phone / Fax: 06815-222207, Email Id: itdapla@gmail.com
E-Procurement Notice No.ITDAPKD/03/2025-26 No.CAD-1025

| | | | |
|---|---|---|---|
| 1 | Type of work | : | Civil work (Buildings) 57 Nos. |
| 2 | Form of contract | : | Percentage Rate |
| 3 | Class of contractor | : | As mentioned in DTCN |
| 4 | Bid cost | : | As mentioned in DTCN |
| 5 | Time for completion | : | As per DTCN |

| Procurement Officer | E-Procurement Notice No. | Availability of tender online for bidding | | Date & time of opening of tender |
|---|---|---|---|---|
| | | From | To | |
| Project Administrator, ITDA, Paralakhemundi | ITDAPKD/03/2025-26 | 10.07.2025 (10.00 hours) | 24.07.2025 (17.30 hours) | 30.07.2025 at 11.00 hours |

Further details can be seen from the website: www.tendersorissa.gov.in. The authority reserves the right to reject any or all the tenders without assigning any reason thereof.
Sd./- Project Administrator, ITDA, Paralakhemundi
OIPR-26078/11/0002/2526

**ପଣ୍ୟାଗାର ବିକାଶ ଓ ନିୟାମକ ପ୍ରାଧିକରଣ** WDRA
ଭାରତ ସରକାର
ଏନ୍‌ସିୟୁଆଇ ଭବନ, ଚତୁର୍ଥ ମହଲା, ୩, ସିରି ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, ହୌଜ ଖାସ୍, ନୂଆଦିଲ୍ଲୀ-୧୧୦୦୧୬, ଦୂରଭାଷ: ୪୯୫୩୬୪୯୬, ୪୯୦୯୨୯୭୮
**Warehousing Development and Regulatory Authority**
**Government of India**
NCUI Building, 4th Floor, 3, Siri Institutional Area, August Kranti Marg, Hauz Khas, New Delhi - 110016, Tel. No. - 49536496, 49092978
ଏଫ୍.ନଂ./File No. IT-CR/1/2024-IT/1229 ତାରିଖ/Dated: 23.06.2025

**ବିଷୟ: ଡବ୍ଲ୍ୟୁଡିଆର୍‌ଏରେ ଚୁକ୍ତି ଭିତ୍ତିରେ ୦୧ ଜଣ କନିଷ୍ଠ ପରାମର୍ଶଦାତା (ସୂଚନା ପ୍ରଯୁକ୍ତି)ଙ୍କ ନିଯୁକ୍ତି**

ପଣ୍ୟାଗାର ବିକାଶ ଏବଂ ନିୟାମକ କର୍ତ୍ତୃପକ୍ଷ (ଡବ୍ଲ୍ୟୁଡିଆର୍‌ଏ), ପଣ୍ୟାଗାର (ବିକାଶ ଓ ନିୟନ୍ତ୍ରଣ) ଅଧିନିୟମ, ୨୦୦୭ ଅଧୀନରେ ଉକ୍ତ ଅଧିନିୟମର ବ୍ୟବସ୍ଥାପନକୁ କାର୍ଯ୍ୟାନ୍ୱୟନ ପାଇଁ ଗଠିତ ଏକ ବୈଧାନିକ ନିକାୟ ଅଟେ ।
୨. ଡବ୍ଲ୍ୟୁଡିଆର୍‌ଏରେ ପ୍ରାରମ୍ଭିକ ଭାବେ ଏକ ବର୍ଷ ଅବଧି ପାଇଁ ୦୧ ଜଣ କନିଷ୍ଠ ପରାମର୍ଶଦାତା (ସୂଚନା ପ୍ରଯୁକ୍ତି) ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି । ପରାମର୍ଶଦାତାଙ୍କ ନିଯୁକ୍ତି ଅବଧିକୁ ଆବଶ୍ୟକତା ଅନୁଯାୟୀ ବୃଦ୍ଧି କରାଯାଇପାରିବ ।
୩. ୦୧ ଜଣ କନିଷ୍ଠ ପରାମର୍ଶଦାତା (ସୂଚନା ପ୍ରଯୁକ୍ତି)ଙ୍କ ନିଯୁକ୍ତି ପାଇଁ ଯୋଗ୍ୟତା ମାନଦଣ୍ଡ, ନିୟମ ଓ ସର୍ତ୍ତାବଳୀ ଆଦି ଡବ୍ଲ୍ୟୁଡିଆର୍‌ଏ ୱେବ୍‌ସାଇଟ୍ 'www.wdra.gov.in' ରେ ଉପଲବ୍ଧ । ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଆଗ୍ରହୀ ପ୍ରାର୍ଥୀମାନେ ଡବ୍ଲ୍ୟୁଡିଆର୍‌ଏ ୱେବ୍‌ସାଇଟ୍ ବିଜ୍ଞାପନ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ଜଉମୁଦବନ୍ଦିଆ ଲଫାପାରେ ସେମାନଙ୍କର ଦରଖାସ୍ତକୁ ଲଫାପାର ଉପରିଭାଗରେ "ଡବ୍ଲ୍ୟୁଡିଆର୍‌ଏରେ ଚୁକ୍ତି ଭିତ୍ତିରେ ୦୧ ଜଣ କନିଷ୍ଠ ପରାମର୍ଶଦାତା (ସୂଚନା ପ୍ରଯୁକ୍ତି)ଙ୍କ ନିଯୁକ୍ତି" ଉଲ୍ଲେଖ କରି ଦାଖଲ କରିପାରିବେ । ଆବେଦନଗୁଡ଼ିକୁ ସହକାରୀ ନିର୍ଦ୍ଦେଶକ (ଏଚ୍‌ଆର୍) ପଣ୍ୟାଗାର ବିକାଶ ଓ ନିୟାମକ ପ୍ରାଧିକରଣ, ଏନ୍‌ସିୟୁଆଇ ଭବନ, ୪ର୍ଥ ମହଲା, ୩, ସିରି ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, ହୌଜ ଖାସ୍, ନୂଆଦିଲ୍ଲୀ – ୧୧୦୦୧୬ ନିକଟକୁ ପଠାଯାଇପାରିବ । ବିଜ୍ଞାପନର ଏକ ପ୍ରତିଲିପି ଖବରକାଗଜ/ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ମଧ୍ୟ ପ୍ରକାଶିତ ହେବ ।

ସ୍ୱା./- (ଲଳିତ କୁମାର)/(Lalit Kumar)
ସହାୟକ ନିର୍ଦ୍ଦେଶକ (ଏ ଆଣ୍ଡ ଏଫ୍ ଆଣ୍ଡ ସି)/Assistant Director (A&F&C)
CBC 08109/12/0005/2526

**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER:** NIT No: TPCODL/2025-26/NIT/06
Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000004390 | Request for Proposal (RFP) for selection of Solar Power Generator (SPG) for the Development of Grid Connected Solar PV Project under PM-KUSUM (Component – A) scheme in Odisha on Build-Own-Operate (B-O-O) basis |
| 2 | TPCODL/P&S/2025-26/1000004392 | RC for supply of 630 Amp Feeder pillar Box |
| 3 | TPCODL/P&S/2025-26/1000004394 | RC for supply of 630 KVA , 11/0.4KV Compact S/s |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd.10.07.2025**. Future communication / corrigendum to tender documents, if any, shall be available on TPCODL website.

**JHARKHAND URJA SANCHARAN NIGAM LIMITED**
**(CIN No.:U40108JH2013SGC001704)**
**Regd. Office: 2nd Floor, JUSNL (SLDC)**
**Building Kusai Colony, Doranda, Ranchi - 834002, (E-mail:cetjusnl@gmail.com)**

**e-TENDER NOTICE**
**NIT No. –251/PR/ JUSNL/ 2025-26**

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | survey and assessment of feasibility for modification of existing 2 ph. double circuit towers to 3-ph double circuit towers by erecting two extra cross arms as proposed by Railway for construction of 132 kV 3-ph D/C Transmission line from GSS, Kendposi to New TSS at Kendposi |
| Estimated cost (Rs.) | Rs. 7,72,816.00 (including GST) |
| Earnest Money Deposit | Rs. 15,500.00 On line mode |
| Completion Period | 45 Days |
| e-Tender fee | Rs. 5,000.00 + 18% GST On line mode. |
| Start Date & Time of Download the Tender Documents | 11.07.2025 at 11:00 AM |
| Start Date and time of upload of BID | 11.07.2025 at 11:00 AM |
| End date and time of upload of BID | 31.07.2025 upto 04:00 PM |
| BID Opening date for technical part | 01.08.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनी शिकायतों को 18003456570(कॉल सेन्टर) पर दर्ज करायें।

PR 356873 Jharkhand Urja Sancharan Nigam Ltd(25-26).D
Sd/-
General Manager C&M (NWBP)

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**
ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ୍ଧ ସୁଧ ନୋଟିସ୍ ପାଇବାର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ **ଦଖଲ**କୁ ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
**No.H-15 :** Collector, Nuapada-cum-Chairman RMC, Khariar Road invite Sealed Tenders from reputed firms / individuals having valid HT license issued by ELBO, Govt. of Odisha for construction and erection of LT connection for general purpose, in different PPC under RMC, Khariar Road for more details, please log in to https://nuapada.odisha.gov.in.

**Sd./- Chairman, R.M.C, Khariar Road**

OIPR-01511/11/0010/2526

---

## ODISHA PUBLIC SERVICE COMMISSION

### NOTICE

**No. 4753/PSC., Dt. 08.07.2025**

**(2PL-01-25/26, DR-I)**

**Timetable For Written Examination for recruitment to the posts of Assistant Director of Factories & Boilers, Advt. No. 01 of 2025-26**

**No.D-125 :** It is for information of all concerned that, the Commission has decided to conduct the Written Examination for recruitment to the posts of Assistant Director of Factories and Boilers, pursuant to Advt. No. 01 of 2025- 26 on **03.08.2025 (Sunday)** at **Saraswati Shishu Vidya Mandir, Tulasipur, Chahata Nagar (Mahanadi Ring Road), Cuttack-753008,** as per the timetable detailed below:

| Date | Timing | Subject | Subject Code No. to be filled up in the OMR Answer Sheet |
|---|---|---|---|
| 03.08.2025 (Sunday) | 09.00 A.M. to 11.00 A.M. | General Studies and Mental Ability | 01 |
| | 1.00 P.M. to 3.00 P.M. | Mechanical Engineering | 02 |

**N.B :-** As **there is no vacancy for PwD candidates,** no extra compensatory time shall be allowed to PwD candidates.

2. The **"Admission Certificate"** and **"Instructions to candidate"** for the eligible candidates will be available in the website of Commission shortly. The candidates are advised to visit the website of the Commission at http://opsc.gov.in to download their "Admission Certificate" & "Instructions to Candidate".

OIPR-12002/11/0262/2526 — **Sd./- Secretary**

---

No. D-

## ODISHA PUBLIC SERVICE COMMISSION, CUTTACK

### 1st Corrigendum to Advt. No. 02 of 2025-26 for Recruitment to the Post of Assistant Section Officer in the Office of the Advocate General, Odisha

1. **AGE:**
   Beneath 1st Paragraph under Sl. No. 3 (i.e. Age) of the Advertisement No. 02 of 2025-26, the following Paragraph shall be inserted due to enhancement of upper age limit vide Gazette Notification No. 1598, Dtd.09.06.2025.
   "A candidate must have attained the age of 32 (Thirty-two) years and must not be above the age of 42 (forty-two) years as on the 1st day of January, 2025 i.e. he/she have been born not earlier than **2nd January 1983** and not later than **1st January, 1993**".

**Note:** The relaxation of age as provided to different categories in the Advertisement will remain same over and above 42 years.

2. The link for Online Application and Submission shall be opened only for those candidates who have been born on/in between the aforesaid dates, which shall be available from **14.07.2025 to 24.07.2025** till 05.00 P.M. [Note: **24.07.2025, 5.00 P.M.** is the deadline for submission of Registered Online Application].
3. **METHOD OF SELECTION:**
   The Para-6(g) of the Advt. No. 02 of 2025-26 i.e. xxxxxxxxx will be shortlisted 1.5 times of the advertised vacancies in each category as per merit for the Skill Test xxxxxxx shall be **substituted and read** as xxxxxxxxx will be shortlisted 02 times of the advertised vacancy in each category as per merit subject to a minimum of 05 for the Document Verification and Skill Test. Commission further reserves the right to call additional number of candidates securing qualifying marks as per merit, in case number of suitable candidates fall short of advertised vacancy in each category, so that all posts can be filled up. The document verification and Skill Test will be held simultaneously on the same date. xxxxxxxxx
4. **DATE OF WRITTEN EXAMINATION:**
   Under Sl No. 7 of the Advertisement, "the Written Examination will be tentatively held on 27th July, 2025 (Sunday)" shall be **substituted and read** as "the Written Examination will be tentatively held on **21st September, 2025 (Sunday)**.
5. The candidates who have already submitted online applications for the said post need not apply again.
   Besides above, all other terms and conditions of the Advertisement No. 02 of 2025-26 shall remain unchanged.

By Order of Commission
**Sd./- Secretary**

OIPR-12002/11/0264/2526

---

## GOVERNMENT OF ODISHA
## OFFICE OF THE ADDITIONAL CHIEF ENGINEER (TESTING & CALIBRATION, STANDARD TESTING LABORATORY)-CUM-ELECTRICAL INSPECTOR

PLOT NO. GD-2/7, MAITRIVIHAR, BHUBANESWAR-751023

**E-Mail ID : sestl-od@gov.in, deist11-od@gov.in**

Expression of interest No.01/A.C.E (T&C, STL)/2025-26

**No.STL/Tech-2/2025-26/1357** — **/Dated Bhubaneswar, the 07.07.2025**

**No.AA-17 :** The Additional Chief Engineer (T&C,STL)-cum-E.I, Bhubaneswar invites **Expression of Interest (EOI)** to extend its NABL scope to include **Transformer Oil Testing** in line with **ISO/ IEC 17025:2017**. We aim to offer comprehensive testing services for transformer insulating oil, covering parameters such as: Breakdown Voltage (BDV), Flash Point, Moisture Content (PPM), Interfacial Tension, Dielectric Dissipation Factor (Tan Delta) & Resistivity, DGA. The details of Scope of Work which includes development of the necessary documentation, including standard operating procedures (SOPs), Quality manual, Quality Procedure, Calibration of equipment, training and other relevant documents required for NABL accreditation. The Expression of Interest (EOI) may be submitted via email within 15 days from the date of publication.

**For further information or to express your interest, please contact:**
The Additional Chief Engineer (T&C, STL)-cum-E.I, Bhubaneswar
Standard Testing Laboratory
PLOTNO.GD-2/7, MAITRIVIHAR, BHUBANESWAR-751023
**E-Mail ID:** sestl-od@gov.in

**Sd./- Addl. Chief Engineer (T&C, STL)-cum-E.I., Bhubaneswar**

OIPR-04069/11/0005/2526

---

## Office of District Manager Odisha State Civil Supplies Corporation Ltd. (OSCSC), Angul

**Phone : 06764-230282**

**District Website - https://angul.odisha.gov.in**

**Tender No. : 2664** — **Dt. : 05.07.2025**

**No.CAD-1020** : District Manager, Odisha State Civil Supplies Corporation Ltd., Angul (District) invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of Level-I Transport Contractor for transportation of foodgrains from FSD, FCI to RRCs of Angul District. |
| 2 | Availability of bid document in the portal | From 08.07.2025 |
| 3 | Last Date / Time for receipt of bids in the portal | Dt.22.07.2025 up to 5.30 P.M. |
| 4 | Date/Time of Opening of Technical Bid | Dt.23.07.2025, At-11 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Angul, At-O/o CSO-cum-District Manager, Near Biju Maida, Rotary Public School, Angul |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

**Sd./- District Manager, OSCSC Ltd., Angul**

OIPR-07064/11/0008/2526

---

## ODISHA PUBLIC SERVICE COMMISSION, CUTTACK

### NOTICE

**No.4765/PSC** — **Dt.08.07.2025**

**(1R-02-24/25) (DR-V)**

**Assistant Professor (Stage-I) in Chemistry (Advertisement No. 27 of 2023-24)**

No. D-: It is for information of all concerned that, document verification of **115 (One hundred fifteen)** candidates having **PPSAN** mentioned below for the post of **Assistant Professor (Stage-I) "Chemistry",** pursuant to advertisement No. 27 of 2023-24 shall be held from **17.07.2025 to 22.07.2025 (except Govt. holiday)** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 17.07.2025 | 10.30 A.M. | P230183751, P230187205, P240307795, P230184887, P230185385, P240302452, P240306459, P240307971, P230176824, P230181139, P230183558, P240282872 & P240309444 = **13 Candidates** |
| | 02.30 P.M. | P240310076, P220051297, P220079765, P240298467, P240299374, P240304910, P240306087, P240306632, P240308559 & P230183028 = **10 Candidates** |
| 18.07.2025 | 10.30 A.M. | P230186684, P240305813, P240306745, P240308500, P230176354, P230177358, P230182734, P240308929, P240309405, P230175162, P230176000, P230182859 & P230185435 = **13 Candidates** |
| | 02.30 P.M. | P230193321, P240297406, P240305066, P240309811, P240313838, P230172413, P230181138, P230182019, P240304463 & P240310634 = **10 Candidates** |
| 19.07.2025 | 10.30 A.M. | P240308963, P240305616, P240309086, P240307460, P230183273, P220040368, P230183302, P230183898, P230184501, P240303351, P240305597, P240306284 & P240311482 = **13 Candidates** |
| | 02.30 P.M. | P230185469, P230187180, P240304153, P220075000, P240309253, P230108883, P240309153, P230201735, P220025453 & P240308218 = **10 Candidates** |
| 21.07.2025 | 10.30 A.M. | P230234335, P240287146, P240306308, P240302644, P240307323, P230139156, P230183175, P240306073, P240304409, P220027341, P230141683, P240313973 & P230180293 = **13 Candidates** |
| | 02.30 P.M. | P230178468, P230130497, P230180780, P230177213, P240301812, P230091100, P240302675, P240305803, P220028484 & P230097977 = **10 Candidates** |
| 22.07.2025 | 10.30 A.M. | P220029592, P230176925, P240296320, P220008904, P220022164, P220063831, P230122575, P230157617, P230180415, P230182714, P240306959, P230118280 & P230157573 = **13 Candidates** |
| | 02.30 P.M. | P230173982, P230177014, P230177616, P230178057, P230182922, P230197181, P240296488, P240297673, P240299619 & P240302837 = **10 Candidates** |

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0265/2526 — **Sd./- Secretary**

---

## ଓଡ଼ିଶା ସରକାର
## ଖଣି ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା: ବୌଦ୍ଧ

ଇ-ମେଲ: miningofficerboudh@gmail.com

ସଂଖ୍ୟା: ୬୧୦ — ତା: ୭.୭.୨୦୨୫

### ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି

**No. G-26:-** ମାଇନ୍ସ ଏବଂ ମିନେରାଲ୍ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନୋରାଲ୍ ମିନେରାଲ୍ କନ୍ସେସ୍ ନିୟମ, ୨୦୧୬ ଅନୁଯାୟୀ ୨ ସଂଖ୍ୟକ ଲଘୁ ଖଣିଜ ଉପର ଇ–ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି ।

ତଦନୁସାରେ, କ୍ୱାରି ଲିଜ୍ ଅନୁଦାନ ପାଇଁ 'ଫର୍ମ–ଏମ୍' ଫର୍ମାଟରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଛି ।

ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି । କ୍ୱାରିଗୁଡ଼ିକ ପାଇଁ ଇ–ନିଲାମ ପ୍ରକ୍ରିୟାର ସମୟସାରଣୀ, ବିଜ୍ଞପ୍ତି, ଅପଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ **https://www.mstcecommerce.com** ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ ।

ଆଗ୍ରହୀ ବିଡରମାନେ ଉପରୋକ୍ତ ୱେବସାଇଟରେ ନିଜକୁ ପଞ୍ଜୀକୃତ କରିପାରିବେ । ସଫଳ ପଞ୍ଜୀକରଣ ପରେ ଇ–ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡରମାନେ ଲଗଇନ୍ ଆଇଡି ଏବଂ ପାସୱାର୍ଡ ପାଇବେ । ମଡେଲ୍ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ୍ ବ୍ଲକ୍ ସାରାଂଶ ଉପରୋକ୍ତ ୱେବ୍‌ସାଇଟରେ ମାଗଣାରେ ଉପଲବ୍ଧ ।

ଇଚ୍ଛୁକ ବିଡରମାନେ ନିଜର ଲଗ୍ଇନ୍ ୟୁଜର୍ ID ଏବଂ ପାସୱାର୍ଡ ବ୍ୟବହାର କରି ଫର୍ମ–M ରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ । 'ଫର୍ମ–ଏମ'ର ସଫଳ ଦାଖଲ ପାଇଁ ବିଡରମାନେ ଇ–ନିଲାମ ପୋର୍ଟାଲରେ ଉପଲବ୍ଧ 'ବିଡର ମାନୁଆଲ'କୁ ଅନୁସରଣ କରିବା ଉଚିତ । ଇ–ଟେଣ୍ଡର ଦାଖଲ ପାଇଁ ବିଡରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବସାଇଟରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ ।

| ସମୟ ସାରଣୀ: | | |
|---|---|---|
| | ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟସାରଣୀ ଉପଲବ୍ଧ ଅଛି । | ଆବେଦନ (ବୈଷୟିକ ବିଡ୍) ଖୋଲିବା ତାରିଖ: ୦୨.୦୮.୨୦୨୫ । |
| | ଟେଣ୍ଡର ଆବେଦନର ଶେଷ ତାରିଖ: ୦୧.୦୮.୨୦୨୫ । | ନିଲାମ ତାରିଖ: ୦୮.୦୮.୨୦୨୫ ରୁ ୧୩.୦୮.୨୦୨୫ । |

**କ୍ୱାରିଗୁଡ଼ିକର ତାଲିକା:**

| କ୍ର. ନଂ. | କ୍ଷେତ୍ର | ଜିଲ୍ଲା | ତହସିଲ | ସୋର୍ସର ନାମ ଓ କୋଡ୍ | ମିନେରାଲ | ଲାଣ୍ଡ ସେଡ୍ୟୁଲ | | | | | ପରିମାଣ | MAC per $M^3$ (in Rs.) | MGQ per year |
|---|---|---|---|---|---|---|---|---|---|---|---|---|---|
| | | | | | | ମୌଜା | ଖତିୟାନ ନଂ. | ପ୍ଲଟ୍ ନଂ. | କିସମ | କ୍ଷେତ୍ରଫଳ (in Hecs) | | | |
| ୧ | ଫୁଲବାଣୀ | ବୌଦ୍ଧ | ବୌଦ୍ଧ | ତୁଟୁରସିଙ୍ଗା–A ବାଲିଘାଟ (୦୬୦୫୪ ୦୧୦୧୦) | ବାଲି | ତୁଟୁର ସିଙ୍ଗା | ୫୧୮ | ୦୧ | ନଦୀ | ୫.୨୨୦ | ଗଛିତ | ୩୧୦ | ୩୦,୦୦୦ |

OIPR-30033/11/0007/2526 — ସ୍ୱା./– ଖଣି ଅଧିକାରୀ, ବୌଦ୍ଧ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତର ଅପଷ୍ଟ୍ରିମ୍ ତୈଳ,ବାଷ୍ପ ଢାଞ୍ଚାର ହେବ ଆଧୁନିକୀକରଣ

ଭୁବନେଶର, ୯।୭
(ଅନୁରାଧା ମହାରଣା)

ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ (ପିଏନ୍‌ଜି) ନିୟମାବଳୀର ଚିଠା ପ୍ରସ୍ତାବ, ମଡେଲ ରାଜସ୍ୱ ବିତରଣ ଚୁକ୍ତି (ଏମ୍‌ଆର୍‌ଏସ୍‌ସି) ଏବଂ ପେଟ୍ରୋଲିୟମ ଲିଜ୍ ଉପରେ ଅଂଶୀଦାରଙ୍କଠାରୁ ମତାମତ ଓ ପରାମର୍ଶ ଆହ୍ୱାନ କରିଛି। ଏହି ଚିଠା ପ୍ରସ୍ତାବରେ ଅନେକ ପ୍ରମୁଖ ସଂସ୍କାର ସହିତ ଦେଶର ଅପଷ୍ଟ୍ରିମ୍ ତୈଳ ଏବଂ ବାଷ୍ପ ଭିତ୍ତିଭୂମିକୁ ଆଧୁନିକୀକରଣ କରିବାର ଲକ୍ଷ୍ୟ ରଖାଯାଇଛି। ପ୍ରମୁଖ ସଂସ୍କାର ମଧ୍ୟରୁ ଗୋଟିଏ ହେଉଛି ଏକ ନିବେଶକ-ଅନୁକୂଳ ସ୍ଥିରୀକରଣ ଧାରାକୁ ସାମିଲକରିବା ହୋଇଥିବାବେଳେ ଏହାକୁ ଭବିଷ୍ୟତର ଆଇନଗତ



ହରଦୀପ ସିଂ ପୁରୀ

କିମ୍ବା ଆର୍ଥିକ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବରୁ ଲିଜ୍‌ଧାରୀଙ୍କୁ ସୁରକ୍ଷାଦେବା ପାଇଁ ଡିଜାଇନ କରାଯାଇଛି । ଫଳରେ ଟିକସ, ରୟାଲ୍ଟି କିମ୍ବା ଅନ୍ୟାନ୍ୟ ଶୁଳ୍କରେ ବୃଦ୍ଧି କ୍ଷେତ୍ରରେ ସେମାନଙ୍କୁ କ୍ଷତିପୂରଣ କିମ୍ବା ହ୍ରାସ ପାଇଁ ଅନୁମତି ଦିଆଯିବ। ଭିତ୍ତିଭୂମିର ଦୋହରୀକରଣକୁ ହ୍ରାସ କରିବା ଏବଂ ଛୋଟ ସଂସ୍ଥାକୁ ଉତ୍ସାହିତ କରିବା ପାଇଁ ଚିଠା ପ୍ରସ୍ତାବରେ ଲିଜ୍‌ଧାରୀମାନଙ୍କୁ ପାଇପଲାଇନ ଓ ଅନ୍ୟାନ୍ୟ ସୁବିଧାରେ କମ୍ ବ୍ୟବହାର ହୋଇଥିବା କ୍ଷମତା ଘୋଷଣା କରିବାକୁ କୁହାଯାଇଛି। ଏହାବ୍ୟତୀତ ସରକାରୀ ତଦାରଖ ଅଧୀନରେ ଯୁକ୍ତିଯୁକ୍ତ ସର୍ତ୍ତରେ ତୃତୀୟ ପକ୍ଷଙ୍କୁ ପ୍ରବେଶ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚିଠା ନିୟମରେ ପ୍ରଥମ ଥର ପରିଚାଳକମାନଙ୍କୁ ତୈଳ କ୍ଷେତ୍ର ବ୍ଲକ୍ ମଧ୍ୟରେ ଏକୀକୃତ ଅକ୍ଷୟ ଓ କମ୍ ଅଙ୍ଗାରକାମ୍ଳଯୁକ୍ତ ପ୍ରକଳ୍ପ ଯଥା ସୌର, ପବନ, ହାଇଡ୍ରୋଜେନ ଏବଂ ଭୂ-ତାପ ଉର୍ଜା ଆଦି ବ୍ୟବହାର କରିବା ଲାଗି ଅନୁମତି ଦିଆଯାଇଛି। ପରିବେଶ ପରିଚାଳନାକୁ ସୁଦୃଢ଼ କରିବା ପାଇଁ, ଚିଠା ପିଏନ୍‌ଜି ନିୟମାବଳୀ ଗ୍ରୀନ୍‌ହାଉସ ଗ୍ୟାସ୍ ନିର୍ଗମନ ନିରୀକ୍ଷଣ ଓ ରିପୋର୍ଟ କରିବା ପାଇଁ ବିସ୍ତୃତ ଆବଶ୍ୟକତା ପ୍ରଚଳନ କରାଯାଇଛି। ସେହିପରି କାର୍ବନ କ୍ୟାପ୍‌ଚର ଏବଂ ଷ୍ଟୋରେଜ (ସିସିଏସ୍) ପାଇଁ ଏକ ନିୟାମକ ଢାଞ୍ଚା ସ୍ଥାପନ କରାଯାଇଛି । ବନ୍ଦହେବା ପରେ ଅତି କମ୍‌ରେ ୫ବର୍ଷ ପାଇଁ ନିରୀକ୍ଷଣ ସହ ଏକ ସ୍ଥାନ ପୁନରୁଦ୍ଧାର ପାଣ୍ଠିକୁ ମଧ୍ୟ ଏଥିରେ ବାଧ୍ୟତାମୂଳକ କରାଯାଇଛି । କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ଉଦ୍ୟୋଗ ଜଗତର ନେତୃବର୍ଗ, ବିଶେଷଜ୍ଞ, ନାଗରିକଙ୍କଠାରୁ ଆରମ୍ଭ କରି ସବୁ ଅଂଶୀଦାରମାନଙ୍କୁ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ନିୟମର ଚିଠା ପ୍ରସ୍ତାବ, ଏମ୍‌ଆର୍‌ଏସ୍‌ସି ଓ ସଂଶୋଧିତ ପେଟ୍ରୋଲିମ ଲିଜ୍ ଉପରେ ଜୁଲାଇ ୧୭ ସୁଦ୍ଧା ମତାମତ ଓ ପରାମର୍ଶ ଦେଇପାରିବେ। ଅଂଶୀଦାରମାନେ png-rules@dghindia.gov.inରେ ନିଜର ମତାମତ ପଠାଇପାରିବେ। ଏହି ବିଚାରବିମର୍ଶ ପ୍ରକ୍ରିୟା ୧୭ ଜୁଲାଇ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମରେ ଆୟୋଜିତ ଉର୍ଜା ବାର୍ତ୍ତା ୨୦୨୫ରେ ସମାପ୍ତ ହେବ।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୯।୭

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହେଉଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୭୬ (୧୭୬.୪୩) ପଏଣ୍ଟ ହ୍ରାସ ଘଟି ୮୩,୫୩୬ (୮୩,୫୩୬.୦୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୪୬(୪୬.୪୦) ପଏଣ୍ଟ କମି ୨୫,୪୭୬ (୨୫,୪୭୬.୧୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଦେବୀ ଶବରଙ୍କୁ ବିଓବିର ୧.୧ କୋଟିର ସହାୟତା ରାଶି




ଭୁବନେଶ୍ୱର,୯।୭

ବ୍ୟାଙ୍କ ଅଫ୍‌ବରୋଦା (ବିଓବି)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ପୋଲିସ ସେବା ଭବନରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଓବି ପକ୍ଷରୁ ୧.୧ କୋଟି (୧କୋଟି ୧୦ ଲକ୍ଷ ଟଙ୍କା)ର ଏକ ଚେକ୍ ମୃତ ଲୋକନାଥ ଶବରଙ୍କ ସ୍ତ୍ରୀ ଦେବୀ ଶବରଙ୍କୁ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଲୋକନାଥ ଶବର ଓଡ଼ିଶା ଆର୍ମଡ ପୋଲିସ ଫୋର୍ସର କନ୍‌ଷ୍ଟେବଲ ଭାବେ କାର୍ଯ୍ୟରତ ଥିବା ଅବସ୍ଥାରେ ଏକ ସଡକ ଦୁର୍ଘଟଣାରେ ସେ ମୃତ୍ୟୁବରଣ କରିଥିଲେ। ଏହି ଚେକ୍ ବିଓବି-ଓଡ଼ିଶା ପୋଲିସ ସାଲାରି ପ୍ୟାକେଜ୍ ଅନ୍ତର୍ଗତ ହିତାଧିକାରୀଙ୍କ ରାଶି ଭାବେ ପ୍ରଦାନ କରାଯାଇଛି। ଏହି ଅବସରରେ ବିଓବି ଭୁବନେଶ୍ୱର ଅଞ୍ଚଳର ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ ଉକ୍ତ ସହାୟତା ରାଶିର ଚେକ୍‌କୁ ପୋଲିସ ଆୟୁକ୍ତ ଡ. ସୁରେଶ ଦେବଦତ୍ତ ସିଂଙ୍କ ସହାୟତାରେ ହିତାଧିକାରୀଙ୍କ ସ୍ତ୍ରୀ ଦେବୀ ଶବରଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୋଲିସ ଆୟୁକ୍ତ ନରସିଂହ ଭୋଳ, ଉପ-ପୋଲିସ ଆୟୁକ୍ତ (କଟକ) ଖିଲାରି ରିଶିକେଶ ଧ୍ୟାନଦେଓ, ଉପ ପୋଲିସ ଆୟୁକ୍ତ ପ୍ରକାଶ ଚନ୍ଦ୍ର ପାଲ, ବିଓବି ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ଏସ୍‌ପି ନାୟକ, ଉପ-ମହାପ୍ରବନ୍ଧକ ଭିଏମ୍‌ଏନ୍‌ଏସ୍ ସାଇବାବୁଙ୍କ ସମେତ ବିଓବି ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସତ୍ୟରଞ୍ଜନ ମହାପାତ୍ର, ବିଓବି କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପ୍ରଦୀପ କୁମାର ବେହେରା, କଟକ ନୟା/ନୂଆ ବଜାର ଶାଖାର ଶାଖା ମୁଖ୍ୟ ସୁକେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ସିବିଆଇ ସହ ଜେନେରାଲିର ବୁଝାମଣା

ଭୁବନେଶ୍ୱର,୯।୭

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ) ଏବଂ ଜେନେରାଲି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ସଂସ୍ଥାକୁ ଦେଶର ଏକ ନୂଆ ଯୁଗ୍ମ ଉଦ୍ୟୋଗ ସହଯୋଗୀ ଭାବେ ଘୋଷଣା କରାଯାଇଛି। ଜେନେରାଲି ଗ୍ରୁପ୍‌ର ଡେପୁଟି ସିଇଓ (ଇନ୍‌ସ୍ୟୁରାନ୍ସ) ଜାଇମେ ଆଞ୍ଜୁଷ୍ଟେଗୁଇ କହିଛନ୍ତି, ସିବିଆଇ ସହ ମିଳିତ ଭାବେ ଭାରତରେ ଆମର ବ୍ୟବସାୟ ପାଇଁ ଏହି ନୂଆ ଅଧ୍ୟାୟ ଘୋଷଣାକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏହି ଭାଗୀଦାରି ଭାରତର ଉଚ୍ଚ ସମ୍ଭାବ୍ୟ ବଜାରରେ ଜେନେରାଲିଙ୍କ ପାଦଚିହ୍ନକୁ ଆହୁରି ବ୍ୟାପକ କରିବାରେ ସହାୟକ ହେବ ବୋଲି ଆମେ ବିଶ୍ୱାସ କରୁଛୁ।

# ଏମ୍‌ଜିଏମ୍ ମିନେରାଲ୍ସକୁ ୫ତାରକା ପୁରସ୍କାର

ଭୁବନେଶ୍ୱର,୯।୭ (ଅଭୟ ଦାଶ)

ରାଜ୍ୟ ପ୍ରମୁଖ ଘରୋଇ ସଂସ୍ଥା ତଥା ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ସମ୍ମାନ ଓ ସ୍ୱୀକୃତି ମିଳିଛି। ବିଶେଷ କରି ଉତ୍କୃଷ୍ଟ ଗୁଣବତ୍ତା ଓ ଅନ୍ତର୍ଜାତୀୟ ମାନକ ପାଳନ କରିବାରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବାରୁ ଏମ୍‌ଜିଏମ୍ ମିନେରାଲ୍ସକୁ ୫ତାରକା ପୁରସ୍କାର ଦିଆଯାଇଛି। ସେହିଭଳି ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌ର ପଟାବେଡ଼ା ଲୌହଖଣିକୁ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ଦ୍ୱାରା ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ୫ତାରକା ଖଣି ଭାବେ ମୂଲ୍ୟାଙ୍କନ ସହ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜସ୍ଥାନର ଜୟପୁର ସ୍ଥିତ ରାଜସ୍ଥାନ ଅନ୍ତର୍ଜାତୀୟ କେନ୍ଦ୍ରଠାରେ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ




କେନ୍ଦ୍ରମନ୍ତ୍ରୀ ଜି.କିଶନ୍ ରେଡ୍ଡୀଙ୍କଠାରୁ ଏମ୍‌ଜିଏମ୍ ମିନେରାଲ୍ସର ପଙ୍କଜ ଲୋଚନ ମହାନ୍ତି ଏବଂ ହିମାଂଶୁ ଶେଖର ପଟ୍ଟନାୟକ ପୁରସ୍କାର ଗ୍ରହଣ କରୁଛନ୍ତି।

ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, କେନ୍ଦ୍ରମନ୍ତ୍ରୀ ଜି.କିଶନ୍ ରେଡ୍ଡୀ, ଇଣ୍ଡିଆନ ବୁରୋ ଅଫ୍ ମାଇନ୍ସର ମହାନିୟନ୍ତ୍ରକ ପୀୟୂଷ ନାରାୟଣ ଶର୍ମା ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍ ପକ୍ଷରୁ ଖଣି ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ଏବଂ ମୁଖ୍ୟ ପ୍ରବନ୍ଧକ ହିମାଂଶୁ ଶେଖର ପଟ୍ଟନାୟକ ଯୋଗ୍‌ଦେଇ ଅତିଥିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ଏହା ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌ର ପଟାବେଡ଼ା ଲୌହଖଣି (୨୮.୩୯୭ ହେକ୍ଟର) ପରି ଏକ ଛୋଟ ଖଣି ନିମନ୍ତେ ଆନନ୍ଦ ଏବଂ ଗୌରବମୟ ଅନୁଭୂତି ବୋଲି କମ୍ପାନୀ ପକ୍ଷରୁ କୁହାଯାଉଛି।

# ପ୍ରଥମ ତ୍ରୈମାସିକରେ ସର୍ବାଧିକ ବିକ୍ରି ରେକର୍ଡ

ଭୁବନେଶ୍ୱର,୯।୭

କ୍ରମାଗତ ଭାବେ ସୋନାଲିକା ଟ୍ରାକ୍ଟର୍ସର କାରବାର ବୃଦ୍ଧି ପାଉଛି। ଏପରିକି କୃଷକଙ୍କୁ ଉତ୍ତମ ଉତ୍ପାଦକତା ଓ ସମୃଦ୍ଧି ପ୍ରଦାନ କରିବା ପାଇଁ କଷ୍ଟମାଇଜ କରାଯାଇଥିବା ସୋନାଲିକାର ହେଭି ଡ୍ୟୁଟି ଟ୍ରାକ୍ଟରଗୁଡିକ ନୂଆ ବେଞ୍ଚମାର୍କ ସୃଷ୍ଟି କରିପାରିଛି । ଏହି ଆଭିମୁଖ୍ୟ କମ୍ପାନୀକୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ସର୍ବାଧିକ ବିକ୍ରି ସହ ୪୩,୬୦୩ ୟୁନିଟ୍ ଟ୍ରାକ୍ଟର ବିକ୍ରିକରି ଏକ ନୂଆ ରେକର୍ଡ ହାସଲ କରିଛି। ସେହିଭଳି କମ୍ପାନୀର ଏହି ସଫଳତା ବ୍ରାଣ୍ଡର ପ୍ରତ୍ୟେକ କୃଷକଙ୍କ ପାଇଁ ରହିଥିବା 'ଦମ୍ ଆଗେ ବଢ଼ନେ କା' ପ୍ରତିଶ୍ରୁତି ଏବଂ ୨୦-୧୨୦ଏଚ୍‌ପି ଟ୍ରାକ୍ଟର ସେଗ୍‌ମେଣ୍ଟରେ ଏହାର ଅତ୍ୟାଧୁନିକ ନିର୍ମାଣ କ୍ଷମତାର ପ୍ରମାଣ ବୋଲି କୁହାଯାଉଛି। ସେହିପରି ସୋନାଲିକାର ପ୍ରତ୍ୟେକ ହେଭି ଡ୍ୟୁଟି ଟ୍ରାକ୍ଟରକୁ ସର୍ବୋଚ୍ଚ ଗୁଣବତ୍ତା ମାନଦଣ୍ଡ ପୂରଣ କରିବା ପାଇଁ ଷ୍ଟେଟ୍-ଅଫ୍-ଦି-ଆର୍ଟ ରୋବୋଟିକ୍ ଓ ଅଟୋମେଶନ ଟେକ୍ନୋଲୋଜିର ବ୍ୟବହାରକରି ବିକଶିତ କରାଯାଉଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଆମର ହେଭି ଡ୍ୟୁଟି ଟ୍ରାକ୍ଟର ପ୍ରଦାନ କରୁଥିବା 'ଦମ୍ ଆଗେ ବଢ଼ନେ କା' ପ୍ରତିଶ୍ରୁତି ସହ ଆମେ ସବୁବେଳେ ପ୍ରତ୍ୟେକ କୃଷକଙ୍କ ଯାତ୍ରାରେ ସାର୍ଥକ ଯୋଗଦାନ ଦେବା ପାଇଁ ଲକ୍ଷ୍ୟ ରଖିଥାଉ। ଏପରିକି ଏହା ଆମକୁ ପ୍ରଥମ ତ୍ରୈମାସିକରେ ସର୍ବାଧିକ ୪୩,୬୦୩ ୟୁନିଟ୍ ଟ୍ରାକ୍ଟର ବିକ୍ରିକରିବାର ନୂଆ ରେକର୍ଡ ହାସଲ କରିବା ପାଇଁ ସାହାଯ୍ୟ କରିଛି। ମୌସୁମୀ ଋତୁ କୃଷକଙ୍କ ମଧ୍ୟରେ ସକାରାତ୍ମକତା ଆଣିଛି ଏବଂ ରେକର୍ଡ ମାତ୍ରାରେ ଖରିଫ ବୁଣା ଓ ଆଶାବାଦୀ ଫସଲ ଆକଳନ କୃଷକଙ୍କ ପାଇଁ ଆଗକୁ ବଢ଼ିବା ଲାଗି ଅଧିକ ଆୟ ପ୍ରବାହ ସୃଷ୍ଟି କରିବ। ଆମେ କୃଷକଙ୍କ ଜୀବନରେ ଦୀର୍ଘସ୍ଥାୟୀ ଓ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ଉଦ୍ଭାବନ ଓ ଟେକ୍ନୋଲୋଜି ସହିତ ଆମର କୃଷକ-ପ୍ରଥମ ବିଶ୍ୱାସକୁ ସମର୍ଥନ କରିବା ପାଇଁ ଆମର ମୂଲ୍ୟବୋଧ ଓ ଅଭିବୃଦ୍ଧି ମାନସିକତାକୁ ଉପଯୋଗ କରିବା ଜାରି ରଖିବୁ।


# Classified Everyday
0674-2580101, 9692975378



REAL ESTATE
SALE

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668. D-76287

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Sum Hospital- 2 ଏବଂ Grand Bazar(NH-16) ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249422604 D-76281

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ 5K.M 1500sqft. କିଣି ଘର କରନ୍ତୁ। 7978947520 D-76283

Resort / Cottage at New Puri 19Lakhs, Sandalwood Project 3Lakhs. 8908113985. D-1225

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in




Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740. D-75391




Positively health benefits SPA expert female therapist homely atmosphere. 8658088274. D-1177

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LOST

ମୁଁ ସୁଦେଷ୍ଣା ପ୍ରିୟଦର୍ଶନୀ ମହାପାତ୍ର, ସ୍ୱାମୀ- ଗଡ଼ନାୟକ ଧର୍ମେନ୍ଦ୍ର ରଞ୍ଜନ ରାଉତ, ସା/ପୋ/ଥାନା- ସୋସୋ, ଜି- କେନ୍ଦୁଝର, ପିନ୍- ୭୫୮୦୭୮ ବର୍ତ୍ତମାନର ଠିକଣା- ଆଚାର୍ଯ୍ୟନଗର, ବନ୍ତଛକ, ଜି- ଭଦ୍ରକ, ପିନ୍- ୭୫୬୧୦୧ ଏକ ପଞ୍ଜୀକୃତ ସେଲ୍‌ଡିଡ୍ (ନଂ- ୧୦୨୩୨୨୦୫୯୦୩ ତା- ୩୦।୧୨।୨୦୨୨) ଜରିଆରେ ଏକ ଜମି କିଣିଥିଲି। ଏହାର ମୂଳ ମଧ୍ୟବର୍ତ୍ତୀ। ସେଲ୍‌ଡିଡ୍ (ନଂ- ୧୦୨୩୧୧୦୧୯୯୨ ତା- ୨୧।୦୪।୨୦୧୧) ଯାହା ଆମ୍ଭଙ୍କୁ ହସ୍ତାନ୍ତର କରାଯାଇଥିଲା। ମୁଁ ଭଦ୍ରକ ତହସିଲ କାର୍ଯ୍ୟାଳୟରୁ ଫେରୁଥିବାବେଳେ ଉକ୍ତ ଦଲିଲଟି କେଉଁଠି ହଜିଯାଇଛି। ବାରମ୍ବାର ଖୋଜିବା ପରେ ମଧ୍ୟ ଏହା ମିଳିନାହିଁ। ଯଦି ଉକ୍ତ ଦଲିଲ କେହି ପାଆନ୍ତି ଆଡ୍‌ଭୋକେଟ୍ ଯାମିନୀକାନ୍ତ ନାୟକଙ୍କ ମୋବାଇଲ ନଂ- ୮୨୪୯୩୬୦୪୯୧ ରେ ଜଣାଇବାକୁ ଅନୁରୋଧ।
D-1234

## AFFIDAVIT

By virtue of an affidavit No.15AA232130 sworn before Notary Public, Bhubaneswar, dated-05-07-2025. I, Bhanupratap Sahoo, Kundibag, Bhadrak Bypass, Bhadrak, Odisha, PIN-756181 declare that I have changed my name from Bhanu Pratap Sahu to Bhanupratap Sahoo. Henceforth, I shall be known as Bhanupratap Sahoo for all purposes.
Bhanupratap Sahoo
D- 1235

By virtue of an affidavit No.15AA285788 sworn before Notary Public, Bhubaneswar, dated-09-07-2025. I, Nityananda Sahoo, Kundibag, Bhadrak Bypass, Bhadrak, Odisha, PIN–756181 declare that I have changed my name from Nityananda Sahu to Nityananda Sahoo. Henceforth, I shall be known as Nityananda Sahoo for all purposes.
Nityananda Sahoo
D- 1236

I, K. Anivha Dora, D/o- K. Narasingh Dora, resident of Village/ Post/ P.S.- Kabisuryanagar, Dist.- Ganjam, Odisha declare by virtue of this affidavit No.- 3237/22, sworn on dt- 11.03.2022, that from now onwards, I shall be known as Anibha Dora for all purposes D- 73593

By virtue of an affidavit before the Executive Magistrate, Berhampur, Ganjam on dt-08.07.2025 vide No. A- 1026, I have changed my surname from Latika Mandalo to Latika Bhujabala, W/o- Late Binu Chandra Mandalo, D/o- Bhaskar Bhujabala, resident of At/P.O.- Sikula, P.S.- Purusottampur, Dist.- Ganjam, Odisha-761018. Henceforth, I shall be known as Latika Bhujabala ( new name) for all purpose. D-1230

I, Kartikeswara Dora, S/o Bhagaban Dora, resident of Saila Nivas, Baxi Lane, P.O.- Khordha, P.S./Dist.- Khurda, Odisha- 752055 declare by virtue of this affidavit No.- 1625, sworn on dt-08.07.2025 that from now onwards I shall be known as Kartikeswar Dora for all purposes.
D-1228

Sworn before Executive Magistrate, Tumudibandha with affidavit No- 226/ 07.07.25, I, Pilat Majhi, S/o- Letenga Majhi, Vill- Ungamaha, P.O.-Kurtamgarh, P.S.- Tumudibandha, Kandhamal changed my name Pilat Majhi to Ayush Majhi. Henceforth, I shall be known as Ayush Majhi for all future purposes. D-1229

I Ramani Ranjan Maharana, S/o- late Kirtan Maharana, At/ P.O.- Banasing, P.S.- Gondia, Dist.- Dhenkanal, Odisha- 759014 have changed name of my minor son Priyansh Maharana aged 6years to Riyansh Maharana, dtd- 23.06.2025 before Executive Magistrate, Dhenkanal. D- 1231

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Shikha Tripathy, resident of B/152, Nalconagar, Angul, declare via Affidavit No. 423 (13.05.2025) that my father's name is wrongly mentioned as Saroj Kanta Tripathy in my 10th & +2 certificates. Correct name: Saroja Kanta Tripathy, to be used for all purposes.
D-1233

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



୰ଯୁଧିଷ୍ଠିର ମହାନ୍ତି
ବେଲକନ୍ଦା, ଦହିପାଳ, ନାଉଗାଁ, ଜଗତ୍‌ସିଂହପୁର
ଆବିର୍ଭାବ: ୨୧ ଜୁନ ୧୯୪୫
ତିରୋଧାନ: ୩୦ ଜୁନ ୨୦୨୫
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା, ଆଦର୍ଶ, ଆଶୀର୍ବାଦ, ଭଲପାଇବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:- ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ନାତୁଣୀଜ୍ୱାଇଁ ବନ୍ଧୁ ଓ ପରିବାରବର୍ଗ।
ଧ-୧୨୩୭



୰ଗଙ୍ଗାଧର ନାୟକ
କେଶରପୁର, ବାଲିବୋ, ଭୁବନ ଢେଙ୍କାନାଳ
ଆବିର୍ଭାବ: ୨୪।୦୧।୧୯୩୬
ତିରୋଧାନ: ୩୦।୦୬।୨୦୨୫
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିଥିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ଆପଣଙ୍କ ଆତ୍ମୀୟସ୍ୱଜନ ଓ ପ୍ରିୟ ପରିବାରବର୍ଗ।
D-1226

ଅଷ୍ଟାଦଶ ଶ୍ରାଦ୍ଧ ଦିବସ



୰ଅନିରୁଦ୍ଧ ମହାନ୍ତି
ଗୁରୁପୂର୍ଣ୍ଣିମା ତିଥି ମାଉସୀମା ଛକ,ଭୁବନେଶ୍ୱର
ଆବିର୍ଭାବ: ୧୬।୦୭।୧୯୩୪
ତିରୋଧାନ: ୩୦।୦୭।୨୦୦୭
ବାପା,
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କର ସର୍ବଦା ପାଥେୟ ହେଉ। ତୁମେ ଏ ଦୁନିଆରେ ନ ଥିଲେ ମଧ୍ୟ ଆମମାନଙ୍କ ପାଇଁ ତୁମର ସ୍ମୃତି ସର୍ବଦା ଜୀବିତ ହୋଇ ରହିଅଛି। ପ୍ରଭୁ ରାମେଶ୍ୱର ଓ ଶ୍ରୀମଦ୍ ବାୟା ବାବା ତୁମର ପବିତ୍ର ଆତ୍ମାକୁ ଶାନ୍ତି ଦିଅନ୍ତୁ।
:ଶୋକସନ୍ତପ୍ତ:
ତୁମର ପୁଅ, ବୋହୂ, ଝିଅ-ଜୋଇଁ, ଝିଅ ଓ ନାତୁଣୀମାନେ ଏବଂ ଆତ୍ମୀୟସ୍ୱଜନମାନେ।
D-1226

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରାକୃତିକ ସମ୍ପଦର ସୁରକ୍ଷା ଉପରେ ଗୁରୁତ୍ୱ

**ଖଣି, ପାଣି ଓ ପ୍ରକୃତି ସୁରକ୍ଷା ଚିନ୍ତନ ବୈଠକ**

**ବିଭିନ୍ନ ଜନ ଆନ୍ଦୋଳନର ପ୍ରତିନିଧିଙ୍କ ଯୋଗଦାନ**

ବଲାଙ୍ଗୀର,୯।୭(ବୀରେନ୍ଦ୍ର କୁମାର ଝାଙ୍କର)



ବୈଠକରେ ମଞ୍ଚାସୀନ ଅତିଥି, ଆଲୋଚକ।

ବଲାଙ୍ଗୀର ଜିଲାର ପ୍ରାକୃତିକ ସମ୍ପଦ ଉପରେ ଏବେ କର୍ପୋରେଟ୍ କମ୍ପାନୀର ଲୋଲୁପ ଦୃଷ୍ଟି ପଡ଼ିଛି। ସରକାର ଏ ଦିଗରେ ଲୋକପକ୍ଷକୁ ହତାଦର କରି କମ୍ପାନୀର ମଧ୍ୟସ୍ଥି ଭୂମିକା ନେବାକୁ ଆଗଭର ହେଉଛନ୍ତି। ରାଜ୍ୟରେ ପେସା ଆଇନ ଲାଗୁ କରାଯାଇନାହିଁ। ଗ୍ରାମସଭା, ପଲ୍ଲୀସଭାରେ ଲୋକଙ୍କ ମତ ନିଆ ନଯାଇ ଖଣି ନିଲାମ ଭଳି ପଦକ୍ଷେପ ନିଆଯାଉଛି। ଏହାକୁ ଜୋରଦାର ବିରୋଧ କରାଯିବ। ଜିଲାର ପ୍ରାକୃତିକ ସମ୍ପଦ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ। ସରକାର, କର୍ପୋରେଟ୍ ଏବଂ ଖଣି ଲୁଟକାରୀଙ୍କୁ କିଭଳି ରୋକାଯିବ ସେନେଇ ଉଚିତ୍ ରଣନୀତି ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଯାଦବ ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ଖଣି, ପାଣି ଓ ପ୍ରକୃତି ସୁରକ୍ଷା ଚିନ୍ତନ ବୈଠକରେ ମତପ୍ରକାଶ ପାଇଛି।

ଜନ ଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟ ସଙ୍ଗଠନ (ଏନ୍ଏପିଏମ୍) ଓଡିଶା ତଥା ବଲାଙ୍ଗୀର ଜିଲାର ବିଭିନ୍ନ ଜନଆନ୍ଦୋଳନ ଓ ସାମାଜିକ ସଙ୍ଗଠନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଚିନ୍ତନ ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ମୁଖ୍ୟବକ୍ତା ଭାବେ ଏନ୍ଏପିଏମ୍ ଅଧ୍ୟକ୍ଷ ଲିଙ୍ଗରାଜ, ଆଲୋଚକ ଭାବେ ନିୟମଗିରି ସୁରକ୍ଷା ସମିତିର ଲିଙ୍ଗରାଜ ଆଜାଦ ଓ ପଶ୍ଚିମ ଓଡିଶା କୃଷକ ସମନ୍ୱୟ ସମିତି ପ୍ରବକ୍ତା ସରୋଜ ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ରାଜ୍ୟସଭା ସଦସ୍ୟ ବିଶି କହିଥିଲେ, ବଲାଙ୍ଗୀର ଜିଲାରେ ଖଣିଜ ପଦାର୍ଥ ଭରି ରହିଛି। ଯେଉଁସ୍ଥାନରେ ଖଣିଜ ସମ୍ପଦ ଅଛି ସେଠାରେ ଆଦିବାସୀମାନେ ରହୁଛନ୍ତି। ସେମାନଙ୍କୁ ଉଦ୍‌ବାସ୍ତୁ କରାଗଲେ ଜୋରଦାର ବିରୋଧ କରାଯିବ। ଗଣତନ୍ତ୍ର ଶାସନରେ ରାଜତନ୍ତ୍ର ଭଳି ନିଷ୍ପତ୍ତି ଚାଲିବ ନାହିଁ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଲିଙ୍ଗରାଜ ଆଗାମୀ ପିଢ଼ି ପାଇଁ ଖଣିଜ ପଦାର୍ଥ ଓ ପ୍ରକୃତି ସୁରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଣୁ ଅବିଚାରିତ ଶିଳ୍ପାୟନ ନାଁରେ କଞ୍ଚାମାଲ ଲୁଟ୍ ବିକାଶର ପରିଭାଷା ନୁହେଁ ବୋଲି କହିଥିଲେ। ଆଲୋଚକ ଆଜାଦ ବଲାଙ୍ଗୀର ଜିଲାର କୃଷିଶିଳ୍ପ ଉପରେ ଗୁରୁତ୍ୱ ଦିଆଯିବା କଥା କରିବା ସହ ଖଣି ଖନନର କୁପରଣତି ଉପରେ କହିଥିଲେ। ଆଲୋଚକ ସରୋଜ ବିଗତ ୭୦ ବର୍ଷ ଧରି ଶିଳ୍ପାୟନରୁ ଓଡିଶା କାହିଁକି ବିକଶିତ ହେଲାନାହିଁ ଓ ଲୋକେ ଆଜି ବି କାହିଁକି ଦାଦନ ଖଟିବାକୁ ଯାଉଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏଣୁ ପ୍ରାକୃତିକ ସମ୍ପଦ ବିକ୍ରିରେ ବିକାଶ ସମ୍ଭବ ନୁହେଁ ବୋଲି କହିଥିଲେ। ଆଲୋଚନାରେ ଜିନ୍ଦାବାଦ ସଙ୍ଗଠନର ତ୍ରିଲୋଚନ ପୁଞ୍ଜି, ଜନମ୍ ମାଟି ବଚାଓ ସଂଘର୍ଷ ସମିତିର ପ୍ରକାଶ ସାହୁ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଟେକେନ୍ଦ୍ର ଜାଲ, ସୂଚନା ଅଧିକାର କର୍ମୀ ନୀଳମଣି ଯୋଷୀ, ମିଳିତ ଶୁଳିଆ ଯାତ୍ରା କମିଟିର ମଧ୍ୟ ପ୍ରଧାନୀ ଯୋଗଦେଇ ମତ ଦେଇଥିଲେ । ଏହାଛଡା ଲୋୟର ସୁକ୍‌ତେଲ ବୁଡି ଅଞ୍ଚଳ ସଂଗ୍ରାମ ପରିଷଦର ରାମଚନ୍ଦ୍ର ବରିହା, ମାଗୁରବେଡା ଜନଆନ୍ଦୋଳନର ସୋମନାଥ ସିଂଦେଓ, ଶ୍ରମିକ ନେତା ବିଭୁଦତ୍ତ ମିଶ୍ର, ସହୀଦ ଧରମ୍ ସିଂ ମାଝି ମାନ୍ଧାତା କମିଟିର କାଳିନ୍ଦ୍ରୀ ମାଝି, ନବସେତୁର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ ଓ ଗଣମାଧ୍ୟମ ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର ଖଣିଜ ଶିଳ୍ପ ବଦଳରେ କୃଷି ଶିଳ୍ପର ଆବଶ୍ୟକତା ଉପରେ ମତାମତ ଉପସ୍ଥାପନ କରିଥିଲେ। ବିକାଶ ନାଁରେ ବିସ୍ଥାପନ ଗ୍ରହଣୀୟ ନୁହେଁ ବୋଲି ମତପ୍ରକାଶ ପାଇଥିଲା। ଶେଷରେ ଜନମ୍ ମାଏଟ ସଂଘର୍ଷ ସମିତି ନେତା ଗିରିରାଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଲିଫ୍ଟରେ ଫସିଲେ ମହିଳା ଡାକ୍ତର

ଟିଟିଲାଗଡ଼,୯।୭(ଶରତ ମିଶ୍ର)



ଲିଫ୍ଟରେ ମହିଳା ଡାକ୍ତର ଅଟକିଛନ୍ତି।

ଏକ ଅଭାବନୀୟ ଘଟଣାକ୍ରମେ ଟିଟିଲାଗଡ଼ ସହରର ପିପଲପଦରସ୍ଥିତ ମାତୃ ଓ ଶିଶୁ ଡାକ୍ତରଖାନାର ଲିଫ୍ଟରେ ଜଣେ ଡାକ୍ତରାଣୀ ଦୀର୍ଘ ସମୟ ଧରି ଫସି ରହିବା ଚର୍ଚ୍ଚାର ବିଷୟ ହୋଇଛି ।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ସାଢେ ୧୦ଟାରେ ମାତୃ ଓ ଶିଶୁ ଡାକ୍ତରଖାନାର ଉପର ମହଲାରେ ଏକ ପ୍ରସୂତି କାର୍ଯ୍ୟ ସାରି ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. କିରଣମୟୀ ପଣ୍ଡା ଲିଫ୍ଟ ଯୋଗେ ତଳକୁ ଓହ୍ଲାଉଥିବା ବେଳେ ଲିଫ୍ଟଟି ପ୍ରଥମ ମହଲାରୁ ପ୍ରାୟ ୭ ଫୁଟ ତଳକୁ ଆସି ଅଟକି ଯାଇଥିଲା। ଖବର ପାଇ ଅନ୍ୟତମ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ବଳରାମ ସାହୁ, ଡା. ଓମକାର ହୋତା ତଥା କର୍ମଚାରୀ ପହଞ୍ଚି ସହାୟତା ପାଇଁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇ ଅଗ୍ନିଶମ ସେବାସଂସ୍ଥାକୁ ଖବର ଦେଇଥିଲେ। ଏନେଇ ଟିଟିଲାଗଡ଼ ଅଗ୍ନିଶମ ଅଧିକାରୀ ରାଧେଶ୍ୟାମ ବାରିକଙ୍କ ନେତୃତ୍ୱରେ ଏକ ଦଳ ପହଞ୍ଚି ଅତ୍ୟାଧୁନିକ ଯନ୍ତ୍ର ସହାୟତାରେ ଲିଫ୍ଟର ଗେଟ ଭାଙ୍ଗିଥିଲେ। ଜଣେ କର୍ମଚାରୀ ତଳକୁ ଓହ୍ଲାଇ ଏକ ଚୌକି ଏବଂ ତା ଉପରେ ଏକ ଷ୍ଟୁଲ ପକାଇ ଡାକ୍ତରାଣୀଙ୍କୁ ତଳୁ ଉପରକୁ ଟାଣି ଅଣାଯାଇଥିଲା। ଡାକ୍ତରାଣୀ ଜଣକ ଲିଫ୍ଟରେ ପ୍ରାୟ ଦେଢ ଘଣ୍ଟା ଧରି ଫସିଥିବା କୁହାଯାଉଛି।

# ଉଚିତ ସମୟରେ ବିହନ ପ୍ରଦାନ ପାଇଁ ଦାବି



ଅର୍ଜୁନପୁରରେ ଥିବା ପୋଷ୍ଟବାକ୍ସରେ ଚାଷୀମାନେ କୃଷିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟକାର୍ଡ ପକାଉଛନ୍ତି।

ଦେଓଗାଁ,୯।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସମେତ ଜିଲାର ୯ଟି ବ୍ଲକର ଚାଷୀମାନେ ଲୋକ ଉନ୍ନତି ସଂଗଠନର କର୍ମକର୍ତ୍ତାଙ୍କ ସହଯୋଗରେ ଆସନ୍ତା ରବିଋତୁ ପାଇଁ ଉଚିତ୍ ସମୟରେ ବିହନ ପ୍ରଦାନ ପାଇଁ କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ପୋଷ୍ଟକାର୍ଡ ମାଧ୍ୟମରେ ଦାବି ଜଣାଇଛନ୍ତି। ଦେଓଗାଁ, ଗୁଡଭେଲା, ସଇଁନ୍ତଲା, ଟିଟିଲାଗଡ, ବଲାଙ୍ଗୀର, ତୁରେକେଲା, ବଙ୍ଗୋମୁଣ୍ଡା, ଖପ୍ରାଖୋଲ,ପାଟଣାଗଡ ଆଦି ୯ଟି ବ୍ଲକର ୪୪୫ଟି ଗାଁର ଚାଷୀମାନେ ସ୍ଥାନୀୟ ପୋଷ୍ଟଅଫିସ ମାଧ୍ୟମରେ ପୋଷ୍ଟକାର୍ଡ ପଠାଇଥିବା ଜଣାଯାଇଛି। ଏ ନେଇ ଲୋକଉନ୍ନତି ସଂଗଠନ ତରଫରୁ ସୂଚନା ଦିଆଯାଇଛି। ଗତବର୍ଷ ରବିଋତୁରେ ଚାଷ ପାଇଁ ମୁଗ, ବିରି ଓ ଚଣା ଆଦି ବିହନ ବିଳମ୍ବରେ ଚାଷୀ ଙ୍କୁ ଦିଆଯିବାରୁ ରବିଚାଷରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ଏଣୁ ଆସନ୍ତା ରବିଚାଷ ପାଇଁ ଅକ୍ଟୋବର ମାସ ୧୫ତାରିଖ ମଧ୍ୟରେ ଚାଷୀଙ୍କୁ ବିହନ ବଣ୍ଟନ କରାଗଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ସଂଗଠନ ତରଫରୁ କୁହାଯାଇଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ସଫେଇ ହେଲା ଅଙ୍ଗନୱାଡି କେନ୍ଦ୍ର ଚତୁଃପାର୍ଶ୍ୱ

ଲୋଇସିଂହା,୯।୭(ସୁଶାନ୍ତ ବାରିକ)

**ଧରିତ୍ରୀ ପ୍ରଭାବ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଲୋଇସିଂହା ଗ୍ରାମର ୮ନଂ ଅଙ୍ଗନୱାଡ଼ି କେନ୍ଦ୍ର ନା ନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଏଠାରେ ସନ୍ତସନ୍ତିଆ ପରିବେଶରେ ଶିଶୁଙ୍କୁ ଶିକ୍ଷାଦାନ କରାଯିବା ଶୀର୍ଷକରେ ମଙ୍ଗଳବାର ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହା ଜାଣିବା ପରେ ଉପଜିଲାପାଳ ଆଲୋକ ପଟେଲ ଉଦ୍‌ବେଗ ପ୍ରକାଶ କରି ସଫେଇ କରିବାକୁ ଲୋଇସିଂହା ସିଡ଼ିପିଓ ଗାୟତ୍ରୀ ବାରିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଡ଼ିପିଓଙ୍କ ଅନୁରୋଧ କ୍ରମେ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ତରଫରୁ ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଚତୁଃପାର୍ଶ୍ୱ ସଫେଇ କରାଯାଇଛି। ଏହାକୁ ନେଇ ଅଭିଭାବକ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଖୁସି ବ୍ୟକ୍ତ କରାଯାଇଛି। ପ୍ରକାଶ ଯେ,ଲୋଇସିଂହା ବସ୍ତି ସାପ୍ତାହିକ ବଜାରଠାରେ ରହିଛି ୮ନଂ ଅଙ୍ଗନୱାଡ଼ି କେନ୍ଦ୍ର। ଏଠାରେ କେନ୍ଦ୍ର ଅଧୀନ ୧୪ ଜଣ ଶିଶୁ ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି। ୨୦୧୬ ମସିହାରେ ପ୍ରଶାସନ ପକ୍ଷରୁ ଉକ୍ତ କେନ୍ଦ୍ରର ସ୍ଥାୟୀ କୋଠା ନିର୍ମାଣ ହୋଇଥିଲା। ଏବେ ଏହି କୋଠାର ଛାତରୁ ବର୍ଷା ହେଲେ ପାଣି ଝରୁଛି। ଏହାଛଡା କେନ୍ଦ୍ରର ଚଟାଣ ଫାଟିଯାଇ ଶୋଚନୀୟ ହୋଇପଡିଛି। କେନ୍ଦ୍ର ନିକଟରେ ସାପ୍ତାହିକ ବଜାରର ପଚାସଢ଼ା ପରିବା, ନିକଟସ୍ଥ ମଣ୍ଡପରେ ଆୟୋଜନ ହେଉଥିବା ଭୋଜିଭାତର ଆଇଁଠା ପତ୍ର ପଡ଼ି ରହୁଛି। ଏ ନେଇ ଖବର ପ୍ରକାଶ ପାଇବା ପରେ ସଫେଇ କାର୍ଯ୍ୟ କରାଯାଇଛି। ଏହି ଘଟଣାରେ ବିଭାଗୀୟ ଅପାରଗତାକୁ ଘୋଡ଼ାଇବା ପାଇଁ ଉକ୍ତ କେନ୍ଦ୍ରର କର୍ମୀଙ୍କୁ ଦୁଇଟି କାରଣ ଦର୍ଶାଅ ନୋଟିସ ପଠାଯିବା ନେଇ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି।

# ଦ୍ୱିତୀୟ କିସ୍ତି ସୁଭଦ୍ରା ଟଙ୍କା ଦିଆଯାଇ ନ ଥିବା ଅଭିଯୋଗ

- **ଜୀବିତ ମହିଳାଙ୍କୁ ମୃତ ଦର୍ଶାଯାଇଥିବା ଅଭିଯୋଗ**
- **ପ୍ରଥମ କିସ୍ତିରେ ରାଜଙ୍କୁ ମିଳିଛି ୫ ହଜାର ଟଙ୍କା**

ଲାଠୋର,୯।୭(ଭୁବନେଶ୍ୱର ବାରିକ)



ଘର ଆଗରେ ରାଜ ଶଗଡ଼ିଆ।

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ସେମାନଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ବର୍ତ୍ତମାନ ପର୍ଯ୍ୟନ୍ତ ଦୁଇ ଗୋଟି କିସ୍ତିରେ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ହେଲେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ପତ୍ରାପାଲି ଗ୍ରାମ ନୂଆପଡ଼ାର ଜଣେ ମହିଳା ଏହି ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି । ସଂପୃକ୍ତ ମହିଳା ଜଣକ ଜୀବିତ ଥିବା ବେଳେ ତାଙ୍କୁ ମୃତ ବୋଲି ଦର୍ଶାଯାଇ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରାଯାଉ ନ ଥିବା ନେଇ ତାଙ୍କ ସ୍ୱାମୀ ଗୌରଚନ୍ଦ୍ର ଶଗଡ଼ିଆ ଖପ୍ରାଖୋଲ ସିଡ଼ିପିଓଙ୍କୁ ବୁଧବାର ଲିଖିତ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗୌରଚନ୍ଦ୍ରଙ୍କ ସ୍ତ୍ରୀ ରାଜ ଶଗଡ଼ିଆଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇ ପ୍ରଥମ କିସ୍ତି ବାବଦ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଦ୍ୱିତୀୟ କିସ୍ତି ଟଙ୍କା ଗତ ମାର୍ଚ୍ଚ ୮ ତାରିଖ ମହିଳା ଦିବସରେ ମହିଳା ହିତାଧିକାରୀମାନଙ୍କ ପାଖକୁ ଆସିଛି । କିନ୍ତୁ ରାଜଙ୍କ ଦ୍ୱିତୀୟ କିସ୍ତି ଟଙ୍କା ବ୍ୟାଙ୍କ ଖାତାରେ ପଡ଼ିନାହିଁ। କାଳେ କୌଣସି ଭୁଲ ହୋଇଥିବାରୁ ଟଙ୍କା ପଡୁନାହିଁ ବୋଲି ମନେ କରି ରାଜ ଆଧାର ଅପ୍‌ଡେଟ କରିବା ସହ ବ୍ୟାଙ୍କକୁ ଯାଇ କେୱାଇସି ଏବଂ ଡ଼ିବିଟି ଅପ୍‌ଡେଟ କରି ପ୍ରାୟ ୩ ମାସ ଅପେକ୍ଷା କରିଥିଲେ। ଏହାସତ୍ତ୍ୱେ ମଧ ତାଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା ହେଲାନାହିଁ। ଫଳରେ ସେ ଗତ ୭ ତାରିଖ ଦିନ ବ୍ଲକକୁ ଯାଇ ଟଙ୍କା କାହିଁକି ଜମା ହେଉନାହିଁ ବୋଲି ସୁଭଦ୍ରା ପୋର୍ଟାଲ ଯାଞ୍ଚ କରିଥିଲେ। ହେଲେ ସେଥିରେ ତାଙ୍କୁ ମୃତ ଦର୍ଶା ଯାଇଥିବା ରାଜ ଜାଣିବାକୁ ପାଇଥିଲେ। ଜୀବିତ ମହିଳାଙ୍କୁ କିଏ ଏବଂ କିପରି ମୃତ ଦର୍ଶାଇଛି ତାହା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ମୃତ ଦର୍ଶାଯାଇଥିବାରୁ ତାଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଆରୋଗ୍ୟ ଯୋଜନାରେ କାର୍ଡ଼ ମଧ ପ୍ରଦାନ କରାଯାଉନାହିଁ। ସରକାରୀ କର୍ମଚାରୀମାନଙ୍କ ତ୍ରୁଟିପୂର୍ଣ୍ଣ କାମ ଯୋଗୁ ଜଣେ ଜୀବିତ ମହିଳାଙ୍କୁ ମୃତ ବୋଲି ଦର୍ଶାଇବା ହେତୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟକାର୍ଡ଼ ଏବଂ ସୁଭଦ୍ରା ଭଳି ଜନହିତକର ଯୋଜନାରୁ ବଞ୍ଚିତ ହୋଇଥିବା ରାଜ କ୍ଷୋଭର ସହ କହିଛନ୍ତି। ଜୀବିତ ମହିଳା କେମିତି ମୃତ ହେଲେ, ଏପରି ତ୍ରୁଟିପୂର୍ଣ୍ଣ ତାଲିକା କିଏ ପ୍ରସ୍ତୁତ କରିଛି ତାର ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି। ଏନେଇ ଖପ୍ରାଖୋଲ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ଅମିତାରାଣୀ ପଣ୍ଡାଙ୍କୁ ପଚାରିବାରେ ଯେଉଁମାନଙ୍କର ଦ୍ୱିତୀୟ କିସ୍ତି ମିଳି ନାହିଁ ବୋଲି ଅଭିଯୋଗ ଆସିଛି ସେ ସମ୍ପର୍କରେ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ ବୋଲି କହିଥିଲେ। ଏ ଦିଗରେ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ୧୨ ଦଫା ଦାବିପତ୍ର ପ୍ରଦାନ

ପାଟଣାଗଡ଼,୯।୭(ସଚ୍ଚିଦାନନ୍ଦ ମହାକୁର)

ନିଖିଳ ଓଡିଶା ଏମଡିଏମ ପାଚିକା ସହାୟିକା ସଂଘର ସର୍ବଭାରତୀୟ ଧର୍ମଘଟ ପରିପ୍ରେକ୍ଷୀରେ ବୁଧବାର ପାଟଣାଗଡ ବ୍ଲକର ପାଚିକା ସହାୟିକା ସଂଘ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘର କର୍ମକର୍ତ୍ତାମାନେ ପାଟଣାଗଡ ହାଟପଦା ପଡିଆଠାରେ ପୂର୍ବାହ୍ନ ୧୦ ଟାରେ ଏକତ୍ରିତ ହୋଇଥିଲେ । ସଂଘର ସଭାନେତ୍ରୀ ବଲ୍ଲଭୀ ସିଂ ଓ ସମ୍ପାଦିକା ସୁକାନ୍ତି ମେହେରଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତାମାନେ ସହରର ମୁଖ୍ୟ ରାସ୍ତା ଦେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ଏକ ପ୍ରତିବାଦ ସଭା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡିକ ମଧ୍ୟରେ ଜାତୀୟ ଶ୍ରମ ସମ୍ମିଳନୀ ତୁରନ୍ତ କରାଇବା, ସର୍ବନିମ୍ନ ମାସିକ ମଜୁରୀ ୨୬ ହଜାର ଟଙ୍କା ପ୍ରଦାନ, ଦରଦାମ ବୃଦ୍ଧି ବନ୍ଦ କରିବା, ସର୍ବନିମ୍ନ ଇପିଏଫ ପେନ୍‌ସନ ମାସିକ ୯ ହଜାର ଟଙ୍କା କରିବା ପ୍ରଭୃତି ଦାବି ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଭାନେତ୍ରୀ, ସମ୍ପାଦିକା ଙ୍କ ସମେତ ସୁମିତ୍ରା ଘିବେଲା, ଶାନ୍ତି ପଣ୍ଡା, ଫୁଲଦୁଲି ବାରଲେଣ୍ଡିଆ, ପୁଷ୍ପା ବନଗୋଲା, ସୁମତି ସା, ସୁକାନ୍ତି ସାହୁଙ୍କ ସମେତ ବ୍ଲକର ସମସ୍ତ ସ୍କୁଲର ପାଚିକା ସହାୟିକାମାନେ ଉପସ୍ଥିତ ଥିଲେ।

# ବଲାଙ୍ଗୀରର ଅଂଶୁମାନଙ୍କୁ ମିଳିଲା କାଂସ୍ୟ ପଦକ

ବଲାଙ୍ଗୀର,୯।୭(ବୀରେନ୍ଦ୍ର କୁମାର ଝାଙ୍କର)

**ଜାତୀୟ ଜୁନିୟର ଉଷୁ ପ୍ରତିଯୋଗିତା**



କାଂସ୍ୟ ପଦକ ବିଜେତା ଅଂଶୁମାନ ସାହୁ।

ଜୁଲାଇ ୧ରୁ ୬ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦର ଗୋଚିବାଓଲି ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ୨୪ତମ ଜାତୀୟ ଉଷୁ ପ୍ରତିଯୋଗିତା (ଜୁନିୟର)ରେ ବଲାଙ୍ଗୀରର ଅଂଶୁମାନ ସାହୁ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡିଶା ଦଳ ମୋଟ ୭ଟି ମେଡାଲ ପାଇଥିବା ଜଣାପଡିଛି। ବଲାଙ୍ଗୀର ଉଷୁ ସଂଘର ଅଂଶୁମାନ ସାହୁ କାଂସ୍ୟ ପଦକ ଜିତି ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ଉଷୁ କୋଚ ଯୁଧିଷ୍ଠିର ଗୁରହାଣ୍ଡି ଓ ଜିଲା ଉଷୁ ସଂଘ ସଭାପତି ତପନ ପାଣିଗ୍ରାହୀ ପଦକ ବିଜେତା ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଅଖା ବସ୍ତାରେ ଭର୍ତ୍ତିକରି ବିରାଡ଼ି ଛୁଆକୁ ଜଙ୍ଗଲରେ ଛାଡ଼ିଲେ

ପାଟଣାଗଡ,୯।୭(ସଚ୍ଚିଦାନନ୍ଦ ମହାକୁର)

- **ଅଭିଭାବକ ମହଲରେ ଅସନ୍ତୋଷ**
- **କାର୍ଯ୍ୟାନୁଷ୍ଠାନ ଦାବି**

ବଲାଙ୍ଗୀର ଜିଲା ପାଟଣଗଡ ବ୍ଲକର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତିନି ଜଣ ଛାତ୍ର ପ୍ରଧାନ ଶିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ୪ଟି ବିରାଡି ଛୁଆକୁ ଅଖା ବସ୍ତା ଭିତରେ ଭର୍ତ୍ତି କରି ଗାଁ ମୁଣ୍ଡରେ ଥିବା ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏପରି କି ଜଣେ ଅଭିଭାବକ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ବୁଧବାର ଗଣଶିକ୍ଷା ବିଭାଗ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ଜିଲାପାଳ ଓ ଡିଇଓଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ପ୍ରକାଶ ଯେ, ଗତ ୪ ତାରିଖ ଦିନ ସ୍କୁଲକୁ ପାଠ ପଢିବାକୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ଜଣକ କୁଆଡେ ସ୍କୁଲ ଭିତରେ ନିଜର ମା’ ସହିତ ଥିବା ୪ ବିଲେଇ ଛୁଆକୁ ଜଙ୍ଗଲରେ ଛାଡିବାକୁ କହିଥିଲେ। ଏହାପରେ ସ୍କୁଲ ଡ୍ରେସ ପିନ୍ଧିଥିବା ୩ ଜଣ ଛାତ୍ର ଏକ ଅଖା ବସ୍ତା ଧରି ଜଙ୍ଗଲ ପଟକୁ ଯାଉଥିବାର ଜଣେ ଅଭିଭାବକ ଦେଖି ପଚରାଉଚରା କରି ଘଟଣା ବୁଝିଥିଲେ। ଏହା ଜାଣିବା ପରେ କେତେଜଣ ଅଭିଭାବକ ସ୍କୁଲକୁ ଯାଇ ପ୍ରଧାନ ଶିକ୍ଷକଙ୍କୁ ଏ ବିଷୟରେ ପଚାରି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜଣେ ଅଭିଭାବକ ଏ ସମ୍ପର୍କରେ ୭ ତାରିଖ ଦିନ ପାଟଣାଗଡ ବିଇଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପିଲାଙ୍କୁ ସ୍କୁଲକୁ ପାଠ ପଢାଇବାକୁ ଛାଡୁଥିବା ବେଳେ ଏଭଳି କାର୍ଯ୍ୟରେ ନିୟୋଜିତ କରାଯାଉଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ସେମାନେ ଆଜି ଉଚ୍ଚ ପଦାଧିକାରୀଙ୍କୁ ଡାକଯୋଗେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ ମା’ ସହ ବିରାଡି ଛୁଆ ସ୍କୁଲ ରୋଷେଇ ଘରେ ରହି ଅପରିଷ୍କାର କରୁଥିଲେ। ସ୍କୁଲ ପାଖରେ ରହୁଥିବା ଲୋକେ ଏଠି ନ ଛାଡିବାକୁ କହିବାରୁ ଛାତ୍ରମାନେ ଜଙ୍ଗଲକୁ ନେଇ ଛାଡିଥିଲେ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଥିଲେ।

# କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚର ଧର୍ମଘଟ

ବଲାଙ୍ଗୀର,୯।୭(ବୀରେନ୍ଦ୍ର କୁମାର ଝାଙ୍କର)

- **୪ ଶ୍ରମ କୋଡ୍ ପ୍ରତ୍ୟାହାର ଦାବି**
- **ଶୋଭାଯାତ୍ରାରେ ସହର ପରିକ୍ରମା କଲେ**
- **ଭାରତ ବନ୍ଦ ପ୍ରଭାବଶୂନ୍ୟ**




ବଲାଙ୍ଗୀରରେ ଶ୍ରମିକ ସଙ୍ଗଠନ ପକ୍ଷରୁ ମିଳିତ ରାଲି।

କେନ୍ଦ୍ର ଭାଜପା ସରକାରଙ୍କ ଜନ ବିରୋଧୀ, ଶ୍ରମିକ ଓ କୃଷକ ବିରୋଧୀ ନୀତିର ପ୍ରତିବାଦରେ ଦେଶର ୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏବଂ ଫେଡେରେଶନ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରା ଓ ଧର୍ମଘଟରେ ବଲାଙ୍ଗୀରର ବିଭିନ୍ନ ଶ୍ରମିକ ସଙ୍ଗଠନ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଧର୍ମଘଟ ଯୋଗୁ ବିଭିନ୍ନ ବ୍ୟାଙ୍କ ବନ୍ଦ ରହିଥିଲା। ବୁଧବାର ଶ୍ରମିକ ସଙ୍ଗଠନ ଏଆଇଟିୟୁସି, ଏଆଇୟୁଟିୟୁସି, ଆଇଏନ୍‌ଟିୟୁସି ଓ ସିଟୁ ମିଳିତ ମଞ୍ଚ ପକ୍ଷରୁ ସ୍ଥାନୀୟ ଆଇନ ମହାବିଦ୍ୟାଳୟ ସମ୍ମୁଖରୁ ଏକ ବିରାଟ ରାଲି ବାହାରିଥିଲା। ସହରର ଭାଗରଥି ଛକ ଦେଇ ରାଲି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିଭିନ୍ନ ଶ୍ରମିକ ସଙ୍ଗଠନର ସଦସ୍ୟା ସଦସ୍ୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସରକାରଙ୍କ ବିରୋଧରେ ନାରାବାଜି କରାଯାଇଥିଲା। କେନ୍ଦ୍ର ସରକାର କିଭଳି ଭାବେ ଶ୍ରମିକ ମାରଣନୀତି ଆପଣେଇ ଶୋଷଣ କରୁଛନ୍ତି ଶ୍ରମିକ ନେତାମାନେ କହିଥିଲେ। ବିଶେଷକରି ଶ୍ରମିକ ଓ କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ କରିବା ଉପରେ ଜୋର ଦେଇଥିଲେ। କେନ୍ଦ୍ର ସରକାର ଶ୍ରମିକମାନଙ୍କ ଅଧିକାର କ୍ଷୁର୍ଣ୍ଣ କରିବା ପାଇଁ ୨୭ଟି ଶ୍ରମ ଆଇନକୁ ଭାଙ୍ଗିଦେଇ ୪ଟି ଶ୍ରମ କୋଡ୍ ତିଆରି କରିବାକୁ ଯେଉଁ ଉଦ୍ୟମ କରୁଛନ୍ତି ସେଥିରୁ କ୍ଷାନ୍ତ ରୁହନ୍ତୁ ବୋଲି କହିଥିଲେ।

ଶ୍ରମିକମାନଙ୍କ ଦୈନିକ କାର୍ଯ୍ୟ ଦିବସ ୮ ଘଣ୍ଟା କରିବା, ବିଦ୍ୟୁତ ସଂଶୋଧନ ବିଲ୍ ୨୦୨୨ ପ୍ରତ୍ୟାହାର, ଏମ୍‌ଏସ୍‌ପିକୁ ଆଇନ ମାନ୍ୟତା, ସ୍କିମ୍ ୱାର୍କର ଯଥା ଅଙ୍ଗନୱାଡି, ଆଶାକର୍ମୀ, ପାଚିକା, ସହାୟିକା, ଉଦ୍ୟାନ ସାଥୀ ଓ ଗ୍ରାମ ପଞ୍ଚାୟତ ଶ୍ରମିକଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେଇ ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା କରିବାକୁ ଦାବି କରିଥିଲେ। ପୁରୁଣା ପେନ୍‌ସନ ଲାଗୁ କରିବା, ରାଷ୍ଟ୍ରୀୟ ଉଦ୍ୟୋଗରେ ଘରୋଇକରଣ ବନ୍ଦ, ଦରବୃଦ୍ଧି ବନ୍ଦ, କର୍ପୋରେଟ ଟିକସ ବୃଦ୍ଧି ବନ୍ଦ କରିବା, ଜାତୀୟ ଶିକ୍ଷାନୀତି ୨୦୨୦ ବାତିଲ ଏବଂ ଭାରତୀୟ ଶ୍ରମ ସମ୍ମିଳନୀ କରାଯାଇ ତୁରନ୍ତ ଶ୍ରମିକମାନଙ୍କ ସମସ୍ୟା ସମାଧାନ କରିବା ଆଦି ୧୭ ଦଫା ଦାବି ନେଇ ଶ୍ରମିକ ସଙ୍ଗଠନ ସଦସ୍ୟା ସଦସ୍ୟ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଧର୍ମଘଟରେ ଆଇଏନ୍‌ଟିୟୁସି ଜିଲା ସଭାପତି କୃଷ୍ଣଚନ୍ଦ୍ର ସାହୁ, ଏଆଇଟିୟୁସି ଜିଲା ସଭାପତି ତୀର୍ଥ ପଧାନ, ଏଆଇୟୁଟିୟୁସି ଜିଲା ସଂଯୋଜକ ସୁନୀଲ କୁମାର ଭୋଇ, ସିଟୁ ସଂଯୋଜକ ଅନିରୁଦ୍ଧ ମହାପାତ୍ର, ଆଇଏନ୍‌ଟିୟୁସି ଜିଲା ସମ୍ପାଦକ ବିଦ୍ୟାଚରଣ ସୁନା, ଏଆଇଟିୟୁସି ସହସମ୍ପାଦକ ସାଏବୁ ନନ୍ଦ, ୟୁଟିୟୁବି ସଂଯୋଜକ ବିଭୁଦତ୍ତ ମିଶ୍ର, ନିଖିଳ ଓଡିଶା ଆଶାକର୍ମୀ ଜିଲା ସମ୍ପାଦିକା ଓମି ଗୁପ୍ତା, ବଲାଙ୍ଗୀର ବ୍ଲକ ସଭାପତି ମମତା ବାଗ, ସମ୍ପାଦିକା ବାସନ୍ତୀ ସେଠ, ଲୋଇସିଂହା ବ୍ଲକ ସଭାପତି ମାଧବୀ ବେହେରା, ସମ୍ପାଦିକା କଲ୍ୟାଣୀ ସାହୁ, ବଲାଙ୍ଗୀର ସହରାଞ୍ଚଳ ସଭାପତି ଦମୟନ୍ତୀ ମହାନନ୍ଦ,ପ୍ରଭାସିନୀ ରାଏ, ଉପସଭାପତି ସଞ୍ଜୁ ବାଗ, ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ଜିଲା ସମ୍ପାଦିକା ମାଧବୀ କଲତା, ସଭାପତି ପାଣ୍ଡବ ଭୋଇ ଉପସ୍ଥିତ ଥିଲେ। ଏହାଛଡା ଓଡିଶା ନିର୍ମାଣ ଶ୍ରମିକ ସଂଘ ଜିଲା ସଭାପତି ଗୋପାଳ ଭୋଇ, ଅର୍ଜୁନ ଖେର୍ସେଲ, କମଳ ଲୋଚନ ଭୋଇ, ଓଡିଶା ଫରେଷ୍ଟ ଉଡ୍ ନିର୍ମାଣ ସଂଘ ଜିଲା ସଭାପତି ଜଗବନ୍ଧୁ ବେହେରା, ବନିତା ପଟେଲ, ପୁରୁଷୋତ୍ତମ କର୍ମୀ, ନିଖିଳ ଓଡିଶା ଗ୍ରାମ ପଞ୍ଚୟତ ରାଜ୍ୟ ସମ୍ପାଦକ ବିଦୁର କୁମ୍ଭାର, ଜିଲା ସମ୍ପାଦକ ଶ୍ୟାମ ପୁଟେଲ, ସୁନୀଲ ଭୋଇଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ । ତେବେ ଭାରତ ବନ୍ଦ ପ୍ରଭାବ ବଲାଙ୍ଗୀରରେ ପ୍ରଭାବଶୂନ୍ୟ ରହିଥିଲା। ବିଭିନ୍ନ ସରକାରୀ ଅଫିସ, ଡାକଘର, ସ୍କୁଲ, କଲେଜ ଖୋଲା ରହିଥିଲା।

## ସଂକ୍ଷେପରେ

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

ପାଇକମାଳ,୯।୭(ବଡ଼ ଶତପଥୀ)

ପାଇକମାଳ ବ୍ଲକ ଅନ୍ତର୍ଗତ ଛିନ୍ଦେଇକେଲା ଉଚ୍ଚ ବିଦ୍ୟାଳୟ ଛିନ୍ଦେଇକେଲାର ସେବାନିବୃତ୍ତ କିରାଣି ରମେଶ ପଟେଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପାଇକମାଳ ବିଇଓ ଅଦନ ସୁନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମାଣ୍ଡୋସିଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମିନତି ଟେଟେ, ଅମଠି ହାଇସ୍କୁଲରୁ ଅଶ୍ୱିନୀ ଭୋଇ ଏବଂ ସ୍କୁଲ ପରିଚାଳନା କମିଟି ସଦସ୍ୟ ବିଦ୍ୟାଧର ସାହୁ ଯୋଗ ଦେଇଥିଲେ। ସିଆର୍‌ସିସି ସନ୍ତୋଷ ମେହେର, ରଞ୍ଜନ ବାଗ ଓ ଉଗ୍ରସେନ ପ୍ରଧାନଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ର ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଫକୀର ମୋହନ ବାରିକ ଧନ୍ୟବାଦ ଦେଇଥିଲେ।



ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ଟ୍ରେନ ୟୁନିୟନ ସଦସ୍ୟବୃନ୍ଦ ପିକେଟିଂ କରୁଛନ୍ତି।



ବରଗଡ଼ରେ ଡ୍ରାଇଭରଙ୍କ ବିକ୍ଷୋଭ ପ୍ରଦର୍ଶନ।

# ବରଗଡ଼ରେ ଭାରତ ବନ୍ଦର ପ୍ରଭାବ

ବରଗଡ଼,୯।୭(ପ୍ରେମାନନ୍ଦ ଖମାରୀ)

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବରୋଧୀ ଆଭିମୁଖ୍ୟକୁ ବିରୋଧ କରି ବୁଧବାର ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଏବଂ ସହଯୋଗୀ ସଙ୍ଗଠନ ଗୁଡ଼ିକ ଭାରତ ବନ୍ଦ ଡାକରା ଦେଇଥିଲେ। ଏହାର ପ୍ରଭାବ ବରଗଡ଼ରେ ଅନୁଭୂତ ହୋଇଥିଲା। ଆଇଏନ୍‌ଟିୟୁସି ସମେତ ବିଭିନ୍ନ ଟ୍ରେଡ଼ ୟୁନିୟନ ଏବଂ ସହଯୋଗୀ ସଙ୍ଗଠନର କର୍ମକର୍ତ୍ତା, ସଦସ୍ୟବୃନ୍ଦ ଏକତ୍ରିତ ହୋଇ ପିକେଟିଂ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। ଏହା ସହିତ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସେମାନଙ୍କ ଦାବି ସମୂହ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅନ୍ୟପଟେ ଦୋକାନ, ବଜାର ଏବଂ ଜରୁରୀକାଳୀନ ସେବା ସବୁ ସ୍ୱାଭାବିକ ଚାଲିଥିଲା। ଆଇଏନ୍‌ଟିୟୁସି, ବରଗଡ଼ ଜିଲା ସଭାପତି ବ୍ରହ୍ମାନନ୍ଦ ମହାକୁଡ଼ଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ସଦସ୍ୟବୃନ୍ଦ ଏଥିରେ ସାମିଲ ଥିଲେ।



ବରଗଡ଼ ହଲଦୀପାଲିରେ ରାଜପଥ ଅବରୋଧ କରିଥିବା ଡ୍ରାଇଭରଙ୍କୁ ପୋଲିସ ଉଠାଇ ନେଉଛି।

# ଡ୍ରାଇଭରଙ୍କୁ ଉଠାଇନେଲା ପୋଲିସ

ବରଗଡ଼,୯।୭(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା ଡ୍ରାଇଭର ମହାସଂଘ ବିଭିନ୍ନ ଦାବି ନେଇ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିଛି। ଏହି କ୍ରମରେ ବୁଧବାର ସକାଳୁ ବରଗଡ଼ ଜିଲା ଡ୍ରାଇଭର ସଂଘର ସଦସ୍ୟମାନେ ବରଗଡ଼ ସହର ଉପକଣ୍ଠ ହଲଦୀପାଲି ଛକରେ ୬ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ବହୁସଂଖ୍ୟକ ଯାନବାହନ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଖବର ପାଇ ପୋଲିସ ଆନ୍ଦୋଳନସ୍ଥଳକୁ ପହଞ୍ଚି ରାଜପଥ ଅବରୋଧ କରିଥିବା ଡ୍ରାଇଭରମାନଙ୍କୁ ଉଠାଇ ନେଇଥିଲା। ଏହାପରେ ରାଜପଥରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଅଟୋ ଡ୍ରାଇଭରମାନଙ୍କୁ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ୍ ୱାର୍କର୍ସ ୱେଲଫେୟାର ବୋର୍ଡ଼ରେ ସାମିଲ୍, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି, ଖାଦାନ ଓ କାରଖାନା ଗୁଡ଼ିକରେ ରାଜ୍ୟର ୭୦ପ୍ରତିଶତ ଡ୍ରାଇଭରଙ୍କୁ କାମ କରିବାର ସୁଯୋଗ ଦେବା, ପ୍ରତିବର୍ଷ ସେପ୍ଟେମ୍ବର ମାସ ୧ତାରିଖକୁ ଜାତୀୟ ଡ୍ରାଇଭର ଦିବସଭାବେ ଘୋଷଣା ଆଦି ଦାବି ନେଇ ଡ୍ରାଇଭର ମହାସଂଘ ଏଭଳି ଆନ୍ଦୋଳନକୁ ଓହ୍ଲାଇଛି।

# ସ୍ୱାସ୍ଥ୍ୟସେବା ଦାବିକଲା ଏଏପି

ବରଗଡ଼,୯।୭(ପ୍ରେମାନନ୍ଦ ଖମାରୀ)

ଅତାବିରା ବ୍ଲକ ଅନ୍ତର୍ଗତ ହିର୍ଲିପାଲି ଗ୍ରାମରେ ଝାଡ଼ାବାନ୍ତି ବ୍ୟାପୁଛି। ତେବେ ଆକ୍ରାନ୍ତମାନଙ୍କୁ ଠିକ୍‌ଭାବେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉ ନାହିଁ ବୋଲି ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଅଭିଯୋଗ କରିଛି। ଏଭଳି ଅଭିଯୋଗ ନେଇ ଏଏପିର ଏକ ପ୍ରତିନିଧି ଦଳ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଏପିର ରାଜ୍ୟ ସମ୍ପାଦକ ଭବାନୀ ପ୍ରସାଦ ସାହୁ ଅଭିଯୋଗ କରି କହିଛନ୍ତି, ଡାକ୍ତରୀ ଦଳ ଗ୍ରାମରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି, ମାତ୍ର ତାହା ପର୍ଯ୍ୟାପ୍ତ ନୁହେଁ। ଆକ୍ରାନ୍ତଙ୍କୁ ଯେଉଁ ସ୍ଥାନରେ ରଖାଯାଉଛି, ସେହି ସ୍ଥାନ ବର୍ଷାରେ ଓଦା ରହୁଛି। ସେହିପରି ଶଯ୍ୟା ଯୋଗାଇ ଦେବା ବଦଳରେ ଆକ୍ରାନ୍ତଙ୍କୁ ତଳେ ଶୋଇବାକୁ ଦିଆଯାଉଥିବା ଅଭିଯୋଗ ହୋଇଛି। ଏହା ସହିତ ଅଧିକାଂଶ ରୋଗୀଙ୍କୁ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବଦଳରେ ବୁର୍ଲା ଡାକ୍ତରଖାନାକୁ ପଠାଯାଉଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଏଏପିର ଜିଲା ସଭାପତି ଯଦୁମଣି ପ୍ରଧାନ ଅଭିଯୋଗ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଏଏପିର ଜିଲା ସମ୍ପାଦକ ସ୍ୱରୂପ ଭୋଇ, ଜୟକ୍ରିଷ୍ଣା ଛୁରିଆ, ମାରିୟମ ବାର୍ଲା, ଅସିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱାସ୍ଥ୍ୟସେବା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଏଏପି ପ୍ରତିନିଧିବୃନ୍ଦ।

# ହିର୍ଲିପାଲିରେ ବ୍ୟାପୁଛି ଝାଡ଼ାବାନ୍ତି, ୬୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ



ଘର ଘର ବୁଲୁଛନ୍ତି ସ୍ୱାସ୍ଥ୍ୟ କର୍ମୀ।



ପରିତ୍ୟକ୍ତ ନଳକୂଅ।

ଅତାବିରା,୯।୭(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ହିର୍ଲିପାଲି ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଗତ ୫ଦିନ ମଧ୍ୟରେ ୬୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୭ଜଣଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଥିରୁ ୪ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଅନ୍ୟ ୩ଜଣ ଲଳିତ ସାହୁ(୬୨), ସମାରୁ ଅଡ଼ା (୬୩) ଏବଂ କୁନି ମହାନନ୍ଦ(୧୮) ବୁର୍ଲା ଭିଏସ୍‌ଏସ୍ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବୁଧବାର ୬ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନେ ହେଲେ ଚିତ୍ରା ମହାନନ୍ଦ(୭), ବୁଇ ସାହୁ(୮୦), ଅର୍ଚ୍ଚନା ଛୁରିଆ (୧୫), ଲକ୍ଷ୍ମୀପ୍ରିୟା ଭୋଇ(୭), ସୁରେଶ୍ୱରୀ ପ୍ରଧାନ(୭୦), ରାସେଶ୍ୱରୀ ପ୍ରଧାନ(୭୦)। ଏମାନଙ୍କୁ ଗ୍ରାମର

**ଅସ୍ଥାୟୀ କ୍ୟାମ୍ପରେ ରହିଛନ୍ତି ୬ ଜଣ**

ମନ୍ଦିରପଡ଼ା ବ୍ଲକ ଘରେ ତିଆରି ହୋଇଥିବା ଅସ୍ଥାୟୀ କ୍ୟାମ୍ପକୁ ଅଣାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡା. ସୀମାରାଣୀ ନନ୍ଦ କହିଛନ୍ତି। ବରଗଡ଼ ସିଡିଏମ୍‌ଓ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଆଶା, ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ସଚେତନ କରାଇବା ସହ ଔଷଧ ଦେଉଛନ୍ତି ଏବଂ ବ୍ଲିଚିଂ ପାଉଡର ସିଞ୍ଚନ କରୁଛନ୍ତି। ପଞ୍ଚାୟତ ପକ୍ଷରୁ ୫ଟି ଏବଂ ଆଶା କର୍ମୀମାନେ ୨ଟି ଖଟର ବ୍ୟବସ୍ଥା କରିଥିବା ସରପଞ୍ଚ କବିତା ସାହୁ କହିଛନ୍ତି। ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ରବିନାରାୟଣ ମିଶ୍ର ଗ୍ରାମରେ ସ୍ଥିତି ସୁଧୁରୁଥିବା କହିଛନ୍ତି। ଏହା ପାନୀୟ ଜଳ ଯୋଗୁ ସଂକ୍ରମଣ ହୋଇଥାଇପାରେ ବୋଲି ସେ କହିଛନ୍ତି। ଆବଶ୍ୟକ ଔଷଧ ମହଜୁଦ ରହିଛି। ଗ୍ରାମର ଯୁବକମାନେ ସହଯୋଗ କରୁଥିବା ମଧ୍ୟ ମିଶ୍ର ପ୍ରକାଶ କରିଛନ୍ତି। ବିଭିନ୍ନ ସ୍ଥାନରେ ପାଇପ୍ ଫାଟିଥିବା ଏବଂ ଦୂଷିତ ପାଣି ପାଇପ୍‌ରେ ପଶି ତାହାକୁ ବ୍ୟବହାର ଯୋଗୁ ଏପରି ସମସ୍ୟା ଦେଖାଦେଇଛି ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମରେ ଥିବା ନଳକୂପଗୁଡ଼ିକରେ ନାଳିଆ ପାଣି ବାହାରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଆଗକୁ ସଂକ୍ରମଣ ଯେମିତି ଅଧିକ ନ ହୁଏ, ଏଥିପାଇଁ ଶୀଘ୍ର ସ୍ଥାୟୀ ପ୍ରତିକାର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଝାଡ଼ାବାନ୍ତିର କାରଣ ଜଣାପଡ଼ିନଥିବା ବେଳେ ପାଣିର ନମୁନା ପରୀକ୍ଷା ପାଇଁ ନିଆଯାଇଛି ବୋଲି ଅତାବିରା ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ସାଇମନ ଟପୋ କହିଛନ୍ତି।

# ଜୟ କିସାନ ନବରତ୍ନ ଟିଏସପି ସାର ବିକ୍ରି ଆରମ୍ଭ

ସମ୍ବଲପୁର,୯।୭(ବି.ଶଙ୍କର)



ବିକ୍ରିପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

ପାରାଦୀପ ଫସଫେଟ ଲିମିଟେଡ କମ୍ପାନୀ ପକ୍ଷରୁ ସୁପର ଫସଫେଟ ଜାତୀୟ ସାର ଜୟ କିସାନ ନବରତ୍ନ ଟିଏସପି ବୁଧବାର ବରଗଡ ସହରରେ ବିକ୍ରୟ ଆରମ୍ଭ ହୋଇଛି। ସାର ବସ୍ତାକୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ବରଗଡ଼ ଜିଲା ବ୍ୟବସାୟ ପ୍ରବନ୍ଧକ ବିଶ୍ୱଜିତ ପଣ୍ଡା, ଏଚଏଣ୍ଡଟି କନଟ୍ରାକ୍ଟର ବିପିଜେପି ଆଣ୍ଡ ସମ୍ବର ସଞ୍ଜିବ ଅଗ୍ରୱାଲ ଯୋଗଦେଇ ଜାତୀୟ ସାର ଜୟ କିସାନ ନବରତ୍ନ ଟିଏସପିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିକ୍ରେତା ଓ ଚାଷୀମାନେ ଉପସ୍ଥିତ ଥିଲେ । ଚାଷୀମାନଙ୍କ ସକାଶେ ମୃତ୍ତିକାର ସ୍ୱାସ୍ଥ୍ୟ ଓ ଫସଲରେ ଉନ୍ନତି ପାଇଁ ମୂଳସାର ହିସାବରେ ନବରତ୍ନ ଟିଏସପି (୦:୪୬:୦) ସାରର ବ୍ୟବହାର କରିପାରିବେ । ଯାହାକି ଚାଷୀମାନଙ୍କ ଲାଭ ଦାୟକ ହୋଇପାରିବ ବୋଲି ଅଗ୍ରୱାଲ କହିଛନ୍ତି ।

# ବୃକ୍ଷ ହିଁ ଜୀବନ, ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ବରପାଲି,୯।୭(ଚିତ୍ତରଞ୍ଜନ ସାହୁ)

ବରପାଲି ଭୁଲିଆ ସମାଜର ମହିଳା ସଂଘ ପକ୍ଷରୁ ବୁଧବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବିଙ୍କ ସମାଧି ପୀଠରେ ସଂଘର ଶତାଧିକ ମହିଳା ଉପସ୍ଥିତ ରହି ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରପାଲି ନଗରପାଳ ଦିନେଶ ଗହୀର, ଜାତୀୟ ପୁରସ୍କାରପ୍ରାପ୍ତ ବାନ୍ଧଶିଳ୍ପୀ ସୁରେନ୍ଦ୍ର ମେହେର, ସୁକାନ୍ତି ମେହେର, ଚିତ୍ରକୋଟ ମେହେର, ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ଅବନୀ ମେହେର, ସରୋଜ ମେହେରଙ୍କ ସମେତ ଗଙ୍ଗାଧର ମେହେର ମହିଳା ସଂଘର ସମସ୍ତ ସଭ୍ୟ ଉପସ୍ଥିତ ରହି ବୃକ୍ଷ ହିଁ ଜୀବନ, ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଉପରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ସମାଧି ପୀଠରେ ଚାରାରୋପଣ କରିଥିଲେ।

ଝାରବନ୍ଧ(ଦେବେନ୍ଦ୍ର ସାହୁ): ଝାରବନ୍ଧ ବ୍ଲକ ଅନ୍ତର୍ଗତ ଡୁଡୁକିଦାଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଜଙ୍ଗଲ ସୁରକ୍ଷା ଓ ପରିବେଶ ସମ୍ପର୍କିତ ଏକ ସଚେତନତା ସଭା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିଲା ମହାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରୋହିତ କୁମାର ମହାନନ୍ଦ, ବିନୋଦ ବିହାରୀ ବାଗ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଶ ସମ୍ପର୍କିତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବଉଳ, କରଞ୍ଜ, ପଣସ, ଲେମ୍ବୁ ଏବଂ ବିଭିନ୍ନ ପ୍ରକାର ଫୁଲଗଛ ଅତିଥି ଓ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍କୁଲ ପରିସରରେ ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କୁମୁଦ ଲୁହାର ଓ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।



ଭୁଲିଆ ସମାଜର ମହିଳା ସଂଘ ପକ୍ଷରୁ ଚାରା ରୋପଣ କରାଯାଉଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ମାଟିଘର



ବର୍ଷାପାଣି ଘେରରେ ବରଗଡ଼ ଜୀରା କଲୋନି।



ବରଗଡ଼ ପୌରାଧ୍ୟକ୍ଷା ବର୍ଷାପାଣିରେ ଜଳମଗ୍ନ ଅଞ୍ଚଳ ବୁଲି ଦେଖୁଛନ୍ତି।

ବରଗଡ଼,୯।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ବର୍ଷା ଲାଗି ରହିଛି। ବର୍ଷା ଯୋଗୁ ଜିଲାରେ ଜନ ଜୀବନ ପ୍ରଭାବିତ ହୋଇଛି। ଜିଲାର ଗାଁଠୁ ସହର ପର୍ଯ୍ୟନ୍ତ ଅନେକ ଗଳିକନ୍ଦିରେ ବର୍ଷାପାଣି ନିଷ୍କାସିତ ନ ହୋଇ ଜମି ରହିଛି। ଫଳରେ ଯାତାୟାତ ସମସ୍ୟା ଉପୁଜିଛି। ସେହିପରି କେତେକ ସ୍ଥାନରେ ମାଟିଘର ଭାଙ୍ଗିଥିବା ସୂଚନା ମିଳିଥିବାବେଳେ ଉଭୟ ଗାଁ ଏବଂ ସହରର ତଳି ଅଞ୍ଚଳରେ ରହିଥିବା ଘର ଗୁଡ଼ିକ ବର୍ଷାପାଣି ଘେରରେ ରହିଛି। ଫଳରେ ପୂର୍ବାପେକ୍ଷା ବର୍ଷା ପରିମାଣ ହ୍ରାସ ପାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଲୋକଙ୍କ ଦୁର୍ଦ୍ଦଶା ଥମି ନାହିଁ। ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ.୧ ଜୀରା କଲୋନୀ ଭଳି କେତେକ ଅଞ୍ଚଳରେ ଏବେ ମଧ୍ୟ ଲୋକଙ୍କ ଦୁଃଖ ଲାଗି ରହିଛି। ଜୀରା କଲୋନୀ ଜଳମଗ୍ନ ହୋଇଯିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ କମ୍ୟୁନିଟି ସେଣ୍ଟରକୁ ଅଣାଯାଇଥିଲା। ସେଠାକୁ ପୌରାଧ୍ୟକ୍ଷା କଳ୍ପନା ମାଝୀ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ, ତହସିଲଦାର ସୋନାଲି ପଟ୍ଟନାୟକ, ଉଦ୍ଧବ ସେଟ୍ ପ୍ରମୁଖ ପହଞ୍ଚି ଚୂଡ଼ା, ଗୁଡ଼ ଏବଂ ରନ୍ଧାଖାଦ୍ୟ ବଣ୍ଟନ କରିଥିଲେ। ସେହିପରି ବରଗଡ଼ ବ୍ଲକ ଅନ୍ତର୍ଗତ ଡାଙ୍ଗ ନଦୀପଡ଼ା ନିବାସୀ ଶମ୍ଭୁ ମହଲାଙ୍କ ଘରକାନ୍ଥ ମଙ୍ଗଳବାର ରାତିରେ ଭାଙ୍ଗିଯାଇଛି। ରାତିରେ ଶୋଇଥିବା ବେଳେ ଏହି ଅଘଟଣ ଘଟିଥିବାବେଳେ ସୌଭାଗ୍ୟକ୍ରମେ ପରିବାର ଲୋକେ ଏକ ବଡ଼ ବିପଦରୁ ରକ୍ଷା ପାଇଛନ୍ତି। ଅନୁରୂପଭାବେ ସ୍ଥାନୀୟ ସୀତାରାମ କର, ମଥିଲା ଭାଟିଙ୍କ ଘର ମଧ୍ୟ ଭାଙ୍ଗିଥିବା ସୂଚନା ମିଳିଛି।

■ ଗାଁଠୁ ସହର ପର୍ଯ୍ୟନ୍ତ ଜମି ରହିଛି ବର୍ଷା ପାଣି
■ ଥମୁନି ଲୋକଙ୍କ ଦୁର୍ଦ୍ଦଶା

## ବରଗଡ଼ ଜିଲାରେ ବୃଷ୍ଟିପାତ ପରିମାଣ

ବର୍ଷା ପରିମାଣ ହ୍ରାସ ପାଇ ବସିଛି। କିନ୍ତୁ ଏବେ ମଧ୍ୟ ବର୍ଷା ଲାଗି ରହିଛି। ସେହିପରି ଲୋକଙ୍କ ଦୁର୍ଦ୍ଦଶା ମଧ୍ୟ ଥମି ନାହିଁ। ବୁଧବାର ଜିଲାରେ ୫୦୦.୧ମିମି ବୃଷ୍ଟିପାତ ରେକର୍ଡ଼ ହୋଇଛି। ସେଥିମଧ୍ୟରୁ ଅମ୍ବାଭୋନା ବ୍ଲକରେ ୨୦, ଅତାବିରାରେ ୫୩, ବରଗଡ଼ରେ ୮୪, ବରପାଲିରେ ୫୩, ଭଟଲିରେ ୩୭, ଭେଡ଼େନରେ ୨୦, ବିଜେପୁରରେ ୪୪, ଗାଇସିଲେଟରେ ୩୦.୧, ଝାରବନ୍ଧରେ ୫୧, ପଦ୍ମପୁରରେ ୨୪, ପାଇକମାଳରେ ୩୦ ଏବଂ ସୋହେଲା ବ୍ଲକରେ ୫୪ମି.ମି ବୃଷ୍ଟିପାତ ରେକର୍ଡ଼ ହୋଇଛି। ଅନ୍ୟପଟେ ମଙ୍ଗଳବାର ଜିଲାରେ ୨୧୪.୪ମିମି ବୃଷ୍ଟିପାତ ହୋଇଥିବା ରେକର୍ଡ଼ କରାଯାଇଥିଲା। ସେଥିରୁ ଅମ୍ବାଭୋନା ବ୍ଲକରେ ୨, ଅତାବିରେ ୪୫, ବରଗଡ଼ରେ ୨୬.୬, ବରପାଲିରେ ୨୫, ଭଟଲିରେ ୧୩.୬, ଭେଡ଼େନରେ ୨୦.୨, ବିଜେପୁରରେ ୨୧, ଗାଇସିଲେଟରେ ୧୩, ଝାରବନ୍ଧରେ ୨୧, ପଦ୍ମପୁରରେ ୧, ପାଇକମାଳରେ ୧୮ ଏବଂ ସୋହେଲାରେ ୮ମିମି ବୃଷ୍ଟିପାତ ହୋଇଥିବା ରେକର୍ଡ଼ କରାଯାଇଛି। ତେବେ ସୋମବାର ଜିଲାରେ ସର୍ବାଧିକ ୫୫୪.୬ମିମି ବୃଷ୍ଟିପାତ ହୋଇଥିବା ସରକାରୀଭାବେ ରେକର୍ଡ କରାଯାଇଥିଲା। ସେଥିରୁ ଅମ୍ବାଭୋନାରେ ୮୯, ଅତାବିରାରେ ୯୭, ବରଗଡ଼ରେ ୭୩, ବରପାଲିରେ ୧୫, ଭଟଲିରେ ୧୫୯, ଭେଡ଼େନରେ ୧୦, ବିଜେପୁରରେ ୧୭.୫, ଗାଇସିଲେଟରେ ୫.୧, ଝାରବନ୍ଧରେ ୨୭, ପଦ୍ମପୁରରେ ୯, ପାଇକମାଳରେ ୨୩ ଏବଂ ସୋହେଲା ବ୍ଲକରେ ୩୦ମିମି ବୃଷ୍ଟିପାତ ହୋଇଥିବା ରେକର୍ଡ଼ କରାଯାଇଥିଲା।

**ସଂକ୍ଷେପରେ**

## ସୀମାନ୍ତରୁ ୧୮ ଆଇଇଡି ଜବତ

ରାଉରକେଲା,୯।୭(ସଙ୍ଗୀତା ଜେନା): ଓଡ଼ିଶା –ଝାଡଖଣ୍ଡ ସୀମାନ୍ତରେ ବୁଧବାର ସକାଳ ୬ଟାରେ ବିପୁଳ ପରିମାଣରେ ଜୀବନ୍ତ ଆଇଇଡି ଠାବ କରାଯାଇଛି। ସେଗୁଡିକ ଠାବ ପରେ ବୋମା ନିରୋଧକ ସ୍କ୍ୱାଡ୍ ସହାୟତାରେ ନଷ୍ଟ କରିଦିଆଯାଇଥିବା ସିଆର୍‌ପିଏଫ୍ ପକ୍ଷରୁ ସୂଚନା ମିଳିଛି। ସୀମାନ୍ତ ପଶ୍ଚିମ ସିଂହଭୂମ ଚାଇଁବାସା ଜିଲା ଏବଂ ଖୁଣ୍ଟି ଜିଲା ସୀମାବର୍ତ୍ତୀ ଜଙ୍ଗଲ ସରଣ୍ଡା ଅଞ୍ଚଳରେ ଚାଇଁବାସା ପୋଲିସ, ଖୁଣ୍ଟି ପୋଲିସ, ଝାଡଖଣ୍ଡ ଜାଗୁଆର, ସିଆର୍‌ପିଏଫ୍‌ର ମିଳିତ କୋମ୍ବିଂ ଅପରେସନ୍ ସମୟରେ ୧୮ଟି ଆଇଇଡ଼ି ଠାବ କରାଯାଇଥିଲା। ସୁରକ୍ଷାବଳଙ୍କ ଉଦ୍ଦେଶ୍ୟରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଉକ୍ତ ଆଇଇଡ଼ି ଗୁଡ଼ିକ ପ୍ରାୟ ୩ କେଜି ଲେଖାଏଁ ଓଜନର ଥିଲା।

## ଯୁବକଙ୍କୁ ଲୁଟ୍ ଉଦ୍ଦେଶ୍ୟରେ ସଂଘବଦ୍ଧ ଆକ୍ରମଣ, ୨ ଆହତ

ରାଉରକେଲା, ୯।୭(ସଙ୍ଗୀତା ଜେନା): ଉଦିତନଗର ମାଲଗୋଦାମ ଅଞ୍ଚଳରେ ବୁଧବାର ଅପରାହ୍ନରେ ୨ ଜଣ ଯୁବକଙ୍କୁ ଲୁଟ୍ ଉଦ୍ଦେଶ୍ୟରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ଏଥିରେ ୨ ଯୁବକ ଆହତ ହୋଇଛନ୍ତି। ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ସୂଚନାଅନୁଯାୟୀ, ମାଲଗୋଦାମ କାଳୀମନ୍ଦିର ନିକଟରେ ପ୍ରଶାନ୍ତ ଦାସ ଏବଂ ତାଙ୍କ ଭାଇ ଆସୁଥିବାବେଳେ ୭/୮ ଜଣ ଯୁବକ ପଥର ଫିଙ୍ଗିଲୁଟ୍‌କରିବା ପାଇଁମିଳିତ ଭାବେ ଆକ୍ରମଣ କରିଥିଲେ। ଏଥିରେ ପ୍ରଶାନ୍ତଙ୍କ ମୁଣ୍ଡ ଫାଟିଯାଇଥିବା ବେଳେ ତାଙ୍କ ଭାଇ ମଧ୍ୟ ଆହତ ହୋଇଛନ୍ତି।

## ହଜିଯାଇଥିବା ମୋବାଇଲ ବ୍ୟବହାର କରି ଟଙ୍କା ଉଠାଣ: ମାମଲା ଥାନାରେ

ରାଉରକେଲା,୯।୭(ସଙ୍ଗୀତା ଜେନା): ଟାଙ୍ଗରପାଲୀ ଥାନା ଅଞ୍ଚଳରେ ଜଣେ ଯୁବକ ମାର୍କେଟିଂ କରିବାକୁ ଯାଇଥିବା ବେଳେ ତାଙ୍କ ମୋବାଇଲ ଫୋନ୍ ହଜିଯାଇଥିଲା। ସେହି ସିମ୍‌ରେ ବୁଧବାର ୩ଥର ବହୁ ପରିମାଣରେ ଟଙ୍କା ଉଠାଣ ହୋଇଥିଲା। ଏ ନେଇ ଯୁବକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ. ୧୪୩/୨୦୨୫) ରୁଜୁ କରିଛି। ସୂଚନାଅନୁଯାୟୀ, କନଷ୍ଟ୍ରକ୍ସନ କଲୋନୀରେ ପ୍ରମୋଦ ଦାସ (୪୫) ରୁହନ୍ତି। ଗତ ସୋମବାର ସେ ପରିବା କିଣିବା ବେଳେ ତାଙ୍କ ମୋବାଇଲ ଫୋନ୍ ହଜି ଯାଇଥିଲା। ଏ ନେଇ ସେ ଥାନାର ଦ୍ୱାରସ୍ଥ ହୋଇ ଏତଲା ଦେବା ପରେ ସମାନ ନମ୍ବର (ତାଙ୍କ ପୂର୍ବ ମୋବାଇଲ ନମ୍ବର)ର ସିମ୍ କାର୍ଡ ନେଇଥିଲେ। ବୁଧବାର ଅପରାହ୍ନ ୨ଟାରେ ସେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୩ ଥର ଟଙ୍କା ଉଠାଣ ହୋଇଥିବା ଜାଣିବାକୁ ପାଇଥିଲେ। ସୂଚନାଯୋଗ୍ୟ ପ୍ରମୋଦଙ୍କ ପାନପୋଷ ଶାଖା ଆଇସିଆଇସିଆଇ ବ୍ୟାଙ୍କରେ ଆକାଉଣ୍ଟ ରହିଛି। ସେଥିରେ ସେ ଫୋନ୍ ପେ ବ୍ୟବହାର କରୁଥିଲେ।



ରାଉରକେଲା ବିଶ୍ରା ଛକରେ ସିଟୁ କର୍ମୀମାନେ ରାସ୍ତା ଅବରୋଧ କରିଛନ୍ତି।

# କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ଧର୍ମଘଟ

ରାଉରକେଲା,୯।୭ (ସଙ୍ଗୀତା ଜେନା/ ବିପ୍ଳବରଞ୍ଜନ ଦାଶ)

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡ଼ିକ ପକ୍ଷରୁ ୧୭ ଦଫା ଦାବିନେଇ ବୁଧବାର ଦେଶବ୍ୟାପୀ ଧର୍ମଘଟ, ବନ୍ଦପାଳନ ହୋଇଛି। ରାଉରକେଲାରେ ଏହି ଧର୍ମଘଟର ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଛି। ଶ୍ରମବିରୋଧୀ ୪ଟି ଶ୍ରମକୋଡ୍‌କୁ ବାତିଲ କରିବା, ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା, ସମାନ କାର୍ଯ୍ୟକୁ ସମାନ ଦରମା, ନିତ୍ୟବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ନିୟନ୍ତ୍ରଣ ଦାବି କରାଯାଇଛି। ଏହା ସହ ଚାଷୀଙ୍କୁ ଫସଲର ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ, ସର୍ବନିମ୍ନ ମାସିକ ପେନସନ ୯ହଜାର କରିବା, ଏନ୍‌ପିଏସ୍ ଓ

**ରାଉରକେଲାରେ ମିଶ୍ରିତ ପ୍ରଭାବ**

ୟୁପିଏସ୍‌କୁ ବାତିଲ କରି ପୁରୁଣା ପେନସନ୍ ଚାଲୁ କରିବା, ୟୁପିଏସ୍, ଇପିଏଫ୍, ଇଏସ୍ଆଇ, ବୋନସ୍ ଓ ଗ୍ରାଚ୍ୟୁଇଟି ସିଲିଂ ପ୍ରତ୍ୟାହାର କରିବା, ୟୁନିୟନ ପଞ୍ଜିକରଣ ୪୫ ଦିନ ମଧ୍ୟରେ କରିବା, ବିଦ୍ୟୁତ୍ ବିଲ୍ ୨୦୨୨କୁ ପ୍ରତ୍ୟାହାର କରି ସ୍ମାର୍ଟମିଟର ବସାଇବା ବନ୍ଦ କରିବା, କାମ କରିବାର ଅଧିକାରକୁ ସମ୍ବିଧାନର ମୌଳିକ ଅଧିକାରରେ ଅନ୍ତର୍ଭୁକ୍ତ କରିବା, ସମସ୍ତଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସଗୃହ ପ୍ରଦାନ କରିବା, ଜଙ୍ଗଲ ସଂରକ୍ଷଣ ସଂଶୋଧନ ଆଇନ ୨୦୨୩କୁ ବାତିଲ କରିବା, ସମ୍ପତି କର ପରିବର୍ତ୍ତନ କରି ଧନୀକଙ୍କ ଉପରେ ଅଧିକ ଟିକସ ବସାଇବା, ସମ୍ବିଧାନର ମୌଳିକତା ଉପରେ ଆକ୍ରମଣ ବନ୍ଦ କରିବା, ଆନ୍ତର୍ଜାତିକ ଶ୍ରମ ସଙ୍ଗଠନର ନିଷ୍ପତ୍ତି ଅନୁଯାୟୀ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍କିମ୍ ଶ୍ରମିକମାନଙ୍କୁ ଇଏସ୍ଆଇ ଓ ଇପିଏଫ୍ ଅନ୍ତର୍ଭୁକ୍ତ କରିବା ଆଦି ୧୭ ଦଫା ଦାବି ନେଇ ବୁଧବାର ଦେଶବ୍ୟାପୀ ଧର୍ମଘଟ ହୋଇଛି। ରାଉରକେଲାରେ ରିଂରୋଡ ସମେତ ମେନ୍‌ରୋଡ ଆଦିରେ ଦୋକାନବଜାର ବନ୍ଦ ଥିବାବେଳେ ଶିଳ୍ପାଞ୍ଚଳରେ ଅଧିକାଂଶ ମାର୍କେଟ ଖୋଲା ଥିଲା। ସକାଳ ୬ଟାରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍‌ର ସମସ୍ତ ନେତୃମଣ୍ଡଳୀ ଏବଂ କର୍ମକର୍ତ୍ତା ବିଶ୍ରା ଛକରେ ପିକେଟିଂ କରିଥିଲେ। ରାସ୍ତା ଅବରୋଧ କରିଥିଲେ। ଫଳରେ ଇସ୍ପାତ କାରଖାନା ସମେତ ପରିବହନ, ଯାତାୟାତ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ କାର୍ଯ୍ୟାଳୟ ଆଦି ବନ୍ଦ ରହିଥିଲା। ଉକ୍ତ ଧର୍ମଘଟରେ ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ବିମାନ ମାଇତି, ଶ୍ରୀମନ୍ତ ବେହେରା, ରାଜକିଶୋର ପ୍ରଧାନ, ବିପି ମହାପାତ୍ର, ହୃଦୟାନନ୍ଦ ଯାଦବ, ସୁରେନ୍ଦ୍ର ଦାଶ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ଦିବାକର ମହାରଣା, ଅରୁଣ ମହାରଣା, ଶକୁନ୍ତଳା ମହାକୁଡ଼, ଆଇଏନ୍‌ଟିୟୁସିର ଜିଲା ସଭାପତି ନିହାର ଦାସ, ହିନ୍ଦ ମଜଦୁର ସଭାର ଶଶଧର ନାୟକ, ପ୍ରମୋଦ ଦାସ, ଦିଗାମ୍ବର ମହାନ୍ତି, ଏଆଇଟିୟୁସିର ରାଜ୍ୟ ସମ୍ପାଦକ ପ୍ରଦୋଷ ମହାନ୍ତି, ଜିଲା ସମ୍ପାଦକ ସଦାନନ୍ଦ ସାହୁ, କମଳା ମୁର୍ମୁ, କିଶୋରୀ କିସ୍ପୋଟା, ଦଶରୁ କିଷାନ, ରାମୁ କିଷାନ, ଏଆଇୟୁଟିୟୁସି ନେତା ଅଜିତ ନାୟକ, ବିଷ୍ଣୁ ପଣ୍ଡା, ବିରେନ ନାୟକ, ସୁବାସ ଦଣ୍ଡପାଟ, ଏଆଇସିସିଟିୟୁ ରାଜା ମୁନ୍ନାଙ୍କ ସମେତ ଅନ୍ୟ କର୍ମଚାରୀ ସଂଘର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଛକରେ ପୋଲିସ ତନଖି: ଗଳାବାଟକୁ ନିଘା ନାହିଁ

ରାଉରକେଲା,୯।୭(ସଙ୍ଗୀତା ଜେନା)

ବୁଧବାର ଧର୍ମଘଟରେ ରାଉରକେଲା ରିଂରୋଡରେ ପୋଲିସ ଛକମାନଙ୍କରେ ନାକା କରିଥିବାବେଳେ ଗଳାବାଟରେ ଲୋକେ ଯାଆସ କରୁଥିଲେ। ବିପଦସଙ୍କୁଳ ଅବସ୍ଥାରେ ଲୋକେ ଯିବା ପାଇଁ ବାଧ୍ୟ ହେଉଥିଲେ। ପୋଲିସ ନାମକୁ ମାତ୍ର ତନଖି କରୁଥିଲା। ସେହିପରି ଅପରାହ୍ନ ୧ଟା ୩୦ରେ କାରଖାନା କର୍ମଚାରୀ ଓ ଅନ୍ୟ କର୍ମଜୀବୀମାନେ କାମକୁ ଯିବା ପାଇଁ ବିପଦସଙ୍କୁଳ ରାସ୍ତା ବ୍ୟବହାର କରିଥିଲେ। ରାଉରକେଲା ସେକ୍ଟର–୨୧ ଓଭରବ୍ରିଜ ଉପରୁ ବିପଦସଙ୍କୁଳ ଭାବେ ବାଇକ ଯୋଗେ ଓହ୍ଲାଇ ଯିବାକୁ ଉଚିତମନେ କରିଥିଲେ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାରଖାନାରେ ପ୍ରବେଶ

**ଧର୍ମଘଟର ପାରିପାର୍ଶ୍ୱିକ ସ୍ଥିତି**

ନିୟମକୁ ଦୃଷ୍ଟିରେ ରଖି ଏପରି ପଦକ୍ଷେପ ନେଇଥିଲେ ଲୋକେ। ଅନୁରୂପ ଭାବେ ରେଳଗାଡ଼ିଗୁଡ଼ିକ ସାମାନ୍ୟ ବିଳମ୍ବରେ ଚାଲୁଥିଲେ ମଧ୍ୟ ଯାତ୍ରୀ ଅସୁବିଧା ବିଶେଷ ଭାବେ ଦେଖାଯାଇ ନ ଥିଲା। ରାଉରକେଲା ମେନରୋଡ଼ଠାରୁ ଆରମ୍ଭ କରି ପାନପୋଷ, ବେଦବ୍ୟାସ ଛକରେ ଧର୍ମଘଟ କରୁଥିବା କର୍ମୀମାନେ ପିକେଟିଂ କରୁଥିବେଳେ କୋଏଲନଗର, ଜଗଦା, ଛେଣ୍ଡ, ବାସନ୍ତୀକଲୋନୀ, ସିଭିଲଟାଉନଶିପ୍ ସମେତ ଅନ୍ୟ ଅଞ୍ଚଳଗୁଡିକରେ ଧର୍ମଘଟର ପ୍ରଭାବ ଆଖିଦୃଶିଆ ନ ଥିଲା। ଏହା ବ୍ୟତୀତ ପେଟ୍ରୋଲ ପମ୍ପ, ସ୍କୁଲ କଲେଜ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ପୋଷ୍ଟାଲ ପରିବହନ ଆଦି ବନ୍ଦ ରହିଥିଲା।


ଗଳାବାଟରେ ଲୋକେ ଯାଆସ କରୁଛନ୍ତି।

## ଶ୍ରୀଜଗନ୍ନାଥ ମନ୍ଦିରରେ ଭଜନ ସମାରୋହ, ନୀଳାଦ୍ରି ବିଜେ

ରାଉରକେଲା, ୯।୭(ବିପ୍ଳବରଞ୍ଜନ ଦାଶ)

କୋଏଲ ନଗର ଏ ବ୍ଲକ୍ ସ୍ଥିତ ଶ୍ରୀଶ୍ରୀଜଗନ୍ନାଥ ଓ ବାବା ଆଖଣ୍ଡଳମଣି ମନ୍ଦିର ଟ୍ରଷ୍ଟ ତରଫରୁ ବାହୁଡ଼ା ଯାତ୍ରାରୁ ଭଜନ ପରିବେଷଣ, ନୃତ୍ୟ ଓ ନିଳାଦ୍ରୀ ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୫ ତାରିଖରେ ବାହୁଡା ଯାତ୍ରା, ସ୍ୱରବ୍ରହ୍ମ ତରଫରୁ ଭଜନ ପରିବେଷଣ, ୬ରେ ସୁନାବେଶ ଓ ବାପି ଡ୍ୟାନ୍ସ ଗ୍ରୃପ ଦ୍ୱାରା ନୃତ୍ୟ ପରିବେଷଣ, ୭ରେ ରବିନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଭଜନ ପରିବେଷଣ ଓ ୮ ତାରିଖ ନିଳାଦ୍ରୀ ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ଟ୍ରଷ୍ଟି ଇଂ. ଆଲୋକ ରଞ୍ଜନ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବ୍ରଜେନ୍ଦ୍ର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ଦିରର ପାଟରାଜା ଦାୟିତ୍ୱ ତୁଲାଇଥିବା ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ଡ. ସନାତନ ପ୍ରଧାନ, ରାମକୃଷ୍ଣ ତ୍ରିପାଠୀ, ମନୋଜ କୁମାର ପଣ୍ଡା, ଶର୍ମିଷ୍ଠା କବିଶତପଥୀ, ପ୍ରଦୀପ ପଣ୍ଡା, ଅମୂଲ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ଭଜନ ଗାୟକ ରବୀନ୍ଦ୍ର ମହାପାତ୍ରଙ୍କ ସହ କଣ୍ଠଶିଳ୍ପୀ ଆଶାଲତା ଷଡ଼ଙ୍ଗୀ, ସୁନିତା ବିଶ୍ୱାଳ, ଶ୍ରଦ୍ଧାଶ୍ରୀ ପାତ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଜଗନ୍ନାଥ ଦାସ, ବଂଶୀଧର ସାହୁ, ଅରବିନ୍ଦ ସାହୁ,ପି ପାତ୍ର, ସାଗର, ସ୍ୱୟଂ ଶୁଭମ, ଶ୍ରୀତମ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ନିଳାଦ୍ରୀ ବିଜେରେ ଏକ ନୃତ୍ୟ ନାଟିକା ଅନୁଷ୍ଠିତ ହୋଇଥିଲା। ଏଥିରେ ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା, ଲକ୍ଷ୍ମୀ, ଲଳିତା, ବିଶାଖା ଚରିତ୍ରରେ ପ୍ରତାପ କୁମାର ନାୟକ, ବାପି ପଲାଇ, ଅମ୍ରିତା ପ୍ରିୟଦର୍ଶିନୀ, ଅନୁଶ୍ରୀ ଦାଶ, ଆଦ୍ୟାଶା ପାତ୍ର, ସ୍ୱାତୀ ବେହେରା ପ୍ରମୁଖ ଅଭିନୟ କରିଥିଲେ। ଶେଷରେ ଶ୍ରୀଜଗନ୍ନାଥ ଲକ୍ଷ୍ମୀଙ୍କୁ ମିଠା ଖୁଆଇ ମାନଭଞ୍ଜନ କରିବା ସହ ନିଳାଦ୍ରୀ ବିଜେ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।


ଭଜନ ସମାରୋହରେ ଉପସ୍ଥିତ କଳାକାର ଓ ଅନ୍ୟମାନେ।

## ପୋଷ୍ଟାଲ୍ ଏମ୍ପ୍ଲଇଜ୍ ୟୁନିୟନ୍ ପକ୍ଷରୁ ଧର୍ମଘଟ

ରାଉରକେଲା,୯।୭ (ସଙ୍ଗୀତା ଜେନା)

ଅଲ୍ ଇଣ୍ଡିଆ ପୋଷ୍ଟାଲ୍ ଏମ୍ପ୍ଲୟିଜ୍ ୟୁନିୟନ୍(ଏଆଇପିଏୟୁ) ପୋଷ୍ଟମ୍ୟାନ୍ ଓ ଏମ୍‌ଟିଏସ୍ ରାଉରକେଲା ଡିଭିଜନ ପକ୍ଷରୁ ବୁଧବାର ଏକ ଦିବସୀୟ ଧର୍ମଘଟ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ସ୍ତରରେ ଡାକସେବାରେ ଏହି ଧର୍ମଘଟ ହୋଇଥିଲା। ଏନ୍‌ଡିଏସ୍ ଏବଂ ଆଇଡ଼ିସି ସେବା ପ୍ରଦାନ ପ୍ରତ୍ୟାହାର କରିବା, ଡାକବିଭାଗରେ କାର୍ଯ୍ୟରତ ପୋଷ୍ଟମ୍ୟାନ୍ ଓ ଅନ୍ୟ ଡେଲିଭରୀ ଷ୍ଟାଫ୍‌କୁ ରକ୍ଷା କରିବା, ୮ମ ସିପିସି ପାଇଁ ତୁରନ୍ତ କମିଟି ଗଠନ, ପୋଷ୍ଟ ଅଫିସ୍‌ମାନଙ୍କରେ ଅତିରିକ୍ତ ପଦବୀ ପୂର୍ଣ୍ଣ କରିବା, ପୋଷ୍ଟମ୍ୟାନ୍‌ଙ୍କ ଉପରେ ଅଧିକ କାର୍ଯ୍ୟଚାପ ହ୍ରାସ କରିବା ଆଦି ଦାବିରେ ଏହି ଧର୍ମଘଟ କରାଯାଇଥିଲା। ସେଣ୍ଟ୍ରାଲ ଡେଭଲେପ୍‌ମେଣ୍ଟ ସେଣ୍ଟରର ୨ଟି ମୁଖ୍ୟ କାର୍ଯ୍ୟାଳୟ ଯଥା ରାଉରକେଲା ଏବଂ ଉଦିତନଗରଠାରେ ଧାରଣା ଦେଇଥିଲେ। ଉକ୍ତ ଧର୍ମଘଟରେ ଡିଭିଜନର ସଭାପତି ସୁରେନ୍ଦ୍ର ନାରାୟଣ ସିଂହ, ସମ୍ପାଦକ ସୁଦାମ ସାହୁ, ସହାୟକ ସମ୍ପାଦକ ଶିବଶକ୍ତି ଆଚାର୍ଯ୍ୟ, ୟୁପିକେ ପାତ୍ର, ଜଗବନ୍ଧୁ ସାହୁ, ଉପସଭାପତି ଯୋଗେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।



ରାଉରକେଲା ମୁଖ୍ୟ ଡାକଘରେ ଧର୍ମଘଟରେ ଓହ୍ଲାଇଛନ୍ତି କର୍ମଚାରୀ।

## ହାତୀ ଆହତ: ଉଦ୍ଧାର ପାଇଁ ପ୍ରୟାସ

ରାଉରକେଲା,୯।୭(ସଙ୍ଗୀତା ଜେନା)

ଓଡ଼ିଶା ଝାଡଖଣ୍ଡ ସୀମାନ୍ତରେ ପ୍ରାୟ ଏକ ସପ୍ତାହ ପୂର୍ବେ ଏକ ହାତୀଶାବକ ଆଇଇଡ଼ି ବିସ୍ଫୋରଣରେ ଆହତ ହୋଇ ଗତ ଶନିବାର ପ୍ରାଣହରାଇଥିବା ବେଳେ ମଙ୍ଗଳବାର ସକାଳ ପ୍ରାୟ ୮ଟାରେ ସୀମାନ୍ତ ସରଣ୍ଡା ଜଙ୍ଗଲରେ ଆଉ ଏକ ମଧ୍ୟବୟସ୍କ ହାତୀ ଆହତ ହୋଇ ଏକ ଚେକ୍ ଡ୍ୟାମରେ ରହିଥିବା ଦେଖିବାକୁ ମିଳିଛି। ଏହାକୁ ସ୍ଥାନୀୟ ବନବିଭାଗ ଉଦ୍ଧାର ଏବଂ ଚିକିତ୍ସା କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି। ସରଣ୍ଡା ନିକଟରେ ଥିବା ତିରିଲିପୋଷି ଚେକ୍‌ଡ୍ୟାମ୍‌ରେ ଏହି ହାତୀ ରହିଛି। ଏହାର ଗୋଡରେ ପ୍ରବଳ ଆଘାତ ଲାଗିଥିବା ଜଣାପଡ଼ିଛି। ଉକ୍ତ ହାତୀ ସହ ଏକ ଦନ୍ତାହାତୀ ମଧ୍ୟ ରହିଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଏହାର ସୂଚନା ସରଣ୍ଡା ବନ୍ୟ ଅଧୀକାରୀଙ୍କୁ ଦିଆଯାଇଛି। ଏ ସମ୍ପର୍କରେ ସରଣ୍ଡା ଡିଏଫ୍‌ଓ ଅଭିରୂପ ସିହ୍ନା କହିଛନ୍ତି, ଆହତ ହାତୀ ସମ୍ପର୍କରେ ସୂଚନା ମିଳିବା ପରେ ଉଦ୍ଧାର କାର୍ଯ୍ୟ ପାଇଁ ଏକ ଟିମ୍ ପଠାଯାଇଛି। ଗୁଜୁରାଟ ଜାମ୍‌ନଗରରେ ଥିବା ବନତାରା ଟିମ୍‌ର ମଧ୍ୟ ସହଯୋଗ ନିଆଯିବ। ସ୍ଥାନୀୟ ଗ୍ରାମବାସୀଙ୍କୁ ଏଥିରେ ସହଯୋଗ ଲୋଡାଯାଇଛି ବୋଲି ସିହ୍ନା କହିଛନ୍ତି।

## ଆନ୍ତଃ ସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

ରାଉରକେଲା, ୯।୭(ବିପ୍ଳବ ରଞ୍ଜନ ଦାଶ)

ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ,ସେକ୍ଟର–୨୨ ଆନୁକୂଲ୍ୟରେ ଆୟୋଜିତ ସିଆଇଏସସିଇ ବିଦ୍ୟାଳୟ ଗୁଡିକର ରାଉରକେଲା ଜୋନ ସ୍ତରୀୟ ଆନ୍ତଃ ସ୍କୁଲ ଫୁଟବଲ ପ୍ରତିଯୋଗିତା ସେକ୍ଟର–୨୨ ସ୍ଥିତ ଇସ୍ପାତ ମିନି ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ସମାପନୀ ଉତ୍ସବରେ ଆର୍‌ଏସପି ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟି.ଜି କାନେକର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସହରସେବା ଶିକ୍ଷା ବିଭାଗର ଜିଏମ୍ ଡକ୍ଟର ନିବେଦିତା ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆଇଆଇଏମଏସ ସେକ୍ଟର–୨୨ ର ପ୍ରଧାନ ଶିକ୍ଷକ ଏସ.ଏନ ପଣ୍ଡା ଏବଂ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିଥିମାନେ ଖେଳାଳି ଏବଂ ମ୍ୟାଚ ଅଫିସିଆଲଙ୍କ ସହିତ ଏନେଇ ପରିଚିତ ହୋଇଥିଲେ। କାନେକର ତାଙ୍କ ବକ୍ତବ୍ୟରେ ଯୁବ ଖେଳାଳିଙ୍କ ଶାରିରୀକ ଏବଂ ବୌଦ୍ଧିକ ବିକାଶ, ସହଭାଗୀ ଭାବନା ଏବଂ ଅଂଶଗ୍ରହଣର ମନୋଭାବ ପାଇଁ କ୍ରୀଡାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ରାୟ ଯୁବ ଖେଳାଳିମାନଙ୍କୁ ସେମାନଙ୍କ ସାମଗ୍ରିକ ବିକାଶ ପାଇଁ ଉଭୟ ପାଠ୍ୟ ଓ ପାଠ୍ୟେତର ଆଗ୍ରହ ନେବା ପାଇଁ ଉତ୍ସାହିତ କରିଥିଲେ। ସେଣ୍ଟ ପଲ୍ସ ସ୍କୁଲ (୧୪ବର୍ଷରୁ କମ), ସେଣ୍ଟ ଜନ୍ ମେରୀ ଭିୟାନୀ ଇଂରାଜୀ ସ୍କୁଲ, କୁତ୍ରା (୧୭ ବର୍ଷରୁ କମ) ଏବଂ ଇସ୍ପାତ ଇଏମ ସ୍କୁଲ, ସେକ୍ଟର–୨୦(୧୯ବର୍ଷରୁ କମ୍) ବର୍ଗରେ ବିଜେତା ହୋଇଥିଲେ। ଡନ ବୋସ୍କୋ ଇଂରାଜୀ ମାଧ୍ୟମ ସ୍କୁଲ, କୁଆରମୁଣ୍ଡା ଉଭୟ ୧୪ବର୍ଷରୁ କମ ଓ ୧୭ବର୍ଷରୁ କମ ବର୍ଗରେ ଏବଂ ଡିସୌଜା ସ୍କୁଲ ୧୯ବର୍ଷରୁ କମ ବର୍ଗରେ ରନର୍ସ ଅପ ହୋଇଥିଲେ। ଶେଷରେ କାନେକର ଟୁର୍ନାମେଣ୍ଟର ସମାପ୍ତି ଘୋଷଣା କରିଥିଲେ। ଏଥିପୂର୍ବରୁ ଏହି ପ୍ରତିଯୋଗିତାକୁ ଆର୍‌ଏସପି ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ୍ ବି.କେ ଯୋଯୋ ଉଦଘାଟନ କରିଥିଲେ। ଏହି ଅବସରରେ ଡକ୍ଟର ନିବେଦିତା ରୟ, ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର–୨୦ର ଅଧ୍ୟକ୍ଷା ସୁଶ୍ରିତା ଦାସ,ଏସଏନ ପଣ୍ଡା ଏବଂ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।ଉଲ୍ଲେଖଯୋଗ୍ୟ ଯେ,ଜୋନସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ୨୪ଟି ଦଳ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ସେକ୍ଟର–୨୨ ଆଇଆଇଏମଏସ ର ଶିକ୍ଷୟିତ୍ରୀ/ଶିକ୍ଷକ ଏବଂ ଷ୍ଟାଫ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଚାମ୍ପିୟନ ଦଳର ଖେଳାଳିଙ୍କ ସହ ଅତିଥି।

## କମ୍ୟୁନିଟି ସେଣ୍ଟର ମାଧ୍ୟମରେ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରୁଛି ଆର୍‌ଏସପି

ରାଉରକେଲା,୯।୭(ବିପ୍ଳବ ରଞ୍ଜନ ଦାଶ)

ମହାରତ୍ନ କମ୍ପାନୀ ସେଲର ଅନ୍ୟତମ ୟୁନିଟ ଆର୍‌ଏସ୍‌ପି ଗୋଷ୍ଠୀ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଲାଠିକଟା ବ୍ଲକର ବଡମରାଇନ ଗ୍ରାମର ସଡକ ଟୋଲିଠାରେ ଏକ ଆଧୁନିକ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କରିଛି। ଆର୍‌ଏସ୍‌ପିର କର୍ପୋରେଟ ସାମାଜିକ ଦାୟିତ୍ୱ(ସିଏସ୍ଆର୍) ଅଭିଯାନ ଅଧିନରେ ନିର୍ମିତ ଏହି ଭିତ୍ତିଭୂମି ଗ୍ରାମବାସୀମାନଙ୍କୁ ବିଭିନ୍ନ କାର୍ଯ୍ୟଧାରା ପାଇଁ ଏକ ସୁରକ୍ଷିତ ଓ ଅନୁକୂଳ ସ୍ଥାନ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ମା'ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ମୀନା ଏକ୍କା ଆର୍‌ଏସ୍‌ପି ପ୍ରତି ତାଙ୍କର କୃତଜ୍ଞତା ବ୍ୟକ୍ତ କରି କହିଛନ୍ତି, ଆମେ ବର୍ଷ ବର୍ଷ ଧରି ଆମ ଗ୍ରାମର ବିଭିନ୍ନ ସଭା ,ବିବାହ କାର୍ଯ୍ୟକ୍ରମ ଏବଂ ଏସଏଚଜି ବୈଠକ ନିମନ୍ତେ ଏକ ଉପଯୁକ୍ତ ସ୍ଥାନଟିଏ ପାଇଁ ସଂଘର୍ଷ କରୁଥିଲୁ। ଆମେ ପ୍ରାୟତଃ ଏକ ଗଛ ତଳେ ଏକାଠି ହେଉଥିଲୁ। କିନ୍ତୁ ଏହା ଅନୁକୂଳ ନ ଥିଲା। ବିଶେଷକରି ଲକ୍ଷ୍ମୀପୂଜା ସମୟରେ ହଠାତ ପ୍ରବଳ ବର୍ଷା ଯୋଗୁଁ ଉପୁଜୁଥିବା ଅସୁବିଧା ଆମ ପାଇଁ ଏକ କମ୍ୟୁନିଟି ସେଣ୍ଟରର ଆବଶ୍ୟକତାକୁ ସ୍ପଷ୍ଟ କରିଥିଲା। ମାତ୍ର ଆମର ଆଶା ଓ ଆକାଂକ୍ଷାକୁ ଆର୍‌ଏସପି ବାସ୍ତବିକ କରି ଆମକୁ ଆଗକୁ ବଢିବା ପାଇଁ ପ୍ରୋତ୍ସାହିତ କରିଛି ବୋଲି ପ୍ରକାଶ କରିଛନ୍ତି। ଏହି କମ୍ୟୁନିଟି ସେଣ୍ଟରରେ ଏକ ବଡ ହଲ, ଦୁଇଟି କୋଠରୀ ଏବଂ ବିଦ୍ୟୁତ ସଂଯୋଗ ସହିତ ଏକ ସମ୍ମୁଖ ବାରଣ୍ଡା ରହିଛି। ଯାହା ବିଭିନ୍ନ କାର୍ଯ୍ୟକଳାପ ପାଇଁ ସୁଗମ ସ୍ଥାନ ପ୍ରଦାନ କରିବା। ଗ୍ରାମବାସୀ ଏବେ ଆରାମଦାୟକ ଏବଂ ସମ୍ମାନର ସହ ଏଠାରେ ବିଭିନ୍ନ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଶିକ୍ଷାଗତ କାର୍ଯ୍ୟକ୍ରମ ପରିଚାଳନା କରିପାରିବେ। ଏଠାରେ ପିଲାମାନେ ମଧ ଟ୍ୟୁସନ କ୍ଲାସ ସହିତ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ବିନାବାଧାରେ ସେମାନଙ୍କ ବୈଠକ କରିପାରିବେ ବୋଲି ମଧ ମୀନା ଉଲ୍ଲେଖ କରିଛନ୍ତି। ଆରଏସ୍‌ପିର ସିଏସ୍ଆର କାର୍ଯ୍ୟାଳୟ ଏହି ପ୍ରକଳ୍ପକୁ ବାସ୍ତବରୂପ ପ୍ରଦାନ ପାଇଁ ଗ୍ରାମବାସୀ ଏବଂ ଜିଲାପରିଷଦ ସଦସ୍ୟ ରମେଶ ନାଗଙ୍କ ସହିତ ଘନିଷ୍ଠ ଭାବେ କାର୍ଯ୍ୟ ତୁଲାଇଥିଲେ। ଉଦ୍‌ଘାଟନ ହୋଇଥିବା କମ୍ୟୁନିଟି ସେଣ୍ଟର ଗ୍ରାମବାସୀଙ୍କୁ କେବଳ ଏକ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇ ନାହିଁ ବରଂ ଗ୍ରାମବାସୀଙ୍କୁ ସେମାନଙ୍କ ସାମଗ୍ରିକ ବିକାଶ ଦିଗରେ ଆଗେଇ ନେବା ପାଇଁ ସଶକ୍ତ କରିଛି। ଏହି ପ୍ରକଳ୍ପ ଗ୍ରାମର ସାମାଜିକ ଓ ଅର୍ଥନୈତିକ ସୁଦୃଢୀକରଣ ଦିଗରେ ସକରାତ୍ମକ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି।



କମ୍ୟୁନିଟି ସେଣ୍ଟରରେ ଗ୍ରାମୀଣ ମହିଳା।

**ଜିଲା ଡ୍ରାଇଭର ମହାସଂଘ ପକ୍ଷରୁ ରକ୍ତଦାନ ଶିବିର**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର)- ଦେବଗଡ଼ ନୂତନ ବସ୍ଷ୍ଟାଣ୍ଡରେ ଜିଲା ଡ୍ରାଇଭର ମହାସଂଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଏହି ଅବସରରେ ୪୦ ଜଣ ଡ୍ରାଇଭର ରକ୍ତଦାନ କରିଥିଲେ। ୭ ଦଫା ଦାବିନେଇ ଡ୍ରାଇଭର ମହାସଂଘ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରୁଥିବାବେଳେ ବୁଧବାର ଦ୍ୱିତୀୟ ଦିବସରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଡ୍ରାଇଭର ମହାସଂଘ ରାଜ୍ୟ କୋଷାଧ୍ୟକ୍ଷ ତଥା ଦେବଗଡ଼ ଜିଲା ସଭାପତି ଆଦିତ୍ୟ ପ୍ରସାଦ ବେହେରା, ଜିଲା ସମ୍ପାଦକ ରଞ୍ଜିତ କୁମାର ପ୍ରଧାନ, ଉପସଭାପତି ପିନୁ ନାୟକଙ୍କ ସମେତ ସମସ୍ତ ସଦସ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ସୁନୀଲ ଦାସ ହେଲେ ଏମ୍‌ପିଙ୍କ ପ୍ରତିନିଧି

ବ୍ରଜରାଜନଗର, ୯।୭(ବିଜୟ ବରାଡ଼)



ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ତଲେନ୍‌ପାଲି ଗ୍ରାମର ସୁନୀଲ କୁମାର ଦାସଙ୍କୁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ବ୍ରଜରାଜନଗର ପୌରାଞ୍ଚଳ ପ୍ରତିନିଧି ଭାବେ ନିଯୁକ୍ତ କରିଛନ୍ତି। ଆଗାମୀ ଦିନରେ ସୁନୀଲ ଏମ୍‌ପିଙ୍କ ଅନୁପସ୍ଥିତିରେ ପୌର ପ୍ରଶାସନ ସଭାରେ ଯୋଗଦେବା ସହ ପୌରବାସୀଙ୍କ ସମସ୍ୟା ସମାଧାନ ପାଇଁ ଏମ୍‌ପିଙ୍କ ପକ୍ଷରୁ ପକ୍ଷ ରଖିବେ। ସୁନୀଲ ପ୍ରାୟ ୧୬ ବର୍ଷ ଧରି ଭାଜପାର ସକ୍ରିୟ ସଦସ୍ୟ ଭାବରେ କାର୍ଯ୍ୟ କରୁଛନ୍ତି। ଇତିମଧ୍ୟରେ ଦଳ ତାଙ୍କୁ ବିଭିନ୍ନ ପଦବୀରେ ରଖିଆସିଛି। ଆଗାମୀ ଦିନରେ ଲୋକଙ୍କ ସମସ୍ୟା ଓ ସହରର ବିକାଶ ଦିଗରେ କାର୍ଯ୍ୟ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

ଦେବଗଡ଼, ୯।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ପରିଷଦର ଅଷ୍ଟମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଜିଲାର ସାମଗ୍ରିକ ବିକାଶ ନିମନ୍ତେ ଜନପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ଏଥିସହ ଜିଲାର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ଓ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଗତ ଜିଲା ପରିଷଦ ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ଖାଦ୍ୟ ଯୋଗାଣ, ଗ୍ରାମାଞ୍ଚଳ ବିଦ୍ୟୁତ୍ କରଣ, ପାନୀୟଜଳ ଯୋଗାଣ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ ବିଭାଜନ, ପୂର୍ତ୍ତ, ଜଳସେଚନ, ଖଣି ବିଭାଗ, ଜଙ୍ଗଲ, ଜିଲା ମଙ୍ଗଳ ବିଭାଗ, ଉଦ୍ୟାନ ବିଭାଗ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ଆଦିବାସୀ



ବୈଠକରେ ବିଧାୟକ, ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଜିଲା ପରିଷଦ ୮ମ ବୈଠକ**

ଉନ୍ନୟନ ସଂସ୍ଥା, ପ୍ରାଣୀ ସମ୍ପଦ, ମତ୍ସ୍ୟ, ମୃତ୍ତିକା ସଂରକ୍ଷଣ ଓ ଜଳଛାୟା, ସାମାଜିକ କଲ୍ୟାଣ, ପାଉଡ଼ି ଭୂୟାଁ ସଂସ୍ଥା, ଶ୍ରମ ଓ ନିଯୁକ୍ତି, ଶିଳ୍ପ, ଆଞ୍ଚଳିକ ପରିବହନ, ଓଡ଼ିଶା ରାଜ୍ୟ ପରିବହନ, ଅବକାରୀ, ଜିଲା ସାମାଜିକ ସୁରକ୍ଷା, ଜିଲା ଶିଶୁ ସୁରକ୍ଷା, ଜିଲା ଯୋଜନା ବିଭାଗ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଗ୍ରାମୀଣ ଆବାସ ଯୋଜନା, ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଭଳି ଅନେକ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ।

ଏହି ବୈଠକରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା, ଏମ୍‌ପିଙ୍କ ପ୍ରତିନିଧି ଅରୁଣ ସାହୁ, ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ତିଲେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି, ପୁଷ୍ପାଞ୍ଜଳି ସାମଲ, ବାସନ୍ତୀ ବେହେରା, ସମରେନ୍ଦ୍ର ଜିତ୍, ରାଜେଶ ମହାନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ପ୍ରୋଗ୍ରାମ ମ୍ୟାନେଜର(ଫାଇନାନ୍ସ) ଆଶିଷ ରଞ୍ଜନ ବାରିକ ଧନ୍ୟବାଦ ଦେଇଥିଲେ।

## ୨ ବାଇକ୍ ଧକ୍କା: ୨ ମୃତ, ୩ ଗୁରୁତର

ପାଲଲହଡ଼ା, ୯।୭(ଦିବ୍ୟଜ୍ୟୋତି ଦାଶ)

ଦେବଗଡ଼ ଜିଲା ବାରକୋଟ ଥାନା ଗୋଲାବନ୍ଧ ଗାଁ ନିକଟ ଜାତୀୟ ରାଜପଥ ୪୯ରେ ବୁଧବାର ୨ଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣ ସଞ୍ଜୟ ପ୍ରଧାନ ଏବଂ ପିଣ୍ଟୁଲା ମହାନ୍ତଙ୍କ ମୃତ୍ୟୁ ହୋଇଛି। ୩ ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସମସ୍ତ ୫ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ଅନୁଗୋଳ ଜିଲା ପାଲଲହଡ଼ା ଡାକ୍ତରଖାନା ପଠାଇଥିଲେ। ସେଠାରେ ୨ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତରମାନେ ହେଲେ ବିଜୟ ପ୍ରଧାନ ଓ ଅରୁଣ ମହାନ୍ତ। ଅନ୍ୟଜଣଙ୍କ ପରିଚୟ ମିଳିନାହିଁ।

## ଅଙ୍ଗନୱାଡ଼ି ସହାୟିକାଙ୍କ ସନ୍ଦେହଜନକ ମୃତ୍ୟୁ

ରେଢାଖୋଲ, ୯।୭(ଅଚ୍ୟୁତାନନ୍ଦ ପୁରୋହିତ)

**ପାରିବାରିକ କଳହ ସନ୍ଦେହ, ସ୍ୱାମୀଙ୍କୁ ପୋଲିସର ପଚରାଉଚରା**

ସମ୍ବଲପୁର ଜିଲା ରେଢାଖୋଲ ଥାନା ତ୍ରିବଣପୁର ପଞ୍ଚାୟତ ଚୁବକାଦାଦର ଗ୍ରାମର ଅଙ୍ଗନୱାଡ଼ି ସହାୟିକା ଯଜ୍ଞେଶ୍ୱରୀ ପାତ୍ର(୩୦)ଙ୍କ ମଙ୍ଗଳବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ମୃତଦେହ ଘର ବାଡିପଟେ ଥିବା ଏକ ମହୁଲ ଗଛରୁ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଛି। ବୁଧବାର ମୃତାଙ୍କ ଭାଇ ଚିତ୍ରସେନ ପାତ୍ର ତାଙ୍କ ଭଉଣୀଙ୍କୁ ଯୌତୁକଜନିତ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ନେଇ ରେଢାଖୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ଦଫା ୮୫/୮୦(୨) ବିଏନ୍‌ଏସ୍‌ରେ ଏକ ମାମଲା(ନଂ. ୧୬୧/୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ଯଜ୍ଞେଶ୍ୱରୀଙ୍କ ସ୍ୱାମୀ ବୀରେନ ନାଏକଙ୍କୁ ଥାନାରେ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚରା କରୁଛି। ଘଟଣାର ତଦନ୍ତ ଚାଲିଛି, ତଦନ୍ତ ପରେ ମୃତ୍ୟୁର ପକ୍ରୃତ ତଥ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ଚନ୍ଦ୍ରମୋହନ ସିଂ କହିଛନ୍ତି।

ସୂଚନାଯୋଗ୍ୟ, ୭ବର୍ଷ ତଳେ ବୌଦ୍ଧ ଜିଲା ରାୟପୁର ଗ୍ରାମରେ ବୀରେନ ବିବାହ କରିଥିଲେ। ତାଙ୍କର ୫ବର୍ଷ ଓ ୩ ବର୍ଷର ୨ଟି ପୁଅ ଅଛନ୍ତି। ଯଜ୍ଞେଶ୍ୱରୀ ଚୁବୁକାଦାଦର ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ଭାବେ କାର୍ଯ୍ୟ କରୁଥିଲେ।

## ଗାଡ଼ି ଧକ୍କାରେ ୪ ଗୋରୁ ମୃତ

ଲଇକେରା, ୯।୭(ରଞ୍ଜନ କୁମାର ମେହେର)

ଲଇକେରା ବ୍ଲକ ମୁଖ୍ୟରାସ୍ତାର ଓଡ଼ିଆପାଲିଠାରେ ବୁଧବାର ପୂର୍ବାହ୍ନରେ ଗାଡ଼ି ଧକ୍କାରେ ୪ ଗୋରୁଙ୍କ ମୃତ୍ୟୁ ଘଟିଛି। ମାଲିକମାନେ ଗୋରୁଙ୍କୁ ଗୁହାଳରେ ନ ରଖି ବାହାରକୁ ଛାଡ଼ି ଦେଉଛନ୍ତି। ଫଳରେ ଗୋରୁପଲ ମୁଖ୍ୟରାସ୍ତାକୁ ଚାଲିଆସୁଛନ୍ତି। ସେଥିମଧ୍ୟରୁ ୪ଟି ଗୋରୁ ରାସ୍ତାରେ ଛିଡ଼ା ହୋଇଥିବାବେଳେ ଏକ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଫଳରେ ୪ ଗୋରୁଙ୍କ ମୃତ୍ୟୁ ଘଟିଛି।

# ବିଭିନ୍ନ ସଙ୍ଗଠନ ପକ୍ଷରୁ ଧର୍ମଘଟ



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଧର୍ମଘଟ କରାଯାଉଛି।

ଝାରସୁଗୁଡ଼ା, ୯।୭(ଆଶିଷ ରଞ୍ଜନ ଦାଶ)

ବିଭିନ୍ନ ଦାବି ନେଇ ଝାରସୁଗୁଡ଼ା ଜିଲାରେ ଅନେକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବହୁ କମ୍ପାନୀ ଏବଂ ଏଲ୍‌ଆଇସି ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। କିର୍ମିରା ବ୍ଲକ ଅଞ୍ଚଳରେ ଥିବା ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ସମ୍ମୁଖରେ ଡ୍ରାଇଭର ସଂଘ ଧାରଣା ଦେଇ ପେଟ୍ରୋଲିୟମ ପରିବହନକୁ ବନ୍ଦ ରଖିଥିଲେ। ଏନେଇ ଡ୍ରାଇଭର ସଂଘ ସଭାପତି ଅଜିତ ଶବର କହିଛନ୍ତି, କେନ୍ଦ୍ର ସରକାର ଡ୍ରାଇଭରଙ୍କ ପ୍ରତି ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଡ୍ରାଇଭରଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୨୦ ଲକ୍ଷ ଟଙ୍କାର ବୀମା ଓ ସୁରକ୍ଷା ଦାବିରେ ଏହି ଧର୍ମଘଟକୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରୁଛୁ। ସେହିପରି ଝାରସୁଗୁଡ଼ା ବୀମା କର୍ମଚାରୀ ସଂଘ ଏବଂ ଓଡ଼ିଶା ଏଲ୍‌ଆଇସି ପେନ୍‌ସନର୍ସ ସଂଘ ଏଲ୍‌ଆଇସି କାର୍ଯ୍ୟାଳୟ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲା। ସେହିପରି ବିଭିନ୍ନ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଧର୍ମଘଟ କରାଯାଇଥିଲା। ଜିଲା ପେନ୍‌ସନର୍ସ ସଂଘ ସଭାପତି ଜଗଦେଶ୍ୱର ନାୟକଙ୍କ ସଭାପତିତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ସଭାରେ ଅରୁଣ ଚଇନି, ବେଦବ୍ୟାସ ଭୋଇ ଓ କୃପାସିନ୍ଧୁ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବୀମା କ୍ଷେତ୍ରରେ ୧୦୦% ପ୍ରତ୍ୟକ୍ଷ ପୁଞ୍ଜି ନିବେଶକୁ ବିରୋଧ, ବ୍ୟାଙ୍କ ଓ ବୀମା କ୍ଷେତ୍ରରେ ନିଯୁକ୍ତି ଦାବି, ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା, ପୁରୁଣା ପେନ୍‌ସନ୍ ସ୍କିମ୍ ଲାଗୁ କରିବା, ରାଷ୍ଟ୍ରୀୟ ଉଦ୍ୟୋଗର ଘରୋଇକରଣ ବନ୍ଦ ସହ ବିଭିନ୍ନ ଦାବି ନେଇ ଏହି ଧର୍ମଘଟ କରାଯାଇଛି। ଏଆଇଟିୟୁସିରୁ ସମ୍ପାଦକ ସାରଙ୍ଗ ମିଶ୍ର, ଏଚ୍‌ଏମ୍‌ଏସ୍‌ର ତ୍ରିନାଥ ଗୋଏଲ, ଏଆଇଆଇପିଏର ରତ୍ନାକର ପ୍ରଧାନ ପ୍ରମୁଖ ଉପରୋକ୍ତ ଦାବିପୂରଣ ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା

ଦେବଗଡ଼, ୯।୭(ଶଶାଙ୍କ ଶେଖର ଝାଙ୍କର)

ଲଗାଣ ବର୍ଷା ଯୋଗୁ ବୁଧବାର ବାରକୋଟ ବ୍ଲକ ଦନ୍ତାରିବାହାଲ ପଞ୍ଚାୟତ ଗଣ୍ଡସାହିର ବନମାଳୀ ନାୟକଙ୍କ ଘର ଭାଙ୍ଗିଯାଇଛି। ଦେବଗଡ଼ ଜିଲାରେ ଗତ ୨୬ ତାରିଖରୁ ବର୍ଷା ଲାଗିରହିଛି। ବର୍ଷାପାଣିରେ ଭିଜି ବନମାଳୀଙ୍କ ଘରର ମାଟିକାନ୍ଥ ଦୁର୍ବଳ ହୋଇ ପଡିଥିଲା। ସକାଳ ପ୍ରାୟ ୫ଟାରେ ହଠାତ୍ ତାହା ଭାଙ୍ଗିପଡିଥିଲା। ତେବେ ବନମାଳୀ ଏବଂ ତାଙ୍କ ପରିବାରର ଅନ୍ୟ ସମସ୍ତ ସଦସ୍ୟ ଘର ବାହାରେ ଥିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

## ସମବାୟ ବିଭାଗର ଜିଲାସ୍ତରୀୟ କର୍ମଶାଳା


ଜିଲାସ୍ତରୀୟ କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

ଝାରସୁଗୁଡ଼ା, ୯।୭(ଆଶିଷ ରଞ୍ଜନ ଦାଶ)

ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ଅବସରରେ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବୁଧବାର ପୂର୍ବାହ୍ନରେ ସମବାୟ ବିଭାଗ ଦ୍ୱାରା ଜିଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନାବାର୍ଡ ଡିଡିଏମ୍ ତାପସ ବେହେରା, ସମ୍ମାନିତ ଅତିଥି ଭାବେ ଉପନିବନ୍ଧକ ମମତା କୁଜୁର ଏବଂ ସହକାରୀ ନିବନ୍ଧକ ରମେଶ ଚନ୍ଦ୍ର ଟପ୍ପୋ ଯୋଗଦେଇଥିଲେ। ଏହି କର୍ମଶାଳାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, କୃଷି ମିଆଦି ଋଣ ଓ ଜୈବିକ ତଥା ରାସାୟନିକ ସାର ବଣ୍ଟନ ଉପରେ ଆଲୋକପାତ କରାଯାଇଥିଲା। ଏଥିରେ ସହକାରୀ ନିବନ୍ଧକ, କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ, ବିଭିନ୍ନ କମ୍ପାନୀର ସେଲ୍ସ ମ୍ୟାନେଜର ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ସମବାୟ ସମିତି ସମ୍ପାଦକ, ପରିଚାଳନା ପରିଷଦ ସଭ୍ୟ ଓ ସମବାୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ପୂର୍ବତନ ଫୁଟ୍‌ବଲ ଖେଳାଳିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଦେବଗଡ଼, ୯।୭(ଶଶାଙ୍କ ଶେଖର ଝାଙ୍କର)

ପୂର୍ବତନ ଫୁଟ୍‌ବଲ ଖେଳାଳି ସୁଜୟ କୁମାର ବେହେରାଙ୍କର ଗତ ୨୯ ତାରିଖରେ ପରଲୋକ ହୋଇଯାଇଛି। ଏହି ଅବସରରେ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ବୁଧବାର ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସଭାପତି ଭୁବନେଶ୍ୱର ପ୍ରଧାନ, ସତ୍ୟ ନାରାୟଣ ମିଶ୍ର, ସହସମ୍ପାଦକ ପ୍ରଦୀପ କୁମାର ଅମାନ୍ତ, ପ୍ରଦୀପ ବେହେରା, ସୁବାସ ଚନ୍ଦ୍ର ଭୋଇ, ଡିଲେଶ୍ୱର ପ୍ରଧାନ, ଡିଲେଶ୍ୱର ସ୍ୱାଇଁ, କିଶୋର ରାଏ ଓ ପ୍ରଭାତ କୁମାର ପ୍ରଧାନଙ୍କ ସମେତ ବହୁ ସଦସ୍ୟ, କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଯୋଗଦେଇ ବେହେରାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ସାଗରପାଲି ଗ୍ରାମବାସୀଙ୍କ ସମସ୍ୟା ସମାଧାନ କରାଯାଉ

ଲଖନପୁର, ୯।୭(ଗୌତମ ସାହୁ)

**ରାଜସ୍ୱ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ବରଗଡ଼ ଏମ୍‌ପି**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଭଇଁରଖୋଲ ପଞ୍ଚାୟତ ଅନ୍ତର୍ଗତ ସାଗରପାଲି ଗ୍ରାମବାସୀଙ୍କ ସମସ୍ୟା ସମାଧାନ ପାଇଁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ବୁଧବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନିକଟକୁ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ ରହିଛି, ସାଗରପାଲି ଗ୍ରାମ ହୀରାକୁଦ ନଦୀବନ୍ଧ ଯୋଜନା ଦ୍ୱାରା ସମ୍ପୂର୍ଣ୍ଣ ବିସ୍ଥାପିତ ହୋଇଛି। ୧୯୫୬ରେ ଏହି ଗ୍ରାମ ବିସ୍ଥାପିତ ହେଲାପରେ ଗ୍ରାମବାସୀ ଉପର ମୁଣ୍ଡକୁ ଆସି ବସତି ସ୍ଥାପନ କରିଛନ୍ତି। ହେଲେ ଏପର୍ଯ୍ୟନ୍ତ ଗ୍ରାମବାସୀଙ୍କୁ କ୍ଷତିପୂରଣ ପ୍ରଦାନ କରି ଥଇଥାନ କରାଯାଇନାହିଁ। ଏପରି କି ହୀରାକୁଦ ବିସ୍ଥାପିତଙ୍କୁ ଦିଆଯାଉଥିବା ୧୦ ଡିସିମିଲ ଜମି ସାଗରପାଲି ଗ୍ରାମବାସୀ ପାଇନାହାନ୍ତି। ତେଣୁ ଉକ୍ତ ଗ୍ରାମବାସୀଙ୍କ ସମସ୍ତ ସମସ୍ୟାକୁ ଅନୁଧ୍ୟାନ କରି ସମାଧାନ ଦିଗରେ ପଦକ୍ଷେପ ନିଆଯାଉ ବୋଲି ଚିଠିରେ ଉଲ୍ଲେଖ ରହିଛି।

## ଏବିଭିପିର ପ୍ରତିଷ୍ଠା ଦିବସ

ଝାରସୁଗୁଡ଼ା, ୯।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବିଭାଗର (ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ରାଉରକେଲା) ବିଭାଗ ସଂଯୋଜକ ତଥା ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ସାମାଜିକ ଗଣମାଧ୍ୟମ ସଂଯୋଜକ ଗୋପାଳ ନାଏକ ଯୋଗଦେଇ ବିଦ୍ୟାର୍ଥୀ ପରିଷଦର ଆରମ୍ଭ, ୩ ମୂଳମନ୍ତ୍ରର ଲକ୍ଷ୍ୟ, ଆଦର୍ଶ ଓ କାର୍ଯ୍ୟପଦ୍ଧତି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବିଭାଗର ଛାତ୍ରୀ ପ୍ରମୁଖ ଦିଶା ଜୈନ, ଦେବଗଡ଼ ଜିଲା ପୂର୍ବତନ ଜିଲା ସଂଯୋଜକ ଦିନେଶ କୁମାର ନାଏକ, ଝାରସୁଗୁଡ଼ା ଜିଲା ସଂଯୋଜକ ଚିନ୍ମୟ ବେହେରା, ସହସଂଯୋଜକ ରାହୁଲ କେଡିଆ, ଗଣେଶ କୁମାର ସାହୁ, ପ୍ରତୀକ ପ୍ରସାଦ, ମାଧବ ଶର୍ମା, ରଶିନ ବଡା, ଘନଶ୍ୟାମ ପଟ୍ଟନାୟକ, ବିନୟ ଓରାମ, ସିବୁ ସାହୁ, ମୁକେଶ ବରାଲ, ବୁଦ୍ଧଦେବ ଭୈଷାଳ, ବିନୟ ରାଣା, ହରିପ୍ରିୟା ରୋହିଦାସ, ଗାୟତ୍ରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଦେବଗଡ଼, ୯।୭(ଶଶାଙ୍କ ଶେଖର ଝାଙ୍କର)

**ବଳାତ୍କାର ମାମଲା**

ଏକ ବଳାତ୍କାର ମାମଲାର ବିଚାର କରି ଅତିରିକ୍ତ ଜିଲା ଓ ଦୌରାଜଜ୍ ଉପଯୁକ୍ତ ପ୍ରମାଣ ଅଭାବରୁ ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ବାରକୋଟ ଥାନା ଅଞ୍ଚଳର ଜଣେ ମହିଳା ୨୦୨୪ ଅକ୍ଟୋବର ୪ ତାରିଖ ରାତିରେ ପରିସ୍ରା କରିବାକୁ ଉଠିଥିବାବେଳେ ଅଭିଯୁକ୍ତ ମହୁପାଳ ଗ୍ରାମର କୈଳାସ ଚନ୍ଦ୍ର ଭୋଇ ତାଙ୍କୁ ବୁଦାମୂଳକୁ ଟେକିନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ କୈଳାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିଦିନଠାରୁ ସେ ବିଚାରାଧୀନ ବନ୍ଦୀ ଭାବେ ଦେବଗଡ଼ ସ୍ୱତନ୍ତ୍ର ଉପକାରାଗାରରେ ରହୁଥିଲେ। ଏହି ମାମଲା ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିବାବେଳେ ସାକ୍ଷୀମାନଙ୍କ ବୟାନ ଓ ଉଭୟ ପକ୍ଷର ଓକିଲଙ୍କ ଜବାବ ସୁଆଲକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ଅଭାବରୁ ଅଦାଲତ କୈଳାସଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ଦିଲୀପ କୁମାର ଗୁରୁ, ସିଦ୍ଧେଶ୍ୱର ଗୁରୁ ଓ ବିଜ୍ଞାବିନମ୍ରତା ଦ୍ୱିବେଦୀ ପରିଚାଳନା କରୁଥିଲେ।

# ଜୁଲାଇ ସୁଦ୍ଧା ଚାରାରୋପଣ ଦିଗରେ ଲକ୍ଷ୍ୟଧାର୍ଯ୍ୟ ପୂରଣ ପାଇଁ ନିର୍ଦ୍ଦେଶ


ବୈଠକରେ ଜିଲାପାଳ ଆବୋଲୀ ସୁନିଲ ନରୱାଣେ ଓ ଅନ୍ୟମାନେ।

ଝାରସୁଗୁଡ଼ା, ୯।୭ (ଆଶିଷ ରଞ୍ଜନ ଦାଶ)

ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ବୁଧବାର ଅପରାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଆବୋଲୀ ସୁନିଲ ନରୱାଣେ ଅଧ୍ୟକ୍ଷତା କରି ଚାରାରୋପଣ ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଦିଆଯାଇଥିବା ଲକ୍ଷ୍ୟ ଧାର୍ଯ୍ୟ ଚଳିତ ମାସ ଶେଷସୁଦ୍ଧା ପୂରଣ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଚାରାରୋପଣ ପାଇଁ ସ୍ଥିର କରାଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତ୍ରୀ, ସ୍ଥାନୀୟ ବିଧାୟକ, ଜିଲାପାଳ, ଆଞ୍ଚଳିକ ବନଖଣ୍ଡ ଅଧିକାରୀ, ଜିଲା ପରିବେଶ ସମିତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାରଙ୍କୁ ସୂଚିତ କରିବାକୁ ପରାମର୍ଶ ଦେଇଛନ୍ତି। ସ୍ଥାନୀୟ ଲୋକଙ୍କ ସହଯୋଗରେ ଚାରାର ଯତ୍ନ ନେବା ଓ ଦୀର୍ଘମିଆଦୀ ଭିତ୍ତିରେ ଏସବୁକୁ ବଞ୍ଚେଇ ରଖିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଜିଲା ପରିବେଶ ସମିତି ଦ୍ୱାରା ଆସନ୍ତା ଅଗଷ୍ଟ ମଧ୍ୟରେ ଚାରାରୋପଣ ସମ୍ପର୍କରେ ତଦାରଖ କରାଯିବ। ଜିଲା ପରିବେଶ ସମିତି ଦ୍ୱାରା ଆହୂତ ବୈଠକରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଯୋଗଦେଇ ଚାରାରୋପଣ ଦିଗରେ ଆନୁଷଙ୍ଗିକ ପଦକ୍ଷେପ ନେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲାର ୩ ପୌରପରିଷଦ ଅଞ୍ଚଳରେ ଯଥେଷ୍ଟ ସଂଖ୍ୟକ ଚାରାରୋପଣ ଦିଗରେ ପଦକ୍ଷେପ ନେବାକୁ ପୌରପାଳିକା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଆଞ୍ଚଳିକ ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ, ଆଇଏଏସ୍ ଅଧିକାରୀ (ପ୍ରୋବେଶନର) ପ୍ରଜ୍ଞାନନ୍ଦ ଗିରି, ତଦାରଖ କମିଟି ଅଧ୍ୟକ୍ଷ ପ୍ରହ୍ଲାଦ ନାଏକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ପ୍ରତିଯୋଗିତା: କୃତୀ ପ୍ରତିଯୋଗୀ ପୁରସ୍କୃତ

ଦେବଗଡ଼, ୯।୭(ଶଶାଙ୍କ ଶେଖର ଝାଙ୍କର)

ଆସନ୍ତା ୨୫ରେ ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳନ ହେବ। ଏହି ଉପଲକ୍ଷେ ଦେବଗଡ଼ ଜିଲା ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ଏଥିରେ ବିଚାରକ ଭାବେ ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. ରାମଚନ୍ଦ୍ର ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ଭାରତ ଭୂଷଣ ନନ୍ଦ, ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଜିଲା ସଂସ୍କୃତି ପରିଷଦ ସଦସ୍ୟା ସୁମିତ୍ରା ପୁରୋହିତ ଦାୟିତ୍ୱ ନିର୍ବାହ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଦେବଗଡ଼ ଜବାହାର ନବୋଦୟ ବିଦ୍ୟାଳୟର ଆୟୁଷ୍ମାନ୍ ଶତପଥୀ ପ୍ରଥମ, ଆଦ୍ୟାଶା ବେହେରା ଦ୍ୱିତୀୟ, ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟର ଶିବମ ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଅପୂର୍ବା ଅପରୂପା ସାହୁ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କ୍ରିତିକା କିରଣ ସାମଲ ଦ୍ୱିତୀୟ, କେନ୍ଦ୍ରୀୟ ବିଦ୍ୟାଳୟର ଦେବସ୍ମିତା ପ୍ରଧାନ ତୃତୀୟ ହୋଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଚିନ୍ମୟ ବିଦ୍ୟାଳୟର ଲୁରୁବି ଗଡ଼ନାୟକ ପ୍ରଥମ, ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉଷଶ୍ରୀ ନାୟକ ଦ୍ୱିତୀୟ, ଅନ୍ୱେଷା ସାହୁ ତୃତୀୟ ହୋଇଥିବାବେଳେ ବରିଷ୍ଠ ବର୍ଗରେ ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୁଚିସ୍ମିତା ଆଚାର୍ଯ୍ୟ ପ୍ରଥମ, ଜବାହାର ନବୋଦୟ ବିଦ୍ୟାଳୟର ସଙ୍କେତ ଶାଶ୍ୱତ ନାଏକ ଦ୍ୱିତୀୟ, ଭାଗ୍ୟଶ୍ରୀ ମାଝୀ ତୃତୀୟ ସ୍ଥାନ ଅଧିକାରୀ କରିଥିଲେ। କବିତା ଆବୃତ୍ତି ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟର ସମ୍ପଦ ଶାଶ୍ୱତ ପ୍ରଧାନ ପ୍ରଥମ, ସ୍ୱାଗତିକା ପ୍ରଧାନ ଦ୍ୱିତୀୟ, ମନ୍ଦାକିନୀ ବାଳିକା ଉନ୍ନୀତ ବିଦ୍ୟାଳୟର ସ୍ନିଗ୍ଧାରାଣୀ ପାତ୍ର ତୃତୀୟ ହୋଇଥିବାବେଳେ ବରିଷ୍ଠ ବର୍ଗରେ ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟର ନୀହାରିକା ବାରିକ ପ୍ରଥମ, ଶୁଭଶ୍ରୀ ପ୍ରଗଣିଆ ଦ୍ୱିତୀୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶୁଭଶ୍ରୀ ଖଡ଼ିଆ ତୃତୀୟ ହୋଇଥିଲେ। ସେହିପରି ସାଧାରଣ ଜ୍ଞାନ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଦେବଗଡ଼ ଜବାହାର ନବୋଦୟ ବିଦ୍ୟାଳୟର ଅଂଶୁମାନ୍ ପ୍ରଧାନ ପ୍ରଥମ, କୋଏଲ ବୁଢ଼ା ଦ୍ୱିତୀୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶ୍ରେୟାଂଶୀ ସାହୁ ତୃତୀୟ ହୋଇଥିବାବେଳେ ବରିଷ୍ଠ ବର୍ଗରେ ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟର ଆଲିସା ଭଇଁସା ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଭିନ୍ନ ମିଶ୍ର ଦ୍ୱିତୀୟ, ସ୍ୱସ୍ତିକା ବିଶ୍ୱାଳ ଓ ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟର ମୁକ୍ତେଶ୍ୱର ପ୍ରଧାନ ୩ୟ ସ୍ଥାନ ଅଧିକାର କରିଥିଲେ। ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୦/୨୦୨୫ Bhubaneswar, Thursday, July 10/ 2025

# ସ୍ୱିଟେକ-ବେଙ୍କିକ୍ ସେମିଫାଇନାଲ





କ୍ୱାର୍ଟର ଫାଇନାଲ ମ୍ୟାଚ ଜିତିବାପରେ ବେଲିଣ୍ଡା ବେଙ୍କିକ୍ ଓ ଇଗା ସ୍ୱିଟେକ।

**ଲଣ୍ଡନ, ୯।୭**

ପୋଲାଣ୍ଡର ଇଗା ସ୍ୱିଟେକ ଓ ସ୍ୱିଜେନର ବେଲିଣ୍ଡା ବେଙ୍କିକ୍ ଚଳିତ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସ୍ୱିଟେକ ରୁଷିଆର ଲୁଡମିଲା ସାମ୍ସୋନୋଭାଙ୍କୁ ୬-୨, ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି। ଦ୍ୱିତୀୟ ସେଟ୍‌ରେ ସାମ୍ସୋନୋଭା ଟକ୍କର ଦେଇଥିଲେ ମଧ୍ୟ ସ୍ୱିଟେକ ନିଜ ଅଭିଜ୍ଞତାର ଉପଯୋଗ କରି ବିଜୟ ହାସଲ କରିଥିଲେ। ପୂର୍ବତନ ନମ୍ବରୱାନ ଖେଳାଳି ସ୍ୱିଟେକ ୪ ଥର ଫ୍ରେଞ୍ଚ ଓପନ ଏବଂ ଥରେ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଜିତିଥିଲେ ହେଁ କେବେ ୱିମ୍ବଲଡନ ଟ୍ରଫି ହାସଲ କରିପାରି ନାହାନ୍ତି। ଚଳିତ ବର୍ଷ ସେମିଫାଇନାଲ ପ୍ରବେଶ ୱିମ୍ବଲଡନରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ପୂର୍ବରୁ ସେ ୨୦୨୩ରେ ସର୍ବାଧିକ କ୍ୱାର୍ଟର ଫାଇନାଲ ଖେଳି ବିଦାୟ ନେଇଥିଲେ। ଏବେ ସେ

**ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ**

୮ମ ସିଡ୍‌ଭାବେ ୱିମ୍ବଲଡନ ଖେଳୁଛନ୍ତି। ସେହିପରି ବେଙ୍କିକ୍ ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ରୁଷିଆର ମୀରା ଆନ୍ଦ୍ରିଭାଙ୍କୁ ୭-୬(୭/୩) ଓ ୭-୬(୭/୨) ସେଟ୍‌ରେ ହରାଇ ଆଗକୁ ବଢ଼ିଛନ୍ତି। ଆନ୍ଦ୍ରିଭା ଉଭୟ ସେଟ୍‌ରେ କଡ଼ା ଚ୍ୟାଲେଞ୍ଜ ଦେଇ ନିଜପାଇଁ ସମ୍ଭାବନା ସୃଷ୍ଟି କରିଥିଲେ। ମାତ୍ର ଟାଇବ୍ରେକରେ ବେଙ୍କିକ୍ ବାଜି ମାରିଥିଲେ। ସ୍ୱିଟେକଙ୍କ ପରି ବେଙ୍କିକ୍ ମଧ୍ୟ ପ୍ରଥମଥରପାଇଁ ୱିମ୍ବଲଡନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଉଭୟଙ୍କ ମଧ୍ୟରେ ସେମିଫାଇନାଲ ଗୁରୁବାର ଅନୁଷ୍ଠିତ ହେବ।

# ଅଗଷ୍ଟ ୨୯ରୁ ପ୍ରୋ କବାଡ଼ି ଲିଗ୍-୧୨

**ମୁମ୍ବାଇ, ୯।୭ (ପି.ଟି.):** ପ୍ରୋ କବାଡ଼ି ଲିଗ୍(ପିକେଏଲ୍)ର ୧୨ଶ ସିଜନ ଆସନ୍ତା ଅଗଷ୍ଟ ୨୯ରୁ ଆରମ୍ଭ ହେବ। ଏ ନେଇ ଆୟୋଜକମାନେ ବୁଧବାର ଘୋଷଣା କରିଛନ୍ତି। ପ୍ରଥମ ଥର ପାଇଁ ଗତବର୍ଷ ଚାମ୍ପିୟନ ହୋଇଥିବା ହରିୟାଣା ଷ୍ଟିଲର୍ସ ତା'ର ଟାଇଟଲ ଡିଫେଣ୍ଡ କରିବ। ନିକଟରେ ଶେଷ ହୋଇଥିବା ଅକ୍ସନରେ ସମସ୍ତ ୧୨ ଫ୍ରାଞ୍ଚାଇଜ୍ ସେମାନଙ୍କ ଦଳକୁ ସଶକ୍ତ କରିଛନ୍ତି। ଏଣୁ ଆଗାମୀ ସିଜନରେ ଅପ୍ରତ୍ୟାଶିତ ପ୍ରତିଦ୍ୱନ୍ଦ୍ୱିତା ଓ ଏଣ୍ଟରଟେନ୍‌ମେଣ୍ଟ ଦେଖିବାକୁ ମିଳିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ତେବେ ଭେନ୍ୟୁ ଓ ଅନ୍ୟାନ୍ୟ ତଥ୍ୟ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ୧୨ଶ ସିଜନ ଲାଗି ଗତ ମେ' ୩୧ ଓ ଜୁନ୍ ୧ରେ ମୁମ୍ବାଇରେ ଏହାର ଅକ୍ସନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦ ଖେଳାଳି ୧ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟରେ ବିକ୍ରି ହୋଇଥିଲେ।




# ଜାତୀୟ ଜୁନିୟର ରଗ୍‌ବୀ: ଓଡ଼ିଶାକୁ ରୌପ୍ୟ



ରୌପ୍ୟ ପଦକ ବିଜୟୀ ଓଡ଼ିଶା ମହିଳା ରଗ୍‌ବୀ ଦଳ।

**ଭୁବନେଶ୍ୱର, ୯।୭(ତପନ ସ୍ୱାଇଁ)**

ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ ଜୁନିୟର ମହିଳା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ରନରଅପ୍ ହୋଇ ରୌପ୍ୟ ପଦକ ଲାଭ କରିଛି। ସେମିଫାଇନାଲ ପର୍ଯ୍ୟନ୍ତ ଓଡ଼ିଶା ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାରକରି ଖେଳିଥିଲା। ଅଧିକାଂଶ ମ୍ୟାଚ୍‌ରେ ପ୍ରତିପକ୍ଷ ଦଳକୁ ସ୍କୋରିଂ ସୁଯୋଗ ଦେଇ ନ ଥିଲା। ମାତ୍ର ବୁଧବାର ଅନୁଷ୍ଠିତ ଫାଇନାଲରେ ବିହାରଠାରୁ ୫-୧୪ରେ ହାରିଯାଇଛି। ଓଡ଼ିଶା ଖେଳାଳିମାନେ ଚ୍ୟାଲେଞ୍ଜ ଦେଇଥିଲେ ମଧ୍ୟ ବିହାର ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥିଲା। ପ୍ରତିଯୋଗିତାର ଗତ ସଂସ୍କରଣରେ ମଧ୍ୟ ମହିଳା ଦଳ ରୌପ୍ୟ ପଦକ ହାସଲ କରିଥିଲା। ଏଥର ତାହାକୁ ସ୍ୱର୍ଣ୍ଣରେ ପରିଣତ କରିବାର ଅଭିଳାଷ ପୂରଣ ହୋଇପାରିନାହିଁ। ପୂର୍ବରୁ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୩୨-୦ରେ କେରଳକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ମନୀଷା ମାଝି, ଅନିତା ମୁର୍ମୁ, ବାସି ଓରାମ୍, ସନ୍ଧ୍ୟାରାଣୀ ବିଶ୍ୱାଳ ଓ ପମା ମୁର୍ମୁ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ପରେ ସେମିଫାଇନାଲରେ ମହାରାଷ୍ଟ୍ରକୁ ୩୪-୦ରେ ପରାସ୍ତକରି ଫାଇନାଲରେ ପହଞ୍ଚିଥିଲା। ପ୍ରକାଶଯୋଗ୍ୟ, ପୁଲ୍ ପର୍ଯ୍ୟାୟରେ ମଣିପୁରକୁ ୫୩-୦ ଓ ଉତ୍ତର ପ୍ରଦେଶକୁ ୩୮-୫ରେ ହରାଇ ଓଡ଼ିଶା ଗ୍ରୁପ୍ ଟପ୍ପର ହୋଇଥିଲା। ପରେ ପ୍ରି-କ୍ୱାର୍ଟର ଫାଇନାଲରେ ଉତ୍ତରାଖଣ୍ଡକୁ ୪୫-୦ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

# ଫଗନିନିଙ୍କ ଅବସର ଘୋଷଣା

**ଲଣ୍ଡନ,୯।୭(ଏପି)**



ଫାବିଓ ଫଗନିନି

ପୂର୍ବତନ ଟପ୍-୧୦ ସିଙ୍ଗଲ୍ସ ଖେଳାଳି ଫାବିଓ ଫଗନିନି ୱିମ୍ବଲଡନ୍‌ରେ ବୁଧବାର ପ୍ରଫେସନାଲ ଟେନିସ୍‌ରୁ ଅବସର ଘୋଷଣା କରିଛନ୍ତି। ସେ ଗତ ସପ୍ତାହରେ ୱିମ୍ବଲଡନ୍‌ର ପ୍ରଥମ ରାଉଣ୍ଡରେ କାର୍ଲୋସ ଅଲ୍‌କାରାଜ୍‌ଙ୍କଠାରୁ ପରାଜିତ ହୋଇଥିଲେ। ଟୁର୍ ସ୍ତରରେ ଏହା ଫଗନିନିଙ୍କ କ୍ରମାଗତ ୧୦ମ ପରାଜୟ ଥିଲା। ଚଳିତ ବର୍ଷ ସେ ଲଗାତର ସପ୍ତମ ଥର ପାଇଁ କୌଣସି ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିଲେ। ପୂର୍ବରୁ ସେ ଚଳିତ ସିଜନ ଶେଷରେ ଅବସର ନେବେ ବୋଲି ଘୋଷଣା କରିଥିଲେ। କିନ୍ତୁ ବୁଧବାର ଅଲ୍ ଇଂଲଣ୍ଡ କ୍ଲବରେ ଏକ ଖବରଦାତା ସମ୍ମିଳନୀ ଡକାଇ ତାଙ୍କ ଅବସର ନେଇ ଘୋଷଣା କରିଛନ୍ତି।

'ବିଦାୟ ଜଣାଇବା ପାଇଁ ଏହା ହିଁ ଶ୍ରେଷ୍ଠ ମାଧ୍ୟମ' ବୋଲି ଫଗନିନି କହିଥିଲେ। ଚଳିତ ୱିମ୍ବଲଡନ ଚାମ୍ପିୟନଶିପ୍ ତାଙ୍କ କ୍ୟାରିୟରର ୬୩ତମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଥିଲା। ସେ ୨୦୧୧ ଫ୍ରେଞ୍ଚ ଓପନ୍‌ରେ କ୍ୱାର୍ଟର ଫାଇନାଲ ଖେଳିଥିଲେ, ଯାହା ଥିଲା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସଫଳତା। ସେହି ମ୍ୟାଚ୍‌ରେ ସେ ଇଞ୍ଜୁରି କାରଣରୁ ଖେଳି ନ ଥିଲେ। ଫଗନିନି ହେଉଛନ୍ତି ୨୦୧୫ ୟୁଏସ୍ ଓପନ୍ ଚାମ୍ପିୟନ ଫ୍ଲାଭିଆ ପେନେଟାଙ୍କ ସ୍ୱାମୀ। ସେ କ୍ୟାରିୟରର ୯ଟି ସିଙ୍ଗଲ୍ସ ଟାଇଟଲ ଜିତିଥିଲେ। ୨୦୧୯ରେ ସେ ମଣ୍ଟେ କାର୍ଲୋ ଜିତିଥିଲେ, ଯାହାକି ତାଙ୍କର ଅନ୍ତିମ ଟ୍ରଫି ଥିଲା। ଗତବର୍ଷ ସେ ନଂ.୯ ସ୍ଥାନ ହାସଲ କରିଥିଲେ।

# ଭାରତ ଏ' ୬-୧ ଗୋଲରେ ଜିତିଲା

**ଆମଷ୍ଟରଡାମ,୯।୭(ପି.ଟି.):** ଭାରତ ଏ' ପୁରୁଷ ହକି ଦଳ ବୁଧବାର ଏକ ବୃହତ୍ ବିଜୟ ସହ ତା'ର ୟୁରୋପିଆନ ଟୁର୍ ଆରମ୍ଭ କରିଛି। ହକି କ୍ଲବ ଅରେଞ୍ଜ୍-ରୁଡ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଏ' ୬-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଆଦିତ୍ୟ ଲାଲାଗେ ଦୁଇଟି ଗୋଲ୍ କରିଥିବାବେଳେ ଉତ୍ତମ ସିଂ, ଅମନ୍‌ଦୀପ ଲାକ୍ରା, ସେଲଭମ କାର୍ଥି ଓ ବବି ସିଂ ଧାମି ଗୋଟିଏ ଲେଖାଏ ଗୋଲ୍‌ସ୍କୋର କରିଥିଲେ। ମ୍ୟାଚ୍‌ରେ ଭାରତୀୟ ଦଳ ସମସ୍ତ ୪ କ୍ୱାର୍ଟରରେ ପତିଆରା ବିସ୍ତାରକରି ଖେଳିଥିଲା। ଉତ୍ତମଙ୍କ ଗୋଲ ବଳରେ ଦଳ ଖାତା ଖୋଲିଥିବାବେଳେ ଅମନ୍‌ଦୀପଙ୍କ ଗୋଲ ଭାରତର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲା। ଏହାପରେ ଆଦିତ୍ୟ ଲଗାତର ୨ଟି ଗୋଲ କରିଥିଲେ। ତାଙ୍କ ପରେ ସେଲଭମ କାର୍ଥି ଓ ବବି ସିଂ ଧାମି ଗୋଟିଏ ଲେଖାଏ ସ୍କୋର କରିଥିଲେ। ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ପୁଣିଥରେ ଆୟର୍ଲାଣ୍ଡକୁ ଭେଟିବ। ଏହାପରେ ଦଳ ତା'ର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକରେ ଫ୍ରାନ୍ସ, ଇଂଲଣ୍ଡ, ବେଲ୍‌ଜିୟମ ଓ ଆୟୋଜକ ନେଦରଲାଣ୍ଡ୍ସକୁ ମଧ୍ୟ ଭେଟିବ।

# ସର୍ବଭାରତୀୟ ସିନିୟର ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଇନ୍‌ଡୋର ଷ୍ଟାଡିୟମ 'ସଟଲ' ଓ ପୋଖରୀପୁଟସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ୟୁନେକ୍ସ ସନ୍‌ରାଇଜ୍ ସିନିୟର ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ଦିବସରେ ବୁଧବାର ମହିଳା ଓ ପୁରୁଷ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାସୁଦ୍ଧା ମୋଟ ୧୭୦ ଗେମ୍ ସମାପ୍ତ ହୋଇଛି। ଯୋଗ୍ୟତା ପର୍ଯ୍ୟାୟ ପରେ ମୋଟ ୧୧୨ ଖେଳାଳିଙ୍କୁ ନେଇ ମୁଖ୍ୟ ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ। ଓଡିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଏହି ପ୍ରତିଯୋଗିତା ଓସ୍‌ବା ସଭାପତି ରାଜେଶ ପ୍ରଭାକର ପାଟିଲ ଓ ସମ୍ପାଦକ ନିଳିନ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ମୁଖ୍ୟ ରେଫରି ଭାବରେ ବିଡବ୍ଲୁଏଫ ମାନ୍ୟତାପ୍ରାପ୍ତ ସି.ଆର. ରାଜିବ, ଅନ୍ତର୍ଜାତୀୟ ରେଫରି ଗୌରବ ଖାନ୍ନା ଏବଂ ସହଯୋଗୀ ରେଫରି ଭାବରେ ବିଜୟ କୁମାର ବାଗ, ମନୋଜ ସାବତପ୍ରମୁଖ ପ୍ରତିଯୋଗିତା ପରିଚାଳନା କରୁଛନ୍ତି। ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ସିଙ୍ଗଲ୍ସ, ଡ଼ବଲ୍ସ, ମିକ୍ସଡ଼ ଡ଼ବଲ୍ସ ଆଦି ବର୍ଗରେ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତା ଜୁଲାଇ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ବୁଧବାର ଜଣେ ପ୍ରତିଯୋଗୀ ଶଟ୍ ଖେଳୁଛନ୍ତି।

# ଲର୍ଡ୍ସରେ ଅଗ୍ରଣୀ ପାଇଁ ଲଢ଼େଇ

**ଲଣ୍ଡନ,୯।୭(ପି.ଟି.)**

ଗୁରୁବାରଠାରୁ 'ହୋମ୍ ଅଫ୍ ଦ କ୍ରିକେଟ୍' ଭାବେ ପରିଚିତ ଲର୍ଡ୍ସରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ଖେଳାଯିବ। ୫ ମ୍ୟାଚ୍‌ବିଶିଷ୍ଟ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ସିରିଜ୍ ଏବେ ୧-୧ ବରାବର ସ୍ଥିତିରେ ରହିଛି। ଏଣୁ ତୃତୀୟ ଟେଷ୍ଟକୁ ଜିତି ଉଭୟ ଦଳ ସିରିଜ୍‌ରେ ଅଗ୍ରଣୀ ହାସଲ କରିବା ଲକ୍ଷ୍ୟରେ ରହିବେ। ତେବେ ଘରୋଇ ଦଳ ଅପେକ୍ଷା ଭ୍ରମଣକାରୀ ଦଳ ଏବେ ଫାଇଦାରେ ରହିଛି। ଭାରତର ପ୍ରାୟ ସମସ୍ତ ବ୍ୟାଟର ଫର୍ମରେ ଥିବା ବେଳେ ନଂ.୧ ଟେଷ୍ଟ ବୋଲର ଯଶ୍‌ପ୍ରୀତ ବୁମ୍‌ରା ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ଏଥିଯୋଗୁ ଭାରତୀୟ ଦଳ ଖୁବ୍ ଆତ୍ମବିଶ୍ୱାସର ସହ ମ୍ୟାଚ୍‌କୁ ଓହ୍ଲାଇବ।

ଦ୍ୱିତୀୟ ଟେଷ୍ଟରେ ବୁମ୍‌ରାଙ୍କ ଅନୁପସ୍ଥିତିରେ ଭାରତ ୩୩୬ ରନ୍‌ର ବଡ଼ ବ୍ୟବଧାନରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ପ୍ରଥମ ଟେଷ୍ଟରେ ଯଦି ଭାରତୀୟ ଖେଳାଳି କ୍ୟାଚ୍ ଛାଡ଼ି ନ ଥାନ୍ତେ ଓ ଲୋୟର-ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ହୋଇ ନ ଥାନ୍ତା, ତେବେ ଭାରତୀୟ ଦଳ ସିରିଜ୍‌ରେ ୨-୦ରେ ଆଗରେ ରହିଥାନ୍ତା। ରୋହିତ୍ ଶର୍ମା, ବିରାଟ କୋହଲି, ରବିଚନ୍ଦ୍ରନ ଅଶ୍ୱିନଙ୍କ ଭଳି ସିନିୟର ଖେଳାଳିଙ୍କ ଅନୁପସ୍ଥିତିରେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଅନଭିଜ୍ଞ ଦଳ ଇଂଲଣ୍ଡରେ ଭଲ ପ୍ରଦର୍ଶନ କରିପାରିବ ନାହିଁ ବୋଲି ଆଶା କରାଯାଉଥିଲା। ହେଲେ ଏହି ଦଳ ଉଭୟ ଟେଷ୍ଟରେ ପ୍ରାୟତଃ ସେସନରେ ଆଗରେ ରହିଥିଲା। ଏହା ଭାରତୀୟ କ୍ରିକେଟ୍‌ରେ ଥିବା ପ୍ରତିଭା ଓ ଗଭୀରତାକୁ ଦର୍ଶାଉଛି। ଯୁବ ଭାରତୀୟ ବ୍ୟାଟର ଖୁବ୍ ସାରା ରନ୍‌କରି ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ତାଙ୍କର ଷ୍ଟ୍ରାଟେଜି ବଦଳାଇବାକୁ ବାଧ୍ୟ କରିଛନ୍ତି। ଭାରତୀୟ ବ୍ୟାଟରଙ୍କ ଅପୂର୍ବ ସଫଳତା ଯୋଗୁ ଫ୍ଲାଟ୍ ପିଚ୍ ପ୍ରସ୍ତୁତ କରିବା ଆୟୋଜକ ଇଂଲଣ୍ଡ ଲାଗି ମହାଙ୍ଗା ସାବ୍ୟସ୍ତ ହୋଇଛି। ଏଣୁ ଲର୍ଡ୍ସରେ ବୋଲରଙ୍କୁ ଅପେକ୍ଷାକୃତ ଅଧିକ ସିମ୍ ମୁଭ୍‌ମେଣ୍ଟ ଓ ବାଉନ୍ସ ମିଳିବ ବୋଲି ଆଶା କରାଯାଉଛି। କିନ୍ତୁ ପେସରଙ୍କୁ ସୁହାଉଥିବା ପିଚ୍‌ରେ ବୁମ୍‌ରା, ମହମ୍ମଦ ସିରାଜ ଓ ଆକାଶ ଦୀପଙ୍କୁ ନେଇ ଗଠିତ ପେସ୍ ଆଟାକ୍‌ର ସମ୍ମୁଖୀନ ହେବା ଇଂଲଣ୍ଡ ବ୍ୟାଟରଙ୍କ ଲାଗି ସହଜ ହେବନାହିଁ। ଭାରତ ପାଇଁ ବୁମ୍‌ରା ଫେରୁଥିବା ବେଳେ ଇଂଲଣ୍ଡ ଦଳକୁ ଫେରିଛନ୍ତି ଜୋଫ୍ରା ଆର୍ଚ୍ଚର। ସେ ପ୍ରାୟ ୪ ବର୍ଷ ପରେ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ଏଣୁ ଉଭୟ ଦଳର ବ୍ୟାଟରଙ୍କୁ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ। କରୁନ ନାୟାରଙ୍କ ଫର୍ମକୁ ଛାଡ଼ିଦେଲେ ଭାରତର ବ୍ୟାଟିଂ ବିଭାଗରେ ଅନ୍ୟ କୌଣସି ସମସ୍ୟା ନାହିଁ। ଦ୍ୱିତୀୟ ମ୍ୟାଚ୍ ଖେଳିଥିବା ଭାରତୀୟ ଦଳରେ କେବଳ ଗୋଟିଏ ପରିବର୍ତ୍ତନ କରାଯିବ ବୋଲି ଆଶା କରାଯାଉଛି। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ବାଦ୍ ଦିଆଯାଇ ବୁମ୍‌ରାଙ୍କୁ ସାମିଲ କରାଯିବାର ବିଶେଷ ସମ୍ଭାବନା ରହିଛି। ୧୦ ଉଇକେଟ ସଫଳତା ସହ ଆକାଶ ଇଂଲଣ୍ଡରେ ତାଙ୍କ ପଦାର୍ପଣକୁ ସ୍ମରଣୀୟ କରାଇଥିବା ବେଳେ ସିରାଜ ମଧ୍ୟ ୯ ଉଇକେଟ ନେଇଥିଲେ। ୨୦୨୧ରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସିରାଜ ୮ଟି ଉଇକେଟ ନେଇଥିଲେ। ଭାରତ ଏଜ୍‌ବାଷ୍ଟନଠାରେ ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର ଓ ନୀତିଶ ରେଡ୍ଡୀଙ୍କୁ ୩ ଅଲରାଉଣ୍ଡର ଭାବେ ଖେଳାଇଥିଲା। ଏହି କମ୍ବିନେଶନ ଏବେ ଜାରି ରହିପାରେ।

ଅନ୍ୟପକ୍ଷରେ ଆର୍ଚ୍ଚରଙ୍କୁ ସାମିଲକରି ଇଂଲଣ୍ଡ ତା'ର ବୋଲିଂ ଆଟାକ୍‌କୁ ଆହୁରି ସୁଦୃଢ଼ କରିଛି। ଇଂଲଣ୍ଡ ଓପନର ଜ୍ୟାକ୍ କ୍ରଲିଙ୍କ ଉପରେ ଚାପ ରହିବ। ସେ ଏଜ୍‌ବାଷ୍ଟନର ଉଭୟ ଇନିଂସ୍‌ରେ ବିଫଳ ହୋଇଥିଲେ। ଅଧିନାୟକ ଷ୍ଟୋକ୍ସଙ୍କୁ ମଧ୍ୟ ବ୍ୟାଟିଂ ଦକ୍ଷତା ପ୍ରଦର୍ଶିତ କରିବାକୁ ପଡ଼ିବ।



## ଫେରିଲେ ଜୋଫ୍ରା ଆର୍ଚ୍ଚର

ଭାରତ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍ ଲାଗି ବୁଧବାର ଇଂଲଣ୍ଡ ପକ୍ଷରୁ ଚୂଡ଼ାନ୍ତ ଏକାଦଶ ଦଳ ଘୋଷଣା କରାଯାଇଛି। ଦଳରେ ପେସର ଜୋଫ୍ରା ଆର୍ଚ୍ଚର ସ୍ଥାନ ପାଇଛନ୍ତି। ସେ ଦୀର୍ଘ ୪ ବର୍ଷ ପରେ ଟେଷ୍ଟ ଦଳକୁ ଫେରୁଛନ୍ତି। ଅନ୍ତିମଥର ୨୦୨୧ ଫେବୃଆରୀରେ ସେ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଆର୍ଚ୍ଚରଙ୍କୁ ଜୋଶ୍ ଟଙ୍ଗ୍‌ଙ୍କ ବଦଳରେ ସାମିଲ କରାଯାଇଛି। ଏହା ବ୍ୟତୀତ ଇଂଲଣ୍ଡ ଦଳରେ ଅନ୍ୟ କୌଣସି ପରିବର୍ତ୍ତନ କରାଯାଇନାହିଁ। **ଚୂଡ଼ାନ୍ତ ଇଂଲଣ୍ଡ ଦଳ:** ଜ୍ୟାକ୍ କ୍ରଲି, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ଉଇକେଟ୍‌କିପର), ଜୋଫ୍ରା ଆର୍ଚ୍ଚର, ଶୋଏବ ବସିର, ବ୍ରାଇଡନ କାର୍ସ ଓ କ୍ରିସ୍ ୱୋକ୍ସ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ